# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୫/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, September 25/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୩୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 301 | ମୂଲ୍ୟ ₹୭/-




**ଆୟରଙ୍କ ପ୍ରତୀକ୍ଷିତ ଶତକ**

ଇନ୍ଦୋରରେ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ବହୁ ପ୍ରତୀକ୍ଷିତ ଶତକ ହାସଲ କରିଛନ୍ତି ଶ୍ରେୟସ ଆୟର।

୧୪

୧୦

**ଗଣପତର ଟିଜର ସେପ୍ଟେମ୍ବର ୨୭ରେ**

'ଗଣପତ: ଏ ହିରୋ ଇଜ ବର୍ନ' ଚଳଚ୍ଚିତ୍ରରେ ନିଜର ପାୱାର୍ ପ୍ୟାକ ଅବତାର ସହିତ ଡିଷ୍ଟୋପିଆନ ଜଗତର ଝଲକ ଟାଇଗର ଶ୍ରଫ ଶେୟାର କରିଛନ୍ତି।





ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ସହ ଭାରତୀୟ ଶୁଟର ରମିତା ଜିନ୍ଦଲ, ମେହୁଲି ଘୋଷ ଓ ଆଶି ଚୌକସେ।

# ସ୍କୁଲ୍‌ରେ ମା' ପଢ଼ିବେ ପାଠ

**ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରମାନେ ସ୍କୁଲ ପଢ଼ା ବ୍ୟତୀତ ଘରେ କିପରି ଅଧିକ ଅଧ୍ୟୟନ ମନସ୍କ ହୋଇପାରିବେ ସେଥିପାଇଁ ସରକାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ପିଲାମାନଙ୍କ ମଧ୍ୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ବୃଦ୍ଧି ଦିଗରେ ମାତାପିତାଙ୍କ ଭୂମିକାକୁ ନେଇ ଏକ ଗାଇଡଲାଇନ୍ ଜାରି କରାଯାଇଛି। ପ୍ରତ୍ୟେକ ୨ ମାସରେ ମା'ମାନଙ୍କୁ ନେଇ ବିଦ୍ୟାଳୟରେ ଏକ ବୈଠକ କରାଯିବ, ଯେଉଁଥିରେ ସେମାନଙ୍କୁ ପିଲାମାନଙ୍କ ଦକ୍ଷତା ବୃଦ୍ଧି ସମ୍ପର୍କରେ ପ୍ରଶିକ୍ଷିତ କରାଯିବ।**

ଭୁବନେଶ୍ୱର, ୨୪।୯
(ଅସମାପିକା ସାହୁ)

ରାଜ୍ୟର ସରକାରୀ ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କ ମା'ମାନେ ପାଠ ପଢ଼ିବେ। ଏଥିପାଇଁ ଗଣଶିକ୍ଷା ବିଭାଗ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିଛି। ଆସନ୍ତା ଅକ୍ଟୋବରରୁ ପ୍ରତି ୨ମାସରେ ଥରେ ସ୍କୁଲରେ ମା'ମାନଙ୍କ ବୈଠକ କରାଯିବ। ସେମାନେ କିଭଳି ନିଜର ପିଲାଙ୍କ ଦକ୍ଷତା ବିକାଶ କରିପାରିବେ ଓ ସରଳ ଭାବେ ମିଶାଣ-ଫେଡ଼ାଣ ସହ ବିଭିନ୍ନ ପ୍ରକାରର ଫୁଲ, ଫଳ, ଋତୁ ଆଦି ସମ୍ପର୍କରେ ଜ୍ଞାନ ଆହରଣ କରି ନିଜ ପିଲାଙ୍କୁ ପାଠପଢ଼ାରେ ଉତ୍ସାହିତ କରିବେ ସେ ସମ୍ପର୍କରେ ପ୍ରଶିକ୍ଷିତ କରାଯିବ। ଶିକ୍ଷାବର୍ଷର ମାର୍ଚ୍ଚ, ଅକ୍ଟୋବର ଓ ଜାନୁୟାରୀରେ ଏହି ବୈଠକ କରାଯିବ ଓ ଏଥିରେ ପ୍ରଥମରୁ ତୃତୀୟ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମା'ମାନେ ହିଁ ଯୋଗଦେବେ। ଯେଭଳି ସମସ୍ତ ମା' ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ସେନେଇ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ ଓ ଶିକ୍ଷକମାନେ ସୁନିଶ୍ଚିତ କରିବେ। ଏ ସମ୍ପର୍କରେ ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି(ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକଙ୍କୁ କିଛିଦିନ ତଳେ ଚିଠି ଲେଖି ଅବଗତ କରାଇବା ସହ ଗାଇଡ୍‌ଲାଇନ୍ ଜାରି କରିଛନ୍ତି।

ସ୍କୁଲରେ ଶିକ୍ଷକଙ୍କୁ ତଥା ଘରେ ପିଲାମାନଙ୍କୁ ସହଯୋଗର ହାତ ବଢ଼ାଇ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ ସରକାର ଏହି ବୈଠକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶିଶୁର ପ୍ରଥମ ଗୁରୁ ହେଉଛନ୍ତି ମାତାପିତା। ତେଣୁ ପ୍ରତ୍ୟେକ ମାତାପିତା ନିଜ ପିଲାର ଭାଷାଗତ ଓ ଗାଣିତିକ ଦକ୍ଷତା ବୃଦ୍ଧି କରିବା ଦିଗରେ କିଭଳି ସକ୍ଷମ ହୋଇପାରିବେ ତା'ର ଉପାୟ ସରକାର ଜଣାଇବେ। ମା'ମାନଙ୍କ ସହ ବୈଠକ ବେଳେ କ'ଣ ସବୁ ଆଲୋଚନା ହେବ, ମା'ମାନଙ୍କୁ କେଉଁସବୁ ପ୍ରସଙ୍ଗରେ ପ୍ରଶିକ୍ଷିତ କରାଯିବ ତା'ର ଏକ ବିସ୍ତୃତ ତାଲିକା ସରକାରଙ୍କ ପକ୍ଷରୁ ଦିଆଯାଇଛି। ମା'ମାନଙ୍କର ଉପସ୍ଥିତି ସୁନିଶ୍ଚିତ କରିବା ପାଇଁ ସ୍କୁଲ ପରିଚାଳନା କମିଟି ସଭାପତିଙ୍କ ଦ୍ୱାରା ଓ ପିଲାମାନଙ୍କ ଦ୍ୱାରା ମା'ମାନଙ୍କୁ ପ୍ରଧାନଶିକ୍ଷକ ସୂଚନା ଦେବେ। ଏପରିକି ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ କରି କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିବାକୁ ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ସନ୍ଦେଶ ମଧ୍ୟ ପ୍ରଦାନ କରାଯାଇଛି। ନିର୍ଦ୍ଧାରିତ ତାରିଖର ଶେଷ ଦୁଇ ପିରିୟଡ୍‌ରେ ଏହି ବୈଠକ ହେବ। ପିଲାମାନଙ୍କୁ ଓ ସ୍କୁଲକୁ ଦିଆଯାଇଥିବା ପୁସ୍ତିକା, ଶିକ୍ଷଣ ସାମଗ୍ରୀଗୁଡ଼ିକୁ ଦେଖାଇବା ସହ ଏହା ପିଲାମାନଙ୍କର କିଭଳି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ହାସଲରେ ସହାୟକ ହେବ ତାହା ଶିକ୍ଷକମାନେ ମା'ମାନଙ୍କୁ ଜଣାଇବେ। ମା'ମାନେ ପିଲାଙ୍କ ସହିତ ସେମାନଙ୍କର ଅଭିଜ୍ଞତା ବିଷୟରେ ଗୋଟିଏ ବା ଦୁଇ ମିନିଟ୍ କହିବାକୁ ସେହି ବୈଠକରେ ଚେଷ୍ଟା କରିବେ। ବୈଠକର ଭିଡିଓ ଓ ଫଟୋ ଉତ୍ତୋଳନ କରି ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ପଠାଇବାକୁ ସ୍କୁଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

ଓସେପା ପ୍ରକଳ୍ପ ନିର୍ଦ୍ଦେଶକ ଆହୁରି ମଧ୍ୟ କହିଛନ୍ତି, ପିଲାମାନଙ୍କ ମୌଳିକ ସାକ୍ଷରତା ଓ ଗାଣିତିକ ଜ୍ଞାନ ବୃଦ୍ଧି ଉପରେ ଜାତୀୟ ଶିକ୍ଷା ନୀତି-୨୦୨୦ରେ ଗୁରୁତ୍ୱ ଦିଆଯାଇଛି। ଏହି ଦକ୍ଷତାକୁ ଶିଶୁ ଶ୍ରେଣୀରୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ସମନ୍ୱୟରେ ☞ପୃଷ୍ଠା-୪

# ଭାରତୀୟ ରୋୟର, ଶୁଟରଙ୍କ ଚମକ

## ଏସିଆନ ଗେମ୍ସ: ପ୍ରଥମ ଦିବସରେ ୩ ରୌପ୍ୟ, ୨ ବ୍ରୋଞ୍ଜ

ହାଙ୍ଗଝୋ, ୨୪।୯ (ପି.ଟି.)

ଚଳିତ ଏସିଆନ ଗେମ୍ସରେ ଦମ୍‌ଦାର ପ୍ରଦର୍ଶନ ସହ ଭାରତ ଅଭିଯାନ ଆରମ୍ଭ କରିଛି। ରବିବାର ଇଭେଣ୍ଟ ଆରମ୍ଭର ପ୍ରଥମ ଦିବସରେ ଭାରତ ୩ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛି। ରୋଇଂର ପୁରୁଷ ଲାଇଟୱେଟ ଡବଲ ସ୍କଲ୍ସ, ପୁରୁଷ କକ୍ସଡ୍ ଏଇଟ୍ ଏବଂ ଶୁଟିଂର ମହିଳା ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ଭାରତ ରୌପ୍ୟ ପଦକ ହାସଲ କରିଛି। ସେହିପରି ରୋଇଂର କକ୍ସଲେସ ପେୟାର ଏବଂ ଶୁଟିଂର ୧୦ ମିଟର ଏୟାର ରାଇଫଲ ବ୍ୟକ୍ତିଗତ ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀମାନେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ପାଇଛନ୍ତି।

ଭାରତୀୟ ରୋଇଂ ତାରକାମାନେ ରବିବାର ଚମତ୍କାର ପ୍ରଦର୍ଶନ କରି ଭାରତ ପାଇଁ ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ଜିତିଛନ୍ତି। ସକାଳର ଅନୁକୂଳ ପରିବେଶରୁ ଫାଇଦା ଉଠାଇ ଅର୍ଜୁନ ଲାଲ ଜାଟ୍ ଓ ଅରବିନ୍ଦ ସିଂ ପୁରୁଷ ଲାଇଟୱେଟ ଡବଲ ସ୍କଲ୍ସରେ ରୌପ୍ୟ ପଦକରୁ ଭାରତର ଅଭିଯାନ ଆରମ୍ଭ କରିଥିଲେ। ଏହି ଭାରତୀୟ ଯୋଡ଼ି ୬:୨୮.୧୮ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଚାଇନାର ଜୁନ୍‌ଜି ଫନ୍ ଓ ମାନ୍ ସୁନ୍ ୬:୨୩.୧୬ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ଉଜବେକିସ୍ତାନର ଶାଖଜୁଦ ନୁର୍ମାତୋଭ ଓ ସେବିର୍ଜନ ସାଫାରୋଜିୟେଭ ୬:୩୩.୪୨ ସେକେଣ୍ଡ ସହିତ ବ୍ରୋଞ୍ଜ ପଦକ ପାଇଥିଲେ। ପରେ ଅନୁଷ୍ଠିତ ପୁରୁଷ କକ୍ସଡ୍ ଏଇଟ୍ ଇଭେଣ୍ଟରେ ଭାରତୀୟ ରୋୟରମାନେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଚାଇନାଠାରୁ ୨.୮୪ ସେକେଣ୍ଡ ପଛରେ ରହି ଯାଇଥିଲେ। ଭାରତୀୟ ଦଳ ୫:୪୩.୦୧ ସେକେଣ୍ଡ ସହ ରୌପ୍ୟ ଏବଂ ଚାଇନା ୫:୪୦.୧୭ ସେକେଣ୍ଡ ସହିତ ସ୍ୱର୍ଣ୍ଣ ପଦକ ପାଇଥିଲା। ଇଣ୍ଡୋନେସିଆ ଦଳ ୫:୪୫.୫୧ ସେକେଣ୍ଡ ସହ ତୃତୀୟ ସ୍ଥାନରେ ରହିଥିଲା। ଏହି ପ୍ରତିଯୋଗିତାରେ ନୀରଜ, ନରେସ୍କ କାଲ୍ୱାନିଆ, ନୀତୀଶ କୁମାର, ଚରଣଜିତ ସିଂ, ଯଶବିନ୍ଦର ସିଂ, ଭୀମ ସିଂ, ପୁନିତ କୁମାର ଓ ଆଶିଷ ଭାରତୀୟ ଦଳର ସଦସ୍ୟ ଥିଲେ। କକ୍ସଲେସ ପେୟାର ☞ପୃଷ୍ଠା-୪

**ପୁରୀ-ରାଉରକେଲାକୁ ଗଡ଼ିଲା ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍**

ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

**ଇକୋ ଚାମ୍ବର**

**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ଅର୍ଥନୀତିର ଉପଯୁକ୍ତ ପରିଚାଳନାରେ ବିଫଳ ହୋଇଛନ୍ତି। ସେଥିପାଇଁ ଏହି ସରକାର ବେରୋଜଗାରୀ, ଦରଦାମ୍ ବୃଦ୍ଧି ଭଳି ସମସ୍ୟା ସମାଧାନ କରିବାର ଯୋଗ୍ୟତା ହରାଇଛନ୍ତି।

-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ

# ଭୁଲ ଇଞ୍ଜେକ୍‌ଶନରୁ ଶିଶୁମୃତ୍ୟୁ ଅଭିଯୋଗ

## ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଙ୍ଗାରୁଜା

ବରୀ, ୨୪।୯ (ମହେନ୍ଦ୍ର ସ୍ୱାଇଁ)

ଯାଜପୁର ଜିଲା ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ଭୁଲ ଇଞ୍ଜେକ୍‌ଶନ ଦେବାରୁ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବରୀ ବ୍ଲକ୍ ଅଧୀନ ଅଲିପୁର ଗ୍ରାମର ବିରଞ୍ଚି ଗେଡ଼ିଙ୍କ ଝିଅ ଅର୍ପିତା ଗେଡ଼ି(୪)। ଜ୍ୱର ହେବାରୁ ତାଙ୍କୁ ପରିବାର ଲୋକେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କରିବା ପରେ ଔଷଧ ଓ ଇଞ୍ଜେକଶନ ଲେଖିଥିଲେ। ଡାକ୍ତରଙ୍କ ଚିଠା ମୁତାବକ ସ୍ୱାସ୍ଥ୍ୟକର୍ମୀ ଇଞ୍ଜେକ୍‌ଶନ ଦେଇଥିଲେ। ମାତ୍ର ଏହାର କିଛି ସମୟ ପରେ ଶିଶୁଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏକଥା ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ହୋହଲ୍ଲା କରିବା ସହ ଏଠାରେ ସ୍ଥାୟୀ ଡାକ୍ତର ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି ବୋଲି ଅଭିଯୋଗ କରିଥିଲେ। ଏଥିସହିତ ମେଡିକାଲ ପରିସରରେ ପୋଡ଼ାଜଳା ଓ ଭଙ୍ଗାରୁଜା କରିଥିଲେ। ଖବରପାଇ ବରୀ-ରାମଚନ୍ଦ୍ରପୁର ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶିବାଶିଷ ମହାରଣା, ଉପଜିଲାପାଳ ଗୋପୀନାଥ କୁଅଁର ଓ ବରୀ ତହସିଲଦାର ତିଳୋତ୍ତମା ପୃଷ୍ଟି ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ପୋଲିସ ଶିଶୁଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସୋମବାର ମୃତକଙ୍କ ପରିବାରକୁ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଘଟଣାସ୍ଥଳରେ ଉପସ୍ଥିତ ଥିବା ଅଧିକାରୀମାନେ ମୃତକଙ୍କ ପରିବାର ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଅନ୍ୟପକ୍ଷରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୨୯ ପଞ୍ଚାୟତର ☞ପୃଷ୍ଠା-୪

# ସୃଷ୍ଟି ହୁଏ ୨୭ ପ୍ରକାର ପ୍ରେମ ଆବେଗ

ନୂଆଦିଲ୍ଲୀ, ୨୪।୯ (ପି.ଟି.)

ମାନବ ଶରୀରର ବିଭିନ୍ନ ସ୍ଥାନରେ ୨୭ ପ୍ରକାର ପ୍ରେମର ଅନୁଭୂତି ଓ ଏହାର ଆବେଗତା ଅନୁଭୂତ ହୋଇଥାଏ। ଗବେଷକମାନେ ଏକ ନୂତନ ଅଧ୍ୟୟନରୁ ଆବେଗ ସୃଷ୍ଟି ହେଉଥିବା ନିର୍ଦ୍ଦିଷ୍ଟ ସ୍ଥାନକୁ ଚିହ୍ନଟ କରିଛନ୍ତି। ଏହି ମ୍ୟାପ୍ ପ୍ରସ୍ତୁତି ଲାଗି ଫିନ୍‌ଲାଣ୍ଡର ଆଲ୍‌ଟୋ ୟୁନିଭର୍ସିଟିର ଗବେଷକମାନେ ଶହ ଶହ ଅଂଶଗ୍ରହଣକାରୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ଫିଲୋସଫିକାଲ୍ ସାଇକୋଲୋଜି ପତ୍ରିକାରେ ପ୍ରକାଶିତ ଏହି ଗବେଷଣାରେ କୁହାଯାଇଛି,

**ଶରୀରର ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କଲେ ଗବେଷକ**



ବିଭିନ୍ନ ପ୍ରକାର ପ୍ରେମ କ୍ରମାଗତ ଭାବେ କ୍ଷୀଣରୁ ବଳିଷ୍ଠ ହୋଇଥାଏ। ପ୍ରେମର ସବୁଠୁ ବଳିଷ୍ଠ ରୂପ ସାରା ଶରୀରରେ ଅନୁଭୂତ ହୋଇଥାଏ। ବିଶେଷକରି ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଯୁବତୀମାନେ ଏଭଳି ମତ ଦେଇଥିଲେ।

ଘନିଷ୍ଠ ସମ୍ପର୍କ ସହ ଜଡ଼ିତ ବିଭିନ୍ନ ପ୍ରକାର ପ୍ରେମ ଶରୀରରେ ସମାନ ଓ ବଳିଷ୍ଠ ଅନୁଭୂତି ଛାଡ଼ିଥାଏ ବୋଲି ଗବେଷକ ପାର୍ଟିଲି ରିନେ କହିଛନ୍ତି। ତାଙ୍କ ମତରେ ଲୋକଙ୍କ ମଧ୍ୟରେ ପ୍ରେମ ସାଧାରଣତଃ ଯୌନ ଏବଂ ଅଣଯୌନ ଦୁଇଭାଗରେ ବିଭକ୍ତ। ପରସ୍ପରକୁ ☞ପୃଷ୍ଠା-୪




ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୨୫ ସେପ୍ଟେମ୍ବର, ୨୦୨୩



# ଆଦାନୀ, ପାୱାର ଫିତା କାଟିଲେ

**ଜାତୀୟ ରାଜନୀତିକୁ ପୁଣି ସରଗରମ କରିଛି ଏକ ହାଇପ୍ରୋଫାଇଲ ମିଟିଂ। ଗୌତମ ଆଦାନୀ ଏବଂ ଶରଦ ପାୱାର। ଜଣେ ଶାସକ ଭାଜପା ଅଡ଼କୁ ଢଳି ରହିଥିବା ବିଶିଷ୍ଟ ଶିଳ୍ପପତି ଓ ଅନ୍ୟ ଜଣେ ବିରୋଧୀ ମେଣ୍ଟର ପ୍ରବୀଣ ରାଜନେତା। ଉଭୟଙ୍କ ମଧ୍ୟରେ ବାରମ୍ବାର ସାକ୍ଷାତକୁ ନେଇ ରାଜନୈତିକ ବିଶ୍ଳେଷକମାନେ ମଧ୍ୟ କୌଣସି ନିଷ୍କର୍ଷରେ ପହଞ୍ଚିପାରୁ ନାହାନ୍ତି।**



**ଅହମ୍ମଦାବାଦ/ନୂଆଦିଲ୍ଲୀ,୨୪।୯**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଶନିବାର ସକାଳେ ଗୁଜରାଟର ଅହମ୍ମଦାବାଦ ଏୟାରପୋର୍ଟରେ ବିମାନରୁ ଓହ୍ଲାଇବା ପରେ ଉଭୟ ବିରୋଧୀ ମେଣ୍ଟ ଓ ପାୱାର କରିଡରରେ ନାନା କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା। ଅହମ୍ମଦାବାଦ ଜିଲାର ଚାରଚାରୱାଡିରେ ପାୱାର ଫିତା କାଟି ଦେଶର ପ୍ରଥମ ଲାକ୍ଟୋଫେରିନ୍ ପ୍ଲାଣ୍ଟ 'ଏକ୍ସିମ୍‌ପାୱାର'ର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସ୍ଥଳରେ ତାଙ୍କ ସହ ଶିଳ୍ପପତି ଗୌତମ ଆଦାନୀ ମଧ୍ୟ ଉପସ୍ଥିତ ଥିଲେ। ଏହାର ଫଟୋ ପାୱାର ଶେୟାର କରିଥିଲେ। ପାୱାର ଓ ତାଙ୍କ ସ୍ତ୍ରୀ ପ୍ରତିଭା ସେଠାରୁ ଆଦାନୀଙ୍କ ବାସଭବନକୁ ଯାଇଥିଲେ। ପରେ ଆଦାନୀ ପରିବାର ପାୱାର ଦମ୍ପତିଙ୍କୁ ମଧ୍ୟାହ୍ନଭୋଜନରେ ଆପ୍ୟାୟିତ କରିଥିଲେ। ପାୱାର ଓ ତାଙ୍କ ସ୍ତ୍ରୀ ସେଠାରୁ ରବିବାର ମୁମ୍ବାଇ ଫେରିଥିଲେ। ପୁଣେର ଜଣେ ଉଦ୍ୟୋକ୍ତାଙ୍କ କମ୍ପାନୀ 'ଏକ୍ସିମ୍‌ପାୱାର' ଏହି ପ୍ରକଳ୍ପର ଉଦ୍‌ଘାଟନ ପାଇଁ ପାୱାର ଓ ଆଦାନୀଙ୍କୁ ନିମନ୍ତ୍ରଣ କରିଥିଲା। ଏହା ହେଉଛି ବର୍ଷକ ମଧ୍ୟରେ ପାୱାର-ଆଦାନୀଙ୍କ ତୃତୀୟ ସାକ୍ଷାତ। ଉଭୟଙ୍କ ଏହି ଭେଟକୁ ନେଇ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଶେହଜାଦ ପୁନାୱାଲା କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି। ଶେହଜାଦ ସାମାଜିକ ଗଣମାଧ୍ୟମ ମଞ୍ଚ ଏକ୍ସ'ରେ ପାୱାର-ଆଦାନୀଙ୍କ ଫଟୋ ଶେୟାର କରି ଲେଖିଛନ୍ତି, ଇଣ୍ଡି ଆଲାଏନ୍ସରେ ରାହୁଲ କିମ୍ବା ତାଙ୍କ କଥାକୁ କେହି ଗମ୍ଭୀରତାର ସହ ନେଉନାହାନ୍ତି। ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ଏହା ହେଉଛି ରାହୁଲଙ୍କ ସୁବିଧାବାଦୀ ଓ ବ୍ଲାକ୍‌ମେଲିଂ ରାଜନୀତି। ଆଦାନୀଙ୍କଠାରୁ ରାହୁଲ ତାଙ୍କ ଦଳକୁ ଟଙ୍କା ଆଣିବା ପାଇଁ ବ୍ଲାକ୍‌ମେଲିଂ କରୁଛନ୍ତି। ସେଥିଲାଗି ସେ ଆଦାନୀଙ୍କ ନାମ ବାରମ୍ବାର ଧରୁଛନ୍ତି। କିନ୍ତୁ ତାଙ୍କ ସହଯୋଗୀ ପାୱାର ଆଦାନୀଙ୍କ ଘରକୁ ଯାଉଛନ୍ତି। ଆଦାନୀଙ୍କୁ ପାୱାର ଭେଟିଥିବାରୁ ରାହୁଲ ତାଙ୍କ ବିରୋଧରେ ମୁହଁ ଖୋଲିବେ କି ବୋଲି ବିଶ୍ୱଶର୍ମା ପ୍ରଶ୍ନ କରିଛନ୍ତି।

ଗତ ଏପ୍ରିଲରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟକୁ ନେଇ ଜେପିସି ତଦନ୍ତ ଦାବିରେ ବିରୋଧୀ ଦଳଗୁଡ଼ିକ ସଂସଦକୁ ଅଚଳ କରିଦେଇଥିବାବେଳେ ପାୱାର ଭିନ୍ନ ମତ ପୋଷଣ କରିଥିଲେ। ଗତ ଜୁନ୍‌ରେ ଆଦାନୀ ପାୱାରଙ୍କୁ ମୁମ୍ବାଇ ବାସଭବନରେ ଭେଟିବା ପରେ ରାଜନୈତିକ ମହଲରେ ନାନା କଥା ଉଠିଥିଲା। ସମ୍ପ୍ରତି ଅର୍ଗାନାଇଜଡ କ୍ରାଇମ୍ କରପ୍‌ଶନ ରିପୋର୍ଟ ପ୍ରୋଜେକ୍ଟ (ଓସିସିଆର୍‌ପି) ପକ୍ଷରୁ ଆଦାନୀ ଗ୍ରୁପ୍ ବିରୋଧରେ ଦୁର୍ନୀତି ଅଭିଯୋଗ ଅଣାଯାଇଥିବାବେଳେ ସଦ୍ୟ ସାକ୍ଷାତ ପଛର କାରଣ ଜଣାପଡ଼ିନାହିଁ।

## 'ଇଣ୍ଡିଆ'କୁ ଅଡୁଆ

ଗତ ଜାନୁୟାରୀ ୨୪ରେ ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍‌ର ଷ୍ଟକ୍ସ ଓ ଆକାଉଣ୍ଟ୍ସ ଅନିୟମିତତା ଉପରେ ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ହଟଚମଟ ସୃଷ୍ଟିକାରୀ ବିସ୍ତୃତ ରିପୋର୍ଟ ପ୍ରଘଟ ହୋଇଥିଲା। ଫଳରେ ଏହି କମ୍ପାନୀର ଶେୟାର ମୂଲ୍ୟ ଅତି ତଳକୁ ଖସି ଆଦାନୀ ସାମ୍ରାଜ୍ୟ ଦୋହଲିଯାଇଥିଲା। ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କ (ମୋଦାନୀ) ଥିବା ଦର୍ଶାଇ ସେତେବେଳେ ଯେଉଁ ବିରୋଧୀ ଦଳଗୁଡ଼ିକ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ଅଡ଼ିବସିଥିଲେ ସେମାନେ ଏବେ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ନାମରେ ପରିଚିତ। ସେପ୍ଟେମ୍ବର ୧ରେ ଇଣ୍ଡିଆ ବ୍ଲକ୍‌ର ମୁମ୍ବାଇ ବୈଠକରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ, ଆଦାନୀ ପ୍ରସଙ୍ଗ ଉଠିଲେ ପ୍ରଧାନମନ୍ତ୍ରୀ ଅତି ଅସ୍ୱସ୍ତିକର ଅନୁଭବ କରିଥାଆନ୍ତି। ସଂଯୋଗବଶତଃ ସେହି ବୈଠକ ଏନ୍‌ସିପି ମୁଖ୍ୟ ଶରଦ ପାୱାର ଓ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ପକ୍ଷରୁ ଆୟୋଜିତ ହୋଇଥିଲା। ଏବେ ଆଦାନୀଙ୍କ ସହ ପାୱାରଙ୍କ ସମ୍ପର୍କକୁ ଏହି ବିରୋଧୀ ବ୍ଲକ୍ କେଉଁ ନାମ ଦେବ ଜାଣିପାରୁନାହିଁ।

# ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ କରିଡର ବିଶ୍ୱ ବାଣିଜ୍ୟର ଆଧାର ହେବ

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

**ନୂଆଦିଲ୍ଲୀ,୨୪।୯(ପି.ଟି.)**

ଆଗାମୀ ଶହ ଶହ ବର୍ଷ ପାଇଁ ଭାରତ-ମଧ୍ୟପ୍ରାଚ୍ୟ--ୟୁରୋପ କରିଡର ବିଶ୍ୱ ବାଣିଜ୍ୟର ଆଧାର ହେବାକୁ ଯାଉଛି। ଭାରତରେ ଏହାର ପରିକଳ୍ପନା କରାଯାଇଥିଲା ବୋଲି ଇତିହାସ ମନେରଖିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ଭାରତ ଯେତେବେଳେ ସମୃଦ୍ଧ ତଥା ବାଣିଜ୍ୟ ମହାଶକ୍ତି ଥିଲା, ସେତେବେଳେ ପ୍ରାଚୀନ ବାଣିଜ୍ୟ କରିଡର 'ସିଲ୍କ ରୁଟ୍'କୁ ବ୍ୟବହାର କରୁଥିଲା। ନିକଟରେ ଅନୁଷ୍ଠିତ ଜି୨୦ ସମିଟ୍‌ରେ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର ପାଇଁ ନୂଆଦିଲ୍ଲୀ ପ୍ରସ୍ତାବ ଦେଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଭାରତର ଚନ୍ଦ୍ରୟାନ-୩ ମିଶନ୍‌ର ସଫଳତା ପରେ ଜି୨୦ ସମ୍ମିଳନୀର ସଫଳତାପୂର୍ଣ୍ଣ ଆୟୋଜନ ଦେଶବାସୀଙ୍କ ଖୁସିକୁ ଦ୍ୱିଗୁଣିତ କରିଛି। ଏଥିପାଇଁ ସାରା ବିଶ୍ୱରୁ ପ୍ରଶଂସାର ବାର୍ତ୍ତା ତାଙ୍କ ନିକଟକୁ ଆସିଥିବା ମୋଦି କହିଛନ୍ତି। ଆଫ୍ରିକୀୟ ୟୁନିୟନକୁ ଜି୨୦ର ସଦସ୍ୟ କରାଇବାରେ ସଫଳ ହୋଇଥିବା ଭାରତର ନେତୃତ୍ୱକୁ ବିଶ୍ୱ ସ୍ୱୀକୃତି ଦେଇଛି। ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅକ୍ଟୋବର ୨ରେ ବିଭିନ୍ନ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯିବା ଲାଗି ଯୋଜନା ହୋଇଥିବାରୁ ପ୍ରଧାନମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ଜନସାଧାରଣ ଏଥିରେ ବହୁସଂଖ୍ୟାରେ ସାମିଲ ହେବା ଲାଗି ସେ ଆହ୍ୱାନ ଦେଇଛନ୍ତି। ଏଥିସହ କେତେକ ଖଦି ବସ୍ତ୍ର କିଣିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଆସନ୍ତା ୨୭ରେ ବିଶ୍ୱ ପର୍ଯ୍ୟଟନ ଦିବସ ପଡୁଥିବାବେଳେ ଏହି ସେକ୍ଟରରେ ବିପୁଳ ନିଯୁକ୍ତି ସୃଷ୍ଟିର ସମ୍ଭାବନା ରହିଛି। ପର୍ଯ୍ୟଟକ ଆକର୍ଷଣ କରିବାରେ ସଦିଚ୍ଛାର ବଡ଼ ଭୂମିକା ଥିବା ମୋଦି କହିଚନ୍ତି। ବିଶ୍ୱ ଐତିହ୍ୟ ସ୍ଥାନ ତାଲିକାରେ ରବୀନ୍ଦ୍ର ନାଥ ଟାଗୋରଙ୍କ ଶାନ୍ତିନିକେତନ ସ୍ଥାନ ପାଇବା ଦେଶ ପାଇଁ ଗର୍ବର ବିଷୟ। ଆଗକୁ ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଥିବାବେଳେ ଜନସାଧାରଣ 'ଭୋକାଲ ଫର୍ ଲୋକାଲ୍'କୁ ଧ୍ୟାନରେ ରଖି ଭାରତରେ ତିଆରି ସାମଗ୍ରୀ କିଣିବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଚନ୍ଦ୍ରୟାନ-୩ର ସଫଳତାକୁ ୮୦ ଲକ୍ଷରୁ ଅଧିକ ଲୋକ ଇସ୍ରୋର ୟୁଟ୍ୟୁବ୍ ଲାଇଭ୍ ଚ୍ୟାନେଲରେ ଦେଖିଛନ୍ତି, ଯାହାକି ଏକ ରେକର୍ଡ। ଏହା ଚନ୍ଦ୍ରୟାନ-୩ ସହ କୋଟି କୋଟି ଭାରତୀୟଙ୍କ ନିବିଡ଼ ସମ୍ପର୍କକୁ ସୂଚାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।










ନୂଆଦିଲ୍ଲୀର ଯନ୍ତର ମନ୍ତରଠାରେ ରବିବାର କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ଚମନ ଗୌତମ)

# 'କାନାଡାରେ ଖଲିସ୍ତାନ ସୃଷ୍ଟି କର'

**ଟ୍ରୁଡୋଙ୍କ ବିରୋଧରେ ହିନ୍ଦୁ ସଂଗଠନର ବିକ୍ଷୋଭ**

**ନୂଆଦିଲ୍ଲୀ,୨୪।୯**

ୟୁନାଇଟେଡ୍ ହିନ୍ଦୁ ଫ୍ରଣ୍ଟ ପକ୍ଷରୁ ରବିବାର ଦିଲ୍ଲୀର ଯନ୍ତର ମନ୍ତରଠାରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାରତ ବିରୋଧୀ ଖଲିସ୍ତାନୀଙ୍କୁ କାନାଡା ପ୍ରଧାନମନ୍ତ୍ରୀଙ୍କ ସମର୍ଥନ ଓ ସୁରକ୍ଷାକୁ ସଂଗଠନ ପକ୍ଷରୁ ନିନ୍ଦା କରାଯାଇଛି। ଯଦି ଟ୍ରୁଡୋ ଖଲିସ୍ତାନୀମାନଙ୍କୁ ଏତେ ସମର୍ଥନ କରୁଛନ୍ତି, ତେବେ ସେ କାନାଡାରେ ନୂଆ ଖଲିସ୍ତାନ ସୃଷ୍ଟି କରନ୍ତୁ ବୋଲି ହିନ୍ଦୁ ସଂଗଠନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହି ଦେଶକୁ ଆମେ ପ୍ରଥମେ ସ୍ୱୀକୃତି ଦେବୁ ବୋଲି ୟୁନାଇଟେଡ୍ ହିନ୍ଦୁ ଫ୍ରଣ୍ଟର ଅନ୍ତର୍ଜାତୀୟ କାର୍ଯ୍ୟକାରୀ ସଭାପତି ଜୟ ଭଗବାନ ଗୋୟଲ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଧମକ ଦେଇଥିବା ପମୁଖ ଖଲିସ୍ତାନୀ ନେତା ଗୁର୍‌ପତୱନ୍ତ ସିଂ ପନ୍ନୁନଙ୍କୁ ଭାରତକୁ ହସ୍ତାନ୍ତର କରିବା ଲାଗି ବିକ୍ଷୋଭକାରୀ ଦାବି କରିଛନ୍ତି।

# ବିହାରରେ ମଦ ପିଇ ୨ ମୃତ

**ମୁଜାଫରପୁର,୨୪।୯ (ପି.ଟି.):** ମଦ ନିଷେଧ ହୋଇଥିବା ବିହାରର ମୁଜାଫରପୁର ଜିଲାରେ ଅପମିଶ୍ରିତ ମଦ ପିଇ ୨ ଜଣଙ୍କ ଜୀବନ ଯିବା ସହ ଅନେକେ ଦୃଷ୍ଟିଶକ୍ତି ହରାଇଥିବା ଜଣାପଡ଼ିଛି। କାଜି ମହମ୍ମଦପୁର ଥାନା ଅଞ୍ଚଳରୁ ମଦମୃତ୍ୟୁ ରିପୋର୍ଟ ଆସିଛି। ମଦ ଯୋଗାଉଥିବା ବ୍ୟକ୍ତି ଫେରାର ହୋଇଯାଇଥିବାବେଳେ ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ଗିରଫ କରାଯାଇଛି। ପୋଖରିଆ ପୀର ମୋହଲ୍ଲାରେ ରହୁଥବା ଉମେଶ ଶାହ ଏବଂ ପପ୍ପୁ ରାମଙ୍କର ମୃତ୍ୟୁ ଘଟିଥିବାବେଳେ ଧର୍ମେନ୍ଦ୍ର ରାମ ଏବଂ ରାଜୁ ରାମ ମଦ ପିଇ ସେମାନଙ୍କ ଦୃଷ୍ଟିଶକ୍ତି ହରାଇଛନ୍ତି। ସେମାନେ ଶିବଚନ୍ଦ୍ରନ ପାଶ୍ୱାନଙ୍କଠାରୁ ମଦ କିଣିଥିବା କହିଛନ୍ତି। ୨୦୧୬ରୁ ନୀତୀଶ କୁମାର ସରକାର ବିହାରରେ ମଦ ନିଷେଧ କରିଥିବାବେଳେ ଚୋରାରେ ବିକ୍ରି ହେଉଥିବା ନକଲି ମଦ ପିଇ ଲୋକେ ପ୍ରାଣ ହରାଉଥିବା କୁହାଯାଉଛି।

# ଦ୍ୱିତୀୟ ଦିନ ପାଇଁ ଚନ୍ଦ୍ରାବାବୁଙ୍କୁ ଜେରା

**ରାଜମହେନ୍ଦ୍ରଭରମ୍,୨୪।୯:** ଦକ୍ଷତା ବିକାଶ ନିଗମ ଦୁର୍ନୀତି ମାମଲାରେ ଟିଡିପି ଅଧ୍ୟକ୍ଷ ଚନ୍ଦ୍ରାବାବୁ ନାଇଡୁଙ୍କୁ



ଆନ୍ଧ୍ରପ୍ରଦେଶ ପୋଲିସ ସିଆଇଡି ଅଧିକାରୀମାନଙ୍କ ଏକ ଟିମ୍ ରବିବାର ଦ୍ୱିତୀୟ ଦିନ ପାଇଁ ଜେରା କରିଛି। ଚନ୍ଦ୍ରାବାବୁ ଏବେ ରାଜମହେନ୍ଦ୍ରଭରମ କେନ୍ଦ୍ରୀୟ ଜେଲରେ ରହିଛନ୍ତି। ଶୁକ୍ରବାର ଦୁର୍ନୀତି ନିବାରଣ ବ୍ୟୁରୋ କୋର୍ଟ ତାଙ୍କୁ ଦୁଇଦିନିଆ ସିଆଇଡି ରିମାଣ୍ଡରେ ଛାଡ଼ିଥିଲେ। ଜେରା ପରେ ୭୩ ବର୍ଷୀୟ ନେତାଙ୍କୁ ସିଆଇଡି ଅଧିକାରୀମାନେ ଜେଲ୍ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି।




# ୯ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ଶୁଭାରମ୍ଭ

**ନୂଆଦିଲ୍ଲୀ,୨୪।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ୧୧ ରାଜ୍ୟରେ ଚଳାଚଳ ପାଇଁ ୯ଟି ବନ୍ଦେ ଭାରତ ଟ୍ରେନ୍‌ର ଚଳାଚଳକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଭାରମ୍ଭ କରିଛନ୍ତି। ଏହା ରାଜ୍ୟଗୁଡ଼ିକ ମଧ୍ୟରେ ଯୋଗାଯୋଗରେ ଉନ୍ନତି ଆଣିବ। ଦ୍ରୁତଗତି ଓ ଭିତ୍ତିଭୂମିର ବିକାଶ ୧୪୦ କୋଟି ଭାରତୀୟଙ୍କ ଆଶା ଆକାଂକ୍ଷା ସହ ଜଡ଼ିତ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି। ବନ୍ଦେ ଭାରତ ଟ୍ରେନ୍‌ର ଲୋକପ୍ରିୟତା ବଢ଼ିଚାଲିଛି। ଏବେ ୨୫ଟି ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରିଥିବାବେଳେ ଏଥିରେ ୧,୧୧,୦୦,୦୦୦ ଯାତ୍ରୀ ଯାତାୟାତ କଲେଣି । ଆଉ ୯ଟିର ଶୁଭାରମ୍ଭ ହୋଇଛି। ଏହି ଟ୍ରେନ୍ ଦେଶର ପ୍ରତ୍ୟେକ ଭାଗ ସହ ଯୋଡ଼ିହେବା ଲାଗି ସମୟ ଆଉ ଦୂର ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପୂର୍ବ ସରକାର ରେଳୱେର ଆଧୁନିକୀକରଣ ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ନ ଥିବାରୁ ପ୍ରଧାନମନ୍ତ୍ରୀ ଏହାର ସମାଲୋଚନା କରିଛନ୍ତି। ୯ ଷ୍ଟେଶନରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ ଅବସରରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ନିର୍ବାଚିତ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ରବିବାର ଶୁଭାରମ୍ଭ ହୋଇଥିବା ଟ୍ରେନ୍‌ଗୁଡ଼ିକ ହେଲା ଉଦୟପୁର-ଜୟପୁର ବନ୍ଦେ ଭାରତ ଏକ୍ସପ୍ରେସ୍, ତିରୁନେଲ୍‌ଭେଲି-ମଦୁରାଇ-ଚେନ୍ନାଇ ବନ୍ଦେ ଭାରତ ଏକ୍ସପ୍ରେସ୍, ହାଇଦ୍ରାବାଦ-ବେଙ୍ଗାଲୁରୁ ବନ୍ଦେ ଭାରତ ଏକ୍ସପ୍ରେସ୍, ବିଜୟୱାଡ଼ା-ଚେନ୍ନାଇ ବନ୍ଦେ ଭାରତ ଏକ୍ସପ୍ରେସ୍, ପାଟନା-ହାୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍, କସରଗୋଡ଼-ଥିରୁଭାନନ୍ତପୁରମ ବନ୍ଦେ ଭାରତ ଏକ୍ସପ୍ରେସ୍, ରାଉରକେଲା-ଭୁବନେଶ୍ୱର-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍, ରାଞ୍ଚି-ହାୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଏବଂ ଜାମନଗର-ଅହମଦାବାଦ ବନ୍ଦେ ଭାରତ ଏକ୍ସପ୍ରେସ୍।



କର୍ଣ୍ଣାଟକରେ କସରଗଡ଼ ଷ୍ଟେଶନରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଶୁଭାରମ୍ଭ ପରେ ଛାତ୍ରୀମାନେ ସେଲ୍‌ଫି ନେଉଛନ୍ତି।

## ସଂକ୍ଷେପରେ

### ମେଡିକାଲ ଶୌଚାଳୟରୁ ନବଜାତ ଶିଶୁ ଉଦ୍ଧାର

ବାଲେଶ୍ୱର,୨୪।୯(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ଫକୀର ମୋହନ ମେଡିକାଲ କଲେଜର ଜରୁରିକାଳୀନ ଚିକିତ୍ସା ବିଭାଗ (ଓପିଡି)ରେ ଥିବା ମହିଳା ଶୌଚାଳୟରୁ ଶନିବାର ବିଳମ୍ବିତ ରାତିରେ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି। ଏସ୍ଏନ୍ସିୟୁରେ ଭର୍ତ୍ତି କରାଯାଇ ଶିଶୁର ଚିକିତ୍ସା ଜାରି ରହିଛି।

ସୂଚନା ଅନୁଯାୟୀ, ରାତି ପ୍ରାୟ ୧ଟା ସମୟରେ ଦୁଇଜଣ ମହିଳା ଓପିଡିରେ ଥିବା ମହିଳା ଶୌଚାଳୟକୁ ଯାଇଥିଲେ। କିଛି ସମୟ ପରେ ସେମାନେ ଶୌଚାଳୟରୁ ବାହାରି ପଳାଇ ଯାଇଥିଲେ। ପରେ ଅନ୍ୟ ଜଣେ ମହିଳା ଶୌଚାଳୟକୁ ଯାଇଥିବା ବେଳେ ଏକ ନବଜାତ ଶିଶୁପୁତ୍ର ପଡ଼ିଥିବା ଦେଖି ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ମେଡିକାଲ କର୍ତ୍ତୃପକ୍ଷ ପହଞ୍ଚି ଶିଶୁପୁତ୍ରଟିକୁ ଉଦ୍ଧାର କରି ଏସ୍ଏନ୍ସିୟୁରେ ଭର୍ତ୍ତି କରାଇଥିଲେ। ଶିଶୁପୁତ୍ରର ଚିକିତ୍ସା ଜାରି ରହିଥିବା ବେଳେ ତାର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତର କହିଛନ୍ତି। ଶିଶୁପୁତ୍ରଟି କାହାର, କେଉଁ ମହିଳା ତାକୁ ଛାଡ଼ି ପଳାଇଯାଇଛନ୍ତି, ସେନେଇ ହସ୍ପିଟାଲ ଫାଣ୍ଡି ପୋଲିସ ତଦନ୍ତ ଜାରି ରଖିଛି।

### ଲୁଟ୍ ଉଦ୍ଦେଶ୍ୟରେ ପେଟ୍ରୋଲ ପମ୍ପ ମାଲିକଙ୍କୁ ହତ୍ୟା ଉଦ୍ୟମ

ସୁନ୍ଦରଗଡ଼,୨୪।୯
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ତୁମୁଲିଆସ୍ଥିତ ଏକ ପେଟ୍ରୋଲ ପମ୍ପରେ ରବିବାର ଅପରାହ୍ଣରେ ଲୁଟ୍ ଉଦ୍ଦେଶ୍ୟରେ ପେଟ୍ରୋଲ ପମ୍ପ ମାଲିକଙ୍କୁ ହତ୍ୟା ଉଦ୍ୟମ ହୋଇଛି। ପ୍ରକାଶ ଯେ, ଅପରାହ୍ଣ ସମୟରେ ଓମ ଶ୍ରୀ ମା' ସନ୍ତୋଷୀ ପେଟ୍ରୋଲ ପମ୍ପ ମାଲିକ ଦେବପ୍ରସାଦ ନନ୍ଦ ପେଟ୍ରୋଲ ପମ୍ପରେ କାର୍ଯ୍ୟ କରୁଥିଲେ। ତାଙ୍କ ସ୍ତ୍ରୀ ମଧ୍ୟ ସେଠାରେ ଥିଲେ। ଏହି ସମୟରେ ଗୋଟିଏ ବାଇକ୍‌ରେ ୩ ଜଣ ମୁଖାପିନ୍ଧା ବ୍ୟକ୍ତି ଟଙ୍କା ଲୁଟ୍ ଉଦ୍ଦେଶ୍ୟରେ ପହଞ୍ଚି ଦେବପ୍ରସାଦଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ତାଙ୍କ ପେଟ ଓ ପିଠିରେ ଛୁରି ମାଡ଼ ପରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଯାଇଥିଲେ। ତାଙ୍କ ଚିତ୍କାର ଶୁଣି ଭିତରେ ଥିବା ସ୍ତ୍ରୀ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ତଳସରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଦେବପ୍ରସାଦଙ୍କୁ ସବ୍‌ଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବର୍ତ୍ତମାନ ପୋଲିସ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

### ଚଢ଼େଇପଙ୍କ ଅଞ୍ଚଳରେ କଲରପତରିଆ ବାଘ

ଉଲୁଣ୍ଡା,୨୪।୯(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ରେଞ୍ଜ ଚଢ଼େଇପଙ୍କ ମହାନଦୀ ଘାଟ ନିକଟରେ ଏକ କଲରାପତରିଆ ବାଘ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିବା ସୂଚନା ମିଳିଛି।

ରବିବାର ସକାଳେ ବାଘଟି ସେହି ଅଞ୍ଚଳରେ ବୁଲୁଥିବା ସେଠାକାର ଲୋକ ଦେଖିଥିଲେ। ବାଘକୁ ଦେଖିବା ପରେ ଲୋକେ ଉଲୁଣ୍ଡା ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ବନବିଭାଗ ଟିମ୍ ପହଞ୍ଚି ବାଘ ଯେପରି ଗାଁ ମୁହାଁ ନ ହେବ ସଜାଗ ରହିଥିବା ଜଣାପଡିଛି। ଅନ୍ୟପଟେ ବାଘ ପାଦ ଚିହ୍ନ ଦେଖି ବନ ବିଭାଗ ଗତିବିଧି ପ୍ରତି ନଜର ରଖିଥିବା ଉଲୁଣ୍ଡା ବନପାଳ କୃତ୍ତିବାସ ସେଠ ସୂଚନା ଦେଇଛନ୍ତି।

### କୁଆଖାଇରୁ ନାବାଳକଙ୍କ ମୃତଦେହ ଜବତ

ବାରଙ୍ଗ,୨୪।୯(ଲିଙ୍ଗରାଜ ରାଉତ)

ମଞ୍ଚେଶ୍ୱର ଥାନା ଜରିପାଟଣା ଗ୍ରାମ ନିକଟ କୁଆଖାଇ ନଦୀରେ ଭାସୁଥିବା ଜଣେ ନାବାଳକଙ୍କ ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତକ ହେଲେ ବରିମୁଣ୍ଡ ଗ୍ରାମ ଭୁୟାଁସାହିର ନିବାସ ଭୁୟାଁ(୧୭)। ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ନିବାସ ଶୌଚପାଇ ଗାଁମୁଣ୍ଡ କୁଆଖାଇ ନଦୀକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ରବିବାର ସକାଳେ ନିବାସଙ୍କ ମୋବାଇଲ ଓ ପ୍ୟାଣ୍ଟ ନଦୀକୂଳ ବାଲି ଉପରୁ ପରିବାର ଲୋକ ପାଇଥିଲେ। ଏହାର କିଛି ସମୟ ପରେ ଜରିପାଟଣା ଗ୍ରାମ ନିକଟ କୁଆଖାଇ ନଦୀରେ ଏକ ମୃତଦେହ ଭାସୁଥିବା ପରିବାର ଲୋକେ ପହଞ୍ଚି ନିବାସଙ୍କ ମୃତଦେହ ଚିହ୍ନଟ କରିଥିଲେ।

# ଖରାପ ରାସ୍ତାରୁ ଡାକ୍ତରଙ୍କ ଜୀବନ ଗଲା

## ରାଜଧାନୀରେ କାର୍ ଦୁର୍ଘଟଣା

ଭୁବନେଶ୍ୱର,୨୪।୯(ସତ୍ୟଜିତ୍ ରାଉତ)

ରାଜଧାନୀରେ ଖାଲଖମାପୂର୍ଣ୍ଣ ରାସ୍ତା ପାଇଁ ଦୁର୍ଘଟଣାରେ ଜଣେ ଯୁବ ଡାକ୍ତରଙ୍କ ଜୀବନ ଯାଇଛି। ଶନିବାର ରାତିରେ କଟକ ରୋଡ୍‌ର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବମିଖାଲ ଓଭରବ୍ରିଜ୍ ତଳ ରାସ୍ତାରେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି। ମୃତ ଡାକ୍ତର ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଆମ୍ଭଗଡ଼ା ଗ୍ରାମର ଅମିତ ବିଶୋଇ (୨୬)। ସେ ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ପାତ୍ରପଡ଼ାସ୍ଥିତ ନିର୍ମାଲ୍ୟ ଏନ୍‌କ୍ଲେଭ୍ ଆପାର୍ଟମେଣ୍ଟରେ ରହିବା ସହ ଗଜପତିନଗରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଜରୁରିକାଳୀନ ବିଭାଗର ମେଡିସିନ ସ୍ପେଶାଲିଷ୍ଟ ଭାବେ କାର୍ଯ୍ୟ କରନ୍ତି। ରାତି ପ୍ରାୟ ୧୨ଟା ୧୦ରେ ଅମିତ ରସୁଲଗଡ଼ ପଟୁ କଳ୍ପନା ଆଡକୁ ଯାଉଥିବାବେଳେ ରାସ୍ତାରେ ଥିବା ଏକାଧିକ ଖାଲରେ ତାଙ୍କ କାର୍ (ଓଡି୦୨ଏଟି୨୦୬୧) ଭାରସାମ୍ୟ ହରାଇ ବମିଖାଲ ଓଭରବ୍ରିଜ୍‌ରେ ପିଟି ହୋଇଯାଇଥିଲା। ଫଳରେ କାର୍‌ର ଉପର ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ସହ ଡାହାଣ ପାର୍ଶ୍ୱ ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା। ଦୁର୍ଘଟଣାର ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଅମିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପୋଲିସ ସହାୟତାରେ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ କିଛିସମୟ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।





ଦୁର୍ଘଟଣାଗ୍ରସ୍ତ କାର୍ ଏବଂ ମୃତ ଡାକ୍ତର ଅମିତ ବିଶୋଇ।

ପ୍ରଶାସନିକ ଅବହେଳା ପାଇଁ ଡାକ୍ତର ଅମିତଙ୍କ ଏଭଳି ଅକାଳ ବିୟୋଗ ଘଟିଲା ବୋଲି ପରିବାର ଲୋକେ କହିଛନ୍ତି। ଆଉ ମାତ୍ର ୫ ମାସ ପରେ ଅର୍ଥାତ୍ ଆସନ୍ତା ଫେବୃୟାରୀ ୨୮ରେ ଡାକ୍ତର ଅମିତଙ୍କର ବିବାହ ସ୍ଥିର ହୋଇଥିଲା। ଏଥିପାଇଁ ଡିସେମ୍ବର ୧୦ରେ ନିର୍ବନ୍ଧ ହେବାର ଥିଲା। ଜୀବନର ନୂଆ ଅଧ୍ୟାୟ ଆରମ୍ଭ କରିବା ପୂର୍ବରୁ ଅମିତଙ୍କ ଏଭଳି ମୃତ୍ୟୁକୁ ପରିବାର ଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି।

ରବିବାର କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଅମିତଙ୍କ ମୃତଦେହକୁ ପୋଲିସ ପକ୍ଷରୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବାପା ମଙ୍ଗଳୁ ଚରଣଙ୍କ ଏତଲାକ୍ରମେ ଲକ୍ଷ୍ମୀସାଗର ଥାନା ପୋଲିସ ଆଇପିସି ଦଫା ୨୭୯, ୩୦୪(କ)ରେ ଏକ ମାମଲା (ନଂ.୩୭୫/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଅନ୍ୟପଟେ କାଲରାତିରେ ଘଟିଥିବା ଦୁର୍ଘଟଣାର ଛାତିଥରା ଦୃଶ୍ୟ ନିକଟରେ ଲାଗିଥିବା ସିସିଟିଭି ଫୁଟେଜରେ କଏଦ ହୋଇଛି। କାର୍‌ଟି ଖାଲରେ ପଡି ଉପରକୁ ଉଠିଯିବା ସହ ରାସ୍ତାର ଡାହାଣ ପାର୍ଶ୍ୱରେ ଥିବା ଓଭରବ୍ରିଜ ବିମ୍‌ରେ ଶକ୍ତ ଧକ୍କା ହେବା ପରେ ବାମକୁ ବୁଲି ରାସ୍ତା ପାର୍ଶ୍ୱରେ ଅଟକିଯାଇଛି। ଏହି ଦୁର୍ଘଟଣା କେତେ ଭୟଙ୍କର ଥିଲା ତାହା ଉକ୍ତ ସିସିଟିଭି ଦୃଶ୍ୟରୁ ସ୍ପଷ୍ଟ ଜଣାପଡୁଛି।

କଟକ ରୋଡର ସ୍ଥିତି ଭୟଙ୍କର ହୋଇଛି। ବିଭିନ୍ନ ସ୍ଥାନରେ ରାସ୍ତା ଖରାପ ଥିବାରୁ ଲୋକମାନେ ଅସୁବିଧାରେ ପଡୁଛନ୍ତି। ଏପରିକି ଛୋଟମୋଟ ଦୁର୍ଘଟଣାର ମଧ୍ୟ ସାମ୍ନା କରୁଛନ୍ତି। ଦୁର୍ଘଟଣାସ୍ଥଳର ୨୦ ମିଟର ଓ ଅପରପାର୍ଶ୍ୱରେ ଶହେ ମିଟରରୁ ଅଧିକ ରାସ୍ତାରେ ବଡ଼ ବଡ଼ ଖାଲ ରହିବା ସହ ସେଥିରେ ପାଣିଜମି ରହିଥିବାରୁ ରାତିରେ ଦୂରରୁ ଜଣାପଡୁ ନାହିଁ। ମାସ ମାସ ଧରି ରାସ୍ତାରେ ଏଭଳି ଖାଲଖମା ମୃତ୍ୟୁର ଆଁ ମେଲି ରହିଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ଶତାଧିକ ଗାଡ଼ି ଯାତାୟାତ କରୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଜଣେ ଯୁବ ଡାକ୍ତରଙ୍କ ଜୀବନ ଯାଇଛି। ଅମିତଙ୍କ ମୃତ୍ୟୁ ପାଇଁ ସମ୍ପର୍କୀୟ ପ୍ରଶାନ୍ତ ସାହୁ ଓ ପରିବାର ଲୋକେ ପ୍ରଶାସନକୁ ଦାୟୀ କରିଛନ୍ତି। ସ୍ମାର୍ଟସିଟିରେ ଏଭଳି ଅସଜଡ଼ା ରାସ୍ତାକୁ ତୁରନ୍ତ ସଜାଡ଼ିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

# ମୋଦିଙ୍କୁ ୧୦ରୁ ୮ ମାର୍କ ଦେଲେ ନବୀନ

## ୱାନ୍ ନେଶନ୍ ୱାନ୍ ଇଲେକ୍ସନକୁ ସମର୍ଥନ

ଭୁବନେଶ୍ୱର,୨୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଶୈଳୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଖୋଲାଖୋଲି ପ୍ରଶଂସା କରିଛନ୍ତି। ବୈଦେଶିକ ନୀତି, ଅନ୍ୟାନ୍ୟ କାର୍ଯ୍ୟ ଓ ଦୁର୍ନୀତି ହ୍ରାସ ପାଇଁ ମୋଦିଙ୍କୁ ୧୦ରୁ ୮ ମାର୍କ ଦେଇଛନ୍ତି ନବୀନ। ହୋଟେଲ ମେ ଫେୟାରରେ ରବିବାର ଆୟୋଜିତ ଓଡ଼ିଶା ଲିଟେରାରୀ ଫେଷ୍ଟିଭାଲ୍(ଓଏଲ୍ଏଫ୍)ର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ନବୀନ ଯୋଗଦେଇ 'ଦ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏଡିଟୋରିଆଲ୍ ଡାଇରେକ୍ଟର ପ୍ରଭୁ ଚାୱଲାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଛନ୍ତି। ସେଥିରେ ସେ ଉପରୋକ୍ତ ବିଷୟରେ କହିଛନ୍ତି।

ଆଗୁଆ ନିର୍ବାଚନ ସମ୍ପର୍କରେ ହୋଇଥିବା ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଯେକୌଣସି ସମୟରେ ଆମେ ନିର୍ବାଚନ ପାଇଁ ପ୍ରସ୍ତୁତ। 'ୱାନ୍ ନେଶନ୍ ୱାନ୍ ଇଲେକ୍ସନ୍'କୁ ସେ ସ୍ୱାଗତ କରୁଥିବା ମଧ୍ୟ କହିଛନ୍ତି। ରାଜ୍ୟ ପ୍ରସଙ୍ଗରେ ସେ କହିଛନ୍ତି, ବିକାଶ ହିଁ ଆମର ମୂଳ ଲକ୍ଷ୍ୟ। ଏହାକୁ ଆଧାର କରି ଆଗକୁ ବଢ଼ିବୁ। ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସହ ଆମର ଭଲ ସମ୍ପର୍କ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଦୁର୍ନୀତି ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ନବୀନ କହିଛନ୍ତି, ଦୁର୍ନୀତି ହଟାଇବାକୁ ସେ ପ୍ରାଥମିକତା ଦେଇଆସିଛନ୍ତି। ଏବେବି ସେ ଦୁର୍ନୀତିର ମୂଳୋତ୍ପାଟନ ଦିଗରେ କାର୍ଯ୍ୟ କରୁଥିବା କହିଛନ୍ତି। ନିକଟରେ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନରେ ପାରିତ ହୋଇଥିବା ମହିଳା ସଂରକ୍ଷଣ ବିଲ୍ ସମ୍ପର୍କରେ ନବୀନ କହିଛନ୍ତି, ଦେଶରେ ମହିଳାଙ୍କୁ ଅଗ୍ରାଧିକାର ମିଳିବା ଉଚିତ୍। ମହିଳା ସଂରକ୍ଷଣ ବିଲ୍ ଆଣିଥିବାରୁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ୍। ଓଡ଼ିଶାରୁ ହିଁ ମହିଳା ସଂରକ୍ଷଣ ବିଲ୍ ପାଇଁ ସ୍ୱର ଉଠିଥିବା ସେ କହିଛନ୍ତି।



ଓଡ଼ିଶା ଲିଟେରାରୀ ଫେଷ୍ଟିଭାଲର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଗବେଷକ ତଥା ଲେଖକ ଅନିରୁଦ୍ଧ କାନିସେଟିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାମନାଥ ଗୋଏଙ୍କା ସାହିତ୍ୟ ସମ୍ମାନରେ ସମ୍ମାନିତ କରୁଛନ୍ତି।

# ପୁରୀ-ରାଉରକେଲାକୁ ଗଡ଼ିଲା ୨ୟ ବନ୍ଦେ ଭାରତ ଏକ୍ସପ୍ରେସ୍

## ଓଡ଼ିଶାକୁ କରାଯାଇଥିବା ଅଣଦେଖା ମୋଦି ସରକାରରେ ଦୂର ହୋଇଛି: ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୪।୯(ସୁନିତ୍ ମିଶ୍ର)

ରାଜ୍ୟରେ ରବିବାରଠାରୁ ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍ ଗଡ଼ିବା ଆରମ୍ଭ କରିଛି। ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ଭିଡିଓ କନଫରେନ୍ସ ଯୋଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭାରମ୍ଭ କରିଛନ୍ତି। ଏକାସଙ୍ଗେ ୯ଟି ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରାଯାଇଥିବା ବେଳେ ଏସବୁ ୧୧ଟି ରାଜ୍ୟ ଦେଇ ଯିବା ଆସିବା କରିବ। ରବିବାର ଭୁବନେଶ୍ୱର ରେଳ ଷ୍ଟେଶନଠାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶାର ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ବିଗତ ବର୍ଷ ଗୁଡ଼ିକରେ ରେଲୱେ କ୍ଷେତ୍ରରେ ଓଡ଼ିଶାକୁ ପୂର୍ବରୁ କରାଯାଇଥିବା ଅଣଦେଖା ମୋଦି ସରକାରରେ ଦୂର ହୋଇଛି। ସମଗ୍ର ଭାରତବର୍ଷ ଓ ଓଡ଼ିଶା ପାଇଁ ଆଜି ଗୌରବର ଦିନ। ପ୍ରଧାନମନ୍ତ୍ରୀଙ୍କ କରକମଳରେ ଓଡ଼ିଶାର ସାଂସ୍କୃତିକ ରାଜଧାନୀ ଶ୍ରୀଜଗନ୍ନାଥ ପୁରୀରୁ ଭୁବନେଶ୍ୱର ଦେଇ ଇସ୍ପାତ ନଗରୀ ରାଉରକେଲା ପର୍ଯ୍ୟନ୍ତ 'ବନ୍ଦେ ଭାରତ ଟ୍ରେନ୍'ର ଚଳାଚଳ ଶୁଭାରମ୍ଭ ହୋଇଛି। ବନ୍ଦେ ଭାରତ ଏକ୍ସପ୍ରେସ ନୂଆ ଭାରତର ସାମର୍ଥ୍ୟ, ସମ୍ଭାବନା ଏବଂ ସଂକଳ୍ପର ପ୍ରତୀକ'। ଶୁଭାରମ୍ଭ ହୋଇଥିବା ଦ୍ୱିତୀୟ ବନ୍ଦେ ଭାରତ ଟ୍ରେନ୍ ରାଉରକେଲା, ଝାରସୁଗୁଡ଼ା, ରେଢ଼ାଖୋଲ, ସମ୍ବଲପୁର, ଅନୁଗୋଳ, ତାଳଚେର, ଢେଙ୍କାନାଳ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ଦେଇ ପୁରୀ ଯାତାୟାତ କରିବ। ଏହାଦ୍ୱାରା ପୁରୀ ଓ ସମ୍ବଲପୁରରେ ଧାର୍ମିକ ପର୍ଯ୍ୟଟନରେ ଅଭିବୃଦ୍ଧି ହେବା ସହ ଆର୍ଥିକ ବିକାଶ ହେବ ଏବଂ ବ୍ୟବସାୟରେ ବୃଦ୍ଧି ହେବ। ରେଳ ଦୂରତାକୁ କମାଇଥାଏ। ମହାତ୍ମା ଗାନ୍ଧୀ ରେଳରେ ବୁଲି ଦେଶରେ ଜାଗରଣ ସୃଷ୍ଟି କରୁଥିଲେ। ଏକବିଂଶ ଶତାବ୍ଦୀରେ ଅମୃତ କାଳର ପିଢ଼ି ତିଆରି କଲାବେଳେ ବୁଲେଟ ଟ୍ରେନ୍ କଲା ଭଳି ଓଡ଼ିଶାରେ ଟ୍ରେନ୍ ଚଳାଚଳ ହେଉଛି। ପୂର୍ବରୁ ଗତ ମେ ମାସରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଥମେ ପୁରୀ-ହାଓଡ଼ା ବନ୍ଦେ ଭାରତ ଟ୍ରେନ୍‌ର ଲୋକାର୍ପଣ ହୋଇଥିବା ବେଳେ କମ୍ ସମୟର ବ୍ୟବଧାନରେ ପୁରୀ-ଭୁବନେଶ୍ୱର-ରାଉରକେଲା ବନ୍ଦେ ଭାରତ ଟ୍ରେନ୍ ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ତୃତୀୟ ବନ୍ଦେ ଭାରତ ଟ୍ରେନ୍‌ର ଯୋଜନା ଆରମ୍ଭ ହେଲେ ଉକ୍ତ ଟ୍ରେନ୍‌କୁ ପୁରୀରୁ ଭାୟା ସମ୍ବଲପୁର, ବରଗଡ଼, କଳାହାଣ୍ଡି, ନୂଆପଡ଼ା ଦେଇ ରାୟପୁର ପର୍ଯ୍ୟନ୍ତ ଚଳାଚଳ କରିବା ପାଇଁ ପ୍ରଧାନମନ୍ତ୍ରୀ ଓ ରେଳ ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ଓଡ଼ିଶାର ପୁରୀ, କଟକ, ତାଳଚେର ରୋଡ, ରାଉରକେଲା, ବାଲେଶ୍ୱର, ସମ୍ବଲପୁର, ଭଦ୍ରକ, ବ୍ରହ୍ମପୁର ସମେତ ୫୭ଟି ରେଳ ଷ୍ଟେଶନକୁ ନବୀକରଣ କରିବାର କାମ ଚାଲୁ ରହିଛି। ଓଡ଼ିଶାର ସବୁ ସ୍ଥାନରେ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଭାରତ ସରକାର ପ୍ରତିବଦ୍ଧ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ଲୋକାର୍ପିତ ବନ୍ଦେ ଭାରତ ଟ୍ରେନ୍‌ରେ ଧର୍ମେନ୍ଦ୍ର ଭୁବନେଶ୍ୱରରୁ ଅନୁଗୋଳ ପର୍ଯ୍ୟନ୍ତ ଯାତ୍ରା କରିଛନ୍ତି। ଛାତ୍ରୀଛାତ୍ର ଏବଂ ଯାତ୍ରୀଙ୍କଠାରୁ ବନ୍ଦେ ଭାରତ ଟ୍ରେନ୍ ଯାତ୍ରାର ଅନୁଭୂତି ବୁଝିଥିଲେ। କେନ୍ଦ୍ରମନ୍ତ୍ରୀଙ୍କୁ କଟକ, ଢେଙ୍କାନାଳ, ଅନୁଗୋଳ ସମେତ ବିଭିନ୍ନ ରେଳ ଷ୍ଟେଶନଠାରେ ସ୍ୱାଗତ କରାଯାଇଛି।

# ଅଷ୍ଟମ ଲୋକକଳା ଉତ୍ସବ ଉଦ୍‌ଘାଟିତ




ଆସାମର କଳାକାରମାନେ ବିହୁ ନୃତ୍ୟ ପରିବେଷଣ କରୁଛନ୍ତି।

ବଲାଙ୍ଗୀର,୨୪।୯
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଦୁଲଦୁଲି କଳା ପରିଷଦ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ସର୍ବଭାରତୀୟ ଆଦିବାସୀ ଲୋକନୃତ୍ୟ ସଙ୍ଗୀତ ଓ ଲୋକନୃତ୍ୟର ବିଶେଷ ଆୟୋଜନ ଅଷ୍ଟମ ଲୋକକଳା ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ସଭାପତି ପ୍ରଭାସ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସନ୍ଧ୍ୟାରେ ବରେଣ୍ୟ ଅତିଥି ଭାବେ ବରିଷ୍ଠ କଳାକାର, ସିନେ ଅଭିନେତା ତଥା ସାଇଟ୍‌ର ପ୍ରତିଷ୍ଠାତା ଡକ୍ଟର ଶ୍ରୀକର ମିଶ୍ର, ବୁର୍ଲା ଭିମସାରର ପ୍ରଫେସର ଡାକ୍ତର ବେଣୁଧର ପାଣ୍ଡେ ଓ ମଞ୍ଚ ଓ ସିନେ ନିର୍ଦ୍ଦେଶକ ରାମଚନ୍ଦ୍ର ସାହୁ ମଞ୍ଚାସୀନ ହୋଇଥିଲେ। ପ୍ରାରମ୍ଭରେ ଦେବୀ ସମଲେଶ୍ୱରୀ ଓ ପାଟଣେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ଲୋକକଳା ଉତ୍ସବ ଉଦ୍‌ଘାଟନ କରାଯାଇଥିଲା। ସନ୍ଦୀପ କୁମାର କୁଅଁରଙ୍କ ମଞ୍ଚ ପରିଚାଳନାରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଦୁଲଦୁଲି କଳା ପରିଷଦର ସମ୍ପାଦକ ବାସୁଦେବ ସା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନେ ଲୋକକଳାର ସଂରକ୍ଷଣ ନ ହେଲେ ଆମର ଆଗାମୀ ସମୟ ଆମକୁ ପରିଚୟହୀନ କରିଦେବ ବୋଲି କହିଥିଲେ। ନିଜର ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ଦ୍ୱାରା ସର୍ବଭାରତୀୟସ୍ତରରେ ନିଜର ପରିଚୟକୁ ଅକ୍ଷୁର୍ଣ୍ଣ ରଖିପାରିବା ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ଲୋକ ସଙ୍ଗୀତ କାର୍ଯ୍ୟକ୍ରମ ଗୀତିକାର, ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ବନଛୋର ଓ କଣ୍ଠଶିଳ୍ପୀ ନବୀନ କିଶୋର କୁଅଁରଙ୍କ ପରିଚାଳନାରେ ଉଷାରାଣୀ ବାରିକ, ନବୀନ କୁଅଁର, ଟିକୁରାଜ ନନ୍ଦ, ଜ୍ୟୋତିକା ମିଶ୍ର, ଶ୍ୱେତପଦ୍ମା ସାହୁ,ପଦ୍ମଲୋଚନ ସାହୁ ଲୋକଗୀତ ପରିବେଷଣ କରିଥିଲେ। ଏହାପରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ସାଂସ୍କୃତିକ ଦଳମାନେ ଲୋକନୃତ୍ୟ ଓ ଲୋକସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ ସଭାକୁ ଅର୍ଜୁନ ସାହୁ ଓ ମାନସୀ ସାହୁ ସଂଯୋଜନା କରିଥିଲେ। ଏଥିରେ ଆସାମର ବିହୁ, ପଶ୍ଚିମବଙ୍ଗର ଝୁମର, ପୁରୁଲିଆ ଛଉ, ଷଢ଼େଇକଳାର ଛଉ ସହ ବଲାଙ୍ଗୀର ଦୁଲଦୁଲି କଳା ପରିଷଦର ବଜନିଆ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବହୁ ଦର୍ଶକ ଉପଭୋଗ କରିଥିଲେ।

# ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ଚାଲିବ

## ମହାସମାବେଶ ପାଇଁ ମିଳିଲାନି ଅନୁମତି

ଭୁବନେଶ୍ୱର, ୨୪।୯(ଅସମାପିକା ସାହୁ)

ରାଜ୍ୟରେ ପ୍ରାଥମିକ ଶିକ୍ଷକମାନେ ୩ଦଫା ଦାବି ନେଇ ୧୭ଦିନ ହେବ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଓ ବିକ୍ଷୋଭ ଜାରି ରହିବ ବୋଲି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି। ସେ କହିଛନ୍ତି, ରବିବାର ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଆସନ୍ତା ୨୬ରେ ଭୁବନେଶ୍ୱରରେ ମହାସମାବେଶ କରିଥାନ୍ତୁ। ହେଲେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଆମକୁ ଅନୁମତି ଦେଇନାହାନ୍ତି। ତେଣୁ ଆମେ ଆଉଥରେ ଆବେଦନ କରିବୁ। ସରକାର ଯେବେ ଆମକୁ ଅନୁମତି ଦେବେ ଆମେ ମହାସମାବେଶ କରିବୁ ବୋଲି ବ୍ରହ୍ମାନନ୍ଦ କହିଛନ୍ତି।

ସୂଚନାଯୋଗ୍ୟ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଆହ୍ୱାନରେ ଗତ ୮ତାରିଖରୁ ଠିକା ନିଯୁକ୍ତି ଉଚ୍ଛେଦ, ପୁରୁଣା ପେନ୍‌ସନ ଓ କେନ୍ଦ୍ରୀୟ ହାରରେ ଦରମା ଅନୁସାରେ ୪୨୦୦ ଟଙ୍କା ଗ୍ରେଡ୍ ପେ' ଲାଗୁ ଆଦି ଦାବି ନେଇ ପ୍ରାଥମିକ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଥିରେ ବିଭିନ୍ନ ସଂଘ ସାମିଲ ହୋଇଥିଲେ। କିନ୍ତୁ ଗତ ୧୮ ତାରିଖରେ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ସହ ସଂଗଠନର ଆଲୋଚନା ପରେ ସରକାରଙ୍କ ଉପରେ ଆସ୍ଥା ରଖି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ୯ଟି ସଂଘ ଆନ୍ଦୋଳନରୁ ଓହରିଯାଇଥିବାବେଳେ ପ୍ରାଥମିକ ଶିକ୍ଷକ ସଂଘ ନେତୃତ୍ୱରେ ଆଉ ୫ଟି ସଂଘ ଆନ୍ଦୋଳନ ଜାରି ରଖିଛନ୍ତି।

# ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ଦାବି ତେଜିଲା

## ୩ରେ ଓଡ଼ିଶା ବନ୍ଦ ଡାକରା ଦେଲା ଶ୍ରୀଜଗନ୍ନାଥ ସେନା

ପୁରୀ, ୨୪।୯(ଅଜିତ ମହାନ୍ତି)

ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯିବାକୁ ଦୀର୍ଘଦିନ ହେବ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଆସୁଛି। ମାତ୍ର ପ୍ରଶାସନ କର୍ଣ୍ଣପାତ କରୁନାହିଁ। ତେଣୁ ତୁରନ୍ତ ୪ ଦ୍ୱାର ଖୋଲିବା ଦାବି ନେଇ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଅକ୍ଟୋବର ୩ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ସେହିପରି ଦୀର୍ଘ ୩୮ ବର୍ଷ ହେବ ରତ୍ନଭଣ୍ଡାର ଖୋଲାଯାଇ ନ ଥିବା ବେଳେ ଏହାର ଜରୁରି ମରାମତି ଆବଶ୍ୟକ ବୋଲି ସେନା ପକ୍ଷରୁ କୁହାଯାଇଛି। ତେବେ ବିଭିନ୍ନ ଆଳ ଦେଖାଇ ଶ୍ରୀମନ୍ଦିର ପ୍ରଶାସନ ରତ୍ନଭଣ୍ଡାର ଖୋଲୁ ନ ଥିବା ବେଳେ ଆସନ୍ତା ୨୦୨୪ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ମରାମତି କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା, ଯାହାକୁ ଶ୍ରୀଜଗନ୍ନାଥ ସେନା ବିରୋଧ କରିଛି। ତୁରନ୍ତ ରତ୍ନଭଣ୍ଡାର ଖୋଲି ମରାମତି ସହ ଅଳଙ୍କାର ଗଣତି କରିବା ପାଇଁ ଶ୍ରୀଜଗନ୍ନାଥ ସେନା ଦାବି କରିଛି। ଏ ନେଇ ଆସନ୍ତା ୩ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି।

ଅନ୍ୟପକ୍ଷରେ ବନ୍ଦ ଡାକରା ସ୍ଥଗିତ ରଖିବା ପାଇଁ ଜିଲାପାଳ ସମର୍ଥ ବର୍ମା ରବିବାର ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକଙ୍କୁ ଡାକି ଆଲୋଚନା କରିଥିଲେ। ତେବେ ଆଲୋଚନା ବିଫଳ ହୋଇଥିବ ପଟ୍ଟନାୟକ କହିଛନ୍ତି। ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାକୁ ଓଡ଼ିଶାବାସୀଙ୍କ ଭଲ ପାଇବା ଓ ସମର୍ଥନ ମିଳିବା ଦେଖି ସରକାର ଆଲୋଚନା କରିବାକୁ ବାଧ୍ୟ ହୋଇଛନ୍ତି। ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକଙ୍କ ଜରିଆରେ ଏହି ଆଲୋଚନା ହୋଇଥିଲା। ତେବେ ଆଲୋଚନା ସମୟରେ ଜିଲାପାଳ ପୁରୁଣା କଥାକୁ ଦୋହରାଇଛନ୍ତି। ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ମାର୍ଗର କାର୍ଯ୍ୟ ସରିବା ପରେ ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲାଯିବ ବୋଲି ଜିଲାପାଳ କହିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ ପୂର୍ବରୁ ଅନେକ ଥର କାର୍ଯ୍ୟ ସରିବା ନେଇ ଡେଡ୍ ଲାଇନ ଘୋଷଣା କରାଯାଇଥିଲେ ମଧ୍ୟ କାମ ସରିବାର ନାଁ ନେଉନାହିଁ। ପ୍ରଶାସନ ପକ୍ଷରୁ ସମୟ ଗଡ଼ିଯାଉଛି। ଶ୍ରୀଜଗନ୍ନାଥ ସେନା ପକ୍ଷରୁ କାର୍ଯ୍ୟର ସମୀକ୍ଷା କରାଯାଉଛି। ପ୍ରତ୍ୟେକ ସ୍ଥାନରେ ୫ରୁ ୬ ଜଣ ଲୋକ କାର୍ଯ୍ୟ କରୁଛନ୍ତି। ତେଣୁ କାର୍ଯ୍ୟ ସରିବାରେ ବିଳମ୍ବ ହେଉଛି। କାମ ସରିଲେ ଚାରିଦ୍ୱାର ଖୋଲାଯିବ କଥା ଯାହା ଜିଲାପାଳ କହୁଛନ୍ତି ତାହା ବିଶ୍ୱାସଯୋଗ୍ୟ ନୁହେଁ ବୋଲି ଶ୍ରୀଜଗନ୍ନାଥ ସେନାର ଆବାହକ ପଟ୍ଟନାୟକ କହିଛନ୍ତି। ପ୍ରଶାସନ ଯଦି ଲିଖିତ ଭାବେ ପ୍ରତିଶ୍ରୁତି ଦେବ ତେବେ ବନ୍ଦ ଡାକରାକୁ ସ୍ଥଗିତ ରଖାଯିବ। ଲିଖିତ ଆକାର ପାଇଁ ପ୍ରଶାସନକୁ ୭୨ ଘଣ୍ଟା ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ପ୍ରଶାସନ ଲିଖିତ ପ୍ରତିଶ୍ରୁତି ଦେଲେ ବନ୍ଦ ଡାକରା ସ୍ଥଗିତ ରଖାଯିବ। ନଚେତ ୩ ତାରିଖରେ ଶାନ୍ତିପୂର୍ଣ୍ଣ ଭାବେ ଓଡ଼ିଶା ବନ୍ଦ କରାଯିବ। ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଏ ଲଢେଇ ହେଉଛି ବୋଲି ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, କିଛି ବର୍ଷ ତଳେ ଶ୍ରୀଜଗନ୍ନାଥ ସେନା ଧାଡି ଦର୍ଶନକୁ ବିରୋଧ କରିବା ସହ ରତ୍ନଭଣ୍ଡାର ଖୋଲିବା ଦାବିରେ ପୁରୀ ବନ୍ଦ କରିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୫ ସେପ୍ଟେମ୍ବର, ୨୦୨୩



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛଟା ଶିଖିଥିଲି ପଣେ**
**ଯେ ଦିନୁ ଧଇଲି ଟାଙ୍ଗୁଆ ହାତ**
**ସବୁ ପାସୋରିଲି କ୍ଷଣେ।**

ବାହାହୋଇ ଯେତେବେଳେ ଝିଅ ଶାଶୁଘରକୁ ବୋହୂ ହୋଇ ଯାଏ, ସେତେବେଳେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁ ପରିମାଣରେ ବଢ଼ିଯାଇଥାଏ। ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡିରହି ସେ ନିଜ ଅତୀତର ସୁମଧୁର ସ୍ମୃତିଗୁଡିକୁ ପାସୋରି ଦେଇଥାଏ। ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ନିଜ ଅତୀତ ବା ପଛକଥା ଭାବିବାକୁ ସମୟ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛିଇ କରିବା ତାଙ୍କରି ଗୁଣ**
**ତେଲ ଦିନେ ଥିଲେ ନ ଥାଏ ଲୁଣ !**

କିଛି ବ୍ୟକ୍ତି ଅଛନ୍ତି ଘରେ କିଛି ନ ଥାଉ ପଛେ ପରର ଜିନିଷ ବା ଦରବ ପ୍ରତି କିନ୍ତୁ ନାନା ଟିକାଟିପ୍ପଣୀ ଦେବାରେ ପଛଘୁଞ୍ଚା ଦେଇ ନ ଥାନ୍ତି। ବଡ଼ଲୋକି ଦେଖାଇ ନିଜର ଟେକ ରଖିବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଅଭାବ ଅନଟନରେ ରହୁଥିବା ବ୍ୟକ୍ତି ବାହାରେ ନିଜର ପ୍ରୌଢି ବା ଚାତୁରୀ ଦେଖେଇହେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# କୋରାପୁଟ-କିରଣ୍ଡୁଲ ରେଳ ଲାଇନରେ ଭୂସ୍ଖଳନ

କୋରାପୁଟ,୨୪।୯
(ଅମିତାଭ ବେହେରା)



କୋରାପୁଟ-କିରଣ୍ଡୁଲ ରେଳ ଲାଇନ୍‌ରେ ଭୂସ୍ଖଳନ ଯୋଗୁ ପାହାଡ଼ରୁ ମାଟି ଓ ପଥର ଖସି ରେଳ ଧାରଣାରେ ପଡିଛି।

କୋରାପୁଟ ଜିଲା ମାନବାର-ଜରଟି ରେଳ ଷ୍ଟେଶନ ମଝି ତଥା କୋରାପୁଟ-କିରଣ୍ଡୁଲ ରେଳ ଲାଇନ୍‌ରେ ଶନିବାର ରାତିରେ ଭୂସ୍ଖଳନ ଯୋଗୁ ପାହାଡ଼ରୁ ମାଟି ଓ ପଥର ଖସି ରେଳ ଧାରଣାରେ ପଡିଛି। ଫଳରେ ରାତି ପ୍ରାୟ ୩ଟାରୁ ଉକ୍ତ ଲାଇନ୍‌ରେ ଯାତାୟାତ କରୁଥିବା ସମସ୍ତ ଟ୍ରେନ୍ କୋରାପୁଟ ଷ୍ଟେଶନରେ ଅଟକି ରହିଛି। ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରହିଛି। ତେବେ ମାଟି ଧସିବା ସମୟରେ ଏହି ଲାଇନ୍‌ରେ କୌଣସି ଯାତ୍ରୀବାହୀ କିମ୍ବା ମାଲବାହୀ ଟ୍ରେନ ଚଳାଚଳ କରି ନ ଥିବାରୁ କୌଣସି ଅଘଟଣ ଘଟିନାହିଁ।

ରେଳ ଧାରଣାରେ ପଥର ମାଟି ଖସିବା ଯୋଗୁ କୋରାପୁଟ-ଜଗଦଲପୁର, ବିଶାଖାପାଟଣା-ଜଗଦଲପୁରକୁ ଯାତାୟାତ କରୁଥିବା ଟ୍ରେନ୍‌ଗୁଡିକ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। କୋରାପୁଟ କିରଣ୍ଡୁଲ ଲାଇନରେ ୮ଟି ଟ୍ରେନକୁ ବାତିଲ କରାଯାଇଛି। ରେଳ ବିଭାଗର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଉପସ୍ଥିତ ରହି ମରାମତି କାର୍ଯ୍ୟ ଜାରି ରଖିଛନ୍ତି। ଏହି ଘଟଣା ଯୋଗୁ ଯେଉଁ ଯାତ୍ରୀମାନେ କୋରାପୁଟରୁ ଜଗଦଲପୁର ଯିବା ପାଇଁ ଅପେକ୍ଷା କରିଥିଲେ ସେମାନେ କୋରାପୁଟ ଷ୍ଟେଶନରେ ଅଟକି ରହିଛନ୍ତି। ଜଗଦଲପୁର ଯିବାକୁ ଥିବା ମାଲବାହୀ ଟ୍ରେନଗୁଡିକ ମଧ୍ୟ ଅଟକି ରହିଛି। ଟ୍ରେନ ବାତିଲ ଯୋଗୁ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋରାପୁଟରୁ ଜଗଦଲପୁର ଓ କିରଣ୍ଡୁଲ ମଧ୍ୟରେ ଯାତାୟାତ କରୁଥିବା ଟ୍ରେନଗୁଡିକୁ ବାତିଲ କରାଯାଇଛି। ତେବେ ସନ୍ଧ୍ୟା ବେଳକୁ କୋରାପୁଟ ଷ୍ଟେଶନରେ ଅଟକି ରହିଥିବା କୋରାପୁଟ-ଭୁବନେଶ୍ୱର ଓ କୋରାପୁଟ-ରାଉରକେଲା, କୋରାପୁଟରୁ ବିଶାଖାପାଟଣା ଟ୍ରେନ ଚଳାଚଳ କରିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ଯେଉଁ ଟ୍ରେନ୍‌ଗୁଡିକ ବାତିଲ ହୋଇଛି ସେନେଇ ଯାତ୍ରୀମାନଙ୍କୁ ଅବଗତ କରାଯାଉଛି। ଘଟଣାସ୍ଥଳରେ ରେଲୱେର ଡେପୁଟି ଚିଫ୍ (କନ୍‌ଷ୍ଟ୍ରକ୍ସନ) ବି.ବି. ମହାରଣାଙ୍କ ତତ୍ତ୍ୱାବଧାନରେ ଲାଇନ୍ ମରାମତି କାର୍ଯ୍ୟ ଜାରି ରହିଛି। ଦିନେ ଦୁଇଦିନ ମଧ୍ୟରେ କାର୍ଯ୍ୟ ସାରି ଉକ୍ତ

## ପାହାଡ଼ରୁ ମାଟି, ପଥର ଧସି ରେଳ ଚଳାଚଳ ବନ୍ଦ

ଲାଇନରେ ସମସ୍ତ ରେଳ ଚଳାଚଳ ସ୍ୱାଭାବିକ କରିବାକୁ ଆମେ ଉଦ୍ୟମ କରିବୁ ବୋଲି ମହାରଣା କହିଛନ୍ତି। ସେଠାରେ ବିଭାଗର ସମସ୍ତ ପଦାଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରୁଛନ୍ତି। ଅନ୍ୟପକ୍ଷରେ ଜଗଦଲପୁର ଯିବାକୁ ଥିବା ଯାତ୍ରୀମାନେ ଗାଡି କରି ଯାଇଥିବା ଜଣାପଡିଛି। ସେହିପରି ଜଗଦଲପୁର ଆଡୁ ଆସୁଥିବା ଯାତ୍ରୀମାନେ ଜୟପୁର ଷ୍ଟେଶନରେ ଓହ୍ଲାଇ ଗାଡିକରି କୋରାପୁଟ ସମେତ ନିଜ ଗନ୍ତବ୍ୟ ସ୍ଥାନକୁ ଯାଇଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, କୋରାପୁଟ ଜିଲାରେ ଟ୍ରେନ୍ ଲାଇନଗୁଡିକ ପାହାଡ଼ ମଧ୍ୟଦେଇ ଯାଇଛି। ସେଥିପାଇଁ ପାହାଡ଼ କାଟି ଟ୍ରେନ ଲାଇନ୍ ନିର୍ମାଣ କରାଯାଇଛି। ଏବେ ଦ୍ୱିତୀୟ ଲାଇନ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ପାହାଡ଼ କଟା ହୋଇଛି। ଜିଲାରେ ଗତ କିଛି ଦିନ ଧରି ଲଗାଣ ବର୍ଷା ହୋଇଥିଲା। ଏହି ବର୍ଷାରେ ମାଟି ଓଦା ହୋଇ ରହିଥିବାରୁ ଭୂସ୍ଖଳନ ଘଟି ପାହାଡ଼ରୁ ପଥର ଓ ମାଟି ଧସି ଏପରି ପରିସ୍ଥିତି ଉପୁଜୁଛି।

# ମହାନଦୀ ଟ୍ରିବ୍ୟୁନାଲ ମଧ୍ୟବର୍ତ୍ତିକାଳୀନ ରାୟ ପ୍ରକାଶ କରୁ

## ଦାବି ଜଣାଇଲା ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନ

ଭୁବନେଶ୍ୱର,୨୪।୯
(ବନ୍ଦନା ସେଠୀ)

ବିଶ୍ୱ ନଦୀ ଦିବସ ଅବସରରେ ରବିବାର ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନ ପକ୍ଷରୁ ଭର୍ଚୁଆଲରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଦୀ ସୁରକ୍ଷା ଓ ପୁନର୍ଜୀବିତ କାର୍ଯ୍ୟକ୍ରମରେ ସାମିଲ ବ୍ୟକ୍ତି ଓ ସଂଗଠନର ସଦସ୍ୟମାନେ ଯୋଗଦେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଅନେକ ନଦୀ ମୃତପ୍ରାୟ ଅବସ୍ଥାକୁ ଚାଲିଯାଉଛି। ତେଣୁ ନଦୀର ସୁରକ୍ଷା, ସରଂକ୍ଷଣ ଓ ପୁନଃଜୀବନ ପାଇଁ ଏକ ଜାତୀୟ ଅଭିଯାନ ବିଶ୍ୱ ନଦୀ ଦିବସରୁ ଆରମ୍ଭ ହୋଇଛି। ଏହି ଅଭିଯାନରେ ବିଶ୍ୱ ମାନବିକ ଅଧିକାର ଦିବସ ଡିସେମ୍ବର ୧୦ ପର୍ଯ୍ୟନ୍ତ ସାରା ଦେଶରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନର ଜାତୀୟ ଆବାହକ ସୁଦର୍ଶନ ଛୋଟରାୟ ସୂଚନା ଦେଇଛନ୍ତି। ମହାନଦୀ ଜଳ ବଣ୍ଟନ ନେଇ ଛତିଶଗଡ ଓ ଓଡ଼ିଶା ମଧ୍ୟରେ ବିବାଦ ଲାଗିରହିଛି। ତେବେ ମହାନଦୀ ଟ୍ରିବ୍ୟୁନାଲରୁ ତୁରନ୍ତ ନ୍ୟାୟ ମିଳିବା ସମ୍ଭାବନା କମ୍ ଥିବାରୁ ଚାଷୀ, ମତ୍ସ୍ୟଜୀବୀ ଓ କାରିଗରଙ୍କ ସ୍ୱାର୍ଥ ଦୃଷ୍ଟିର ତୁରନ୍ତ ମଧ୍ୟବର୍ତ୍ତୀକାଳିନ ରାୟ ଜାରି କରିବାକୁ ଅଭିଯାନ ପକ୍ଷରୁ ଦାବି କରାଯାଇଛି।

ଏଥିସହ ମହାନଦୀର ବର୍ତ୍ତମାନ ସ୍ଥିତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଉଭୟ ଛତିଶଗଡ ଏବଂ ଓଡ଼ିଶା ସରକାର ଶ୍ୱେତ ପତ୍ର ପ୍ରକାଶ କରିବାକୁ ଆଲେଚାନାଚକ୍ରରେ ଆହ୍ୱାନ ଦିଆଯାଇଥିଲା। ଶିଳ୍ପଭିତ୍ତିଭୂମି ଓ ବିକାଶ ନାମରେ ନଦୀଗୁଡ଼ିକର ପ୍ରାକୃତିକ ପ୍ରବାହକୁ ରୋକାଯାଉଛି। ନଦୀ ଜଳକୁ ବ୍ୟବସାୟିକ ସ୍ୱାର୍ଥ ପାଇଁ ଲଗାଯାଉଛି। ସେହିପରି ସହରରୁ ବାହାରୁଥିବା ଆବର୍ଜନା, ପ୍ଲାଷ୍ଟିକ ଆଦି ସାମଗ୍ରୀ ନଦୀ ଗର୍ଭକୁ ଛଡା ଯାଉଥିବାରୁ ସାଧାରଣରେ ନଦୀ ଜଳ ମଣିଷ ଓ ଜୀବଜନ୍ତୁଙ୍କ ବ୍ୟବହାର ଯୋଗ୍ୟ ହୋଇପାରୁ ନ ଥିବାରୁ ଚିନ୍ତା ପ୍ରକଟ କରାଯାଇଛି। କାର୍ଯ୍ୟକ୍ରମରେ ଏନ୍‌ଜିଟି ଆଡ଼ଭୋକେଟ ଶଙ୍କର ପ୍ରସାଦ ପାଣି, ନାରୀ ନେତ୍ରୀ ସ୍ନିଗ୍ଧା ପାଣିଗ୍ରାହୀ, ପକ୍ଷୀ ବିଶାରଦ ପ୍ରମୋଦ କୁମାର ଧଳ, ଅବସରପ୍ରାପ୍ତ ପ୍ରାଧ୍ୟାପକ ନନ୍ଦ କିଶୋର ମହାକୁଡ଼, ସାମାଜିକ କର୍ମୀ ସଚିକାନ୍ତ ପ୍ରଧାନ ଓ ବିପିନ ବାରିକ ପ୍ରମୁଖ ଯୋଗଦେଇ କ୍ଷୋଭ ପ୍ରକାଶ କରିବା ସହ ଏହା ଉପରେ ମତ ରଖିଥିଲେ।

# ମହୁଲପଲ୍ଲୀ ଶ୍ମଶାନରୁ ନରକଙ୍କାଳ ଜବତ



ଘଟଣାସ୍ଥଳରେ ପୋଲିସ ସହ ସାଇଣ୍ଟିଫିକ ଟିମ୍ ତଦନ୍ତ କରୁଛି।

ହିଞ୍ଜିଳିକାଟୁ/କୁକୁଡ଼ାଖଣ୍ଡି, ୨୪।୯
(ଦ୍ୱିତୀକୃଷ୍ଣ ପଣ୍ଡା/ପ୍ରତାପ ସାହୁ)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ମହୁଲପଲ୍ଲୀ ଗ୍ରାମ ଶଶ୍ମାନରୁ ଶନିବାର ରାତିରେ ଗୋଟିଏ ନରକଙ୍କାଳ ପୁଲିସ ଜବତ କରିଛି। ସେଠାରୁ ଗୋଟିଏ ସ୍କୁଟି, ମୋବାଇଲ ଓ ଗଛରେ ବନ୍ଧା ଯାଇଥିବା ଏକ ଗାମୁଛାକୁ ମଧ୍ୟ ଜବତ କରାଯାଇଛି। ରବିବାର ପୋଲିସ ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଆଖପାଖରୁ କିଛି ସାମଗ୍ରୀ ଜବତ କରି ପରୀକ୍ଷା ପାଇଁ ପଠାଇଛନ୍ତି। ନରକଙ୍କାଳଟି ଗୋଳନ୍ଥରା ଥାନା ପଦ୍ମପୁର ଗ୍ରାମର ପ୍ରତାପ ଦାସଙ୍କର ବୋଲି ଜଣାପଡ଼ିଛି। ନିକଟରେ ପଡ଼ିଥିବା ସ୍କୁଟି (ଓଡି୦୭ଏଏଲ ୯୯୯୫), ମୋବାଇଲ, ପୋଷାକ ଇତ୍ୟାଦିରୁ କଙ୍କାଳଟି ପ୍ରତାପଙ୍କର ବୋଲି ଅନୁମାନ କରାଯାଉଛି। ପ୍ରକାଶ ଯେ, ବ୍ରହ୍ମପୁର ପୋଲିସ ଜିଲା ଗୋଳନ୍ଥରା ଥାନାରେ ପଦ୍ମପୁର ଗ୍ରାମର ରୁନୁ ଦାସ ଗତ ୧୭ ତାରିଖରେ ସ୍ୱାମୀ ପ୍ରତାପ ନିଖୋଜ ହୋଇଯାଇଥିବା ନେଇ ଅଭିଯୋଗ କରିଥିଲେ। ରୁନୁଙ୍କ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିଲା ବେଳେ ଶନିବାର ସନ୍ଧ୍ୟାରେ ହିଞ୍ଜିଳି ଥାନା ମହୁଲପଲ୍ଲୀ ଗ୍ରାମ ଶଶ୍ମାନ ନିକଟରେ ପ୍ରତାପଙ୍କ ସ୍କୁଟିକୁ ଦେଖିଥିଲେ। ସେମାନେ ହିଞ୍ଜିଳି ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ନରକଙ୍କାଳ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ରିପୋର୍ଟ ଆସିଲେ ମୃତ୍ୟୁର ସଠିକ କାରଣ ସ୍ପଷ୍ଟହେବ ବୋଲି ପୋଲିସ ପ୍ରକାଶ କରିଛି।

ପ୍ରଥମ ପୃଷ୍ଠାରୁ...

## ଭୁଲ ଇଞ୍ଜେକ୍‌ଶନରୁ ...



ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଲୋକେ ହୋହଲ୍ଲା କରୁଛନ୍ତି।

ଜନସାଧାରଣ ନିର୍ଭର କରୁଛନ୍ତି। ହେଲେ ଏଠାରେ ସ୍ଥାୟୀ ଡାକ୍ତର ନ ଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ବହୁ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଥିବା ଦେଖିବାକୁ ମିଳୁଛି। ଆଗାମୀ ଦିନରେ ଏଠାରେ ଡାକ୍ତର ନିଯୁକ୍ତି ନ ହେଲେ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମହାରଣା କହିଛନ୍ତି, ଶିଶୁଙ୍କର କିପରି ମୃତ୍ୟୁ ହେଲା ତା'ର ତଦନ୍ତ କରାଯିବ। ଏଥିସହିତ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ପଦବୀ ଖୁବ୍‌ଶୀଘ୍ର ପୂରଣ କରାଯିବ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଶିଶୁଙ୍କୁ ଚିକିତ୍ସା କରିଥିବା ଡାକ୍ତର ଶଶିକାନ୍ତ ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

## ସ୍କୁଲରେ ମା' ...

ଏକ ଅଭିନବ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୨୦୨୬-୨୭ ସୁଦ୍ଧା ତୃତୀୟ ଶ୍ରେଣୀ ପାଠ ଶେଷ କରିଥିବା ସବୁ ପିଲା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ସମସ୍ତ କୌଶଳ ହାସଲ କରିବେ। ଫଳରେ ପରବର୍ତ୍ତୀ ଶ୍ରେଣୀରେ ପାଠ ବୁଝିବାରେ ପିଲାର ଅସୁବିଧା ହେବନି। ମୌଳିକ ସାକ୍ଷରତାରେ ପିଲାଟିଏ ସ୍ପଷ୍ଟ ଭାବେ କଥା କହିବା ସହ ଅକ୍ଷର ଚିହ୍ନି ବିନା ବାଧାରେ ପଢ଼ିପାରିବ, ବୁଝିପାରିବ ଏବଂ ନିଜ କଥା ଓ ବିଚାରକୁ ଲେଖି ପରିପ୍ରକାଶ କରିପାରିବ। ଏନେଇ ଭୁବନେଶ୍ୱରର ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଥିବା ଛାତ୍ରୀଙ୍କ ମା' ରଞ୍ଜିତା ସ୍ୱାଇଁ କହିଛନ୍ତି, ସରକାରଙ୍କ ଏହି କାର୍ଯ୍ୟକ୍ରମ ଉଭୟ ପିଲା ଓ ଅଭିଭାବକଙ୍କୁ ବେଶ ସହାୟକ ହେବ। ଏହାଦ୍ୱାରା ପିଲାମାନଙ୍କ ମୌଳିକ ସାକ୍ଷରତା ଓ ଗାଣିତିକ ଜ୍ଞାନ ବୃଦ୍ଧି ପାଇବ। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ପ୍ରାୟ ୫୭ହଜାର ସରକାରୀ ପ୍ରାଥମିକ ସ୍କୁଲ ମଧ୍ୟରୁ ପ୍ରାୟ ୩୬,୫୦୦ ସରକାରୀ ପ୍ରାଥମିକ ସ୍କୁଲରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଛି। ଚଳିତମାସ ୯ ତାରିଖରେ ମା'ମାନଙ୍କ ପ୍ରଥମ ବୈଠକ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ତାହା ସମ୍ଭବପର ହୋଇପାରି ନ ଥିଲା।

## ଭାରତୀୟ ରୋୟର...

ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀ ବାବୁଲାଲ ଯାଦବ ଓ ଲେଖରାମ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏ ଦୁହେଁ ୬:୫୦.୪୧ ସେକେଣ୍ଡ ସମୟ ନେଇଥିଲେ। ୬:୪୪.୨୦ ସେକେଣ୍ଡ ସହ ହଂକଂ ସ୍ୱର୍ଣ୍ଣ ଏବଂ ୬:୪୮.୧୧ ସେକେଣ୍ଡ ସହିତ ଉଜ୍‌ବେକିସ୍ତାନ ରୌପ୍ୟ ପଦକ ପାଇଥିଲା। ପ୍ରକାଶଯୋଗ୍ୟ ଯେ, ଚଳିତ ଏସିଆନ ଗେମ୍ସକୁ ଭାରତ ୩୩ ଜଣ ରୋୟର ପଠାଇଛି। ପ୍ରତିଯୋଗିତାର ଶୁଟିଂ ଇଭେଣ୍ଟରେ ରବିବାର ଭାରତକୁ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ମିଳିଛି। ୩ ଅଭିଜ୍ଞ ଶୁଟର ମେହୁଲି ଘୋଷ, ରମିତା ଜିନ୍ଦଲ ଓ ଆଶି ଚୌକସେ ମହିଳା ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ଭାରତର ଏହି ପ୍ରତିଯୋଗୀ ତ୍ରୟ ମୋଟ ୧,୮୮୬.୦ ପଏଣ୍ଟ ସ୍କୋର କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଚାଇନା ପ୍ରତିଯୋଗୀମାନେ ୧,୮୯୬.୬ ପଏଣ୍ଟ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ଅବସରରେ ଚାଇନା ଏସିଆନ ରେକର୍ଡ ମଧ୍ୟ ଭାଙ୍ଗିଥିଲା। ମଙ୍ଗୋଲିଆ ୧୮୮୦.୦ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲା। ଏହାପରେ ଅନୁଷ୍ଠିତ ୧୦ ମିଟର ଏୟାର ରାଇଫଲ ବ୍ୟକ୍ତିଗତ ଇଭେଣ୍ଟରେ ଜୁନିୟର ବିଶ୍ୱ ଚାମ୍ପିୟନ ରମିତା ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୮ ଶୁଟର ବିଶିଷ୍ଟ ଫାଇନାଲ୍‌ରେ ରମିତା ୨୩୦.୧ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଥିଲେ। ଚାଇନାର ହ୍ୱାଙ୍ଗ୍ ୟୁଟିଙ୍ଗ (୨୫୨.୭ ପଏଣ୍ଟ) ଗେମ୍ସ ରେକର୍ଡ ସହିତ ସ୍ୱର୍ଣ୍ଣ ଏବଂ ସେହି ଦେଶର ହାନ୍ ଜିୟୁ ୨୫୧.୩ ପଏଣ୍ଟ ସହିତ ରୌପ୍ୟ ପଦକ ଜିତିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଶୁଟର ମେହୁଲି ୨୦୮.୪୩ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। କ୍ୱାଲିଫିକେଶନରେ ରମିତା (୬୩୧.୯) ଦ୍ୱିତୀୟ, ମେହୁଲି (୬୩୦.୮) ଚତୁର୍ଥ, ଆଶି (୬୨୩.୩) ୨୮ତମ ସ୍ଥାନ ପାଇଥିଲେ। ମାତ୍ର ୩ ଜଣଙ୍କ ମିଳିତ ସ୍କୋର ଦଳକୁ ରୌପ୍ୟ ପଦକ ପ୍ରଦାନରେ ଯଥେଷ୍ଟ ହୋଇଥିଲା।

## ସୃଷ୍ଟି ହୁଏ ୨୭ ...

ମୁଖ୍ୟତଃ ଘନିଷ୍ଠ କରୁଥିବା ପ୍ରେମର ଯୌନ କିମ୍ବା ରୋମାଣ୍ଟିକ୍ ଦିଗ ରହିଥାଏ। ସବୁ ପ୍ରକାର ପ୍ରେମ ମସ୍ତିଷ୍କରେ ଦୃଢ଼ ଭାବେ ଅନୁଭୂତ ହେଉଥିବାବେଳେ ତାହାର ତୀବ୍ରତା ଶରୀରର ଅବଶିଷ୍ଟ ଅଙ୍ଗର ଭିନ୍ନ ଭିନ୍ନ ସ୍ଥାନରେ ଅନୁଭବ କରାଯାଇଥାଏ। କେତେକ କେବଳ ଛାତିକୁ ଯାଇଥାଏ ତ ଆଉ କେତେକ ସାରା ଶରୀରରେ ଅନୁଭୂତ ହୋଇଥାଏ ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି। ରୋମାଣ୍ଟିକ୍ ଲଭ୍, ସେକ୍ସୁଆଲ ଲଭ୍, ମାଆବାପାଙ୍କୁ ଭଲପାଇବା, ବନ୍ଧୁ, ଅପରିଚିତ ବ୍ୟକ୍ତି, ପ୍ରକୃତି, ଭଗବାନଙ୍କୁ କିମ୍ବା ନିଜକୁ କରୁଥିବା ପ୍ରେମ ଆଦି ୨୭ ପ୍ରକାର ବିଭିନ୍ନ ପ୍ରେମର ଅନୁଭୂତି ସମ୍ପର୍କରେ ଅଂଶଗ୍ରହଣକାରୀଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ସେମାନେ ବିଭିନ୍ନ ପ୍ରକାର ପ୍ରେମକୁ ସେମାନଙ୍କ ଶରୀରରେ କେଉଁଠି ଅନୁଭବ କରୁଛନ୍ତି ଏବଂ ଶାରୀରିକ ଓ ମାନସିକ ଭାବେ ଏହାର ଆବେଗତାକୁ କିପରି ଅନୁଭବ କରନ୍ତି ବୋଲି ଗବେଷକମାନେ ପ୍ରଶ୍ନ କରିଥିଲେ।

ପ୍ରତ୍ୟେକପ୍ରକାର ପ୍ରେମକୁ ସେମାନେ ଶାରୀରିକ ଏବଂ ମାନସିକ ଭାବେ କେଉଁ ସ୍ଥାନରେ ଅନୁଭବ କରୁଛନ୍ତି, ତାହାକୁ ଏକ ଛାୟାଚିତ୍ରରେ ରଙ୍ଗ ଦେଇ ଦର୍ଶାଇବାକୁ ଅଧ୍ୟୟନରେ ଭାଗନେଇଥିବା ଲୋକମାନଙ୍କୁ କୁହାଯାଇଥିଲା। ଶେଷରେ ସେମାନଙ୍କ ବିଭିନ୍ନ ପ୍ରେମର ଘନିଷ୍ଠତାକୁ ମୂଲ୍ୟାୟନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ସମସ୍ତ ତଥ୍ୟକୁ ଆଧାର କରି ଗବେଷକମାନେ ଉପରୋକ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କ ମନରେ ଅତୀତ ଘଟଣାଗୁଡ଼ିକ ଭାବାନ୍ତର ସୃଷ୍ଟି କରିବ। କର୍ମକ୍ଷେତ୍ରରେ ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେଲେ ମଧ୍ୟ ଲାଭ କିଛି ଊଣା ହେବନି। ପରିବାରରେ ଅଶାନ୍ତି ଦୂର ହେବା ପାଇଁ ବନ୍ଧୁଙ୍କ ସାହାଯ୍ୟ ନେଇପାରନ୍ତି।

**ବୃଷ** ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଜଗିରଖି ଚଳନ୍ତୁ,ଅନ୍ୟଥା ସମସ୍ୟା ବଢି ବଢି ଯିବ। ସଭାସମିତି, ଚୁକ୍ତିପତ୍ର, ରାଜନୀତି, କଳାତ୍ମକ ଦିଗରୁ ପ୍ରଶଂସିତ ହେବେ। ଫେରିବା ବାଟରୁ କିଛି ନୂତନ ଜିନିଷ ଆଣିବା ସକାଶେ ମନ ବଳାଇବେ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ ଓ ସୁଖ, ସମ୍ମାନ ଲାଭ କରିବେ। ବନ୍ଧୁମାନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ। ପ୍ରିୟଜନଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରି କାମ ହାସଲରେ ସମର୍ଥ ହେବେ। ଆର୍ଥିକ ଅନଟନ କେତେକ ସମସ୍ୟା ସୃଷ୍ଟି କରିପାରେ।

**କର୍କଟ** ଯେତେ ଚେଷ୍ଟା କଲେ ମଧ୍ୟ ସୁବିଧାରେ କାମ ହାସଲ କଷ୍ଟକର ହୋଇପଡିବ। ଆଜି ବାକି ପଡିଥିବା ଅର୍ଥ ଲାଭ ଅବଶ୍ୟମ୍ଭାବୀ। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ କିନ୍ତୁ ଅନ୍ୟମାନଙ୍କର ସହଯୋଗ ପାଇବେନି। ଶିଳ୍ପ, ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିବେ।

**ସିଂହ** ଗତକାଲି ରାତିରୁ ଖୋଜୁଥିବା ଜିନିଷ ଆଜି ସହଜରେ ଓ ସୁବିଧାରେ ପାଇଯିବେ। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ମାନସିକ ସ୍ଥିତି ଏକପ୍ରକାର ଭଲ ରହିବ। କର୍ମକ୍ଷେତ୍ରରେ ପ୍ରିୟଜନମାନଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ବ୍ୟବସାୟରେ ଭଲ ବିକାକିଣା ହେବାରୁ ମନ ଖୁସି ହୋଇଯିବ।

**କନ୍ୟା** ଆଜି ଅନ୍ୟମନସ୍କତା କାରଣରୁ ଭୁଲ୍‌ବଶତଃ ଘରେ ଟଙ୍କା ଛାଡିଦେଇ ବାଟରେ ହଇରାଣ ହେବାକୁ ପଡିପାରେ। ଆକସ୍ମିକ ସମସ୍ୟାରେ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦମୁକ୍ତ ହେବେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହୋଇପାରେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**ତୁଳା** ଆଶା କରୁଥିବା ଦିଗରୁ ଅର୍ଥ ପାଇବେ ଓ କାମଗୁଡିକ ମଧ୍ୟ ତ୍ୱରାନ୍ୱିତ ହୋଇପାରିବ। କେତେକ କ୍ଷେତ୍ରରେ ମନକଥା ମନରେ ରଖି ଗୁରୁଜନମାନଙ୍କୁ ପ୍ରତାରିତ କରି ଅନୁଶୋଚନା କରିବେ। ପରିଚାଳନା ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ ଏବଂ ରାଜନୀତିରେ ବ୍ୟସ୍ତତା ଦୂର ହୋଇଯିବ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବିଛା** ବହୁତ ଦିନରୁ ରହି ଆସିଥିବା ଅପୂରଣୀୟ ଅଭିଳାଷ ପୂରଣ ହେବା ସକାଶେ ରାସ୍ତା ଖୋଲି ଯିବ। ନୂତନ କାମରେ ପ୍ରବେଶ କରିବେ ଓ ସଫଳତା ମଧ୍ୟ ପାଇବେ। ଆର୍ଥିକ ଉନ୍ନତି ଘଟିବ ଓ କାରବାର ବୃଦ୍ଧି ପାଇବ। କର୍ମ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ।

**ଧନୁ** କୌଣସି ପ୍ରକାର ଅସୁବିଧା ନ ହୋଇ କାମଟି ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ପାରିବାରିକ ସମସ୍ୟା ପଛକୁ ପକାଇ ଏକ ଗୁରୁତ୍ୱପୂର୍ଣ୍ଣ କାମକୁ ପ୍ରାଧାନ୍ୟ ଦେବେ। ପ୍ରଶାସନ, ରାଜନୀତି, ସଂଗଠନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ମକର** ଆନୁଷ୍ଠାନିକ କାମ ସକାଶେ ପ୍ରସ୍ତୁତିପର୍ବ ଶେଷ ହେବାକୁ ଲାଗିବ। ବନ୍ଧୁ ଗହଣରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ଆର୍ଥିକ ସ୍ଥିତି ମଧ୍ୟ ମନ୍ଦ ହେବନି ଓ ଲେଖାପଢାରୁ ଶୁଭଫଳ ପାଇବେ। ବ୍ୟବସାୟୀମାନେ ନିଜର ପ୍ରାଧାନ୍ୟ ବିସ୍ତାର କରି ବନ୍ଧୁଙ୍କ ସମସ୍ୟାକୁ ସୁଧାରି ନେବେ।

**କୁମ୍ଭ** ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲା ଓ ସଭାସମିତିରେ ସୁଫଳ ପାଇବେ।

**ମୀନ** ଯାହାକିଛି ପାରିବାରିକ ଅଶାନ୍ତି ଓ ସମସ୍ୟା ଲାଗିରହିଛି ଆଜି ସେଥିରେ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟ ଓ ପରିବହନ ପ୍ରଭୃତି ବିଭିନ୍ନ ଦିଗରୁ ଲାଭବାନ ହେବେ। ରପ୍ତାନି ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପିତୃ ଅର୍ଜିତ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ସ୍ମାର୍ତସମ୍ମତ ପାର୍ଶ୍ୱ ପରିବର୍ତ୍ତନ ବଡ ଏକାଦଶୀ ସୋମବାର, ସେପ୍ଟେମ୍ବର ୨୫ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ ମକର, ଏକଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୯ ଗତେ, ଘ.୦୭।୦୯ ମଧ୍ୟେ, ଘ.୦୮।୫୦ ଗତେ, ଘ.୧୧।୧୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ. ୦୭।୦୯ ଗତେ, ଘ.୦୮।୩୮ ମଧ୍ୟେ ରାହୁକାଳ।

## ଗଣେଶ ପୂଜା, ନୂଆଁଖାଇ ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା

**ସିନାପାଲି,୨୪।୯(ମନଫୁଲ ମେହେର)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତିବନ୍ଧାଠାରେ ସ୍ଥାନୀୟ ମା’ ପାହାର ଭଣ୍ଡାର କଳା ଓ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଗଣେଶ ପୂଜା ଓ ନୂଆଁଖାଇ ଉପଲକ୍ଷେ ଶନିବାର ଏକ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଦୂରଦୂରାନ୍ତରୁ ପ୍ରାୟ ୧୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ମେହକ ଓ ରୋଷନ ଗ୍ରୁପ ଭବାନୀପାଟଣା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଭାଗ୍ୟଶ୍ରୀ ସାହୁ ବରଗଡ଼ ଦ୍ୱିତୀୟ ଓ ସରୋଜ ମେହେର ବଲାଙ୍ଗୀର ତୃତୀୟ ସ୍ଥାନ ଅଧିକାର ଥିଲେ। କୁମୁଦ ଚନ୍ଦନ, ଶୁଭଦର୍ଶନୀ ମିଶ୍ର ଓ ଶତାବ୍ଦୀ ନାଏକ ବିଚାରକ ଦାୟିତ୍ୱ ତୁଲାଇଥିଲେ।

## ଭେଟ୍‌ଘାଟ୍‌ରେ ସଂରକ୍ଷିତ ଜଙ୍ଗଲ ସୁରକ୍ଷା ଚିନ୍ତା

**ଲୋଇସିଂହା,୨୪।୯(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ହରଭଙ୍ଗା ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ପ୍ରେମେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପିକା କଲ୍ୟାଣୀ ମିଶ୍ର ମୁଖ୍ୟ ଅତିଥି, ପବତ୍ର ମୋହନ ପଧାନ ସମ୍ମାନୀତ ଅତିଥି, ଶିକ୍ଷକ ସୁଶାନ୍ତ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନେ ସ୍ଥାନୀୟ ସଂରକ୍ଷିତ ଜଙ୍ଗଲ ସୁରକ୍ଷାକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ଶ୍ୱେତାମୟୀ ଠାକୁର, ଆରୁସୀ ପଧାନ, ଝରଣା ସାହୁ ବକ୍ତୃତା ପ୍ରତିଯୋଗୀତାରେ ପୁରସ୍କୃତ ହୋଇଥିଲେ। ଗୀତା ଜୁନିୟର ବର୍ଗରେ ରୋଲି ସାହୁ, ସ୍ନେହାରାଣି ସାହୁ, ଦିବ୍ୟାଂଶୀ ସାହୁ, ସିନିୟର ବର୍ଗରେ ଲୁସି ଗଡତ୍ୟା, ଇତିଶ୍ରୀ ସାହୁ ଓ ଶୁଭ୍ରାଂଶୁ ସାହୁ ପୁରସ୍କୃତ ହୋଇଥିଲେ। ସୁନ୍ଦର ପୋଷାକ ପ୍ରତିଯୋଗୀତାରେ ସବନମ୍ ସାହୁ, ଇତିଶ୍ରୀ ସାହୁ ପୁରସ୍କୃତ ହୋଇଥିଲେ। ଶିବରାଜ ସାହୁ, ଅନନ୍ତ ସାହୁ ଓ ସୁମିତ ପଧାନ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସୀତାରାମ ଗଡତ୍ୟା ଧନ୍ୟବାଦ ଅର୍ପଣ



ଆୟୋଜକଙ୍କ ସହ ପୁରସ୍କୃତ କୃତୀ ପ୍ରତିଯୋଗୀ।

କରିଥିଲେ। ସାମ୍ପ୍ରତିକ ସମୟରେ ମାତ୍ରାଧିକ ମୋବାଇଲ ବ୍ୟବହାର ଛାତ୍ରୀଛାତ୍ରଙ୍କୁ ପଥଭ୍ରଷ୍ଟ କରି ଦେଇଛି। ଏହି ପରିପ୍ରେକ୍ଷୀରେ ଯୁବକ ସଂଘ କଳାକାରଙ୍କ ଦ୍ୱାରା ସଚେତନତା ଧର୍ମୀ କ୍ଷୁଦ୍ର ନାଟକ ବାପା ମତେ ମୋବାଇଲ ଘିନିଦିଅ ପରିବେଷଣ କରାଯାଇଥିଲା।

## ଶାରଦୀୟ ଦୁର୍ଗାପୂଜା ପାଇଁ ଶୁଭ ସ୍ତମ୍ଭ ସ୍ଥାପନ

**ବାଉଁଶୁଣୀ,୨୪।୯(ଦେବାଶିଷ ନେପାକ):** ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଡିମିରିପାଲି ଷ୍ଟାର କ୍ଲବ ତରଫରୁ ଚଳିତବର୍ଷ ୫୬ ତମ ଶାରଦୀୟ ଦୁର୍ଗାପୂଜା ପାଇଁ ଶୁଭ ସ୍ତମ୍ଭ ସ୍ଥାପନ କରାଯାଇଛି। ପୂଜକ ଭାବରେ କିରଣ ତ୍ରିପାଠୀ ପୂଜାର୍ଚ୍ଚନା କରି ଶୁଭ ସ୍ତମ୍ଭ ସ୍ଥାପନ କରିଥିଲେ। ଗତବର୍ଷଠାରୁ ଚଳିତବର୍ଷ ପୂଜା ମହାଆଡ଼ମ୍ବର ସହକାରେ ପାଳିତ ହେବ ବୋଲି କମିଟିର ସଭାପତି କହିଛନ୍ତି। ଶୁଭ ସ୍ତମ୍ଭ ସ୍ଥାପନ ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଥିଲା।

ନୂଆଁଖାଇ ଜୁହାର
ଦେବଗଡ଼ ଗଣପର୍ବ ପବିତ୍ର ଗଣେଶ ମେଳା ୨୦୨୩ ଏବଂ ନୂଆଁଖାଇ ଅବସରରେ ଦେବଗଡ଼ ଜିଲ୍ଲାବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା, ଅଭିନନ୍ଦନ ଓ ଶୁଭକାମନା ।
ଭୂପେନ୍ଦ୍ର ପ୍ରସାଦ ନାୟକ
ଯୁବ ନେତା, ପୂର୍ବତନ ସଦସ୍ୟ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ପୂର୍ବତନ ତିଳେଇବଣି ବ୍ଲକ ଉପାଧ୍ୟକ୍ଷ, ଦେବଗଡ଼

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ବୀରମହାରାଜପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଚନ୍ଦ୍ରକାନ୍ତୀ ଦନ୍ତା
ଜିଲ୍ଲା ପରିଷଦ ସଭ୍ୟା, ବୀରମହାରାଜପୁର, ଜୋନ୍-୨

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହାନ୍ ଗଣପର୍ବ "ନୂଆଁଖାଇ" ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ଅଞ୍ଚଳର ସମସ୍ତ ଗୁରୁଜନ, ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ସ୍ୱୈତଲିନା ମିଶ୍ର
ସହକାରୀ କୃଷି ଅଧିକାରୀ
ରାମପୁର, ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହାନ୍ ଗଣପର୍ବ "ନୂଆଁଖାଇ" ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ଅଞ୍ଚଳର ସମସ୍ତ ଗୁରୁଜନ, ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ରଞ୍ଜନ ପଟେଲ
ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଯନ୍ତ୍ରୀ
ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହାନ୍ ଗଣପର୍ବ "ନୂଆଁଖାଇ" ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ଅଞ୍ଚଳର ସମସ୍ତ ଗୁରୁଜନ, ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ବିପିନବିହାରୀ ଉଦ୍‌ଗାତା
କୃଷି ଜିଲ୍ଲା ଅଧିକାରୀ, ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ଦେବଗଡ଼ ଗଣପର୍ବ ପବିତ୍ର ଗଣେଶ ମେଳା ୨୦୨୩ ଏବଂ ନୂଆଁଖାଇ ଅବସରରେ ଦେବଗଡ଼ ଜିଲ୍ଲାବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା, ଅଭିନନ୍ଦନ ଓ ଶୁଭକାମନା ।
ଶୁକଦେବ ଭଞ୍ଜ
ଯୁବ ନେତା, ନଗର ସଭାପତି, ବିଜେଡି,ଦେବଗଡ଼

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହାନ୍ ଗଣପର୍ବ "ନୂଆଁଖାଇ" ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ଅଞ୍ଚଳର ସମସ୍ତ ଗୁରୁଜନ, ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଚଣ୍ଡୀ ପ୍ରସାଦ ମହାଳିକ
ଡୁଙ୍ଗୁରିପାଲି ଗୋଷ୍ଠୀ କୃଷି ଅଧିକାରୀ, ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ଦେବଗଡ଼ ଗଣପର୍ବ ପବିତ୍ର ଗଣେଶ ମେଳା ୨୦୨୩ ଏବଂ ନୂଆଁଖାଇ ଅବସରରେ ଦେବଗଡ଼ ଜିଲ୍ଲାବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା, ଅଭିନନ୍ଦନ ଓ ଶୁଭକାମନା ।
ସତ୍ୟ ନାରାୟଣ ପାଣି
ଜିଲ୍ଲା ସରପଞ୍ଚ ସଂଘ ସଭାପତି, ଦେବଗଡ଼

ନୂଆଁଖାଇ ଜୁହାର
ଦେବଗଡ଼ ଗଣପର୍ବ ପବିତ୍ର ଗଣେଶ ମେଳା ୨୦୨୩ ଏବଂ ନୂଆଁଖାଇ ଅବସରରେ ଦେବଗଡ଼ ଜିଲ୍ଲାବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା, ଅଭିନନ୍ଦନ ଓ ଶୁଭକାମନା ।
ସେମ ହେମ୍ବ୍ରମ
ଜିଲ୍ଲା କଂଗ୍ରେସ ସଭାପତି, ଦେବଗଡ଼

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହାନ୍ ଗଣପର୍ବ "ନୂଆଁଖାଇ" ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ଅଞ୍ଚଳର ସମସ୍ତ ଗୁରୁଜନ, ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଅଙ୍କିତା ପଣ୍ଡା
ସହକାରୀ କୃଷି ଅଧିକାରୀ, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳର ସମସ୍ତ ଭାଇ-ଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଜୁହାର । ସମସ୍ତଙ୍କ ପାଇଁ ଏହି ବର୍ଷଟି ସୁଖମୟ ହେଉ । ଏହାହିଁ ମା’ ସମଲେଇଙ୍କଠାରେ ପ୍ରାର୍ଥନା ।
କୁନ୍ତୀ ମହାରଣା — ସଭାପତି
ପୂର୍ଣ୍ଣିମା ପୋଡ଼ — ସମ୍ପାଦକ
ବିଶ୍ୱ ମଦର ଟେରେସା,ଛତୁଆ ପ୍ରସ୍ତୁତି କେନ୍ଦ୍ର
ବୈଦ୍ୟପାଲି,ଡୁଙ୍ଗୁରିପାଲି ବ୍ଲକ,ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ଦେବଗଡ଼ ଗଣପର୍ବ ପବିତ୍ର ଗଣେଶ ମେଳା ୨୦୨୩ ଏବଂ ନୂଆଁଖାଇ ଅବସରରେ ଦେବଗଡ଼ ଜିଲ୍ଲାବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା, ଅଭିନନ୍ଦନ ଓ ଶୁଭକାମନା ।
ପ୍ରଜିତ କୁମାର ଭୋଳ୍ (ଝୁନୁ ଭାଇ)
ଉପାଧ୍ୟକ୍ଷ, ପୌରପରିଷଦ, ଦେବଗଡ଼

ନୂଆଁଖାଇ ଜୁହାର
ଦେବଗଡ଼ ଗଣପର୍ବ ପବିତ୍ର ଗଣେଶ ମେଳା ୨୦୨୩ ଏବଂ ନୂଆଁଖାଇ ଅବସରରେ ଦେବଗଡ଼ ଜିଲ୍ଲାବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା, ଅଭିନନ୍ଦନ ଓ ଶୁଭକାମନା ।
ଶ୍ରୀମତୀ ଶାନ୍ତି ମଞ୍ଜରୀ ଦେଈ (ଗୁରୁମା)
ଅଧ୍ୟକ୍ଷା, ପୌରପରିଷଦ, ଦେବଗଡ଼

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ସୁବଳୟା ଥାନା ଅଞ୍ଚଳର ସମସ୍ତଙ୍କୁ ଶୁଭେଚ୍ଛା ଓ ନୂଆଁଖାଇ ଜୁହାର ।
ସୁଶାନ୍ତ କୁମାର ପ୍ରଧାନ
ଥାନା ଅଧିକାରୀ, ସୁବଳୟା ଥାନା, ଜି.- ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ବୀରମହାରାଜପୁର ଅଞ୍ଚଳର ସମସ୍ତଙ୍କୁ ଶୁଭେଚ୍ଛା ଓ ନୂଆଁଖାଇ ଜୁହାର ।
ବିବୁଧ ଗଡ଼ନାୟକ
ତହସିଲଦାର, ବୀରମହାରାଜପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ବୀରମହାରାଜପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ନୂଆଁଖାଇ ଜୁହାର ।
ଅବିନାଶ ବରିହା
ବନାଞ୍ଚଳ ଅଧିକାରୀ, ବୀରମହାରାଜପୁର ରେଞ୍ଜ୍

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ନୂଆଁଖାଇ ଜୁହାର ।
ଇଂ. ରଘୁନାଥ ଜଗଦଲା
ବିଜେପି ରାଜ୍ୟ କାର୍ଯ୍ୟକାରିଣୀ, ଗତ ବିଧାନସଭା ନିର୍ବାଚନରେ ବିଜେପିର ବିଧାୟକ ପ୍ରାର୍ଥୀ, ବୀରମହାରାଜପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ବୀରମହାରାଜପୁର ଅଞ୍ଚଳର ସମସ୍ତ ଇଣ୍ଡେନ୍ ଗ୍ୟାସ୍ ହିତାଧିକାରୀ ଓ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଦିଲ୍ଲିପ କୁମାର ମେହେର
ସ୍ୱତ୍ୱାଧିକାରୀ, ଇଣ୍ଡେନ୍ ଗ୍ୟାସ୍, ବୀରମହାରାଜପୁର

ନୂଆଁଖାଇ ଜୁହାର
ପଶ୍ଚିମ୍ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳର ମାଁ ମାଉସୀ କକା ବବା ଦଦା ନାନୀ ମାନ୍‌କୁ ନୂଆଁଖାଇ ଜୁହାର୍ । ସାନ୍ ସାନ୍ ଭାଏ ବୁହେନ୍‌ମାନ୍‌କୁ ହାର୍ଦ୍ଦିକ ଅଭିନନ୍ଦନ ଆର୍ ଶୁଭେଚ୍ଛା ।
ରମେଶ ଚନ୍ଦ୍ର ପୂଜାରୀ
ଜିଲ୍ଲା ବିଜୁ ଜନତା ଦଳ ଉପ ସଭାପତି, ସୁବର୍ଣ୍ଣପୁର
ସଭାପତି ପରିଚାଳନା କମିଟି
ଶ୍ରୀରାମ ମହାବିଦ୍ୟାଳୟ, ଏସ-ରାମପୁର, ଡୁଙ୍ଗୁରିପାଲି ବ୍ଲକ,ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ତଥା କୃଷିଭିତ୍ତିକ ପର୍ବ ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳର ସମସ୍ତ ଚାଷୀ ଭାଇ ଜନସାଧାରଣ ସୁଖ, ସମୃଦ୍ଧି, ଶାନ୍ତି ଭାବ ହେଉ । ପ୍ରଭୁଙ୍କ ନିକଟରେ ଆପଣମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।
ଗିରିରାଜ ରାଠି
ଭୋଇପାଲି ରାଇସ ମିଲ,ସୁବର୍ଣ୍ଣପୁର, ଡୁଙ୍ଗୁରିପାଲି ବ୍ଲକ

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହାନ୍ ଗଣପର୍ବ "ନୂଆଁଖାଇ" ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ଅଞ୍ଚଳର ସମସ୍ତ ଗୁରୁଜନ, ଜନସାଧାରଣ ତଥା ଭାଇ-ଭଉଣୀମାନଙ୍କ ସୁଖ, ସମୃଦ୍ଧି, ବିକାଶ ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା’ ସମଲେଶ୍ୱରୀଙ୍କ ଠାରେ ମୋର ପ୍ରାର୍ଥନା ।
ଶ୍ରୀମତୀ ଜୟନ୍ତୀ ଗଡତିଆ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁବର୍ଣ୍ଣପୁର,ଡୁଙ୍ଗୁରିପାଲି ବ୍ଲକ

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ମା’ ସମଲେଶ୍ୱରୀଙ୍କ କରୁଣାରୁ ସମସ୍ତ ସୁବର୍ଣ୍ଣପୁର ଜିଲ୍ଲାବାସୀ ଓ ବିନିକା ବ୍ଲକ, ଡୁଙ୍ଗୁରିପାଲି ବ୍ଲକ, ଲଛିପୁର, କୁଲୁଣ୍ଡାବାସୀଙ୍କର ସୁଖ, ସମୃଦ୍ଧି, ବିକାଶ ଲାଭ ହେଉ, ଏହା ହିଁ ମା’ଙ୍କ ଠାରେ ନିବେଦନ ।
ମହାପାତ୍ର ମେଡ଼ିକାଲ୍ ଷ୍ଟୋର
ମହାପାତ୍ର ମେଡିକାଲ ଷ୍ଟୋର
କୁଲୁଣ୍ଡା ବଜାର, ଜିଲ୍ଲା-ସୁବର୍ଣ୍ଣପୁର

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୨୫ ସେପ୍ଟେମ୍ବର, ୨୦୨୩



"ଆଗରୁ ଯାହା ସବୁ ଦେଖାଯାଇଛି – ଆଗରୁ ଯେଉଁସବୁ ଉପାୟ ବାହାର କରାଯାଇଛି– ଆଗରୁ ଯାହାସବୁ ଗଠନ କରାଯାଇଛି ସେସବୁକୁ ପଛରେ ପକାଇ ଦିଅ। ... ତା'ପରେ ସେହି ଅଜଣା ରାଜ୍ୟକୁ ଯାତ୍ରା ଆରମ୍ଭ କରିଦିଅ ଏବଂ ତା'ପରେ ଯାହାକିଛି ଘଟିବାର ଘଟୁ। ବାସ– ଏତିକି। –ଶ୍ରୀମା

# ଇକୋ ଚାମ୍ବର

କିଛିବର୍ଷ ହେବ ଭାରତ ସରକାରଙ୍କ କୂଟନୈତିକ ବିଫଳତା ଦେଶବାସୀଙ୍କୁ ଅଡୁଆରେ ପକାଇଛି। ୨୦୨୦ରେ ମାଲେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦ ଭାରତର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ମତ ଦେଇଥିବାରୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ବୁଦ୍ଧିରେ କେନ୍ଦ୍ର ସରକାର ସେହି ଦେଶରୁ ପାମ୍ ତେଲ ଆମଦାନୀ ବନ୍ଦ କରିଦେଇଥିଲେ। ତା' ପୂର୍ବରୁ ନେପାଳର ଗଣତାନ୍ତ୍ରିକ ସରକାର ହିନ୍ଦୁ ରାଷ୍ଟ୍ରରୁ ଧର୍ମନିରପେକ୍ଷ ହେବା ପାଇଁ ସମ୍ବିଧାନ ସଂଶୋଧନ କରାଇବା ଫଳରେ ଭାରତ ସରକାରଙ୍କ ଦେହ ସହିଲା ନାହିଁ। ସେତେବେଳେ କୁହାଯାଇଥିଲା, ଜାତୀୟ ନିରାପତ୍ତା ଉପଦେଷ୍ଟା ଅଜିତ ଡୋଭାଲଙ୍କ ପ୍ରରୋଚନାରେ ନେପାଳରେ ପୁନର୍ବାର ରାଜାଙ୍କ ଶାସନ ଫେରାଇ ଆଣିବା ପାଇଁ ଭାରତ ତରଫରୁ ଉଦ୍ୟମ ହୋଇଥିଲା। ସେହି ପ୍ରଚେଷ୍ଟା ବିଫଳ ହେଲା ଓ ଆଜି ପର୍ଯ୍ୟନ୍ତ ଭାରତ ସହିତ ନେପାଳର ସମ୍ପର୍କ ତିକ୍ତ ରହିଛି। ଶ୍ରୀଲଙ୍କାର ଆଭ୍ୟନ୍ତରୀଣ ରାଜନୀତିରେ ହସ୍ତକ୍ଷେପ କରିଥିବାରୁ ସେହିଭଳି ତିକ୍ତତା ସେଠାକାର ସାଧାରଣ ନାଗରିକଙ୍କ ଭାରତ ପ୍ରତି ସୃଷ୍ଟି ହୋଇଥିଲା। ଆଜି ପର୍ଯ୍ୟନ୍ତ ଶ୍ରୀଲଙ୍କା–ଭାରତ ସମ୍ପର୍କରେ ଉନ୍ନତି ଆସିପାରି ନାହିଁ। ଏଭଳିକି ସେହି ଦେଶରେ ଚାଇନା ତା'ର ନୌସେନା ଘାଟି ଓ ବିମାନବନ୍ଦର ସ୍ଥାପନ କରିବାରେ ସଫଳ ହୋଇଛି। ଚାଇନା ଓ ପାକିସ୍ତାନ କଥା ନ କହିଲେ ଭଲ। ଗତ ସପ୍ତାହରେ ଭାରତର କ୍ରୀଡ଼ାମନ୍ତ୍ରୀ ଅନୁରାଗ ସିଂ ଠାକୁର ତାଙ୍କ ଚାଇନା ଗସ୍ତ ବାତିଲ କରିଦେଲେ। କାରଣ ଚାଇନାରେ ଅନୁଷ୍ଠିତ ଏସିଆନ୍ ଗେମ୍ସରେ ଅରୁଣାଚଳ ପ୍ରଦେଶର ଖେଳାଳିଙ୍କୁ ଚାଇନା ଭିଜା ଦେବାକୁ ମନା କରିଦେଲା। ଚାଇନାର କହିବା ଅନୁଯାୟୀ, ଅରୁଣାଚଳ ପ୍ରଦେଶ ଚାଇନାର ଏକ ଅଙ୍ଗ ହୋଇଥିବାରୁ ସେଠାକାର ବାସିନ୍ଦାଙ୍କୁ ଭିଜାର ପ୍ରୟୋଜନ ନାହିଁ। ଏହା ପୂର୍ବରୁ, ଜି୨୦ ବୈଠକ ଅନୁଷ୍ଠିତ ହେବା ଆଗରୁ ଚାଇନା ସରକାର ଦେଶର ମାନଚିତ୍ର ପ୍ରକାଶ କରିଥିଲା ; ଯେଉଁଥିରେ ଅରୁଣାଚଳଠାରୁ ଆରମ୍ଭ କରି ଲଦାଖକୁ ତା' ଦେଶର ଅନ୍ତର୍ଭୁକ୍ତ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଥିଲା। ଏହା ହେଲା ପ୍ରାୟ ସବୁ ପଡ଼ୋଶୀଙ୍କ ସହିତ ଅପଡ଼ ହୋଇଯାଇଥିବା ଭାରତୀୟଙ୍କ ଚିତ୍ର।

ଏବେ ଚାଇନା ପରେ ଭାରତର ନୂଆ ଶତ୍ରୁ ଭାବେ କାନାଡା ଉଭା ହୋଇଛି। ତଥାକଥିତ ଖଲିସ୍ତାନ ସପକ୍ଷବାଦୀ ନେତା ହରଦୀପ ସିଂ ନିଜ୍ଜରଙ୍କ ହତ୍ୟା ପଛରେ ଭାରତୀୟ ଏଜେଣ୍ଟଙ୍କ ସମ୍ପୃକ୍ତି ନେଇ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କହିବା ପରଠାରୁ ଉଭୟ ଦେଶ ମଧ୍ୟରେ କୂଟନୈତିକ ସମ୍ବନ୍ଧ ବାଧାପ୍ରାପ୍ତ ହୋଇଛି। ଇତିମଧ୍ୟରେ ଦୁଇ ରାଷ୍ଟ୍ର ପରସ୍ପରର କୂଟନୀତିଜ୍ଞଙ୍କୁ ବହିଷ୍କୃତ କରିବା ସହ ଭିଜା କଟକଣା ସର୍ବୋଚ୍ଚରେ ପହଞ୍ଚିଛି। ତତ୍କ୍ଷଣାତ୍ ଏଭଳି ନିଷ୍ପତ୍ତି ଓ ପଦକ୍ଷେପ ନେବା ଲାଗି ସୋସିଆଲ ମିଡିଆ ମାଧ୍ୟମରେ ଭାରତରେ ଦେଶପ୍ରେମୀଙ୍କ ଆକ୍ରମଣ ଅଧିକ ଦାୟୀ ବୋଲି କୁହାଯାଇପାରେ। ବିଶେଷକରି ଭାରତରେ ଯେଉଁମାନେ ଅତ୍ୟଧିକ ଦେଶଭକ୍ତି ଦେଖାଇ କାନାଡାକୁ ଗାଳି ଦେବାରେ ଲାଗିଛନ୍ତି, ସେମାନେ କୂଟନୈତିକ ସ୍ଥିତି ସମ୍ପର୍କରେ କିଛି ଜାଣିନାହାନ୍ତି। କାନାଡା ଜନସଂଖ୍ୟାର ୨.୧ ପ୍ରତିଶତ ହେଉଛନ୍ତି ଭାରତୀୟ ଶିଖ୍। ସେଠାକୁ ପାଠପଢ଼ିବାକୁ ହେଉ ବା ଚାକିରି ଅନ୍ୱେଷଣରେ ପ୍ରତିବର୍ଷ ଅନେକ ସଂଖ୍ୟକ ଭାରତୀୟ ମଧ୍ୟ ଯାଇଥାଆନ୍ତି। ଏବେ ଭିଜା କଟକଣା ଓ ଦୁଇ ଦେଶ ମଧ୍ୟରେ ଅପ୍ରୀତିକର ସ୍ଥିତି ଦେଖାଦେଇଥିବାରୁ ତାହା କେବଳ ଭାରତୀୟଙ୍କୁ କ୍ଷତି ପହଞ୍ଚାଇବ ବୋଲି ଦେଶଭକ୍ତି ଦେଖାଉଥିବା ବ୍ୟକ୍ତିମାନେ ବୁଝିବା ଦରକାର। କାରଣ କାନାଡାରୁ ସାଧାରଣ ନାଗରିକ ଆସି ଭାରତରେ ବ୍ୟବସାୟ ବା କାର୍ଯ୍ୟ କରିବା ପାଇଁ ଆଶାୟୀ ନାହାନ୍ତି। କାନାଡା ରାଜଧାନୀ ଓଟାୱାରେ ଥିବା ଭାରତୀୟ ଦୂତାବାସରେ ଧାଡ଼ି ଲାଗି ନ ଥାଏ। ଅପରପକ୍ଷରେ ଦିଲ୍ଲୀରେ ଥିବା କାନାଡା ଦୂତାବାସରେ ପ୍ରତ୍ୟେକ ଦିନ ଲମ୍ବା ଧାଡ଼ି ଯେକୌଣସି ବ୍ୟକ୍ତି ଦେଖିପାରିବେ।

ଆଜିର ସ୍ଥିତି ଦେଖିଲେ ଭାରତୀୟ କୂଟନୀତି 'ଇକୋ ଚାମ୍ବର' ବା ବାରମ୍ବାର ପ୍ରତିଧ୍ୱନିତ ହେଉଥିବା ଶବ୍ଦ ବଳୟରେ ପଡ଼ିଯାଇଛି। ସୋସିଆଲ ମିଡିଆରେ ସରକାରଙ୍କ ସମର୍ଥକମାନେ ବାରମ୍ବାର କାନାଡା ବିରୋଧରେ କହିବା ଫଳରେ ମନେହେଉଛି ଯେପରି ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟର ନୀତି ସେହି ପ୍ରତିଧ୍ୱନିକୁ ସନ୍ତୁଷ୍ଟ କରିବାକୁ ଯାଇ ନିମନ୍ତ୍ରଣ ଦେଉଛି।

କାନାଡା ଅନ୍ୟାନ୍ୟ ପାଶ୍ଚାତ୍ୟ ରାଷ୍ଟ୍ର ଅପେକ୍ଷା ଅଧିକ ଉଦାରତା ପ୍ରଦର୍ଶନ କରି ଅନେକ ଭାରତୀୟଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଦେଇଛି। ସେଠାକାର ପାର୍ଲାମେଣ୍ଟରେ ଶିଖ୍‌ମାନେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ସହ ଆର୍ଥିକ ବ୍ୟାପାର କ୍ଷେତ୍ରରେ ଥିବା ଉଚ୍ଚ ପଦବୀରେ ମଧ୍ୟ ଅବସ୍ଥାପିତ ହୋଇପାରିଛନ୍ତି। ନିକଟରେ ନୂଆଦିଲ୍ଲୀଠାରେ ସୁରୁଖୁରୁରେ ଶେଷ ହୋଇଥିବା ଜି୨୦ ସମ୍ମିଳନୀ ଓ ଚନ୍ଦ୍ରୟାନ–୩ର ସଫଳତାରେ ଗଦଗଦ ହେଉଥିବା ଅନେକ ଭାରତୀୟ ଭାବି ନେଲେଣି ଯେ, ଭାରତ ବିଶ୍ୱ ସ୍ତରରେ ତା'ର ପତିଆରା ବୋଧେ ଜାହିର କରିସାରିଲାଣି। ଉପରଲିଖିତ ଦୁଇଟି ବିଷୟରେ ଭାରତର ସଫଳତା ଲାଗି ପ୍ରତ୍ୟେକ ଭାରତୀୟ ଖୁସି ହେବା ସ୍ୱାଭାବିକ। କିନ୍ତୁ ଆଜିର ଭୂ–ରାଜନୈତିକ ସ୍ଥିତିକୁ ଦେଖିଲେ ଏଭଳି ସଫଳତାକୁ ସବୁ କ୍ଷେତ୍ରରେ ବ୍ୟବହାର କରାଯାଇ ନ ପାରେ। ନିଜ୍ଜରଙ୍କୁ ଭାରତୀୟ ଗୋଇନ୍ଦା ଏଜେଣ୍ଟ ହତ୍ୟା କରିଛନ୍ତି ବୋଲି ଟ୍ରୁଡୋ ମନ୍ତବ୍ୟ ଦେବା ପରେ ଭାରତ ଅଚାନକ ପ୍ରତିକ୍ରିୟାଶୀଳ ହୋଇପଡ଼ିବା ଉଚିତ ନ ଥିଲା। ସବୁବେଳେ ନିଜର କ୍ରୋଧ ପ୍ରକଟ କଲେ କୂଟନୈତିକ ବିଶ୍ୱରେ ଗୁରୁତ୍ୱ ହାସଲ କରିବା କଷ୍ଟକର। ଯେହେତୁ କାନାଡା ମାଟିରେ ନିଜ୍ଜରଙ୍କୁ ହତ୍ୟା କରାଗଲା, ସମ୍ଭବତଃ ପ୍ରତିକ୍ରିୟାଶୀଳ ହୋଇ ଟ୍ରୁଡୋ ଭାରତ ଉପରେ ଦୋଷ ଲଦିଥିଲେ ବୋଲି ଆଲୋଚନା ହୋଇଥିଲା। ସେହି ମନ୍ତବ୍ୟକୁ ନେଇ ଭାରତ ପ୍ରତିକ୍ରିୟାଶୀଳ ହେବା ଫଳରେ ଏବେ ଆମେରିକାର ମତ ପ୍ରକାଶ ପାଇଲାଣି ଯେ, ସେହି ହତ୍ୟା ସମ୍ପର୍କିତ ଗୋଇନ୍ଦା ତଥ୍ୟକୁ ଆମେରିକା ସମେତ 'ଫାଇଭ୍ ଆଇଜ୍' (ପାଞ୍ଚ ଆଖି)ର ଅନ୍ୟ ସଦସ୍ୟ ଦେଶଗୁଡ଼ିକ ଯୋଗାଇଥିଲେ। ଉଲ୍ଲେଖଯୋଗ୍ୟ, ଅଷ୍ଟ୍ରେଲିଆ, କାନାଡା, ନ୍ୟୁଜଲାଣ୍ଡ, ବ୍ରିଟେନ୍ ଓ ଆମେରିକାକୁ ନେଇ ଗଠିତ ଗୋଇନ୍ଦା ସାମୁଖ୍ୟ 'ଫାଇଭ୍ ଆଇଜ୍' ଅତ୍ୟନ୍ତ ଶକ୍ତିଶାଳୀ ବୋଲି ବିବେଚିତ ହୋଇଥାଏ।

ଉପରଲିଖିତ ଘଟଣାକ୍ରମକୁ ଦେଖିଲେ ଭାରତ ଅତି ସତର୍କତାର ସହିତ ଏଭଳି ସ୍ଥିତିକୁ ପରିଚାଳନା କରିବା ଦରକାର। ନିଜ୍ଜର ହତ୍ୟା ପଛରେ ଭାରତର ହାତ ରହିଛି କି ନାହିଁ, ତାହା ନିରପେକ୍ଷ ତଦନ୍ତରୁ ଜଣାପଡ଼ିପାରେ। କିନ୍ତୁ ତାହା ଆଜିର ପରିସ୍ଥିତିରେ ସମ୍ଭବପର ନୁହେଁ। ଯେହେତୁ 'ଫାଇଭ୍ ଆଇଜ୍' ଭଳି ଗୋଇନ୍ଦା ସଂସ୍ଥା ଭାରତ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି, ସେଭଳି ସ୍ଥଳରେ ନୂଆଦିଲ୍ଲୀ ସଂଯମ ଆଚରଣ ପ୍ରଦର୍ଶନ କରିବା ବୁଦ୍ଧିମାନର କାର୍ଯ୍ୟ ହୁଅନ୍ତା। କାନାଡା ରାଜନୈତିକ ପରିମଣ୍ଡଳକୁ ଦେଖିଲେ ସେଠାରେ ଭାରତୀୟ ଶିଖ୍‌ମାନଙ୍କ ପ୍ରଭାବ ରହିଥିବାରୁ ଟ୍ରୁଡୋ ସେମାନଙ୍କ ସମର୍ଥନ ହାସଲ ନିମନ୍ତେ ଭାରତ ବିରୋଧୀ ମନ୍ତବ୍ୟକୁ ଅସ୍ତ୍ର କରିଥାଇପାରନ୍ତି। ଫାଇଭ୍ ଆଇଜ୍‌ର ରିପୋର୍ଟ ତାଙ୍କ ଆଶଙ୍କାକୁ ଖୋରାକ ଯୋଗାଇଥିବାରୁ ଆଗକୁ ଥିବା ନିର୍ବାଚନରେ ଏହା କାମ ଦେବ ଭାବି ଟ୍ରୁଡୋ ଏଭଳି ଗୁଗୁଲି ଫିଙ୍ଗିଥାଇପାରନ୍ତି। ସବୁ ଗଣତନ୍ତ୍ରରେ ନେତାମାନେ ଭୋଟ ପାଇଁ ନିଜ ଦେଶବାସୀଙ୍କୁ ମରେଇ ଦେଉଥିବାର ନିକଟ ଅତୀତରେ ଅନେକ ଦୃଷ୍ଟାନ୍ତ ରହିଛି। ଟ୍ରୁଡୋ ମଧ୍ୟ ସେହିଭଳି କିଛି କରିଥାଇପାରନ୍ତି। ତାଙ୍କର ଭୋଟ ପାଇଁ ସେ ଯାହା କରୁଛନ୍ତି, ସେଥିରେ ଭାରତ ତା'ର ସନ୍ତାନମାନଙ୍କୁ ନିଜ ପ୍ରତିକ୍ରିୟା ଦ୍ୱାରା ଦୂରେଇ ଦେଉଛି। ଏହା ବୁଦ୍ଧିମାନର କୂଟନୀତି ନୁହେଁ ବୋଲି ସ୍ପଷ୍ଟ ବୁଝାପଡୁଛି।

# ନବ୍ୟ ଜମାନାର ଭବ୍ୟ ପୂଜାର୍ଚ୍ଚନା



ଚିତ୍ରଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଏବେ ଏବେ ବିଘ୍ନନାଶନ ଗଣପତିଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କେବଳ ବିଦ୍ୟାନୁଷ୍ଠାନର ବିଦ୍ୟାର୍ଥୀଙ୍କ ଦ୍ୱାରା ନୁହେଁ, ଗାଁଠୁ ସହର ପର୍ଯ୍ୟନ୍ତ କ୍ଲବ, ଯୁବକ ସଂଘ ବା ଆଖଡ଼ାଶାଳର ତରୁଣମାନଙ୍କ ଭକ୍ତିଭାବର ଯେଉଁ କୋଳାହଳମୟ ପରିବେଶଟି ପୂଜା ପୂର୍ବ ଦିନଠୁ ଆରମ୍ଭ ହୋଇଥାଏ, ତାହା ଶେଷ ହୋଇଥାଏ ବିସର୍ଜନର ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଯାଇ ବିଶାଳ ବପୁବନ୍ତ ମାଟି ଗଣେଶଙ୍କୁ ନେଇ ଜଳସମାଧି ଦେବାରେ। ଏ ଲେଖକ ଭଳି ଯେଉଁମାନେ ଉତ୍ତୀର୍ଣ୍ଣ ବୟସରେ ଉପନୀତ ସେମାନେ ନିଜ ବାଲ୍ୟକାଳ ବା କୈଶୋର ଓ ତାରୁଣ୍ୟକୁ ଫେରି ଚାହିଁଲେ, ଏବେକାର ଗଣେଶ ପୂଜା ସେମାନଙ୍କୁ ପରୀ ରାଇଜର ଉପକଥା ଭଳି ମନେହେବ। ବିପୁଳ ଅର୍ଥବ୍ୟୟରେ ଆୟୋଜିତ ବିଶାଳ ସମାରୋହକୁ ପ୍ରତ୍ୟକ୍ଷ କଲା ପରେ ଲାଗିବ ମାଆବାପାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ହେଉଥିବା ସେଇସବୁ ପୂଜାଗୁଡ଼ିକ ଥିଲା କେତେ ଶୁଷ୍କ, କେତେ ରଙ୍ଗହୀନ! ସେକାଳର ଗଣେଶମାନେ ଥିଲେ କେତେ ମ୍ଳାନ, ଦରିଦ୍ର!

ପ୍ରକୃତରେ ସମୟ ବଦଳି ଯାଇଛି। ବଦଳି ଯାଇଛି ଈଶ୍ୱରଙ୍କୁ ଆବାହନ କରିବାର ବା ନିଜ ଆଧ୍ୟାତ୍ମିକ ଚେତନାର ପାର୍ଥିବ ପ୍ରଦର୍ଶନର ପ୍ରଣାଳୀ ଓ ପଦ୍ଧତି। ସଦାସର୍ବଦା ସ୍ମାର୍ଟ ଫୋନ୍‌ର ଇନ୍ଦ୍ରଜାଲ ନିକଟରେ ନିଜ ତାରୁଣ୍ୟ ବା ଯୌବନକୁ ବନ୍ଧା ପକାଇଥିବା ନିଜ ନିଜର ସନ୍ତାନମାନଙ୍କ ମନରେ ଆଧ୍ୟାତ୍ମିକ ଚେତନାର ଜାଗରଣ ଦେଖି ମାତାପିତାଙ୍କ ମନରେ ଏକ ଅବ୍ୟକ୍ତ ଉଲ୍ଲାସଭାବ। ଯାହାହେଉ, ଏଇ କମ୍ପ୍ୟୁଟର ଯୁଗରେ ଯୁବମାନସରେ ଈଶ୍ୱର ଭକ୍ତିର ଧର୍ମଭାବ ଯେପରି ଲୋପପାଇ ଆସୁଛି, ସେଠି ତାଙ୍କ ସନ୍ତାନ ପ୍ରାଣରେ ଈଶ୍ୱର ଆରାଧନା ପାଇଁ କି ଐକାନ୍ତିକ ନିଷ୍ଠା! ନିଜ ନିଜର ସଂସ୍କାରକୁ ନେଇ ଗର୍ବ କରନ୍ତି ମାଆବାପା।

ସନ୍ତାନର ଭକ୍ତି ପରୀକ୍ଷା କରି ମାତାପିତା ଦୁହେଁ ଏଣେ ଉଲ୍ଲସିତ ହେଉଥିଲାବେଳେ ତେଣେ ପୁଅ ପୂଜାର୍ଚ୍ଚନାର ନାମ ନେଇ ତା'ର ଶକ୍ତି ପରୀକ୍ଷା କରୁଥାଏ। ବିଭିନ୍ନ ସାହିବସ୍ତି ବୁଲି ରଙ୍ଗ ବେରଙ୍ଗର ରସିଦ ମୂଳେ ଚାନ୍ଦା ଆଦାୟ କରିବା, ରାସ୍ତାରେ ଯାଉଥିବା ଗାଡି ଅଟକାଇ ପୂଜାଚାନ୍ଦା ମାଗିବା ଓ ଅନାଦାୟେ ଉଦ୍ଦାମ ଯୌବନରେ ଭରପୂର ଶରୀରର ଶକ୍ତି ପ୍ରଦର୍ଶନ କରି ଚାନ୍ଦାଦାତାଙ୍କୁ ଭୟଭୀତ କରିବା ଭଳି ପୂଜାର ପ୍ରସ୍ତୁତି ପର୍ବକୁ ନେଇ ସେ ସଦାସର୍ବଦା ବ୍ୟସ୍ତ ରହୁଥାଏ। ଏହିଭଳି କେଇଜଣ ଧାର୍ମିକ ତରୁଣଙ୍କ ଭୟାନକ ପରିଣତିର ଧମକକୁ ଡରି ବାଧ୍ୟ ବଦାନ୍ୟମାନେ ଯେଉଁ ଚାନ୍ଦା ଦିଅନ୍ତି, ସେଇ ଚାନ୍ଦାରେ ସମୃଦ୍ଧ ହୋଇ ବିଶାଳ ବପୁବନ୍ତ ଗଣେଶମାନେ ଅଧିଷ୍ଠିତ ହୁଅନ୍ତି ସୁସଜ୍ଜିତ ପୂଜା ମଣ୍ଡପରେ।

ପୂଜାପର୍ବରେ ବ୍ରାହ୍ମଣଙ୍କ ମନ୍ତ୍ରପାଠ, ପୁଷ୍ପାଞ୍ଜଳି



ଇତ୍ୟାଦି ଭକ୍ତିଭାବର ଯେତିକି ଉଚ୍ଛ୍ୱାସ ବହନ ନ କରେ ତାହାଠୁ ଢେର ଅଧିକ ଗୁଣର ପୂଜା ପ୍ରତିବେଦନ ଅନୁଭୂତ ହୁଏ ପରବର୍ତ୍ତୀ ଦୁଇ ସନ୍ଧ୍ୟାରେ, ଯେତେବେଳେ ଗଣେଶଙ୍କ ଆସ୍ଥାନଠାରୁ ଅଧିକ ଉଚ୍ଚତାର ପାଖ ପେଣ୍ଡାଲରୁ ଭାସିଆସେ ମେଲୋଡି କଳାକାରଙ୍କ କଣ୍ଠ ସଙ୍ଗୀତ ଓ ଉଦ୍ଦଣ୍ଡ ନୃତ୍ୟ। ଅଗ୍ରପୂଜ୍ୟ ଗଣେଶଙ୍କୁ ଆଗରେ ରଖି ସ୍ୱଳ୍ପ ବସ୍ତ୍ରାବୃତା ଆଧୁନିକ ତରୁଣୀଙ୍କ ଅଶ୍ଳୀଳ ନୃତ୍ୟ ଓ ଏହାକୁ ଉପଭୋଗ କରୁଥିବା ଦର୍ଶକଙ୍କୁ ଦେଖି ପୂଜାର ଆୟୋଜକ ତରୁଣ ଗଣେଶ ଭକ୍ତମାନଙ୍କ ଛାତି କୁଣ୍ଢେମୋଟ ହୋଇଯାଏ। ସେମାନେ ବି ନର୍ତ୍ତକୀଙ୍କ ପାଦ ସହିତ ପାଦ ମିଳାଇ ନାଚନ୍ତି। ନିଜ ଛୋଟ ଛୋଟ ଆଖି ଦୁଇଟି ମେଲାଇ ପୂଜାକର୍ତ୍ତା, ଭକ୍ତମାନଙ୍କୁ ଚାହିଁ ରହିଥାନ୍ତି ଅସହାୟ ଗଣେଶ। ଆତୁରରେ ଅପେକ୍ଷା କରିଥାନ୍ତି ପୂଜାର ଅନ୍ତିମ ପର୍ବ ବିସର୍ଜନକୁ। ଶେଷରେ ଉପନୀତ ହୁଏ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତିଟିକୁ ବିସର୍ଜନ ଦେବାର ବିଦାୟ ବେଳା। ବିରାଟ ଶୋଭାଯାତ୍ରାର ପଟୁଆରରେ ଗଣପତି ଟ୍ରକ୍‌ରେ ବସି ଯାତ୍ରା କରନ୍ତି ଜଳସମାଧି ନେବା ପାଇଁ। ଆଗରେ ବୁକୁଫଟା ଶବ୍ଦ ସୃଷ୍ଟିକାରୀ ଡିଜେରୁ ନିର୍ଗତ ହେଉଥାଏ ଆଧୁନିକ ରାଗ ସଙ୍ଗୀତର ବହୁବିଧ ମୂର୍ଚ୍ଛନା ଓ ତା'ସହ ସମତାଳରେ ବାଣ ରୋଶଣିର ବର୍ଣ୍ଣାଢ଼୍ୟ ଯାତ୍ରାରେ ନାଚି ନାଚି ଚାଲୁଥାନ୍ତି ତରୁଣ ଭକ୍ତବୃନ୍ଦ। ଭକ୍ତଗଣଙ୍କ ମଧ୍ୟରୁ କେଇଜଣ ନିଶା ସେବନ କରି ଏମିତି ଆଚରଣ କରୁଥାନ୍ତି ଲାଗୁଥାଏ ଗଣେଶଙ୍କଠୁ ଦୂରେଇ ଯିବାର ଦୁଃଖରେ ସେମାନେ ଏତେ ମ୍ରିୟମାଣ ଯେ ସେଇ ଦୁଃଖକୁ ଭୁଲିବା ପାଇଁ ବୋତଲର ସାହାଯ୍ୟ ନେବା ବ୍ୟତୀତ ତାଙ୍କର ଗତ୍ୟନ୍ତର ନ ଥିଲା!

ଏଥର ରାଜଧାନୀର ଏକ ବିସର୍ଜନ ଶୋଭାଯାତ୍ରାରେ ଯାଉଥିବା ତରୁଣମାନଙ୍କ ଉଦ୍ଦଣ୍ଡ ନୃତ୍ୟ ପ୍ରତ୍ୟକ୍ଷ କଲାବେଳେ ମନରେ ପ୍ରଶ୍ନଟିଏ ଉଙ୍କିମାରୁଥିଲା–'ସେ ମଣିଷ ହୁଅନ୍ତୁ କି ଦେବତା, ବିଚ୍ଛେଦରେ ପୁଣି ଏତେ ଉଲ୍ଲାସ'! ନବ୍ୟ ଜମାନାର ଏହି ଭବ୍ୟ ଦେବ ଆରାଧନା ଭିତରେ ବେଳେବେଳେ ଆଉ କିଛି ଖବର ଆମ ତରୁଣମାନଙ୍କ ଭକ୍ତିଭାବନାର ଭିନ୍ନ ଏକ ପରିଭାଷା ସାମ୍ନାକୁ ଆଣିଥାଏ। ଖବର ମିଳିଛି, କେବଳ ସହର ନୁହେଁ, ଗାଁର ଯୁବକମାନେ ମଧ୍ୟ ଭବ୍ୟ ପୂଜାର୍ଚ୍ଚନା ମଧ୍ୟରେ ନିଜର ଭକ୍ତି ପରୀକ୍ଷା କରିବା ସହ ଏମିତି ଶକ୍ତି ପରୀକ୍ଷାରେ ନିମଜ୍ଜିତ ହେଲେ ଯେ ଗୋଟିଏ ନଦୀଘାଟରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ପୂଜାମଣ୍ଡପର ମୂର୍ତ୍ତି ବିସର୍ଜନକୁ ନେଇ ଖଣ୍ଡଯୁଦ୍ଧ ସଂଘଟିତ ହେଲା ଓ ଲହୁଲୁହାଣ ହୋଇ ଗଣପତିଙ୍କ ଯୁବ ଭକ୍ତମାନଙ୍କୁ ହସ୍ପିଟାଲ ଯିବାକୁ ପଡିଲା।

ଏ ପ୍ରସଙ୍ଗରେ ଏକ ହାଲୁକା ହସକଥାଟିଏ ଶୁଣିବାକୁ ମିଳେ। ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଜଣେ ଯୁବକଙ୍କ ଗୋଡ଼ ଖସି ସେ ଗଭୀର ନଦୀଗର୍ଭକୁ ଟାଣିହୋଇ ଯାଉଥିଲାବେଳେ ଏଇ ସଙ୍କଟରୁ ଉଦ୍ଧାର କରିବାକୁ ଅତି ବିକଳ ଭାବେ ଗଣପତିଙ୍କୁ ଡାକିଲା– "ହେ ବିଘ୍ନନାଶନ! ମୁଁ ପହଁରା ଜାଣେ ନାହିଁ। ମୋତେ ଦୟାକର ପ୍ରଭୁ !" ଗଣେଶଙ୍କ ବିଖଣ୍ଡିତ ମୃଣ୍ମୟ ହସ୍ତିମୁଣ୍ଡରୁ ଅଚାନକ ଆୱାଜ ଆସିଲା, "ଗତ ତିନିଦିନ ହେଲା ତୁମର ପୂଜା ମଣ୍ଡପରେ ମୁଁ ଯେଉଁ କଲବଲ ହୋଇଛି, ସେତେବେଳେ ତୁମେ କେହି ମୋତେ ଦୟା କରିଥିଲ କି, ଏବେ ମୋ ପାଖରୁ ଦୟା ଆଶା କରୁଛ !!" ତା' ପରର ପରିଣାମ କ'ଣ ହୋଇଥିବ, ଏହା ଅବଶ୍ୟ ସହଜରେ ଅନୁମେୟ। ତେବେ ବିସର୍ଜନ ପରେ ଗଣେଶ ପୂଜାର ସମାପ୍ତି ଘଟେ ନାହିଁ। ସବୁ ଖର୍ଚ୍ଚ ସରିବା ପରେ ବଳକା ଅର୍ଥରେ ଭୋଜିଟିଏ ହୁଏ ଓ ଉତ୍ସବର ଉଦ୍‌ଯାପନ ଘୋଷଣା କରି ମାଂସ ଭାତ ସହ ମଦ୍ୟ ସେବନ ପୂର୍ବକ ଆରବର୍ଷକୁ ଅପେକ୍ଷା କରାଯାଏ।

ନୂଆ ଜମାନାର ଏପରି ଅପୂର୍ବ ଦେବାର୍ଚ୍ଚନା କେବଳ ଗଣେଶ ବା ସରସ୍ୱତୀ ପୂଜାରେ ଯେ ତରୁଣ ବା ଯୁବକମାନଙ୍କ ଦ୍ୱାରା ସମ୍ପାଦିତ ହେଉଛି, ଏହା କହିଲେ ଭୁଲ୍ ହେବ। ସେମାନଙ୍କଠୁ ବରିଷ୍ଠ, ଏପରି କି କେତେକ କ୍ଷେତ୍ରରେ ସେମାନଙ୍କ ମାତାପିତାମାନେ ମଧ୍ୟ ଏ ପ୍ରକାର ନବ୍ୟ ଚେତନାରୁ ମୁକ୍ତ ନୁହନ୍ତି। କେଇଦିନ ତଳେ ହିନ୍ଦୁ ସମାଜର ଅନ୍ୟ ଏକ ପ୍ରମୁଖ ପର୍ବ ଜନ୍ମାଷ୍ଟମୀ ପରିପ୍ରେକ୍ଷୀରେ ଭୁବନେଶ୍ୱର ଉପକଣ୍ଠରେ ରହୁଥିବା ଜଣେ ବୃତ୍ତିନିବୃତ୍ତ ଅଧକ୍ଷ ତାଙ୍କ କଲୋନୀରେ ଏହି ପର୍ବ ପାଳନର ଏକ ଭିଡିଓ ଚିତ୍ର ଏହି ଲେଖକଙ୍କ ନିକଟକୁ ପଠାଇ ଆମ ସଂସ୍କାର ଓ ସଂସ୍କୃତିର ଏକ ଭିନ୍ନ ପ୍ରତିବେଦନ ପ୍ରତ୍ୟକ୍ଷ କରିବାର ଅବସର ଦେଇଥିଲେ। ବାଳକୃଷ୍ଣଙ୍କ ଏକ ଧାତୁମୂର୍ତ୍ତିକୁ ଖଟୁଲିରେ ସ୍ଥାପନ କରି କିଛି ମହିଳା ଓ ପୁରୁଷ କେକ୍ କାଟି "ହାପି ବାର୍ଥଡେ ଟୁ ୟୁ ଲର୍ଡ କ୍ରିଷ୍ଣ" କହି ଜନ୍ମାଷ୍ଟମୀ ପାଳନ କରୁଥିବା ଦୃଶ୍ୟ ଅବଲୋକନ କରି ଏ ଲେଖକ ହତବମ୍ବ ହୋଇଯାଇଥିଲା କିଛି ସମୟ ପାଇଁ। ଉଗ୍ର ଆଧୁନିକତାର ଏମନ୍ତ ଆବେଦନ ଯଦି ଅଳ୍ପ ବୟସ୍କ ମା'ବାପାମାନେ ସେମାନଙ୍କ ସନ୍ତାନମାନଙ୍କ ଆଗରେ ରୋପିତ କରିଚାଲନ୍ତି, ତେବେ ଆସନ୍ତାକାଲିର ତତ୍ତ୍ୱାବଧାରକ ଭୂମିକା ନିର୍ବାହ କରିବାକୁ ଯାଉଥିବା ତାଙ୍କ ଉତ୍ତରଦାୟାଦମାନଙ୍କୁ ଆମ ଧର୍ମ ସଂସ୍କାରରେ କାଳ କାଳ ଧରି ପୂଜା ପାଇ ଆସୁଥିବା ଦେବଦେବୀଙ୍କ ଧଜିଆ ଉଡ଼ାଇବାକୁ ସାମାନ୍ୟ କଷ୍ଟ ଲାଗିବ ନାହିଁ।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର–୧୦
ମୋ:୮୮୯୫୬୨୪୧୦୫

# ଭାଷା–ସାହିତ୍ୟ ଓ ଜାତିର ଭବିଷ୍ୟତ



ଉପେନ୍ଦ୍ର ବିଶ୍ୱାଳ

'ଧିକ ତା' ଜୀବନ ଯିଏ ଓଡ଼ିଆ ହୋଇ, କିଣେ ନାହିଁ ଖଣ୍ଡେ ଓଡ଼ିଆ ବହି।' ଏ କଥା କିଏ କହିଥିଲେ ଜଣାନାହିଁ କିନ୍ତୁ ଜାତିପ୍ରାଣ ଏହି ବିଭୂତି ଜଣଙ୍କ ଓଡ଼ିଆ ଜାତିର ଚିର ନମସ୍ୟ ନିଶ୍ଚିତ। ସଭିଙ୍କୁ ଜଣା, "ଭାଷା ହିଁ ମାଆର ମାନ, ଭାଷା ହିଁ ଜାତିର ପ୍ରାଣ। ଜାତିର ଟେକ ଓ ଭେକ ହେଉଛି ମାତୃଭାଷା।" ଏହି କଥାକୁ ଜାଣି ମଧ୍ୟ ଓଡ଼ିଶା ଭୂଇଁରେ ଜନ୍ମନେଇ ମାତୃଭାଷାକୁ ଭଲ ନ ପାଇବା, ଓଡ଼ିଆ ବହି ଖଣ୍ଡେ କିଣି ନ ପଢ଼ିବା, ଏପରି କି ଓଡ଼ିଆ ଖବରକାଗଜ ଖଣ୍ଡେ ନ କିଣିବା, ଆମ ଜାତିପ୍ରେମର ପରିଚାୟକ କି? ମାତ୍ର ଅଭାବୀ ଦୁନିଆର ଏଭଳି କିଛି ଲୋକ ଅଛନ୍ତି, ଯେଉଁମାନଙ୍କ ଚିନ୍ତା–ଚେତନା, ବିଚାର–ଭାବନା ଆମଠାରୁ ବହୁ ଊର୍ଦ୍ଧ୍ୱରେ ; ଯାହା କି ଏ ଜାତି ପାଇଁ ଅନେକ ଆଶ୍ୱାସନାର ବିଷୟ। ଯେଉଁଠି ଓଡ଼ିଆ ଆଇଏଏସ୍, ଆଇପିଏସ୍, ଓଏଏସ୍, ଅଧ୍ୟାପକମାନଙ୍କ ପରି ଲକ୍ଷାଧିକ ଟଙ୍କାର ବେତନଭୋଗୀମାନେ ଖଣ୍ଡେ ଓଡ଼ିଆ ଖବରକାଗଜ ବି କିଣି ପଢିବାକୁ ନାରାଜ, ସେଇଠି ଆଜି ଦାରିଦ୍ର୍ୟ ପ୍ରପୀଡ଼ିତ ଓ ନାମମାତ୍ର ଶିକ୍ଷା ଗ୍ରହଣ କରିଥିବା ପଠନପ୍ରିୟ,ମାତୃଭାଷାପ୍ରେମୀ ମଣିଷଙ୍କ କଥା ଶୁଣିଲେ ସ୍ୱତଃ ନଇଁଯାଏ ମଥା।

କନ୍ଧମାଳ ଜିଲା ଜି. ଉଦୟଗିରି ବ୍ଲକସ୍ଥ କଳିଙ୍ଗିଆ ଗ୍ରାମର ବିକ୍ରମ ନାୟକ ହେଉଛନ୍ତି ବୃତ୍ତିରେ ଜଣେ ଦରଜୀ। ମାତ୍ର ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ା। ବହୁକୁଟୁମ୍ବୀ ଅଭାବୀ ପରିବାରରେ ବଡ଼ ପୁଅଟି ମୂଳ ଲାଗେ। ତଥାପି ଖବରକାଗଜ ଖଣ୍ଡେ ମଗାନ୍ତି ଓ ସମ୍ପାଦକୀୟ ପୃଷ୍ଠାରେ ପ୍ରକାଶିତ ଲେଖାକୁ ପଢ଼ି ଲେଖକ/ଲେଖିକାଙ୍କୁ ଉତ୍ସାହିତ କରିଥାନ୍ତି। ଅନ୍ୟାୟ, ଅନୀତି, ଦୁର୍ନୀତି ଆଦି ଘଟଣା ତାଙ୍କ ହୃଦୟକୁ ଖୁବ୍ ବିଦୀର୍ଣ୍ଣ କରେ। ଏ ସମ୍ପର୍କିତ ଲେଖା ଯେବେ ପଢ଼ନ୍ତି, ନିଜକୁ ନିୟନ୍ତ୍ରଣ କରି ନ ପାରି ଭୋ ଭୋ ହୋଇ ସେ କାନ୍ଦିପକାନ୍ତି। ସାଲେପୁରର ଦୟାନିଧି ଭୋଇ ଜଣେ କୃଷି ଶ୍ରମିକ। ପର ବିଲରେ ମୂଲ ଲାଗିଲେ ପେଟ ପୋଷିବା ହୁଏ। ଅର୍ଥାଭାବରୁ ସିନା କାଗଜ ଖଣ୍ଡେ କିଣି ପାରନ୍ତି ନାହିଁ। କିନ୍ତୁ ମାଲିକଙ୍କ ଘରୁ ସନ୍ଧ୍ୟାରେ କାଗଜ ଆଣି ନ ପଢ଼ିଲେ, ରାତିରେ ତାଙ୍କୁ ନିଦ ହୁଏନାହିଁ। ଭଦ୍ରକ ଜିଲା ଭଣ୍ଡାରିପୋଖରୀସ୍ଥ ନପଙ୍ଗ ଗାଁର ଧନେଶ୍ୱର ନାୟକ। ମଟ୍ରିକ ଯାଏ ପଢ଼ା। ନିଜର କେଇଗୁଣ୍ଠ ଚାଷଜମି ସମେତ ଅନ୍ୟମାନଙ୍କ ଜମି ଚାଷକରି ବହୁକଷ୍ଟରେ ପରିବାର ପୋଷିଥା'ନ୍ତି। କିନ୍ତୁ ସେ ଦିନକୁ ୩/୪ଖଣ୍ଡ କାଗଜ ପଢ଼ିବେ ହିଁ ପଢ଼ିବେ। ଘରକୁ ଖଣ୍ଡିଏ କାଗଜ ମଗାଉଥିଲେ ବି ପାଖ ବଜାରକୁ ଯାଆନ୍ତି ଅନ୍ୟ କାଗଜ ପଢ଼ିବାକୁ। ଅଭାବ ଓ ଅନଟନ ଭିତରେ ରହି ମଧ୍ୟ ପୁସ୍ତକ, ପତ୍ରପତ୍ରିକା କିଣିବାକୁ ସେ ପଛାନ୍ତି ନାହିଁ। ଓଡ଼ିଶାର ସେ ଜଣେ ବିରଳ ପାଠକ, ଯିଏ କି ୫୦ବର୍ଷ ହେଲା ପଢୁଛନ୍ତି ଖବରକାଗଜ, ଓଡ଼ିଆ ପୁସ୍ତକ ଓ ପତ୍ରପତ୍ରିକା ଆଦି। ଘରେ ବି ସଂରକ୍ଷିତ ଅନେକ ପତ୍ରପତ୍ରିକା, ପୁସ୍ତକମାନ ; ଯାହା କି ଏକପ୍ରକାର ଛୋଟ ଲାଇବ୍ରେରି।

ଲେଖକ ବା ବକ୍ତାଟିଏ ହେବାକୁ ଯେମିତି ସାଧନା ଓ ଯୋଗ୍ୟତା ଲୋଡ଼ା, ସେମିତି ବି ଯୋଗ୍ୟତା ଲୋଡ଼ା ଶ୍ରୋତା ଅବା ପାଠକଟିଏ ହେବାକୁ। ସେଥିପାଇଁ ଧୈର୍ଯ୍ୟ ଓ ଆଗ୍ରହ ଦରକାର। ଧୈର୍ଯ୍ୟ ଧରିବା ବି ହେଉଛି ଏକପ୍ରକାର ସାଧନା। ପୁଣି ଗୁଣଗ୍ରାହୀ ପାଠକଟିଏ ହେବା ବି କାଠିକର ପାଠ। ସେଥିପାଇଁ ଲୋଡ଼ା ଯୋଗ୍ୟତା। ଶିକ୍ଷାଗତ ଯୋଗ୍ୟତା ଯେତେ ନୁହେଁ, ତାହାଠାରୁ ବେଶି ଲୋଡ଼ା ରୁଚିବୋଧ, ନିଷ୍ଠା, ଜିଜ୍ଞାସା ମନୋଭାବ। ବିଦ୍ୱାନ ହେବା



ଯେତିକି ଆବଶ୍ୟକ, ତତୋଧିକ ଆବଶ୍ୟକ ଜଣେ ବିବେକଯୁକ୍ତ ବା ବିଶାଳହୃଦୟର ମଣିଷ ହେବା। ଏହା ସେତେବେଳେ ସମ୍ଭବ ହୁଏ ଯେବେ ଚେତନାର ବିକାଶ ଘଟେ, ପଢ଼ିବା–ଜାଣିବା–ବୁଝିବା ଦ୍ୱାରା। ଚିନ୍ତା ଓ ଚେତନା, ଭାଷା ଓ ଭୂମିପ୍ରତି ପ୍ରୀତିଭାବ ଦୃଷ୍ଟିରୁ ସମାଜର ତଳ ଶ୍ରେଣୀରେ ଥିବା ଉପରୋକ୍ତ ବ୍ୟକ୍ତିଙ୍କ ସହିତ ଆମ୍ଭେ ଆଗଧାଡ଼ି ବାବୁମାନେ ଯେବେ ନିଜକୁ ତୁଳନା କରୁ, ସେତେବେଳେ ଖୁବ୍ ଲଜ୍ଜିତ ହେବାକୁ ପଡ଼େ। ଆଜି ଯେଉଁଠି ପ୍ରାୟ ୭୫/୮୦ ଭାଗ ଓଡ଼ିଆ ଆଇଏଏସ୍/ ଆଇପିଏସ୍, ୬୦ ଭାଗ ଓଏଏସ୍, ୫୦ ଭାଗରୁ ଊର୍ଦ୍ଧ୍ୱ ଅଧ୍ୟାପକମାନେ ଓଡ଼ିଆ ଖବରକାଗଜ କି ଓଡ଼ିଆ ପତ୍ରପତ୍ରିକା ପଢ଼ନ୍ତି ନାହିଁ, ସେଇଠି ସ୍ୱଳ୍ପ ଶିକ୍ଷିତ ଏପରି ଦରିଦ୍ରଜନଙ୍କ ଓଡ଼ିଆଭାବ ଓ ଜାତୀୟ ଚେତନା ଆମ ସଭିଙ୍କ ପାଇଁ ଅଜସ୍ର ପ୍ରେରଣାର ଉତ୍ସ ନୁହେଁକି?

ଲୋକମୁଖରେ ବୋଲା ଯାଉଥିବା ବହୁ ପ୍ରଚଳିତ ପ୍ରବାଦଟିଏ –'ଚାଷୀ ଛୁଡ଼ିଲେ ବରଷେ, ଭାଷା ଛୁଡ଼ିଲେ ପୁରୁଷେ।' ଅର୍ଥାତ୍ ଚାଷକାମରେ ଜଣେ ବିଫଳ ହେଲେ ବା ଚାଷପ୍ରତି ବିମୁଖ ହେଲେ, ଚାଷୀକୁ ବର୍ଷଟିଏ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥାଏ, ମାତ୍ର ଭାଷା ବିମୁଖତା ବା ଅବହେଳା ପାଇଁ ଗୋଟେ ପୁରୁଷ ପର୍ଯ୍ୟନ୍ତ ଦୁର୍ଦ୍ଦିନକୁ ସାମ୍ନା କରିଥାଏ ଜାତି। ପୁସ୍ତକ, ପତ୍ରପତ୍ରିକା, ଖବରକାଗଜ ଆଦି ହେଉଛି ଭାଷାର କବାଟ। ଭାଷା ପ୍ରତି ଯେତେ ଅନୁରାଗ ବଢ଼ିବ, ଭାଷାର ବ୍ୟବହାର ସେତେ ବଢ଼ିବ। ଭାଷାର ବ୍ୟବହାର ଯେତେ ବ୍ୟାପକ ହେବ, ଭାଷା ସେତେ ବିକଶିତ ହେବ। ଭାଷା ଯେତେ ଉଦ୍ଭାସିତ ହେବ, ସାହିତ୍ୟ–ସଂସ୍କୃତି ସେତେ ଐଶ୍ୱର୍ଯ୍ୟମୟ ହେବ। ସାହିତ୍ୟ–ସଂସ୍କୃତି ସମୃଦ୍ଧ ହେଲେ, ଭୂମିର ଭାଗ୍ୟ ଓ ଭବିଷ୍ୟତ ଐଶ୍ୱର୍ଯ୍ୟମୟ ହେବ। ସଂସ୍କୃତି ଯେମିତି ମାଟିର ସୁରଭି, ମାତୃଭାଷା ବି ସେମିତି ଭୂମିର ବିଭବ। ଭାଷା ଓ ସଂସ୍କୃତି କେବଳ ଗୋଟେ ଜାତିର ପରିଚୟ ଫର୍ଦ୍ଦ ନୁହେଁ ବରଂ ପ୍ରଗତିର ପରିମାପକ। ଜାତିକୁ ଗଢ଼ିବାକୁ ହେଲେ ମାଆ, ମାଟି ଓ ମାତୃଭାଷା ପ୍ରତି ମମତ୍ୱଭାବ ଏକାନ୍ତ ଜରୁରୀ। ଯେଉଁ ମାଟିର ମଣିଷଙ୍କ ଭିତରେ ପଠନପ୍ରତି ରୁଚି ଯେତେ ଅଧିକ, ସେ ଜାତି ସେତିକି ସମୃଦ୍ଧ ଓ ମହିମାନ୍ୱିତ। ଫିନ୍‌ଲାଣ୍ଡ, ଇସ୍ରାଏଲ, ନେଦରଲାଣ୍ଡ ପରି କ୍ଷୁଦ୍ରାତିକ୍ଷୁଦ୍ର ଦେଶଗୁଡ଼ିକ ଶାନ୍ତ, ସମୃଦ୍ଧ, ସଫଳ ଓ ସମର୍ଥ ଦେଶ ଭାବେ ବିଶ୍ୱବିଦିତ ; ସେ ମାଟିର ସନ୍ତାନଗଣଙ୍କ ସଂସ୍କାର ମନୋଭାବ ଓ ମାଟିମନସ୍କ ପଣିଆ ଯୋଗୁ। ମାଟିମନସ୍କ ପଣିଆ ସମ୍ଭବ ହୋଇଛି ସେମାନଙ୍କ ଅଧ୍ୟୟନ ପିପାସା ଓ ସାହିତ୍ୟମନସ୍କ ପଣିଆ ଯୋଗୁ। ସାହିତ୍ୟ ଓ ସଂସ୍କୃତି ହିଁ ଜାତିକୁ ବାନ୍ଧି ରଖେ, ମାଟିକୁ ମହିମାନ୍ୱିତ କରେ। ନିଜ ଭାଷା, ସାହିତ୍ୟ ଓ ସଂସ୍କୃତିଠାରୁ ଦୂରେଇ ରହିବା ଅର୍ଥ ଅମଙ୍ଗଳକୁ ଆମନ୍ତ୍ରଣ କରିବା। ଯେଉଁ ସମାଜ ନିଜ ଭାଷା, ନିଜ ସଂସ୍କୃତି, ନିଜ ଇତିହାସଠାରୁ ଦୂରେଇ ଯାଏ ବା ବିଚ୍ଛିନ୍ନ ହୁଏ, ସେ ସମାଜର ଭୂଗୋଳ ବଦଳିବାକୁ ବେଶି ସମୟ ଲାଗେନାହିଁ। ଜାତିର ଅସ୍ମିତା ପ୍ରତି ବିପଦ ଘନେଇ ଆସେ। ମାତୃଭୂମି ଓ ମାତୃଭାଷା ପ୍ରତି ପ୍ରୀତିଭାବ ନ ରହିଲେ ଜାତିର ନନ୍ଦିଘୋଷ ବିଶେଷ ଅଗ୍ରଗତି କରିପାରେନା। ଆମ ଚିନ୍ତା, ଚେତନା, ଚରିତ୍ର ହିଁ ଲେଖିବ ଏ ଜାତିର ଜାତକ। ନିର୍ଦ୍ଧାରଣ କରିବ ଭୂମିର ଭାଗ୍ୟ ଓ ଭବିଷ୍ୟତ। ଅତଏବ ଆସନ୍ତୁ, ଭାଷା–ସାହିତ୍ୟକୁ ବିଭୂଷିତ କରିବାକୁ ସମସ୍ତେ ସଂକଳ୍ପବଦ୍ଧ ହେବା ଏବଂ ଜାତିକୁ ଜାଜ୍ୱଲ୍ୟମୟ କରିବା। ପ୍ରତିଟି ଓଡ଼ିଆପ୍ରାଣରୁ ଗୁଞ୍ଜରିତ ହେଉ, 'ମାତୃଭୂମି ମାତୃଭାଷାର ବଦନ, ବ୍ୟାପ୍ତ କର ଦେଇ ଧନ ଧ୍ୟାନ ମନ''।

ଗୋଡିଶୁଳ, ସଜନାଗଡ଼, ବାଲେଶ୍ୱର
ମୋ: ୯୪୩୭୪୩୬୦୭୩

## ଏଇ ଭାରତରେ

ଧର୍ମୀୟ ସଦଭାବନାର ଏକ ଅନନ୍ୟ ଉଦାହରଣ ଦେଖିବାକୁ ମିଳିଛି ରାଜସ୍ଥାନର ଯୋଧପୁରରେ। ୨୮ ସେପ୍ଟେମ୍ବରରେ ଅନନ୍ତ ଚତୁର୍ଦ୍ଦଶୀରେ ଗଣପତି ମେଢ଼ ବିସର୍ଜନ ଉତ୍ସବ ସମଗ୍ର ଦେଶରେ ପାଳନ କରାଯିବ। ସେହି ଦିନ ମୁସଲମାନ ସମ୍ପ୍ରଦାୟଙ୍କର ପର୍ବ ପୈଗମ୍ବର ମହମ୍ମଦଙ୍କ ଜନ୍ମ ଦିନ ମିଲାଦୁନ ନବୀ ପଡୁଛି। ଏହି କାରଣରୁ, ଶାନ୍ତି ଏବଂ ଭାଇଚାରାକୁ ଦୃଷ୍ଟିରେ ରଖି ମୁସଲମାନ ସମାଜ ୨୮ ସେପ୍ଟେମ୍ବର ପରିବର୍ତ୍ତେ ୨୯ ସେପ୍ଟମ୍ବରରେ ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଯୋଧପୁର ପୋଲିସ କମିଶନର ରବି ଦତ୍ତ ଗୌଡ ଏବଂ ଡିସିପି ଅମୃତା ଦୁହନଙ୍କ ଉପସ୍ଥିତିରେ ଧାର୍ମିକ ନେତାଙ୍କ ଏକ ବୈଠକ ପରେ ଏହି ନିଷ୍ପତ୍ତି ନିଆ ଯାଇଥିଲା। ଗୋଟିଏ ଦିନରେ ଗଣପତି ବିସର୍ଜନ ଏବଂ ମିଲାଦୁନ ନବୀ ପର୍ବ ଯୋଗୁ ଯୋଧପୁର ପୋଲିସ ଶାନ୍ତି କମିଟିର ଏକ ବୈଠକ ଆୟୋଜନ କରିଥିଲା। ଏଥିରେ ଉଭୟ ସମ୍ପ୍ରଦାୟର ଧାର୍ମିକ ନେତାମାନଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଗଣପତି ବିସର୍ଜନ ଏବଂ ଶୋଭାଯାତ୍ରା ପାଇଁ କେବଳ ଗୋଟିଏ ରାସ୍ତା ଥିବାରୁ ଏଭଳି ପରିସ୍ଥିତିରେ ଆଇନ ଶୃଙ୍ଖଳା ବଜାୟ ରଖିବା ସବୁଠାରୁ ବଡ ପ୍ରଶ୍ନ ଥିଲା। ପାରସ୍ପରିକ ଆଲୋଚନା ପରେ ମୁସଲମାନ ସମ୍ପ୍ରଦାୟର ନେତାମାନେ ଧର୍ମୀୟ ସୌହାର୍ଦ୍ଦ୍ୟର ଭାବନା ପ୍ରଦର୍ଶନ କରି ମିଲାଦୁନ ନବୀ ଶୋଭାଯାତ୍ରା ଦିନକୁ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲେ। ଯାହା ଦ୍ୱାରା ଉଭୟ ପର୍ବ ଶାନ୍ତିପୂର୍ଣ୍ଣ ଭାବରେ ପାଳନ କରାଯାଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ସେପ୍ଟେମ୍ବର ୧୯୯୮

- ଦକ୍ଷିଣ ତ୍ରିପୁରା ଜିଲାର ଗୋଛିଆଚେରାଠାରେ ତ୍ରିପୁରା ଜାତୀୟ ମୁକ୍ତି ସାମୁଖ୍ୟ (ଏନ୍‌ଏଲ୍‌ଏଫ୍‌ଟି)ର ଉଗ୍ରବାଦୀଙ୍କ ଦ୍ୱାରା ୧୧ ବସ୍ ଯାତ୍ରୀ ଅପହୃତ।
- ରୁଷ ରାଷ୍ଟ୍ରପତି ବୋରିସ ୟେଲଟସିନ ତାଙ୍କର ନୂତନ କ୍ୟାବିନେଟରେ ଭାଲେଣ୍ଟିନା ମାଟଭିୟେଙ୍କୋଙ୍କୁ ଦେଶର ଉପ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି ଦେଇଛନ୍ତି।

## ଚିରନ୍ତନୀ

ଜୀବନ ମନ୍ଦିର ମମ
ଅସୀମ ଆକାଶେ ଟେକି ଶିର
ବିଜୟ ନିଶାଣ ସମ
ସୁମହାନ ରହେ ଉଭା ଚିର।
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | | | | 6 |
| 4 | | | | | | 5 | 7 | |
| | | | 2 | | | | 1 | |
| | | | 4 | 3 | | 8 | 5 | |
| | | 3 | | | | 4 | | |
| 1 | | | | | 7 | | 2 | |
| | 4 | | | 2 | 5 | | | |
| | | 8 | | 7 | 6 | | 3 | |
| 7 | | | 3 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 2 | 7 | 9 | 6 | 1 | 8 | 5 |
| 7 | 9 | 8 | 1 | 5 | 4 | 6 | 3 | 2 |
| 6 | 5 | 1 | 3 | 2 | 8 | 7 | 4 | 9 |
| 2 | 1 | 3 | 8 | 4 | 7 | 9 | 5 | 6 |
| 8 | 7 | 9 | 5 | 6 | 1 | 3 | 2 | 4 |
| 4 | 6 | 5 | 9 | 3 | 2 | 8 | 1 | 7 |
| 5 | 8 | 6 | 4 | 1 | 9 | 2 | 7 | 3 |
| 9 | 3 | 7 | 2 | 8 | 5 | 4 | 6 | 1 |
| 1 | 2 | 4 | 6 | 7 | 3 | 5 | 9 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତାକଡ଼ ଖାଦ୍ୟ ନିମ୍ନମାନର

ମହାଶୟ,

ଭୁବନେଶ୍ୱର ସମେତ ଆଖପାଖ ଅଞ୍ଚଳରେ ଦୂଷିତ ପରିବେଶରେ ରାସ୍ତାକଡ଼ରେ ଖାଦ୍ୟ ବିକ୍ରି କରାଯାଉଛି। ନା ସ୍ୱଚ୍ଛ ପରିବେଶ ନା ସୁସ୍ଥ ବାତାବରଣ, ଯିଏ ଯେଉଁଠି ଯେମିତି ପାରିଲା ଖାଦ୍ୟ ପ୍ରସ୍ତୁତ କରି ବିକ୍ରିକଲା। ଏହାଦ୍ୱାରା ଲୋକମାନଙ୍କର ରୋଗ ବୃଦ୍ଧି ପାଉଛି। ବିଏମ୍‌ସି ଏବଂ ସିଏମ୍‌ସିର କିଛିଟା ପଦକ୍ଷେପ ରୋକ୍ ଲଗାଉଛି ସତ, କିନ୍ତୁ ତାହା ପର୍ଯ୍ୟାପ୍ତ ନୁହେଁ। ଏମାନଙ୍କ ଉପରେ କଡ଼ା ନଜର ରଖି ବହୁଳ ପରିମାଣରେ ଜରିମାନା ସାଙ୍ଗକୁ ଜେଲ୍‌ଦଣ୍ଡ ମଧ୍ୟ ଦେବା ଉଚିତ।

– ସତ୍ୟସିଂହ ଶତପଥୀ, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପୂର୍ବତନ ଜିଲା ପରିଷଦ ଅଧକ୍ଷା ମଞ୍ଜୁଲତା ମହାନନ୍ଦଙ୍କ ପରଲୋକ

**ବୌଦ୍ଧ,୨୪।୯( ଅଜିତ କୁମାର ବାରିକ):** ବୌଦ୍ଧର ପୂର୍ବତନ ଜିଲା ପରିଷଦ ଅଧକ୍ଷା ମଞ୍ଜୁଲତା ମହାନନ୍ଦ (୪୭)ଙ୍କ ରବିବାର ଦିନ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ସେ ବୌଦ୍ଧ ଜିଲା ପରିଷଦର ଅଧକ୍ଷା ଭାବରେ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥାଇ ଚିକିତ୍ସିତ ହୋଇ ଆସୁଥିଲେ। ତାଙ୍କ ବିୟୋଗରେ ମୁଣ୍ଡାପଡା ଗ୍ରାମବାସୀ ତଥା ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

### ବୃଦ୍ଧଙ୍କୁ କଚାଡ଼ି ମାରିଲା ହାତୀ

**ସୁନ୍ଦରଗଡ,୨୪।୯(ଜୟ ନାରାୟଣ ମେଣ୍ଟୁଲି):** ସୁନ୍ଦରଗଡ ବନଖଣ୍ଡର ସଦର ରେଞ୍ଜ ଅନ୍ତର୍ଗତ ଟାଙ୍ଗର ଗାଁରେ ରବିବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ମୃତକ ହେଲେ ଆଲାର କୁଲୁ(୫୫) ଓ ଗୁରୁତର ସାଲମୀ ଗିଧି। ତଳସରା ଥାନା ପୋଲିସ ଓ ସୁନ୍ଦରଗଡ ସଦର ବନାଞ୍ଚଳ କର୍ମଚାରୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଗୁରୁତରଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ବୃଦ୍ଧ ଆଲାର ରବିବାର ଶୋଇଥିବା ବେଳେ ବିଳମ୍ବିତ ରାତିରେ ଏକ ହାତୀ ତାଙ୍କ ଘରେ ପଶି ଆକ୍ରମଣ କରିଥିଲା। ଏହି ସମୟରେ ବୃଦ୍ଧ ଜଣକ ଭୟରେ ଦୌଡି ପଳାଉଥିବାବେଳେ ହାତୀ ହାବୁଡରେ ପଡିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ କଚାଡି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

### ବାର୍‌ହା ଆକ୍ରମଣରେ ନାବାଳିକାଙ୍କ ମୃତ୍ୟୁ

**କେନ୍ଦୁଝର,୨୪।୯(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ଅଧୀନ ଦୈତାରୀ ରେଞ୍ଜ ତାଳପଦା ଗ୍ରାମରେ ବାର୍‌ହା ଆକ୍ରମଣରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତା ଗ୍ରାମର ସାଧବ ଜୁଆଙ୍ଗଙ୍କ ଝିଅ ସୁନାରୀ(୧୬) ବୋଲି ଜଣାପଡ଼ିଛି।

# ଅବପାତର ରୂପ ନେଇପାରେ ଲଘୁଚାପ

## ୨୪ ଘଣ୍ଟାରେ ମୌସୁମୀ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହେବ

**ଭୁବନେଶ୍ୱର,୨୪।୯ (ଅନୁରାଧା ମହାରଣା)**

ଆସନ୍ତା ୨୯ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବ। ଏହା ପରବର୍ତ୍ତୀ ୨୪ ଘଣ୍ଟାରେ ଉତ୍ତର ଆଣ୍ଡାମାନ ସାଗର ତଥା ପାର୍ଶ୍ୱବର୍ତ୍ତୀ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଲଘୁଚାପର ରୂପ ନେବ। ପରେ ଏହା ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେଇପାରେ ବୋଲି ଆଇଏମ୍‌ଡିର ବିଭିନ୍ନ ମଡେଲ ପୂର୍ବାନୁମାନ କରିଛି। ଏହା ପ୍ରଭାବରେ ରାଜ୍ୟରେ ଅକ୍ଟୋବର ପହିଲାରୁ ଭାରି ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ପରିମାଣ କମ୍ ରହିବ। ରବିବାର ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିକ୍ଷିପ୍ତ ତଥା ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ଅଧିକାଂଶ ସ୍ଥାନରେ ପାଗ ମେଘୁଆ ରହିଛି। ତାଳଚେରରେ ସର୍ବାଧିକ ୩୦ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଟିଟିଲାଗଡ଼ ୨୬.୩, ନବରଙ୍ଗପୁର ୧୮.୨ ଓ ପାରଳାଖେମୁଣ୍ଡି ୧୧.୪ ମିମି ଓ ଅନ୍ୟ ୧୩ ସହରରେ ୧୦ ମିମି ମଧ୍ୟରେ ବର୍ଷା ହୋଇଛି। ତେବେ ସୋମବାର ରାଜ୍ୟର ୧୧ ଜିଲାରେ ବଜ୍ରପାତ ସହ ବର୍ଷା ହେବା ସମ୍ଭାବନା ରହିଛି। ଏନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ବରଗଡ଼ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହି ସବୁ ଜିଲାର ସ୍ଥାନେ ସ୍ଥାନେ ବର୍ଷା ପରିମାଣ ୭ରୁ ୧୧ ସେଣ୍ଟିମିଟର ଯାଏ ରହିବ ବୋଲି କୁହାଯାଇଛି।

ସେପଟେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅପସାରଣ ପ୍ରକ୍ରିୟା ଆରମ୍ଭ କରିବା ନେଇ ପାଗ ଅନୁକୂଳ ରହିଛି। ରାଜସ୍ଥାନର ପଶ୍ଚିମାଞ୍ଚଳରୁ ଏହି ଅପସାରଣ ପ୍ରକ୍ରିୟା ଆରମ୍ଭ ହେବ ଓ ଅକ୍ଟୋବର ସୁଦ୍ଧା ରାଜ୍ୟରୁ ମୌସୁମୀ ଅପସାରିତ ହୋଇଯିବ ବୋଲି ଆକଳନ କରାଯାଇଛି।

ରାଜ୍ୟରେ ଏବେ ସୁଦ୍ଧା ୧୦୮୪.୧ ମିମି ମୌସୁମୀ ବର୍ଷା ରେକର୍ଡ କରାଯାଇଛି। ଏହା ସ୍ୱାଭାବିକ ବର୍ଷା ତୁଳନାରେ ୩ ପ୍ରତିଶତ କମ୍ ଅର୍ଥାତ୍ ଏହା ପ୍ରାୟ ସ୍ୱାଭାବିକ ପରିସରଭୁକ୍ତ ବୋଲି କୁହାଯାଇଛି। ଏବେ ସୁଦ୍ଧା ଅନୁଭୂତ ବର୍ଷା, ସମ୍ପୂର୍ଣ୍ଣ ମୌସୁମୀ ଋତୁର ସ୍ୱାଭାବିକ ବର୍ଷାର ପାଖାପାଖି ୯୪ ପ୍ରତିଶତ ଭରଣା କରି ସାରିଛି। ଢେଙ୍କାନାଳ, ବୌଦ୍ଧ ଓ ଝାରସୁଗୁଡ଼ାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଥିବାବେଳେ ନବରଙ୍ଗପୁର, କଳାହାଣ୍ଡି ଓ କେନ୍ଦ୍ରାପଡ଼ାରେ ଅଭାବୀ ବର୍ଷା ଓ ଅନ୍ୟ ୨୪ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ରବିବାର ନୂଆଁଖାଇ ଭେଟ୍‌ଘାଟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ବନ୍ଧୁକ ଦେଖାଇ ୨୫ ଲକ୍ଷର ଅଳଙ୍କାର ଲୁଟ୍



ଅଳଙ୍କାର ଦୋକାନ ସିସିଟିଭି ଫୁଟେଜରେ ଦୁର୍ବୃତ୍ତଙ୍କ ଚେହେରା ଦେଖାଯାଉଛି।

**ସମ୍ବଲପୁର, ୨୪।୯ (ଶୁଭାଶିଷ ପାଢୀ)**

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ମାନେଶ୍ୱର ଛକ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମାନଧାତାବାବା ନାମକ ଏକ ଅଳଙ୍କାର ଦୋକାନରୁ ରବିବାର ଡକାୟତି ହୋଇଛି। ଦିନ ଦ୍ୱିପ୍ରହରରେ ପ୍ରାୟ ୫ଜଣ ସଶସ୍ତ୍ର ଦୁର୍ବୃତ୍ତ ଦୋକାନରେ ପଶିଥିଲେ। ଗ୍ରାହକ, ଦୋକାନ ମାଲିକ, କର୍ମଚାରୀମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ୨୫ ଲକ୍ଷରୁ ଅଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ନେଇଯାଇଥିବା ଅଭିଯୋଗ ହୋଇଛି। ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଅଳଙ୍କାର ଦୋକାନର ମାଲିକ ଅନନ୍ତ ଚରଣ ସାହୁ କହିଛନ୍ତି, ସକାଳ ପ୍ରାୟ ୧୦ଟା ୪୦ବେଳେ ୫ଜଣ ଅଜ୍ଞାତ ଲୋକ ଦୋକାନ ଭିତରେ ପଶିଥିଲେ। ସେମାନେ ଦୁଇଟି ବାଇକ୍‌ରେ ଆସିଥିଲେ। ପରସ୍ପର ମଧ୍ୟରେ ଓଡ଼ିଆ ଭାଷାରେ କଥାବାର୍ତ୍ତା କରୁଥିଲେ। ସେମାନେ ସାଧାରଣ ଗ୍ରାହକ ଭଳି ଦେଖାଯାଉଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ ହେଲ୍‌ମେଟ ପିନ୍ଧିଥିବାବେଳେ ୨ଜଣ ମୁହଁରେ ରୁମାଲ ବାନ୍ଧିଥିଲେ। ଖୁବ୍ ଅଳ୍ପ ସମୟ ମଧ୍ୟରେ ଏହି ଘଟଣା ଘଟାଇ ଚାଲିଯାଇଥିଲେ। ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜରେ ସବୁ ରେକର୍ଡ ହୋଇ ରହିଛି। ଡକାୟତମାନଙ୍କୁ ଧରିବା ପାଇଁ ପୋଲିସ ପ୍ରୟାସ କରୁଛି। ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରାଯାଇଛି। ୫ଟି ପୋଲିସ ଟିମ୍ ଗଠନ କରାଯାଇ ଚଢାଉ ଜାରି ରହିଛି। ପଡ଼ୋଶୀ ଜିଲା ପୋଲିସକୁ ମଧ୍ୟ ଆଲର୍ଟ କରାଯାଇଛି। ସମସ୍ତଙ୍କ ଚେହେରା ସିସିଟିଭିରେ କଏଦ ରହିଛି। ତେଣୁ ଧରାପଡିବାର ସମ୍ଭାବନା ଅଧିକ ରହିଛି ବୋଲି ପୋଲିସ କହିଛି।

# ଲୁଟ୍ ପରେ ମହିଳାଙ୍କୁ ହତ୍ୟା

**ଜଳେଶ୍ୱର(ରବିନାରାୟଣ ପାତ୍ର)/ ରାଇବଣିଆ(ନବୀନ ସାହୁ), ୨୪।୯**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ସରସିଦା ଗାଁରେ ଲୁଟେରାମାନେ ଜଣେ ମହିଳାଙ୍କୁ ହତ୍ୟା କରି ଟଙ୍କା ଓ ସୁନା ଲୁଟି ନେଇଛନ୍ତି। ମହିଳା ଜଣକ ହେଲେ ଆଦିତ୍ୟ ଦାସଙ୍କ ସ୍ତ୍ରୀ ହରପ୍ରିୟା। ସାଇଣ୍ଟିଫିକ୍ ଟିମ୍ ସହ ଏସ୍‌ଡିପିଓ ଦିଲୀପ ସାହୁ ତଦନ୍ତ ଜାରି ରଖିଛନ୍ତି। ଶନିବାର ରାତିରେ ଗାଁ ଛକରେ ଥିବା ଚା' ଦୋକାନ ବନ୍ଦ କରି ଆଦିତ୍ୟ ଘରକୁ ଫେରିବା ପରେ ସ୍ତ୍ରୀ ହରପ୍ରିୟା ରକ୍ତାକ୍ତ ଅବସ୍ଥାରେ ମୁହଁ ମାଡ଼ି ତଳେ ପଡ଼ିଥିବା ଦେଖିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ହରପ୍ରିୟାଙ୍କୁ ସେ ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ହସ୍ପିଟାଲକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲୁଟେରାମାନେ ତାଙ୍କ ଘରର ବାକ୍ସ ଭାଙ୍ଗି ଲକ୍ଷାଧିକ ଟଙ୍କାର ଗହଣା ସହ ନଗଦ ଟଙ୍କା ଲୁଟି ନେଇଥିବା ଆଦିତ୍ୟ ଅଭିଯୋଗ କରିଛନ୍ତି। ଯାତ୍ରାପାର୍ଟିରେ କାର୍ଯ୍ୟ କରୁଥିବା ଦୁଇଜଣ ବ୍ୟକ୍ତି ତାଙ୍କ ଘରେ ଭଡ଼ାରେ ରହୁଥିବାରୁ ଏହି ଘଟଣା ସହିତ ଜଡିତ ଥିବା ସନ୍ଦେହରେ ଜଳେଶ୍ୱର ପୋଲିସ ସେମାନଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# ବାଇକ୍‌ରେ ବୁହାହେଲା ମୃତଦେହ

**ସମ୍ବଲପୁର/ଅମରପାଲି,(ଶୁଭାଶିଷ ପାଢୀ/ପୀତାମ୍ବର ସାହୁ), ୨୪।୯**

ମହାପ୍ରୟାଣ ଗାଡ଼ି ନ ମିଳିବାରୁ ମୃତଦେହକୁ ବାଇକ୍‌ରେ ନିଆଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କେସାପାଲି ଗ୍ରାମ ଏସ୍‌ଟିପଡାରେ। ଅଭିଯୋଗ କ୍ରମେ ଏହି ପଡ଼ାର ଗୋଲାପୀ ବେହେରା (୫୫) ନୂଆଁଖାଇବା ପାଇଁ ଭଉଣୀ ଘର ଅମରପାଲିକୁ ଯାଇଥିଲେ। ସେଠାରେ ଜ୍ୱର ହୋଇଥିଲା। ଜ୍ୱରରେ ଆକ୍ରାନ୍ତ ହୋଇ ରବିବାର ସକାଳେ



ସମ୍ବଲପୁରରେ ବାଇକ୍‌ରେ ମୃତଦେହକୁ ସମ୍ପର୍କୀୟ ନେଉଛନ୍ତି।

ମୃତ୍ୟୁବରଣ କରିଥିଲେ। ଏହାକୁ ନେଇ ଭଉଣୀ ପରିବାର ଲୋକେ ଗୋଲାପୀଙ୍କ ପରିବାରଙ୍କୁ ଜଣାଇଥିଲେ। ବାଇକ୍‌ରେ ଗୋଲାପୀଙ୍କ ପୁଅ ଓ ସମ୍ପର୍କୀୟ ଅମରପାଲିରେ ପହଞ୍ଚିଥିଲେ। ସେଠାରେ ମହାପ୍ରୟାଣ ଗାଡିରେ ନେବାକୁ ଫୋନ କରିଥିଲେ। ହେଲେ ଯୋଗାଯୋଗ ହୋଇ ନ ପାରିବାରୁ ଗାଡି ମିଳି ନ ଥିଲା। ଶେଷରେ ଆଖପାଖ ଅଞ୍ଚଳରେ ଅଟୋ ଓ ଚାରିଚକିଆ ଛୋଟ ଗାଡି ଭଡା ପାଇଁ କହିଥିଲେ। ହେଲେ ସେମାନେ ମଧ୍ୟ ମୃତଦେହ ନେବାକୁ ମନା କରିଦେଇଥିଲେ। ଶେଷରେ କିଛି ଉପାୟ ନ ପାଇ ପୁଅ ଓ ଭଣଜା ବାଇକ୍‌ରେ ମୃତଦେହ ନେଇ ୨୦ କିମି ଦୂର କେସାପାଲି ଆସିଥିଲେ। ଶେଷରେ ଗ୍ରାମରେ ଶେଷକୃତ ସମ୍ପନ୍ନ ହୋଇଥିଲା। ଗୋଲାପୀଙ୍କ ଭଣଜା ପ୍ରଶାନ୍ତ ବେହେରାଙ୍କ ଅଭିଯୋଗ କ୍ରମେ ମୃତଦେହ ଆଣିବା ପାଇଁ ଗାଡିକୁ ଫୋନ କରିଥିଲୁ। ହେଲେ ଯୋଗାଯୋଗ ହୋଇପାରିଲା ନାହିଁ। ଶେଷରେ ବାଇକ୍‌ରେ ଘରକୁ ଆଣିଥିବା କହିଥିଲେ। କଂଗ୍ରେସ ନେତା ଆସଫ୍ ଅଲ୍ଲିଖାଁ କହିଛନ୍ତି ଯେ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା କେବଳ ଲୋକଦେଖାଣିଆ। ମୃତଦେହକୁ ଅସମ୍ମାନ କରାଯାଉଛି। ଯୋଜନା କାହା ପାଇଁ ବୋଲି ପ୍ରଶ୍ନ କରିଥିଲେ।

ୟୁକୋ ବ୍ୟାଙ୍କ UCO BANK
ସମ୍ମାନ ଆପଣଙ୍କ ବିଶ୍ୱାସର Honours Your Trust
ଆଞ୍ଚଳିକ କାର୍ଯ୍ୟାଳୟ, ୧୮/୧, ଅଇଁଠାପାଲି ରୋଡ, ସମ୍ବଲପୁର, ଓଡ଼ିଶା-୭୬୮୦୦୪
ଭେଣ୍ଡର ତାଲିକାଭୁକ୍ତିକରଣ ନିମନ୍ତେ ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି
ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର ଏହାର ଶାଖାଗୁଡିକରେ ସିସିଟିଭି ଏବଂ ଆଲାର୍ମ ବ୍ୟବସ୍ଥା ସ୍ଥାପନ ଏବଂ ରକ୍ଷଣାବେକ୍ଷଣ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ଭେଣ୍ଡରମାନଙ୍କ ତାଲିକାଭୁକ୍ତି ନିମନ୍ତେ ବନ୍ଦ ଲଫାପାରେ ଟେଣ୍ଡରମାନ ଆହ୍ୱାନ କରୁଅଛି। ଟେଣ୍ଡର କାଗଜାତ୍ ସହିତ ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ଆମ୍ଭର କାର୍ଯ୍ୟାଳୟରେ ଉପଲବ୍ଧ କିମ୍ବା ଏହାକୁ ବ୍ୟାଙ୍କର ୱେବ୍‌ସାଇଟ୍ **www.ucobank.com** ରୁ ଡାଉନଲୋଡ କରିପାରିବେ। ବନ୍ଦ ଲଫାପାରେ ଟେଣ୍ଡରଗୁଡିକ **ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ୧୮/୧, ଅଇଁଠାପାଲି ରୋଡ, ସମ୍ବଲପୁର, ଓଡ଼ିଶା-୭୬୮୦୦୪** ଠିକଣାରେ **ତା. ୨୫.୧୦.୨୦୨୩ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ଦାଖଲ କରିବା ଆବଶ୍ୟକ। ଅତିରିକ୍ତ ସୂଚନା ପାଇଁ ଯୋଗାଯୋଗ କରନ୍ତୁ: **09724486993**
ଆଞ୍ଚଳିକ ପ୍ରବନ୍ଧକ

# ବାଃ ଧର୍ମପଦ ବାଃ...

## ମୁଣ୍ଡିମରାବେଳେ ସମୁଦାୟ ୧୬ଜଣ ଉପସ୍ଥିତ ଥିଲେ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଏବେ ଆମେ ଆଲୋଚନା କରିବା ବାରମ୍ବାର ଶ୍ରୀପଦ୍ମକେଶର ମନ୍ଦିରର ମୁଣ୍ଡି ମରାଯାଇଥିଲେ ମଧ ତାହା ରହି ନ ଥିଲା। ସୂତ୍ରଧର ସେହି ଚିନ୍ତାରେ ଅବସାଦଗ୍ରସ୍ତ ହୋଇ ଅସୁସ୍ଥ ହୋଇପଡ଼ିଥିଲେ। କଠିନ ପରିଶ୍ରମ କରି ସେ ସଫଳ ନ ହେବାରୁ ଶିଳ୍ପୀମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଜଣେ ମୁଖ୍ୟ ସ୍ଥପତି ନିଜ କାର୍ଯ୍ୟରେ ବିଫଳ ହେବାପରେ ଚିନ୍ତିତ ହୋଇପଡ଼ିଥିଲେ। ଭୁଲ୍ କେଉଁଠି ରହିଲା! ବିଶ୍ୱର ବିସ୍ମୟ ଗୋଟେ ମନ୍ଦିରକୁ ସମ୍ପୂର୍ଣ୍ଣ କରିବାକୁ କେତେ ନିଷ୍ଠାର ସହିତ କାର୍ଯ୍ୟ କରିଥିବେ। ଦିନରାତି ଏକାଠି କରିଦେଇଥିବେ। କେତେ ଆଲୋଚନା, ପର୍ଯ୍ୟାଲୋଚନା ହୋଇଥିବ ସେ ସମୟରେ। ଦାୟିତ୍ୱ ପ୍ରତି କେତେ ସମ୍ବେଦନଶୀଳ ସେ ହୋଇପଡ଼ିଥିବେ। କେବଳ ଓଡ଼ିଆ ଶିଳ୍ପୀକୁଳର ସମ୍ମାନ ନୁହେଁ, ଓଡ଼ିଆ ଜାତିର ସମ୍ମାନ, ଗଜପତିଙ୍କର ସମ୍ମାନ।

ତାହା ହିଁ ତାଙ୍କୁ ବ୍ୟଥିତ କରିଥିଲା। ଏହା ମଧ ସ୍ୱାଭାବିକ। ଧର୍ମପଦଙ୍କର ଅନ୍ୟ କୁଆଡ଼େ ନିଘା ନ ଥିଲା। ବାପା ଆସିଲେ। ବଳଶ୍ରୀ ଆସିଲେ। ସେଥିପ୍ରତି ସେ ନଜର ଦେବାକୁ ସମୟ ପାଇଲେନି। ପାଞ୍ଚ ହାତର ମୁଗୁନିପଥର ନିଜେ ବାଛିଲେ। ପଥୁରିଆଙ୍କ ଦ୍ୱାରା ଅଣାଇ ନିଜେ ତିଆରି କଲେ। ମନ୍ଦିର କଳସର ତଳଭାଗକୁ ମିଶାଇ ସେ ପ୍ରସ୍ତୁତିରେ ଲାଗିପଡ଼ିଲେ। ପାଦ ମାପ କଲେ। ଦୁଇ ଚଉକ ଆଠ ଆଙ୍ଗୁଳ। ଆପାତତଃ ଠିକ୍ ମାପ ସେ ପାଇଗଲେ।

### ଐତିହ୍ୟର ଓଡ଼ିଶା

ତା' ପରେ ନିର୍ମାଣ କଲେ ଏଗାରୁପଚ୍ଛିକ- ଚୁମ୍ବକ-ଶିଳା। ଶିଳ୍ପଶାସ୍ତ୍ରରେ ଏହା ଏକ ଅଭିନବ ପ୍ରକ୍ରିୟା। ବହୁ ମନନ ପରେ ଧର୍ମ ମହାପାତ୍ର ଚିନ୍ତାକରି ପ୍ରସ୍ତୁତିର ଖସଡ଼ା ସଜେଇଥିଲେ। ଗଙ୍ଗା ମହାପାତ୍ରଙ୍କ ସହିତ ଭାବ ବିନିମୟ ପରେ ଗଙ୍ଗା ମହାପାତ୍ର ପ୍ରାରମ୍ଭିକ ନିର୍ମାଣ ପ୍ରକ୍ରିୟା ଆରମ୍ଭ କରିଥିଲେ। ଭାରତର ପ୍ରସିଦ୍ଧ ଶିଳ୍ପଶାସ୍ତ୍ରରେ ଚୁମ୍ବକଶିଳାର ପ୍ରସଙ୍ଗ ଅଛି, ମାତ୍ର ଏଗାରୁପଚ୍ଛିକ ଚୁମ୍ବକଶିଳା ଓଡ଼ିଆ ଶିଳ୍ପୀର ସୃଷ୍ଟି।

ଉକ୍ତ ଶିଳା ନିର୍ମାଣର ମୁଖ୍ୟ ବିନ୍ଧାଣି ଭାବରେ ସାରା ରାତି ଅନିଦ୍ରା ରହି ଦୁଇଜଣ ମଶାଲଧାରୀଙ୍କ ସହିତ ଧର୍ମ ମହାପାତ୍ର ପ୍ରସ୍ତୁତି ଶେଷ କରିଥିଲେ। ବାପା ଶିବେଇ ସାନ୍ତରାଙ୍କୁ ୟାର କୌଶଳ ଓ ବସାଣ ବିଷୟରେ ବୁଝାଇ ଦେବାରେ ସଫଳ ହେଲେ। କଥା ହେଲା ଖଞ୍ଜିବାବେଳେ ଶିବେଇ ସାନ୍ତରା, ଗଙ୍ଗା ମହାପାତ୍ର ସାଙ୍ଗରେ ରହିବେ। ଏଥିପାଇଁ ତିନିଜଣଙ୍କୁ ସୁନାମାଢ଼ ଦିଆଯାଇଥିଲା।

ଏହି ଚୁମ୍ବକ ଶିଳା ଥିଲା ଦୁଇ ହାତ ଉଚ୍ଚତାର। ଉପରେ ରହିଲା ପଦ୍ମ। ଚୁମ୍ବକ ଶିଳା ଦୁଇଭାଗରେ ବିଭକ୍ତ ଥିଲା। ମଝି ପୋଲା ରଖାଯାଇଥିଲା। ଦୁଇଭାଗ ସଂଯୋଗ ଲକ୍ଷ୍ୟରେ ଧର୍ମପଦ ପଚାରିଥିଲେ କସା ନା ବସା? ଏଇଠି ଥିଲା କୌଶଳ। 'ବସା' ଏପଟସେପଟ ହୋଇପାରେ, 'କସା' ନୁହେଁ।

ଖପୁରିରେ ଧର୍ମପଦଙ୍କ ମାପରେ ଗୋଲେଇ ରନ୍ଧ୍ର ହେଲା। କଳସ ବସିବା ପାଇଁ ରନ୍ଧ୍ରକୁ ଚାରିପଟୁ ବଡ଼ କରାଗଲା। ବଡ଼ ହେଲେ ହିଁ ଏଗାରୁପଚ୍ଛିକ ଚୁମ୍ବକଶିଳା ଖଞ୍ଜାଯାଇ ପାରିବ। ଖଞ୍ଜିବା ପରେ ତମ୍ବା ଚାପୁଆଣିରେ ତାହାକୁ ଖପୁରି ସହିତ ବନ୍ଧାଯିବ। ସେଣେ ଚୁମ୍ବକ ଶିଳା ପ୍ରସ୍ତୁତି ସରିବା ବେଳକୁ ଗୋଲେଇ ରନ୍ଧ୍ର ଓ ତମ୍ବା ଚାପୁଆଣି ପ୍ରସ୍ତୁତି କାର୍ଯ୍ୟ ନିଧି ମହାପାତ୍ର ଓ ରାମ ମହାପାତ୍ର କରିସାରିଥିଲେ।



ମନ୍ଦିରର ଶୀର୍ଷ ମୁଦ ପାଇଁ ଧର୍ମପଦଙ୍କର ଶେଷ ସ୍ପର୍ଶ।

ବଳଶ୍ରୀ ମନ୍ଦିର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଗଜପତିଙ୍କୁ ଜଣାଉଥାନ୍ତି। ଡଗର ଆସି ଖବର ଦେଲା, ମହାଶ୍ରମ କୋଣାର୍କକୁ ବିଜେ କରିବେ। ଆରମ୍ଭ ହେଲା ଗଜପତିଙ୍କ ଶିବିର ସଫେଇ। ଏଗାରୁପଚ୍ଛିକ ସମ୍ପୂର୍ଣ୍ଣ ନିର୍ମାଣ ସରିବା ପରେ ଧର୍ମପଦ ନିର୍ଦ୍ଦେଶ ଦେଲେ ଏହାକୁ ଫାଶିକାଠ ଉପରକୁ ନିଅ। ସ୍ମରଣଯୋଗ୍ୟ, ମନ୍ଦିର ନିର୍ମାଣ ସମୟରେ ମୂଳରୁ ଦଧିନଉତି ପର୍ଯ୍ୟନ୍ତ ଫାଶିକାଠର ମଜଭୁତ ଭାରା ବନ୍ଧାଯାଇଥିଲା। କଳ-ଗୟଳ ମାଧ୍ୟମରେ ତଳୁ ପଥର ଉପରକୁ ଉଠୁଥିଲା।

ଚୁମ୍ବକଶିଳା ଉପରକୁ ଉଠିବା ପରେ ନୂତନ ନିର୍ମିତ ଗୋଲେଇ ରନ୍ଧ୍ରରେ ଖଞ୍ଜାଗଲା। ଖପୁରିରେ ଏହା ଖଞ୍ଜାହେଲା ବେଳେ ୭ଜଣ ପଥୁରିଆ ମନ୍ଦିର ଉପରେ ଚଢ଼ିଥିଲେ। ତାଙ୍କ ସହିତ ୬ଜଣ ଦିହୁଡ଼ିଆ ଖପୁରି ଚାରିପଟେ ଦିହୁଡ଼ି ଜାଳି ଆଲୋକ ଦେଖାଇଥିଲେ। ସେହି ରାତିରେ ଶିବେଇ ସାନ୍ତରା, ଗଙ୍ଗା ମହାପାତ୍ର ଏବଂ ଧର୍ମପଦ ପଥୁରିଆଙ୍କ ସହ ଖପୁରି ପାଖରେ ଉପସ୍ଥିତ ରହି ଚୁମ୍ବକ ଶିଳା ସହିତ କଳସ ବି ଖଞ୍ଜି ଦେଇଥିଲେ। ରାତି ପାହି ପାହି ଆସୁଛି ଏପଟେ ମନ୍ଦିର ମୁଣ୍ଡିମରାକାମ ସମାପ୍ତ ହୋଇଗଲା। ତଳେ ଶିଳ୍ପୀକୁଳଙ୍କ ସାଙ୍ଗରେ ସହସ୍ରମଲ୍ଲ ବି ରାତିଅନିଦ୍ରା। ଶୁଭ ଖବର ସମସ୍ତଙ୍କୁ ଭାବପ୍ରବଣ କରିଦେଇଥିଲା। ସହସ୍ରମଲ୍ଲ ସେଇଠି ସେଇ ପାହାନ୍ତା ପ୍ରହରେ ଘୋଷଣା କଲେ- ବାଃ ଧର୍ମପଦ ବାଃ...। ଆଜି ଗଜପତିଙ୍କ ଅଭିଳାଷ ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ସ୍ମାରକୀକୁ ସାକାର କରିଦେଲ!! ତଳେ ହରିବୋଲ ଧ୍ୱନି ଗୁଞ୍ଜରି ଉଠୁଥାଏ।

ବାସ୍ତବରେ ମନ୍ଦିର ଉପରେ ୧୬ଜଣ ସେଇ ରାତିରେ ଉପସ୍ଥିତ ଥିଲେ। ମାତ୍ର ଧର୍ମପଦର ନିଜସ୍ୱ କୌଶଳ ଏବଂ ସମସ୍ତଙ୍କ ସହଯୋଗରେ ଏତେବଡ଼ କାମ ସମ୍ଭବ ହୋଇଥିଲା। ଘୋଷଣା କଲେ ଧର୍ମପଦଙ୍କୁ ପାଞ୍ଚମାଢ଼ ସୁନା, ଏକ ଯୋଡ଼ା ସିଲ୍‌କ ଧୋତିରେ ସମ୍ବର୍ଦ୍ଧିତ କରାଯିବ। ଅନ୍ୟମାନଙ୍କୁ ମଧ୍ୟ ସୁନାମାଢ଼ ଦିଆଯାଇଥିଲା, ମାତ୍ର ସ୍ୱତନ୍ତ୍ର ଭାବରେ ଧର୍ମପଦଙ୍କୁ ଅଧିକ ଦିଆଯାଇଥିଲା।

**OFFICE OF THE TAHASILDAR, ULLUNDA**
**(Establishment Section)**
**XV-36/2023 No.3532 Date 15.9.23**

To
No.F-134
Tapaswini Mahala, Chainman (absconded),
W/o- Kalakanhu Thakur,
At/P.O.- Sonepur
Dist.- Subarnapur

Wehre as a disciplinary proceeding under Rule-15 of OCS (C.C. & A) Rules, 1962 has been initiated against you for the unauthorized absence from Govt. duty since joining in this Tahasil vide this Office Memorandum No.2616/Dt.18.07.2023 and sent to you for service by the Process Server and also by Regd. Post. But the said letter could not be served upon you as you did not receive the said letter from the Process Server and the Post Office has returned the same mentioning the reason as insufficient address.

Now, therefore, you are informed through this notice to appear before the undersigned within 15 (Fifteen) working days from the date of publication of this notice in daily Newspaper and receive the charges framed vide the aforesaid disciplinary proceeding, failing which the charges deemed to have been served on you and the proceeding will be finalized exparte as per OCS (CC&A) Rules, 1962.

Sd./- Tahasildar, Ullunda
OIPR-24378/11/0001/2324

**OFFICE OF THE REVENUE DIVISIONAL COMMISSIONER, CENTRAL DIVISION**
**ODISHA, CUTTACK**
**Adv. No. IA-20/2023-13031/Estt.II Date: 22.09.2023**
**WALK-IN-INTERVIEW**

No. D-: A Walk-in-Interview is going to be conducted on 03.10.2023 at 3.00 P.M. for re-engagement of 13 Nos. of retired Government employees from among the ministerial Cadre against 13 vacant posts of Junior Assistants in the Office of the RDC (CD), Cuttack for a period of 01 (One) year or till the posts are filled up by the regular recruitment process, whichever is earlier. For complete details please visit RDC (CD), Cuttack website: **https://rdccdcuttack.nic.in/**. The interested candidates fulfilling the eligibility criteria may appear for the interview on the scheduled date and time. The registration will be made **between 11.00 A.M. to 12.00 Noon** and no registration will be entertained after the scheduled time.

**Sd./- Revenue Divisional Commissioner**
**Central Division, Cuttack**
OIPR-24170/11/0009/2324

**ଗଣେଶ ପୂଜା କମିଟି ପକ୍ଷରୁ ଭଣ୍ଡାର କାର୍ଯ୍ୟକ୍ରମ**

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡିଆଳ ୱାର୍ଡ ନମ୍ବର ୮ ନୀଳଜୀ ବନ୍ଧପଡା ଗଣେଶ ପୂଜା କମିଟି ପକ୍ଷରୁ ଭଣ୍ଡାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂଜକ ଭାବେ ମନୋଜ କୁମାର ମୁଣ୍ଡ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବେ ଜୟରାମ କୈବର୍ତ୍ତଙ୍କ ସହ ପଲ୍ଲବୀ କୈବର୍ତ୍ତ ସମ୍ପାଦନ କରିଥିଲେ। ପୂଜା କମିଟି ପକ୍ଷରୁ ଓମ ପ୍ରକାଶ ଅଗ୍ରୱାଲ, ଟିକେରାମ କଟା, ଦିବ୍ୟ ରଞ୍ଜନ ପ୍ରଧାନୀ, ବିଘ୍ନରାଜ ରାଉତ, ଗଣେଶ ଭିତ୍ରୀୟା, ଡିଙ୍କନ ରାଉତ, ରାକେଶ ସିଂ ଲାଲ, ସୁରଜ କୈବର୍ତ୍ତ, ଛବିଲାଲ କୈବର୍ତ୍ତ, ସୋମ୍ୟରଞ୍ଜନ ପ୍ରଧାନୀ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଗଣେଶ ପୂଜା ବିସର୍ଜନ ନେଇ ଗଣ୍ଡଗୋଳ

ଖଡ଼ିଆଳ,୨୪।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ରିଷିଗାଁ ପଞ୍ଚାୟତ ସରଗାଦି ଗ୍ରାମରେ ଗଣେଶ ପୂଜା ବିସର୍ଜନ ନେଇ ମାର୍‌ପିଟ ହୋଇଛି। ଏ ନେଇ ଉଭୟ ପକ୍ଷରୁ ଖଡ଼ିଆଳ ଥାନାରେ ମାମଲା ରୁଜୁ ହୋଇଛି। ଗ୍ରାମର ଦୁଇ ପଡ଼ାରେ ଗଣେଶ ପୂଜା ହୋଇଥିଲା। ଦିଗପାଳ ଶବରଙ୍କ ଅଭିଯୋଗ ଅନୁଯାୟୀ ଗଣେଶ ପୂଜା ବିସର୍ଜନ ଚାଲିଥିବା ବେଳେ ବାଜା ବନ୍ଦ କରିବା ପାଇଁ କହି କାରଣ ନ ଥାଇ ଗ୍ରାମର ବାର ଜଣ ଯୁବକ ଆକ୍ରମଣ କରିଥିଲେ। ଫଳରେ ପ୍ରଥମ ପକ୍ଷର ୪ଜଣ ଯୁବକ ଆହତ ହୋଇଛନ୍ତି। ଦ୍ୱିତୀୟ ପକ୍ଷର ଅଭିଯୋଗକାରୀ କୁଞ୍ଜ ବିହାରୀ ବାଗଙ୍କ ଅଭିଯୋଗ ଅନୁଯାୟୀ ପ୍ରଥମ ପକ୍ଷର ୧୫ଜଣ ଯୁବକ ଜାତଆଣ ଆକ୍ଷେପ କରି ବିସର୍ଜନ ଗାଡ଼ିରେ ଇଟା ପଥର ନେଇ ମାଡ ମାରିବା ସହିତ ମହିଳା ମାନଙ୍କୁ ଖରାପ ଭାଷାରେ ଗାଳିଗୋଲଜ କରି ଟଣା ଓଟରା କରିଥିବା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ପ୍ରକାଶ କରିଛନ୍ତି।

### ଗଣ୍ଡାବାହାଲିରେ ନୂଆଁଖାଇ ଭେଟ୍‌ଘାଟ୍

ସିନାପାଲି,୨୪।୯(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲି ହରିଜନପଠାରେ ଶନିବାର ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅତିଥି ଭାବେ ପୂର୍ବତନ ସରପଞ୍ଚତ୍ରିନାଥ ମେହେର, ପ୍ରଧାନ ଶିକ୍ଷକ ଜଗନ୍ନାଥ ସେଠୀ, କଳାକାର ବୈକୁଣ୍ଠ ତାଣ୍ଡି, ନାଟ୍ୟକାର ଭୀଷ୍ମରାଜ ମେହେରଙ୍କ ସହ ଆୟୋଜକ କମିଟି ସଭାପତି ପୂର୍ବ ଦୀପ ଓ ସମ୍ପାଦକ ବେଲାଲସେନ ତାଣ୍ଡି ଯୋଗଦେଇଥିଲେ। ଗଣପର୍ବ ନୂଆଁଖାଇ ଏବଂ ତା'ର ପରବର୍ତ୍ତୀ ଭେଟଘାଟ ଅଞ୍ଚଳରେ ଭାଇଚାରା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ତିଆରିରେ ସହାୟକ ହୁଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନାଟକ 'ଭଲ ମଣିଷ ଭୁଲ ଠିକଣା' ମଞ୍ଚସ୍ଥ ହୋଇଥିଲା। ବିଳମ୍ବିତ ରାତି ଯାଏଁ ଉପସ୍ଥିତ ଶହଶହ ଦର୍ଶକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

### ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ସାମ୍ବାଦିକ ସଂଘର ପ୍ରସ୍ତୁତି ବୈଠକ

ସିନାପାଲି,୨୪।୯(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଉକ୍ତ କାର୍ଯ୍ୟକ୍ରମ ଜାକଜମକରେ ପାଳନ କରିବା ପାଇଁ ବୈଠକରେ ଆଲୋଚନା ହେବା ସହ ଆସନ୍ତା ଅକ୍ଟୋବର ୧୦ ତାରିଖ ନୂଆଁଖାଇ ଭେଟଘାଟ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ଅନେକ ଖବରଦାତାମାନେ ଉପସ୍ଥିତ ଥିଲେ।

### ବୀଣାପାଣି କ୍ଲବ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍

ରୁପ୍ରାରୋଡ୍,୨୪।୯(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ତିତକେଲା ବୀଣାପାଣି କ୍ଲବ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଳାହାଣ୍ଡି ଭାଜପା ଜିଲା ଉପସଭାପତି ଅନିରୁଦ୍ଧ ପଧାନ, ମୁଖ୍ୟବକ୍ତା ଭାବେ ତିତକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଭୋଇ, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ରୁପ୍ରାର ଡମ୍ବରୁଧର ସାହୁ ଯୋଗଦେଇଥିଲେ। ନୂଆଁଖାଇ ଏକତାର ମନ୍ତ୍ର ବହନ କରିଥାଏ ବୋଲି ଅତିଥିମାନେ କହିଥିଲେ। ଅନ୍ୟ ସମ୍ମାନିତ ଅତିଥି ସସ୍ମିତା ବିଶାଳ ସମିତି ସଭ୍ୟା ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପୌରାଣିକ ନାଟକ 'ସୀତା ଚୋରି' ଅନୁଷ୍ଠାନର ନୂତନ କର୍ମକର୍ତ୍ତାଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ସୀତାପତି କଳା ସାଂସ୍କୃତିକ ଅନୁଷ୍ଠାନ ବରିଷ୍ଠ କର୍ମକର୍ତ୍ତା ତଥା ଗ୍ରାମର ଗୁରୁଜନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଜିତେନ୍ଦ୍ର କୁମାର ବିଶ୍ୱାଳ ଓ ବିଜୟ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ବୀଣାପାଣି ଅନୁଷ୍ଠାନ ସଭାପତି ସୁରଜିତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଗଡ଼ଜାତ ଅଞ୍ଚଳରେ ନୂଆଁଖାଇ ପାଳିତ



ଗଡଜାତ ଅଞ୍ଚଳର ଏକ ପରିବାର ଏକାଠି ନୂଆଁ ଖାଉଛନ୍ତି।



ଲାଞ୍ଜିଗଡ଼ ଅଞ୍ଚଳରେ ଏକାଠି ନୂଆଁ ଖାଉଛନ୍ତି।

ଭବାନୀପାଟଣା/ଲାଞ୍ଜିଗଡ଼,୨୪।୯ (ଉତ୍ତମ କୁମାର ଦାଶ /ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ପୀଠରେ ରବିବାର ନବାର୍ଣ୍ଣ ଲାଗି ହେବା ପରେ ଜିଲାର ଗଡଜାତ ଅଞ୍ଚଳରେ ମହାସମାରୋହରେ ନୂଆଁଖାଇ ପାଳିତ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ଲଗ୍ନ ଅନୁଯାୟୀ ଶୁକ୍ଳପକ୍ଷୀ ଦଶମୀ ତିଥି ସକାଳ ୮ଟା ୫୦ରେ ବିଦ୍ଧିବଦ୍ଧ ଅନୁଯାୟୀ ମା' ମାଣିକେଶ୍ୱରୀଙ୍କ ପୀଠରେ ନବାର୍ଣ୍ଣ ଲାଗି ହୋଇଥିଲା। ପରେ ଜିଲାର ଭବାନୀପାଟଣା, ଜୟପାଟଣା, ଥୁଆମୂଳ ରାମପୁର, ଏମ୍. ରାମପୁର ଓ ଲାଞ୍ଜିଗଡ ଆଦି ଗଡଜାତ ଅଞ୍ଚଳର ଲୋକେ ନୂଆଁଖାଇ

### ଲାଞ୍ଜିଗଡ଼ର ବିଭିନ୍ନ ଅଞ୍ଚଳ ଉତ୍ସବମୁଖର

ପାଳନ କରିଥିଲେ। ଏହି ଅବସରରେ ସକାଳ ୯ଟାରେ ସର୍ବ ସାଧାରଣଙ୍କ ପାଇଁ ମନ୍ଦିର ଫାଟକ ଖୋଲାଯାଇଥିଲା। ପରେ ସେଠାରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ମନ୍ଦିରରୁ ଭୋଗ ଘରକୁ ନେଇ ଲୋକେ ନିଜ ନିଜ ଇଷ୍ଟ ଦେବୀଙ୍କୁ ସମର୍ପଣ କରି ପରିବାର ସହିତ ଏକାଠି ନୁଆଁଖାଇଥିଲେ। ନୂଆଁଖାଇ ସାରିବା ପରେ ପରମ୍ପରା ଅନୁଯାୟୀ ବ୍ୟୟଜେଷ୍ଠ ଲୋକଙ୍କୁ ସାନମାନେ ମୁଣ୍ଡିଆ ମାରିବା, ଜୁହାର କରିବା ଆଦି ଦେଖିବାକୁ ମିଳିଥିଲା। ଏହାକୁ ନୂଆଁଖାଇ ଜୁହାର ମଧ୍ୟ କୁହାଯାଏ। ନୂଆଁଖାଇ ଅବସରରେ ଗଡଜାତ ଅଞ୍ଚଳର ଗାଁଠୁ ସହର ଉତ୍ସବ ମୁଖରିତ ହୋଇଥିବାବେଳେ ଅନ୍ୟପଟେ ସ୍ଥାନୀୟ କଳାକାରମାନେ ନିଜ କଳା ମାଧ୍ୟମରେ ନୃତ୍ୟ ପ୍ରଦର୍ଶନ କରି ନୂଆଁଖାଇକୁ ସ୍ୱାଗତ କରିଥିଲେ। ପଶ୍ଚିମ ଓଡିଶାରେ ସବୁ ଜିଲାରେ ନୂଆଁଖାଇ ପଞ୍ଚମୀ ତିଥିରେ ପାଳନ ହେଉଥିବାବେଳେ କଳାହାଣ୍ଡି ଜିଲାରେ କିନ୍ତୁ ପର୍ଯ୍ୟାୟ କ୍ରମେ ଲୋକେ ନୂଆଁଖାଇ ପାଳନ କରିଥାନ୍ତି। ଉତ୍ସବ ପାଳନରେ ବିଭିନ୍ନତା ଥିଲେ ମଧ୍ୟ ସମସ୍ତଙ୍କୁ ଏକାଠି ବାନ୍ଧିରଖେ ନୂଆଁଖାଇ।

ଲାଞ୍ଜିଗଡ ବ୍ଲକର ବିଭିନ୍ନ ଅଞ୍ଚଳରେ ରବିବାର ଭାଦ୍ରବ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ପଶ୍ଚିମ ଓଡିଶାର କୃଷିଭିତ୍ତିକ ତଥା ଗଣପର୍ବ ନୂଆଁଖାଇ ପାଳିତ ହୋଇଯାଇଛି। ନୂଆଁଖାଇକୁ ନେଇ ଗାଁଗଣ୍ଡା, ସହର ବଜାର ସବୁଠି ଉତ୍ସବର ମାହଲ ହୋଇଉଠିଥିବାବେଳେ ଲୋକେ ନିଜର ଇଷ୍ଟ ଦେବଦେବୀଙ୍କୁ ବର୍ଷକର ନୂଆ ଫସଲ ପ୍ରଥମେ ଅର୍ପଣ କରି ପ୍ରସାଦ ଗ୍ରହଣ କରିଛନ୍ତି। ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ ନୂଆଖାଇ ପର୍ବ ଧୂମଧାମରେ ପାଳିତ ହୋଇଥିବାବେଳେ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି ନୂଆଁଖାଇ ଜୁହାରଭେଟ କାର୍ଯ୍ୟକ୍ରମ। ଭାଦ୍ରବ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ନୂଆଁ ଖାଇଛନ୍ତି ଲାଞ୍ଜିଗଡ ଅଞ୍ଚଳର ଅଞ୍ଚଳବାସୀ। ନୂଆଁଖିଆ ପର୍ବ ଶେଷ ହେବା ପରେ ଗାଁ ଗାଁରେ ନୂଆଖାଇ ଜୁହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ପାଟଣା କ୍ଷତ୍ରିୟ ସମାଜ ନୂଆଁଖାଇ ଭେଟ୍‌ଘାଟ, ବିଜୟା ଦଶମୀ ପ୍ରସ୍ତୁତି ବୈଠକ

ଖଡ଼ିଆଳ,୨୪।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡିଆଳ ପାଟଣା କ୍ଷତ୍ରିୟ ସମାଜ ଭବନରେ ଖଡିଆଳ ପାଟଣା କ୍ଷତ୍ରିୟ ସମାଜର ନୂଆଁଖାଇ ଭେଟ୍‌ଘାଟରେ ୫୧ତମ ବିଜୟା ଦଶମୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଡିଆଳ ପାଟଣା କ୍ଷତ୍ରିୟ ସମାଜ କୂଳପତି ଶମ୍ଭୁ କିଶୋର ଦଣ୍ଡସେନାଙ୍କ ସଭାପତିତ୍ୱରେ ସମସ୍ତ ଖଡିଆଳ ପାଟଣା କ୍ଷତ୍ରିୟ ସମାଜର ୩୦ଟି ଅଞ୍ଚଳରୁ ସଭାପତି, ଉପ ସଭାପତି, ସମ୍ପାଦକ ସହ ସମ୍ପାଦକ, କୋଷାଧକ୍ଷ କେନ୍ଦ୍ର ସଦସ୍ୟ, ପରାମର୍ଶଦାତା ଓ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟ ଯୋଗଦେଇ ସାମୂହିକ ନୂଆଁଖାଇଥିଲେ। ସଙ୍ଗଠକ ପରମେଶର ବାରିକ ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିବା ବେଳେ ମୁଖ୍ୟ ସମ୍ପାଦକ ଦିଲୀପ କୁମାର ନାଏକ ବିବରଣି ପାଠ କରିଥିଲେ। ଖଡିଆଳ ପାଟଣା କ୍ଷତ୍ରୀୟ ସମାଜ ୫୧ତମ ବିଜୟା ଦଶମୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବର୍ଷ ନୂଆଁଖାଇ ଭେଟଘାଟ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ମହଖଣ୍ଡ ଅଞ୍ଚଳଠାରେ ଅନୁଷ୍ଠିତ ପାଇଁ ସର୍ବସମ୍ମତି ନିଷ୍ପତ୍ତି ହୋଇଥିଲା। ଉପ କୁଳପତି ସୁରେନ୍ଦ୍ର କୁମାର ପ୍ରଧାନୀ, ସହ ସମ୍ପାଦକ ସୁନୀଳ କୁମାର ମାଝି, ଯୁଗ୍ମ ସମ୍ପାଦକ ଘୁମେଶ ଚଳାନ, ସହ ସଙ୍ଗଠକ ବିଭୂତି ଭୂଷଣ ବିଶି, ଯୁଗ୍ମ ସଙ୍ଗଠକ ଜଗଦୀଶ ବାରିକ, କୋଷାଧକ୍ଷ ଶ୍ରୀବସ୍ତ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ପରାମର୍ଶ ଦାତା ଜିତେନ୍ଦ୍ର ସିଂ ବାରିକ, ଜ୍ଞାନ ପ୍ରକାଶ ସିଂ, କେତନ ସିଂ ବାରିକ, ମହେଶ୍ୱର ପ୍ରସାଦ ବାରିକ, ନନ୍ଦଲାଲ ବାରିକ, ତୁଳସାଗର ରାଉତଙ୍କ ସମେତ ସଂସ୍କୃତି ପରିଷଦର ସଭାପତି ତୁମେଶର ଚଳାନ, ଶୁଶୀଳ କୁମାର ଚଳାନ, ଦେବାନନ୍ଦ ଚଳାନ, ରୁଦ୍ରମାଧବ ବାରିକ ପ୍ରମୁଖ ବୈଠକରେ ମନ୍ତବ୍ୟ ପ୍ରଦାନ କରିଥିଲେ। ଆସନ୍ତା ବିଜୟା ଦଶମୀରେ ହେବାକୁଥିବା ବିଭିନ୍ନ ପ୍ରତିଯୋଗୀତା ଗୀତ, ବକ୍ତୃତା, ଛାନ୍ଦ, ଓଡିଶୀ, ନୃତ୍ୟ, ଏକକ ଅଭିନୟ, ହୁଲହୁଲୀ, ଖଣ୍ଡା, ଗଦା ଓ ଲାଠି ଚାଳନା, ଲକ୍ଷ ଭେଦ ପ୍ରଭୃତ ୬୪ଟି ପ୍ରତିଯୋଗୀତା ପାଇଁ ବିଭିନ୍ନ ଉପ କମିଟିମାନ ଗଠନ କରାଯାଇଥିଲା।



ପାଟଣା କ୍ଷତ୍ରିୟ ସମାଜ ଭବନରେ ସାମୂହିକ ନୂଆଁ ଖାଉଛନ୍ତି।

# ଭାରତୀୟ ସାହିତ୍ୟ ସଂସ୍କୃତି ସଂସଦର ରାଜ୍ୟସ୍ତରୀୟ କବିତା ଆସର

ଭବାନୀପାଟଣା,୨୪।୯(ଉତ୍ତମ କୁମାର ଦାଶ)

ଯୁଗ ବଦଳିବା ସହ ସାହିତ୍ୟ ପ୍ରତି ଦୃଷ୍ଟିକୋଣ ବି ବଦଳିଛି। ଆଜିର ଯୁଗରେ ସାହିତ୍ୟକୁ ବି ଡିଜିଟାଲ ମାଧ୍ୟମକୁ ଆଣି ଜନାଦୃତ କରିବାକୁ ପଡ଼ିବ। କାରଣ ସାହିତ୍ୟ ହିଁ ସମାଜର ନବନିର୍ମାଣରେ ମାର୍ଗଦର୍ଶକ ଭୂମିକା ଗ୍ରହଣ କରିଥାଏ। ଏହା ସାମାଜିକ ମୂଲ୍ୟବୋଧର ନିର୍ଣ୍ଣାୟକ। ସାହିତ୍ୟ ହେଉଛି ଭାବନାର ଏକ ସୁନ୍ଦର ଅଭିବ୍ୟକ୍ତି, ଯାହା ଜୀବନର ସତ୍ୟକୁ ପ୍ରକାଶ କରିଥାଏ ବୋଲି ଭାରତୀୟ ସାହିତ୍ୟ ସଂସ୍କୃତି ସଂସଦ ଓଡ଼ିଶା ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଆଭାସୀ କବିତା ଆସରରେ ଅତିଥି

### 'ସାହିତ୍ୟ ହିଁ ସାମାଜିକ ନବନିର୍ମାଣର ମାର୍ଗଦର୍ଶକ'

ଭାବେ ଯୋଗ ଯୁବ ସାହିତ୍ୟିକ ସୁଧୀର କୁମାର ଧଙ୍ଗଡ଼ାମାଝି ମତପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ସଂସଦ ରାଜ୍ୟ ସଭାପତି ନିତ୍ୟାନନ୍ଦ ଖମାରୀ ଅଧ୍ୟକ୍ଷତା କରିବା ସହ ରାଧାଷ୍ଟମୀ ଉପରେ ଆଲୋଚନା କରିଥିଲେ। ରଞ୍ଜିତା କୁମାରୀ ପତି ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ବେଳେ ତୃପ୍ତିମୟୀ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ ପତ୍ରିକା 'ବ୍ରହ୍ମ ନିର୍ଘୋଷ'ର ତୃତୀୟ ସଂଖ୍ୟା ଲୋକାର୍ପଣ କରାଯାଇଥିଲା। ମୁରାରୀ ପଶାଏତ ଓ ତାନଶ୍ରୀ ପାଣିଗ୍ରାହୀଙ୍କ ସଂଯୋଜନାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ପ୍ରମୋଦିନୀ ପଣ୍ଡା। ଏଥିରେ ସଂସଦର ରାଜ୍ୟ ଅସ୍ମିତା ମହାମଞ୍ଚ ସଭାପତି ମାଧୁରୀ ମିଶ୍ର, ରାଜ୍ୟ ସମ୍ପାଦକ ଶୁଭେନ୍ଦୁ ମେହେର, ରାଜ୍ୟ କୋଷାଧକ୍ଷ୍ୟ ପୂର୍ଣ୍ଣଚନ୍ଦ୍ର ମେହେର, ରାଜ୍ୟ ସଂଯୋଜକ କିଶୋର ଚନ୍ଦ୍ର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସମ୍ପାଦକ ଭକ୍ତବନ୍ଧୁ ସାହୁ, ରାଜ୍ୟ ସହ ସମ୍ପର୍କ ସମ୍ପାଦକ ଅଜିତ କୁମାର ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

### ବିଷାକ୍ତ କିଟ ଦଂଶନରେ ମହିଳା ମୃତ

ନୂଆପଡ଼ା,୨୪।୯(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବୃନ୍ଦିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁରେ ବିଷାକ୍ତ କିଟ ଦଂଶନରେ ନମ୍ରତା ମହାକୁଡ ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ସ୍ୱୟଂ ସହାୟକ ମହିଳାମାନଙ୍କ ଗୋଷ୍ଠି ସହାୟକ (ସିଆରପି) ଭାବେ କାର୍ଯ୍ୟ କରୁଥିଲେ। ପ୍ରାପ୍ତ ସୂଚନା ମୁତାବକ ଗତ ୧୮ ତାରିଖରେ ବୁଢିଆଣି ପ୍ରକାର ଏକ କିଟ ନମ୍ରତାଙ୍କୁ ଦଂଶନ କରିଥିଲା। ବୁଢିଆଣି ପ୍ରକାର କିଟ ହୋଇଥିବାରୁ ସ୍କ୍ରବ୍ ଟାଇଫସ ବୋଲି ସନ୍ଦେହ କରାଯାଉଛି। ବୁଧବାର ନୂଆଁଖାଇ ଦିନ ନମ୍ରତାଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ହେବାରୁ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ନମ୍ରତାଙ୍କୁ ବରଗଡ ସରକାରୀ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ରବିବାର ୧୦ଟାରେ ମୃତ୍ୟୁ ବରଣ କରିଛନ୍ତି। ସେଠାରୁ ସହଯୋଗୀମାନେ ଏକ ଆମ୍ବୁଲାନ୍ସ ଯୋଗେ ଘରକୁ ଆଣି ଶବ ସତ୍କାର କରିଛନ୍ତି। ତାଙ୍କ ପରିବାର କେହି ନାହାନ୍ତ। ସ୍ୱାମୀ ଜନ୍ମ ମହାକୁଡ ଆନ୍ଧ୍ରପ୍ରଦେଶରେ ୪ବର୍ଷ ତଳେ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିଲେ। ବର୍ତ୍ତମାନ ପୁଅ ବଡ ସୁଭମ ମହାକୁଡ (୧୬) ଓ ଝିଅ ମାମଲି (୧୨) ରହିଛନ୍ତି। ମା'ବାପା ଛେଉଣ୍ଡ ଦୁଇ ଭଉଣୀଭାଇଙ୍କୁ ଜିଲା ପ୍ରଶାସନ ଦୃଷ୍ଟି ଦେଇ ସମସ୍ତ ସୁବିଧା କରିବା ପାଇଁ ସାଧାରଣରେ ଦାବି ହେଉଛି।

# ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ

କେସିଙ୍ଗା,୨୪।୯(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିର୍ଜାପାଲି ଗ୍ରାମର ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପଣ୍ଡିତ ପଦ୍ମନାଭ ଦାଶଙ୍କ ନେତୃତ୍ୱରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ୧୫ ବର୍ଷ ତଳେ ଗ୍ରାମବାସୀଙ୍କ ସର୍ବସମ୍ମତିକ୍ରମେ ପୁରୁଣା ମନ୍ଦିର ଭାଙ୍ଗି ଏକ ନୂତନ ମନ୍ଦିର ନିର୍ମାଣ ପାଇଁ ମତ ପ୍ରକାଶ ପାଇଥିଲା। ବିଭିନ୍ନ ସରକାରୀ ଏବଂ ବେସରକାରୀ ସାହାଯ୍ୟରେ ମନ୍ଦିର ନିର୍ମାଣ ହୋଇଥିଲା। ଆଗାମୀ ୨୦୨୪ ଫେବୃୟାରୀ ୧୬ଠାରୁ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୯ଦିନ ଧରି ଧୁମଧାମରେ ପ୍ରତିଷ୍ଠା ହେବ ବୋଲି ମନ୍ଦିର କର୍ତ୍ତା ଅଚ୍ୟୁତ୍ୟ ନନ୍ଦ ସାହୁ ସୂଚନା ଦେଇଥିଲେ। ପ୍ରସ୍ତୁତି କାର୍ଯ୍ୟକ୍ରମ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ବୈଠକରେ ପଣ୍ଡିତ ନରସିଂହ ଦାଶ, ସରପଞ୍ଚ ପ୍ରମୋଦ କୁମାର ଦାଶ, ରୋହିତ କୁମାର ସାହୁ, ତୋଫାନ ଗୌଡ଼ିଆ, କାଳିଆ ଭୋଇ, ଘନଶ୍ୟାମ ଗହୀର, ମନବୋଧ ପଧାନ, ରାଧେଶ୍ୟମ ଭୋଇ, ସାଧୁରାମ ଭୋଇ, ଭିକାରି ଗୌଡ଼ିଆ, ଶତ୍ରୁଘ୍ନ ଗୌଡ଼ିଆ, ଈଶ୍ୱର ସାହୁ, ଦୁର୍ବା ଦଳ ଦୀପ, ସଞ୍ଜୟ ସାହୁ, କନ୍ଦର୍ପ ସାହୁ, ଚଉଧାରୀ ଭୋଇ, ଭକ୍ତ ବନ୍ଧୁ ପଧାନ, ମୁକେଶ ଅଗ୍ରୱାଲ, ବୃନ୍ଦାବନ ସାହୁ, କୃଷ୍ଣ ଗହୀର, ସୀତାରାମ ପୁଟେଲ, କୁନୁ ବାରିକ, ବୁଧ ଚନ୍ଦ୍ର ଭୋଇ, ଶ୍ୟାମ ପଧାନ, ସୁବନ ଭୋଇ, କାମଦେବ ଭୋଇ, ବିଦ୍ୟା ପଧାନ, ଅନାଦି ପଧାନ, ରୋହିତ ଭୋଇ, ଦୀନବନ୍ଧୁ ଭୋଇ, ଚିନ୍ତାମଣି ଦୀପ ଏବଂ ଶତାଧିକ ଗ୍ରାମବାସୀ ଉପସ୍ଥିତିରେ ପ୍ରତିଷ୍ଠା କରାଯିବ ବୋଲି ପଣ୍ଡିତ ଦାଶ ପ୍ରକାଶ କରିଥିଲେ।



ସିର୍ଜାପାଲି ଗ୍ରାମପଞ୍ଚାୟତରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଆଲୋଚନା କରାଯାଉଛି।

# ଦୁର୍ଗାପୂଜା ପ୍ରତିମା ନିର୍ମାଣ ପାଇଁ ମାଟି ଅନୁକୂଳ

କୋକସରା,୨୪।୯(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ସଦର ମହକୁମାରେ ପାଳନ ହେଉଥିବା ସାର୍ବଜନୀନ ଦୁର୍ଗା ପୂଜା ପାଇଁ ରବିବାର କମିଟି ପକ୍ଷରୁ ଦେବୀଙ୍କ ପ୍ରତିମା ନିର୍ମାଣ ପାଇଁ ମାଟି ଅନୁକୂଳ କରାଯାଇଛି। ଏହି ଅବସରରେ ଚିଲିଗୁଡା ମୁତ୍ରା ନଦୀ କୁଳରୁ ପୂଜକ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ଗ୍ରାମ୍ୟ ପୂଜକ ନନ୍ଦ କିଶୋର ଧରୁଆଙ୍କ ପୂଜାର୍ଚ୍ଚନା ପରେ ପୂଜା କର୍ତ୍ତା ଭାବେ ଇନ୍ଦ୍ରମଣି ଧ. ମାଝି ସମସ୍ତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସାର୍ବଜନୀନ ଦୁର୍ଗା ପୂଜା କମିଟି ସଭାପତି ତ୍ରିଭୁବନ ନାଏକ, ସମ୍ପାଦକ ଅଧୁରାଜିତ



ନାଏକ, ଯୁଗ୍ମ ସମ୍ପାଦକ ଅମୂଲ୍ୟ ବିଶି, ଅମିତ ସୁନା, କୋଷାଧକ୍ଷ ତପନ ମାଝି, ସୀମାଞ୍ଚଳ ବେହେରା, ମହେନ୍ଦ୍ର ପ୍ରଧାନୀ, ଉପଦେଷ୍ଟା କମିଟିର ରାମଚନ୍ଦ୍ର ପାଣିଗ୍ରାହୀ, ଅଭିମନ୍ୟୁ ଧ. ମାଝି, ଦୁଷ୍ମନ୍ତ ପାଟଯୋଶୀ, ନବୀନ ନାଏକ, ସୁଶାନ୍ତ କୁମାର ବେହେରା, ସେବକ ଘନଶ୍ୟାମ ପ୍ରଧାନୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜଗନ୍ନାଥ ଛକ ଦୁର୍ଗାପୂଜା କମିଟିର ମାଟି ଅନୁକୂଳ

ସିନାପାଲି,୨୪।୯(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ଜଗନ୍ନାଥ ଛକ ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତ ବର୍ଷ ଦୁର୍ଗାପୂଜା ନିମନ୍ତେ ମୃଣ୍ମୟୀ ମୂର୍ତ୍ତି ତିଆରି ପାଇଁ ରବିବାର ମାଟି ଅନୁକୂଳ କରାଯାଇଛି। ଏଠାକାର ପରମ୍ପରା ଅନୁଯାୟୀ ସ୍ଥାନୀୟ କୁମ୍ଭାର ବିଧି ଅନୁସାରେ ମାଟିପୂଜା କରିବା ପରେ ଅଭିମନ୍ତ୍ରିତ ମାଟି ଧରି ପାରମ୍ପରିକ ବାଜା ସହ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା ପରେ ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ଶୋଭାଯାତ୍ରାରେ ଗ୍ରାମ୍ୟ ଦେବଦେବୀଙ୍କ କାଳିଶି ସାମିଲ ହେବା ମୁଖ୍ୟ ଆକର୍ଷଣ ଥିଲା। ଚଳିତବର୍ଷ କମିଟି ୪୬ତମ ପାର୍ବଣ ଉତ୍ସବ ପାଳନ କରିବାକୁ ଯାଉଛି। ଏଥର ସଭାପତି ଭାବେ ଆଲୋକ ମେହେର, ଉପସଭାପତି ଜିତେନ୍ଦ୍ର ମେହେର, ସମ୍ପାଦକ ପ୍ରବୀଣ ମେହେର, ସହସମ୍ପାଦକ ମହେନ୍ଦ୍ର ମେହେର, ସାଂସ୍କୃତିକ ସମ୍ପାଦକ ସାଗର ମେହେର ଓ କୋଷାଧକ୍ଷ ଶିବପ୍ରସାଦ ମେହେର ରହିଛନ୍ତି। ସେହିଭଳି ସମୀକ୍ଷକ ଭାବରେ ତପେଶ୍ୱର ମେହେର, ମେଘନାଦ ମେହେର, ରୂପେଶ ଚନ୍ଦ୍ର ମେହେର ଓ ବୈଷ୍ଣବ ମେହେରଙ୍କୁ ମନୋନୀତ କରାଯାଇଥିବା ବେଳେ ପୂଜା କର୍ତ୍ତା ଡମ୍ବରୁଧର ମେହେର ଓ ମୁଖ୍ୟପୂଜକ ଭାବେ ପ୍ରମୋଦ ଯୋଷୀ ରହିଛନ୍ତି। ପୂଜାକୁ ଭବ୍ୟ ଓ ଶୃଙ୍ଖଳିତ କରିବା ପାଇଁ କମିଟି ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ମାଟି ଅନୁକୂଳ ଶୋଭାଯାତ୍ରାରେ ମହିଳାଙ୍କ ସହ କମିଟି ସଦସ୍ୟମାନେ ସାମିଲ ହୋଇଥିଲେ।



# ପ୍ରକଳ୍ପ ପାଣିରେ ପେଣ୍ଡରାବନ ପଞ୍ଚାୟତ କାର୍ଯ୍ୟାଳୟ ବୁଡ଼ିଲା

ନୂଆପଡ଼ା,୨୪।୯(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ପେଣ୍ଡରାବନ ଗାଁ ଭିତରକୁ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ପାଣି ପଶିଯାଇଛି। ଗାଁ ଚାରି ପାଖରେ ଜଳମଗ୍ନ ହୋଇଥିବାରୁ ୪ ହଜାର ଲୋକେ ଜଳବନ୍ଦୀ ହୋଇ ବିପଦ ସଙ୍କୁଳ ଅବସ୍ଥାରେ ରହିଛନ୍ତି। ଗାଁରୁ ଅନ୍ୟ କେଉଁ ବାଟେ ଯିବା ପାଇଁ ରାସ୍ତା ନାହିଁ। ଗାଁର ପୂର୍ବ ଦିଗରେ ଚାନ୍ଦେଲ ପାହାଡ ରହିଛି। ଉତ୍ତରକୁ ନଦୀ, ଦକ୍ଷିଣକୁ ଜଙ୍ଗଲ ରହିଥିବା ବେଳେ ପଶ୍ଚିମ ଦିଗକୁ ୩୫୩ ନମ୍ବର ଜାତୀୟ ରାଜପଥକୁ ଆସିବା ପାଇଁ ମୁଖ୍ୟ ରାସ୍ତା ରହିଛି। ସେହି ରାସ୍ତା ଉପରେ ପାଣି ଭର୍ତ୍ତି ହୋଇଯିବାରୁ ବିପରିତ ଦିଗରୁ ଜମି ହିଡ ଦେଇ ବହୁତ କଷ୍ଟରେ ଯାତାୟାତ କରୁଛନ୍ତି। ଗାଁଠାରୁ ୩୫୩ ନମ୍ବର ଜାତୀୟ ରାଜପଥ ମାତ୍ର ୧୦୦ ମିଟର ରହିଛି। ସେହି ଗାଁ ପାଇଁ ଗୋଟିଏ ମାତ୍ର ରାସ୍ତା ରହିଛି। ରାସ୍ତା ଉପରେ ପାଣି ଭରି ଯିବାରୁ ଯାତାୟାତରେ ଘୋର ଅସୁବିଧା ହେଉଛି। ପେଣ୍ଡରାବନ ପଞ୍ଚାୟତ ଅଧୀନରେ ଅନେକ ଗାଁ ରହିଛି। ପଞ୍ଚାୟତ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବୁଡିଯିବାରୁ ହିତାଧିକାରୀମାନେ ରାଶନ ସାମଗ୍ରୀ ପାଉ ନାହାନ୍ତି। ବୃଦ୍ଧା, ବୃଦ୍ଧ, ଭିନ୍ନକ୍ଷମ, ବିଧବାମାନେ ଭତ୍ତା ପାଇ ପାରୁନାହାନ୍ତି। ଗରିବ ଅସହାୟ ଲୋକମାନେ ଭତ୍ତା କିମ୍ବା ରାଶନ ସାମଗ୍ରୀ ନ ପାଇ ଭୋକ ଉପବାସରେ ଦିନ କାଟୁଛନ୍ତି। ପେଣ୍ଡରାବନ ବସ୍ତିକୁ ଛାଡି ଦେଲେ ପଞ୍ଚାୟତ, ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ, ପଶୁ ସମ୍ପଦ ଚିକିତ୍ସାଳୟ, ପ୍ରାଥମିକ କୃଷି ସମବାୟ ସମିତି, ମିଶନ ଶକ୍ତି ଗୃହ ସମ୍ପୂର୍ଣ୍ଣ ବୁଡି ଯାଇଛି। ସପ୍ତାହିକ ବଜାର ପଡିଆ ବୁଡି ଯାଇଥିବାରୁ ସପ୍ତାହିକ ହାଟ ବସୁ ନାହିଁ। ଫଳରେ ସପ୍ତାହିକ ହାଟ ଉପରେ ନିର୍ଭର କରୁଥିବା ଖାଲକୁସୁମ, ଧରମସାଗର, ପଲସିପାଣି, ବାହାବଲ, ଚାନ୍ଦୋପଲା, ହରିପୁର, ଜଗନ୍ନାଥପାଲି, ଝିଟକିଡୋଡା ଓ ଆଖପାଖ ଅନେକ ଗାଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଚଳିତବର୍ଷ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ପୂର୍ଣ୍ଣ ଜଳ ଧାରଣ କ୍ଷମତା ଗଚ୍ଛିତ ରଖାଯାଇଛି। ଗତ କିଛି ଦିନ ଲଗାଣ ବର୍ଷାରେ ଡ୍ୟାମରେ ବନ୍ୟା ପାଣି ଭରି ଯିବାରୁ ପେଣ୍ଡରାବନ ଗାଁକୁ ପଶି ଆସିଛି। ବର୍ତ୍ତମାନ ଗାଁର ୪ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରକଳ୍ପ ପାଣିରେ ଜଳବନ୍ଦୀ ଜୀବନ ବିତାଉଛନ୍ତି। ପେଣ୍ଡରାବନ ଗାଁର ପଞ୍ଚାୟତ କାର୍ଯ୍ୟାଳୟ, ପଶୁ ସମ୍ପଦ ଚିକିତ୍ସାଳୟ, ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟ, ମିଶନ ଶକ୍ତି ଗୃହ, ପ୍ରାଥମିକ କୃଷି ସମବାୟ ସମିତି ପ୍ରକଳ୍ପ ନିର୍ମାଣ ହେବା ପୂର୍ବରୁ ବୁଡି ଅଞ୍ଚଳ ଘୋଷଣା କରାଯାଇଥିଲା। ଆଜକୁ ପ୍ରାୟ ୨୩ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନ କୌଣସି ସୁବିଧା କରି ନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି।



ପାଣି ଘେରରେ ପେଣ୍ଡରାବନ ପଞ୍ଚାୟତ କାର୍ଯ୍ୟାଳୟ।

## ସଂକ୍ଷେପରେ

### ବିସ୍ଥାପନ ବିହୀନ ଜଳସେଚନ ଦାବି

ପଦ୍ମପୁର ୨୪।୯(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଚର୍ଦାପାଲି ଗ୍ରାମପଞ୍ଚାୟତ ପରିସରରେ ଚର୍ଦାପାଲି, ଲହଣ୍ଡିପୁର, ଚଙ୍ଗରିଆ, ଗୁଣ୍ଡିଚାଡିହି, ଲୁହୁରାକୋଟ ଗ୍ରାମବାସୀଙ୍କ ଆହ୍ୱାନ କ୍ରମେ ଅଙ୍ଗ ନଦୀବନ୍ଧ ପ୍ରତିରୋଧ କମିଟି ସଦସ୍ୟ ଓ ବିଭିନ୍ନ ଗ୍ରାମର ପ୍ରତିନିଧିମାନଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂର୍ବତନ ସରପଞ୍ଚ ନେତ୍ରାନନ୍ଦ ବେହେରା ସଭାପତିତ୍ୱ କରିଥିବା ବେଳେ ଆବାହକ ପଦ୍ମଲୋଚନ ବେରିଆ ନୂଆଁଖାଇ ଲୋୟର ଶୁକତେଲ ବୁଡି ଅଞ୍ଚଳର ବିସ୍ଥାପିତଙ୍କ ଉପରେ କହିଥିଲେ। ଅରକ୍ଷିତ ପ୍ରଧାନ, ଶେଷଦେବ ନାୟକ ବିସ୍ଥାପନ ଦୁଃଖ ବଖାଣିଥିଲେ। ଅଙ୍ଗ ନଦୀବନ୍ଧ ପ୍ରତିରୋଧ କମିଟିର ସଭାପତି ବିଜୟ ସାହୁ, ସମ୍ପାଦକ କେଶବ ସାହୁ, ରକ୍ଷାପାଳ ସାହୁ, ମଧୁସୁଦନ ଦାଶ, ସୀତାନାଥ ସାହୁ, ଦହିତ ସାହୁ, ବାଳକୃଷ୍ଣ ନାଏକ, ପ୍ରଭାତ ସାହୁ, ରାଜେଶ ପ୍ରଧାନ, ଅଶୋକ ପ୍ରଧାନ, ପାନାଲାଲ ନାଏକ, ଶ୍ୟାମଲାଲ ନାଏକ, ଉତ୍ତମ ନାଏକ ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ରହିଥିଲେ। ରାଜବୋଡାସମ୍ବର କୃଷକ ସଙ୍ଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥି ଯୋଗଦାନ କରି ବିସ୍ଥାପନ ବିହୀନ ଜଳସେଚନକୁ ସରକାର ଅଗ୍ରାଧିକାର ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

# ବରଗଡ଼ରୁ ଧରାପଡ଼ିଲେ ଆନ୍ତଃରାଜ୍ୟ ଠକ ଗ୍ୟାଙ୍ଗ୍



ଠକଗ୍ୟାଙ୍ଗର ଗିରଫ ଅଭିଯୁକ୍ତମାନେ । ସେମାନଙ୍କ ପାଖରୁ ଜବତ ସାମଗ୍ରୀ।

- ମହିନ୍ଦ୍ରା କମ୍ପାନୀ ନାମରେ ଠକୁଥିଲେ
- ଚଢ଼ାଦରରେ ଘରଭଡ଼ା ଆଳ କରୁଥିଲେ
- ଠକ ଗ୍ୟାଙ୍ଗର ୧୩ ଅଭିଯୁକ୍ତ ଗିରଫ
- ଲକ୍ଷାଧିକ ଟଙ୍କା, ବହୁ ସାମଗ୍ରୀ ଜବତ

ବରଗଡ଼,୨୪।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନା ପୋଲିସ ଏକ ଆନ୍ତଃରାଜ୍ୟ ଠକ ଗ୍ୟାଙ୍ଗକୁ ଧରିଛି। ଉକ୍ତ ଗ୍ୟାଙ୍ଗର ୧୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ସମସ୍ତେ ପଶ୍ଚିମବଙ୍ଗ ରାଜ୍ୟର ବୋଲି ପୋଲିସ ସୂଚନା ଦେଇଛି। ସେମାନଙ୍କ ମଧ୍ୟରେ ରିଣ୍ଟୁ ଦେ(୩୪), ପ୍ରସନ୍ନଜିତ୍ ଶାହା(୪୨), ଅନୁପ ଘୋଷଲ(୪୭), ସୁରଜିତ୍ ନାଥ(୩୮), ଦେବଜିତ୍ ଭଟ୍ଟାର୍ଯ୍ୟ(୨୫), ଅନିର୍ବନ କାଜି(୩୯), ଅନିମେଶ ଚକ୍ରବର୍ତ୍ତୀ(୪୯), ମନଜିତ୍ ଚାଟାର୍ଜୀ(୩୭), ବାବୁଲାଲ ଶାହା(୪୯), ଶୈଶବ ସାମ୍ରା(୩୮), ଗୌର ସୁନ୍ଦର ଘୋଷ(୩୯), ଶାନ୍ତନୁ ଚକ୍ରବର୍ତ୍ତୀ(୫୪) ଏବଂ ଅମିତ କୁମାର ମହନ୍ତ(୪୨) ରହିଛନ୍ତି। ସେମାନଙ୍କ ପାଖରୁ ନଗଦ ୧ଲକ୍ଷ ୯୫ହଜାର ୬୪୦ ଟଙ୍କା, ୨୩ ମୋବାଇଲ, ଏକ କାର୍ (ନଂ.ଡବ୍ଲ୍ୟୁବି୦୬ଏଚ୍/୩୯୭୦), ୪ ଲାପ୍‌ଟପ୍, ୨ ଖାଲି ବ୍ୟାଙ୍କ ଚେକ୍ ସମେତ ଜାଲିଆତି ପରିଚୟପତ୍ର ଏବଂ ଅନ୍ୟ କାଗଜାତ୍ ଜବତ ହୋଇଛି। ବରଗଡ଼ ଅମ୍ବାପାଲି ନିବାସୀ ଅଜୟ କୁମାର ରେଖାନୀ(୪୮)ଙ୍କ ଏତଲାକ୍ରମେ ପୋଲିସ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଦଫା ୪୧୯, ୪୨୦, ୪୬୮, ୪୭୧, ୪୮୨, ୪୭୭, ୧୨୦(ବି) ଆଇପିସି ଏବଂ ଆର୍.ଡବ୍ଲ୍ୟୁସେକ୍ସନ ୬୩ କପି ରାଇଟ୍ ଆକ୍ଟରେ ଏକ ମାମଲା (ନଂ.୫୭୧/୨୩) ରୁଜୁ କରିଛି।

ରବିବାର ସନ୍ଧ୍ୟାରେ ବରଗଡ଼ ଏସ୍‌ଡିପିଓଙ୍କ ଅଫିସ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ସୂଚନା ଦେଇ କହିଥିଲେ, ଗିରଫ ଅଭିଯୁକ୍ତମାନେ ନିଜକୁ ମହିନ୍ଦ୍ରା କମ୍ପାନୀର ମଧ୍ୟସ୍ଥ ଏବଂ ଅଧିକାରୀ ପରିଚୟ ଦେଉଥିଲେ। ଏଭଳି ମିଛ ପରିଚୟ ଦେଇ ସେମାନେ କମ୍ପାନୀ ପାଇଁ ଚଢ଼ାଦରରେ ଭଡ଼ାଘର ଠିକ୍ କରିବା ଆଳରେ ଲୋକଙ୍କୁ ଠକି ଚାଲିଥିଲେ । ଏହି କ୍ରମରେ ଅମ୍ବାପାଲିର ଅଜୟ ଠକାମୀର ଶିକାର ହୋଇଥିଲେ। ବରଗଡ଼ ସହର ନଦୀପଡ଼ାରେ ରହିଥିବା ଏକ ୩ ମହଲା ଘରକୁ ଭଡ଼ାରେ ଲଗାଇବା ପାଇଁ ଅଜୟ ସମ୍ପୃକ୍ତ ଘର ସମ୍ମୁଖରେ ସୂଚନା ଦେବା ସହିତ ତାଙ୍କ ମୋବାଇଲ ଫୋନ ନମ୍ବର ଦେଇ ତାଙ୍କୁ ଯୋଗାଯୋଗ କରିବାକୁ ଉଲ୍ଲେଖ କରିଥିଲେ।

ଏହି କ୍ରମରେ ଅଭିଯୁକ୍ତ ଶାନ୍ତନୁ ଗତ କିଛିଦିନ ତଳେ ସେହି ଘର ସମ୍ମୁଖରେ ଛିଡ଼ା ହୋଇ ଅଜୟଙ୍କୁ ଫୋନ କରିଥିଲେ ଏବଂ ନିଜକୁ ମହିନ୍ଦ୍ରା କମ୍ପାନୀର ଜଣେ ମଧ୍ୟସ୍ଥ କହି ଘରଭଡ଼ା ନେବାକୁ କହିଥିଲେ। ମାସିକ ସାଢ଼େ ୬ଲକ୍ଷ ଟଙ୍କା ଘରଭଡ଼ା ମୂଲଚାଲ ହୋଇଥିଲା। ତେବେ ଚଢ଼ାଦରରେ ଘରଭଡ଼ା କରାଇ ଦେଇଥିବାରୁ ନିଜେ ୨ଲକ୍ଷ ଟଙ୍କା ନେବାକୁ ଶାନ୍ତନୁ କହିଥିଲେ। ଏହାସହିତ କମ୍ପାନୀ ଅଧିକାରୀମାନେ ସେହି ଭଡ଼ାଘର ଦେଖିବାକୁ ଆସିବେ ଏବଂ ଘରଭଡ଼ା ଚୂଡ଼ାନ୍ତ ହେବା ପରେ ସେହି ୨ଲକ୍ଷ ଟଙ୍କା ତାଙ୍କୁ ଦେବା ପାଇଁ ଅଭିଯୁକ୍ତ କହିଥିଲେ। ଅଜୟ ସେଥିରେ ରାଜି ହୋଇ ଯାଇଥିଲେ ଏବଂ କମ୍ପାନୀ ଅଧିକାରୀ ପରିଚୟ ଦେଇ ଶନିବାର ଠକଗ୍ୟାଙ୍ଗ ପହଞ୍ଚି ଚଢ଼ାଦରରେ ଘରଭଡ଼ା ଚୂଡ଼ାନ୍ତ କରିବା ପରେ ଅଜୟ ଶାନ୍ତନୁଙ୍କୁ ୨ଲକ୍ଷ ଟଙ୍କା ଦେଇଥିଲେ।

ତେବେ ଅଜୟ ନିଜ ଘରକୁ ଫେରିବା ପରେ ସେହି ଠକ ଗ୍ୟାଙ୍ଗର ଗତିବିଧି, କଥାବାର୍ତ୍ତା ନେଇ ସନ୍ଦେହ କରିଥିଲେ ଏବଂ ମହିନ୍ଦ୍ରା କମ୍ପାନୀ ନାମରେ ରହିଥିବା ୱେବସାଇଟ୍ ସର୍ଚ୍ଚ କରିଥିଲେ। ଠକଗ୍ୟାଙ୍ଗ ଏକ ନକଲି ୱେବସାଇଟ୍ ଖୋଲିଥିବା ସେ ଜାଣିବାକୁ ପାଇଥିବାବେଳେ ମହିନ୍ଦ୍ରା କମ୍ପାନୀର ପ୍ରକୃତ ୱେବସାଇଟ୍‌କୁ ଯାଞ୍ଚ କରି କମ୍ପାନୀ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବା ପରେ ଅଜୟ ଠକାମୀରେ ପଡ଼ିଥିବା ନେଇ ସ୍ପଷ୍ଟ ହୋଇଥିଲେ। ଏହାପରେ ସେ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଉକ୍ତ ମାମଲା ରୁଜୁ କରି ଘଟଣାକୁ ଗୁରୁତ୍ୱର ସହିତ ନେଇଥିଲା। ବରଗଡ଼ର ଏକ ହୋଟେଲରେ ଚଢ଼ାଉ କରି ସେଠାକାର ୪ଟି ରୁମ୍‌କୁ ଭଡାରେ ନେଇ ରହୁଥିବା ଠକ ଗ୍ୟାଙ୍ଗର ୧୩ଜଣଙ୍କୁ ଧରିବା ସହିତ ସେମାନଙ୍କ ପାଖରୁ ଉକ୍ତ ସାମଗ୍ରୀ ଜବତ କରିଥିଲା ବୋଲି ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ରାଜ୍ୟ ବାହାରେ ମଧ୍ୟ ଅଭିଯୁକ୍ତମାନେ ଏଭଳି ଠକେଇ କରିଥିବା ଅନୁମାନ କରାଯାଉଛି। ସେ ନେଇ ଆଗକୁ ମଧ୍ୟ ତଦନ୍ତ ଜାରି ରହିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ବରଗଡ଼ ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ ଉପସ୍ଥିତ ଥିଲେ।

### ଓଡ଼ିଆ ଡାକ୍ତରଙ୍କୁ ଏସିପି ଆୱାର୍ଡ


ମେଘନାଦ ମେହେର।

ସରଣ୍ଡା,୨୪।୯(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ସରକଣ୍ଡା ଗ୍ରାମର ଯୁବ ଡାକ୍ତର ମେଘନାଦ ମେହେରଙ୍କୁ ଶନିବାର ଆମେରିକାନ କଲେଜ ଅଫ୍ ଫିଜିସିଆନ (ଏସିପି) ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଶନିବାର ଆମେରିକାନ କଲେଜ ଅଫ ଫିଜିସିଆନ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ଅଷ୍ଟମ ବାର୍ଷିକ ସମ୍ମିଳନୀ ଅବସରରେ ମେହେରଙ୍କୁ ଏହି ମର୍ଯ୍ୟାଦାଜନକ ଆୱାର୍ଡ ପ୍ରଦାନ କରାଯାଇଥିଲା। ମେଘନାଦ ମେହେର ବର୍ତ୍ତମାନ ଭୁବନେଶ୍ୱର ସମ ହସ୍ପିଟାଲରେ ମେଡିସିନ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାମ କରୁଛନ୍ତି। ଏଥିରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ଡାକ୍ତର, ମେଡିସିନ ସ୍ପେଶାଲିଷ୍ଟ, ଡେଲିଗେଟ୍‌ମାନେ ଯୋଗ ଦେଇଥିବା ବେଳେ ମେଡିଶିନ ସମ୍ପର୍କିତ ବିଭିନ୍ନ ରୋଗ ବିଷୟରେ ଆଲୋଚନା କରାଯାଇଥିଲା।

## ପଦ୍ମପୁର ଉପଖଣ୍ଡରେ ନୂଆଁଖାଇ ଭେଟ୍‌ଘାଟ୍

ପଦ୍ମପୁର, ୨୪।୯(ପ୍ରଦୀପ୍ତ ଦାଶ)

ବରଗଡ ଜିଲା ପଦ୍ମପୁରଠାରେ ରାଜବୋଡାସମ୍ବର ଇନ୍‌ପୁଟ ଡିଲର ୟୁନିୟନର ଖବରଦାତା ସମ୍ମିଳନୀ ଓ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରବନ୍ଧ, ପାଇକମାଳ ଓ ପଦ୍ମପୁର ବ୍ଲକର ପ୍ରାୟ ୯୫ ଜଣ ଇନ୍‌ପୁଟ ଡିଲର ଯୋଗଦାନ କରିଥିଲେ। ସଭାପତି ସପ୍ତସିନ୍ଧୁ ବର୍ଗାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂପାଦକ ଦିନେଶ ନାୟକ, କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ହୋତା, ସବ୍‌ଡିଭିଜନାଲ ସାମ୍ବାଦିକ ସଂଘ ସଭାପତି ବଡ ଶତପଥି, ସମ୍ପାଦକ ରମେଶ ଚନ୍ଦ୍ର ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ସୁରେନ୍ଦ୍ର ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଇନ୍‌ପୁଟ ଡିଲରମାନେ ଚାଷୀ ଓ ଚାଷର ସୁରକ୍ଷା ପାଇଁ କାମ କରୁଛନ୍ତି। ଚାଷକୁ ଉନ୍ନତ ଓ ଅଧିକ ଅମଳକ୍ଷମ କରିବାକୁ ସାର, କୀଟନାଶକ ଔଷଧ, ସାର, ବିହନ ଆଦି ଯୋଗାଇ ଦେଉଛନ୍ତି। ଆବଶ୍ୟକ ସ୍ଥଳେ ଚାଷୀଙ୍କ ଚାଷ କରିବାକୁ ଜ୍ଞାନ ପ୍ରଦାନ କରୁଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନାରେ ମିଳୁଥିବା ସବ୍‌ସିଡିରେ ଡିଲରମାନେ ଅନ୍‌ଲାଇନ ରସିଦ ପ୍ରଦାନ କରୁଛନ୍ତି। ତେବେ ବ୍ୟକ୍ତିଗତ ଭୁଲକୁ ଅତିରଞ୍ଜିତ କରି ସାମୂହିକ ବଦନାମ କରାଯାଉଥିବାରୁ ନିରପେକ୍ଷ ତଦନ୍ତ କରିବାକୁ ବର୍ଗାଙ୍କ ଦାବି କରିଥିଲେ। ଈଶ୍ୱର ସାହୁ, ରାକେଶ ସାହୁ, ଗୋପାଳ ମେହେର, ସୁବ୍ରତ ବେହେରା, ଦୀପକ କର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସଞ୍ଜୀବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପଦ୍ମପୁର ଲାୟନ୍ସ କ୍ଲବର ନୂଆଁଖାଇ ଭେଟଘାଟ ଅଧ୍ୟକ୍ଷ ପ୍ରୀତମ ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ରାକେଶ ସିଂ ଏବଂ ପ୍ରଦୀପ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ଏହାକୁ ମେଜର ଚିତ୍ତରଞ୍ଜନ ଦାଶ ଏବଂ ଦ୍ୱାଦଶ ପ୍ରଧାନ ପରିଚାଳନା କରିଥିଲେ। ବେଣୁମାଧବ ଦୋରା, ସନ୍ତୋଷିନୀ ରଥ, ବିନୋଦ ମିଶ୍ର, ସମ୍ପାଦକ ଇଗ୍ରେସ, କୋଷାଧ୍ୟକ୍ଷ ରାଜକିଶୋର ଯୋଶୀ, ଅନିଶ କୋଟେଚା, ଶାଶ୍ୱତ ଦାଶ, ସୋମ୍ୟଜିତ ପାଢ଼ୀ, ହିମାଂଶୁ ଯୋଶୀ, ଶୁକଦେବ ମେହେର, ପ୍ରମୋଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହାପୂର୍ବରୁ ଲାୟନ୍ସ ଭବନ ପ୍ରାଙ୍ଗଣରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଲାୟନ୍ସ କ୍ଲବ ତରଫରୁ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

**ପାଇକମାଳ (ବଡ଼ ଶତପଥୀ):** ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଧାନ ମଣ୍ଡିରେ ମୋଟର ଚାଳକ ସଂଘ ତରଫରୁ ନୂଆଁଖାଇ ଭେଟ୍‌ଘାଟ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରବି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ନୂଆଁଖାଇର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମୋଟର ଚାଳକ ସଂଘ ସଦସ୍ୟମାନେ ସେମାନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀପତି ମାଝି, ଦିନୁ ନାଏକ, ମାନସ ନାଏକ, ବେଦ ପିଟା, ପ୍ରସନ୍ନ ରଣା, ଦେବ ବାଗ, ତ୍ରିଲୋଚନ ହଂସ, କିର୍ତ୍ତନ ସତନାମୀ, ଜନତା ମାଝୀ, ଲିଙ୍ଗରାଜ ମାଝୀ, ଅଲେଖ ସାହୁ ସହଯୋଗ କରିଥିଲେ। ଦିଲୀପ କୁମାର ଡନସନା ଧନ୍ୟବାଦ ଅର୍ପଣ କରିଥିଲେ।

## ବରଗଡ଼ରେ ଆର୍ଯ୍ୟ ସମାଜ ବୈଠକ

ବରଗଡ଼,୨୪।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ରବିବାର ପଶ୍ଚିମ ଓଡ଼ିଶା ଆଯର୍‌ୟ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତବାର୍ଷିକୀ ସମାରୋହ ପାଳନ ପାଇଁ ଆଲୋଚନା ହୋଇଥିଲା। ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ଅଧ୍ୟକ୍ଷ ବୃହସ୍ପତି ଶାସ୍ତ୍ରୀ ଏବଂ ସଙ୍ଗଠନ ମନ୍ତ୍ରୀ ଧନୁର୍ଦ୍ଧର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ପଶ୍ଚିମାଞ୍ଚଳର ସମସ୍ତ ଜିଲା ପ୍ରତିନିଧି ଯୋଗଦାନ କରିଥିଲେ। ଆସନ୍ତା ଡିସେମ୍ବର ୨୩ରୁ ୨୫ତାରିଖ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ହୋଇଥିଲା । ଉପସଭାପତି କୃଷ୍ଣଦେବ ଶାସ୍ତ୍ରୀ, ସ୍ୱାମୀ ବିସୁଧାନନ୍ଦ ସରସ୍ୱତୀ ଉପସ୍ଥିତ ରହି ଆର୍ଯ୍ୟ ସମାଜ ସଙ୍ଗଠନକୁ କିଭଳି ସୁଦୃଢ଼ କରିହେବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ରାଜକୁମାର ବରାଡ଼ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ଶତାଧିକ ସନ୍ୟାସୀ, ସାଧୁସନ୍ଥ ଉପସ୍ଥିତ ଥିଲେ। ପଣ୍ଡିତ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷକ ବିକାଶ ମଞ୍ଚର ନୂଆଁଖାଇ ଭେଟ୍


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କୃଷକମାନେ।

ସୋହେଲା,୨୪।୯(ଅଶ୍ୱିନୀ ପାତ୍ର)

ସୋହେଲା ଧାନମଣ୍ଡିଠାରେ କୃଷକ ବିକାଶ ମଞ୍ଚ ପକ୍ଷରୁ ରବିବାର ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷକ ବିକାଶ ମଞ୍ଚ ସଭାପତି ମନୋହର ମାଝୀ ସଭାପତିତ୍ୱ କରିଥିଲେ। ବରିଷ୍ଠ କୃଷକ ନେତା ଜୟକୃଷ୍ଣ ସାହୁ, ପଞ୍ଚାନନ ଦଳପତ, ଗଣତନ୍ତ୍ର ପଧାନ ପ୍ରମୁଖ ଯୋଗଦେଇ ସମାଜର ବିକାଶରେ କୃଷକମାନଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଯୁବଚାଷୀ ପୁରନ୍ଦର ପଧାନ ମଞ୍ଚ ପରିଚାଳନା କରିଥିଲେ। ଚାଷୀ ନନ୍ଦିକିଶୋର ଭୋଇ, କପିଳ ଥପା, ଲାଲ ପଧାନ, ହେମଚନ୍ଦ୍ର ପଧାନ, ରାମାକାନ୍ତ ଭୋଇ, ତୀର୍ଥବାସୀ ପାତ୍ର ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସମ୍ପାଦକ ଚନ୍ଦ୍ରଶେଖର ପଧାନ, କୋଷାଧ୍ୟକ୍ଷ ମୁକେଶ ଅଗ୍ରାଲ ସହଯୋଗ କରିଥିଲେ।

## ୧୦୦୪ ଦିବ୍ୟାଙ୍ଗଙ୍କୁ ମିଳିଲା ସହାୟତା ଉପକରଣ

ବରଗଡ଼,୨୪।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆରଏମସି) କୃଷକ ବଜାର ପରିସରରେ ରବିବାର ଦିବ୍ୟାଙ୍ଗମାନଙ୍କ ପାଇଁ ସହାୟତା ଉପକରଣ ବଣ୍ଟନ ମହାଶିବିର ଅନୁଷ୍ଠିତ ହୋଇଯାଇଛି। ଏଏଲଆଇଏମ୍‌ସିଓ ଇଣ୍ଡିଆ ତଥା ବରଗଡ଼ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ପି ସୁରେଶ ପୂଜାରୀ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଭଟଲି ବିଧାୟକ ସୁଶାନ୍ତ ସିଂ, ଜିଲାପାଳ ମୋନିଷା ବାନାର୍ଜୀ, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦିତ୍ୟ ଗୋୟଲ, ଏମ୍‌ଏସ୍‌ଜେଇ ଭାରତ ସରକାରଙ୍କ ଅଣ୍ଡର ସେକ୍ରେଟେରୀ ଆର୍.ସି ମୀନା, ଉପଜିଲାପାଳ କୁମାର ନାଗଭୂଷଣ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଏବଂ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାହୀର ହୁସେନ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୦୦୪ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର, ଟ୍ରାଇ ସାଇକେଲ, କୃତ୍ରିମ ଅଙ୍ଗ, ଶ୍ରବଣ ଯନ୍ତ୍ର ଆଦି ମାଗଣାରେ ପ୍ରଦାନ କରାଯାଇଥିଲା।

## ପଦ୍ମପୁର ଜିଲା ଘୋଷଣାକୁ କାର୍ଯ୍ୟକାରୀ କର

ପଦ୍ମପୁର,୨୪।୯(ପ୍ରଦୀପ୍ତ ଦାଶ)

ଦୀର୍ଘଦିନର ଦାବି ପଦ୍ମପୁର ଜିଲା ଗଠନ ନେଇ ଗତ ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ପାଇଁ ଦାବି ଜୋର୍ ଧରିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଟାଉନ ହଲଠାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପଦ୍ମପୁର, ପାଇକମାଳ, ଝାରବନ୍ଧ, ଗାଇସିଲାଟ ଅଞ୍ଚଳର କ୍ରିୟାନୁଷ୍ଠାନ କମିଟି ଓ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ଜନ୍ମତିଥି ସୁଦ୍ଧା ପଦ୍ମପୁର ବିଧାୟିକାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଦାବି କାର୍ଯ୍ୟକାରୀ କରିବା ପାଇଁ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି କରିବା ପାଇଁ ନିଷ୍ପତ୍ତି ହୋଇଛି। ଅଜିତ ଶତପଥୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତି ରାମଚନ୍ଦ୍ର ତ୍ରିପାଠୀ, ବିଧାୟିକା ପ୍ରତିନିଧି ନବକିଶୋର ସାହୁ, ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଓ ପ୍ରଦୀପ ପୁରୋହିତଙ୍କ ଉପସ୍ଥିତିରେ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଏଥିରେ ପଦ୍ମପୁର ବିଧାୟିକା, ପୂର୍ବତନ ଦୁଇ ବିଧାୟକଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି ।

# ନୂଆଁଖାଇ ଭେଟ୍‌ରେ ଦୁଲୁକିଲା ମଞ୍ଚ

ବରଗଡ଼,୨୪।୯(ପ୍ରେମାନନ୍ଦ ଖମାରୀ)

ରାଜ୍ୟସ୍ତରୀୟ ସାହିତ୍ୟ, ସଂସ୍କୃତି ଅନୁଷ୍ଠାନ ପରବାସୀ କୁଟୁମ୍ବର ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ କବି, ଲେଖକ ଏବଂ କଳାକାର ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଭେଟଘାଟ ସଭା, ସମ୍ବର୍ଦ୍ଧନା ପର୍ବ, ଆଲୋଚନାଚକ୍ର, ସାହିତ୍ୟ ଆସର, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିକୁ ନେଇ ବିଜୁ ପଟ୍ଟନାୟକ ଟାଉନ ହଲ ଦୁଲୁକି ଉଠିଥିଲା ।

କପିଳେଶ୍ୱର ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭେଟଘାଟ୍ ଏବଂ ସମ୍ବର୍ଦ୍ଧନା ସଭାରେ ସାହିତ୍ୟିକ ଧନପତି ମହାପାତ୍ର, ଗବେଷକ ଉତ୍ପନ୍ନ କୁମାର ଭୋଇ, ଲେଖକ ସୁଶାନ୍ତ ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ବୃନ୍ଦାବନ ସାହୁ, ସଂଯୋଜକ ଉମାକାନ୍ତ ଭୋଇ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ସାହିତ୍ୟିକ ଅମୃତଲାଲ ସାହୁଙ୍କୁ ପରବାସୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସଙ୍ଗୀତ ଗୁରୁ ସୁରେନ୍ଦ୍ର ସାହୁଙ୍କୁ ପରବାସୀ ସଂସ୍କୃତି ସମ୍ମାନ, ଯୁବ ଲେଖକ ମୁରଲୀ ଶିକାକୁ ଜୁଆନ ପରବାସୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉମାକାନ୍ତ ଭୋଇଙ୍କ ରଚିତ ପଶ୍ଚିମ ଓଡ଼ିଶା କୁଇଜ୍ ଏବଂ ଓଜସ୍ୱିନୀ ପଟେଲଙ୍କ ଉପନ୍ୟାସ ମୁକ୍ତିକୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଧୁସୂଦନ ନାୟକ ଅଧ୍ୟକ୍ଷତା କରିଥିଲେ । ଆଲୋଚନାରେ କଳାହାଣ୍ଡିରୁ ଅଜିତ ଭୋଇ, ସମ୍ବଲପୁରରୁ ଅତୀଶ ଶତପଥି, ବରଗଡ଼ରୁ ଘନଶ୍ୟାମ ବାଞ୍ଜି ଆଲୋଚକ ଭାବେ ଯୋଗଦେଇ ନୂଆଁଖାଇର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କବି ସଚ୍ଚିଦାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ତୃତୀୟ ଅଧିବେଶନ ହୋଇଥିଲା। ଏହି ଅଧିବେଶନରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ କବି କବିତା ଆବୃତ୍ତି କରିଥିଲେ। ସାହିତ୍ୟିକ ଟେକଚାନ୍ଦ ଦୁଆନ, ନାଟ୍ୟକାର ଅଶୋକ ବହିଦାର, ରୋହିତ ଦାଶ, କେଶରଞ୍ଜନ ପ୍ରଧାନ, ସୁଶାନ୍ତ ବାଗ, ସାଲେଗ୍ରାମ ହୋତା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଆଶୁତୋଷ ମହାପାତ୍ର, ମାନିନୀ ମେହେର, ଆରତୀ ସାହୁ, ସଙ୍ଗୀତା ଷଡ଼ଙ୍ଗୀ, ଧ୍ରୁବଚରଣ ପ୍ରଧାନ, ଓଜସ୍ୱିନୀ ମାହାର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶିବଶଙ୍କର ପୂଜାହାରୀଙ୍କ ବହି ପସରା, ସୃଷ୍ଟିଲେଖା ପୁରୋହିତଙ୍କ ଚିତ୍ରକଳା ପ୍ରଦର୍ଶନୀ ଆଦି ପ୍ରଦର୍ଶିତ ହୋଇଥିଲା। ସନ୍ଧ୍ୟାରେ ମନୀଷ ରଥ, ମନୋରଞ୍ଜନ ପୁରୋହିତ ପ୍ରମୁଖଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଦୀପକ ସିଂ ବରିହା, ଗଣେଶ ମେହେର, ସୂର୍ଯ୍ୟ ପାଢ଼ୀ, ରଞ୍ଜିତ ପ୍ରଧାନ, ପୀତବାସ ମେହେର, ତରଣୀସେନ ଗୁରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେବାଶିଷ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଶତାଧିକ ଲୋକ ସାମିଲ ହୋଇଥିଲେ ।


ନୂଆଁଖାଇ ଭେଟ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ ।


ନୂଆଁଖାଇ ଭେଟ୍‌ରେ ଯୋଗ ଦେଇଥିବା କବି, ସାହିତ୍ୟିକ, କଳାକାରବୃନ୍ଦ।




## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ରାଉରକେଲା,୨୪।୯
(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ରେଳନଗରୀ ସ୍ଥିତ ବନ୍ଧମୁଣ୍ଡା ରେଲୱେ ହାଇସ୍କୁଲର ୧୯୯୮ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ବନ୍ଧମୁଣ୍ଡା ରେଲୱେ ସଂସ୍ଥାନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରେ ରହୁଥିବା ରେଲୱେ ହାଇସ୍କୁଲର ୮୯ ବ୍ୟାଚ୍‌ର ସମସ୍ତ ପୁରାତନ ବିଦ୍ୟାର୍ଥୀ ସାମିଲ ହୋଇଥିଲେ। ଏହି ଅବସରରେ ରେଲୱେ ସୁରକ୍ଷା ବିଭାଗରୁ ଅବସର ନେଇଥିବା ଶ୍ରୀବାସ ଚନ୍ଦ୍ର ଘୋଷ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କୁଲ ସମୟର ଦିନ ପ୍ରତ୍ୟେକଙ୍କ ପାଇଁ ଚିରସବୁଜ ବୋଲି କହିଥିଲେ। ଏହାସହ ସ୍ଥାନୀୟ ହାଇସ୍କୁଲର ୧୯୯୮ ବ୍ୟାଚ୍‌ର କିଛି ସ୍କୁଲ ସାଥୀଙ୍କ ବିଚ୍ଛେଦକୁ ନେଇ ଗଭୀର ଶୋକ ପ୍ରକାଶ ପାଇଥିଲା। ବନ୍ଧୁମିଳନରେ ଧନଞ୍ଜୟ ଚୌଧୁରୀ, ପ୍ରବେଶ ଶ୍ରୀବାସ୍ତବ, ପ୍ରତିମା ଘୋଷ, ସ୍ୱାତୀ ଶ୍ରୀବାସ୍ତବ, ରାଜୁ ପ୍ରଧାନ, ସନ୍ତୋଷ, ମନୋଜ, ପି. ରାଜେଶ୍ୱର, ମନୋଜ, ଶବନମ ପ୍ରମୁଖ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହି ପୁରୁଣା ସ୍ମୃତିଚାରଣ କରିଥିଲେ।

# ବ୍ୟବସାୟୀଙ୍କୁ ଥଇଥାନ ପାଇଁ ତତ୍ପରତା

ରାଉରକେଲା,୨୪।୯
(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଡିଏଭି ଛକ ନିକଟ ଜେଲ ରୋଡ୍ ଭେଣ୍ଡିଂ ଜୋନ-୨ ନିର୍ମାଣ ହେବା ପରେ ବ୍ୟବସାୟୀମାନଙ୍କୁ ଦୋକାନ ବଣ୍ଟନରେ ବିଳମ୍ୱ କରାଯାଇଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଆର୍‌ଏମ୍‌ସି ପକ୍ଷରୁ ଉକ୍ତ ଭେଣ୍ଡିଂ ଜୋନ୍‌ରେ ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ତତ୍ପରତା ପ୍ରକାଶ ପାଇଛି।

ସୂଚନା ଅନୁସାରେ, ଜେଲ ରୋଡ୍ ଭେଣ୍ଡିଂ ଜୋନ-୨ରେ ୧୩୦ ବ୍ୟବସାୟୀଙ୍କୁ ଥଇଥାନ ପାଇଁ ଆର୍‌ଏମ୍‌ସି ପକ୍ଷରୁ କ୍ୟାବିନ ନିର୍ମାଣ କରାଗଲା। ଏଥିରେ ଜେଲ ରୋଡ ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ଗରିବ ଖୁଚୁରା ବ୍ୟବସାୟୀଙ୍କୁ ଉଚ୍ଛେଦ କରି ଥଇଥାନ କରିବା ପାଇଁ ଲକ୍ଷ୍ୟ ରଖାଗଲା। ମାତ୍ର ଭେଣ୍ଡିଂ ଜୋନ୍ ନିର୍ମାଣ ହେବାର ଦୀର୍ଘ ମାସ ବିତିଯାଇଲେ ମଧ ରାସ୍ତାକଡ଼ ବ୍ୟବସାୟୀମାନଙ୍କୁ ଅନୁମତି ମିଳି ନ ଥିଲା। କେବଳ ୮ଜଣ ବ୍ୟବସାୟୀ ଭେଣ୍ଡିଂ ଜୋନରେ ଦୋକାନ ଖାଲିଥିଲେ ଓ ୧୨୨ଜଣ କ୍ୟାବିନ ପାଇବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ଧରିତ୍ରୀରେ ଗତ ୧୬ ତାରିଖ ସମ୍ବଲପୁର ସଂସ୍କରଣରେ 'ଥଇଥାନ ଧର୍ମକୁ ଆଖିଠାର' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ଆର୍‌ଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆସନ୍ତା ୩୦ତାରିଖ ସୁଦ୍ଧା ସମସ୍ତ ବ୍ୟବସାୟୀଙ୍କୁ ଦୋକାନ ଖୋଲିବାକୁ ଅନୁମତି ଦିଆଯିବ। ଏଥିପାଇଁ ଅଗ୍ରୀମ ଅର୍ଥରାଶି ଜମା କରିବାକୁ କୁହାଯାଇଛି।



ଜେଲ ରୋଡ୍ ଭେଣ୍ଡିଂ ଜୋନ।

### ଜେଲ ରୋଡ୍ ଭେଣ୍ଡିଂ ଜୋନ-୨

ଏହାସହ ଭେଣ୍ଡିଂ ଜୋନ ସମ୍ମୁଖରେ ବେଆଇନ ଭାବେ ଦୋକାନ ଖୋଲିଥିବା ବ୍ୟବସାୟୀମାନଙ୍କୁ ଉଠାଇ ଦିଆଯିବ ବୋଲି କୁହାଯାଇଛି। ସେହିପରି ଆମିଷ ବ୍ୟବସାୟୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ କ୍ୟାବିନ ନିର୍ମାଣ ହୋଇଥିବା ବେଳେ ସେମାନଙ୍କୁ ଥଇଥାନ କରାଯିବ ବୋଲି ଜଣାପଡିଛି। ଭେଣ୍ଡିଂ ଜୋନ ପରିସରରେ ଯେଭଳି ସ୍ୱଚ୍ଛତା ବଜାୟ ରହିବ ସେ ଦିଗରେ ଦୋକାନୀମାନଙ୍କୁ ଯତ୍ନଶୀଳ ହେବାକୁ ଆର୍‌ଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷେ ଭେଣ୍ଡିଂ ଜୋନ୍‌ର ବ୍ୟବସାୟୀ ଭାଗୀରଥି ଧଳ, ସୁକାନ୍ତି ମଲ୍ଲିକ, ସସ୍ମିତା ନାୟକ, ଉତ୍ତମ ଦାସ, ଏସ. କେ. ମୁସ୍ତାଜ ଅଲ୍ଲୀ ପ୍ରମୁଖ ବ୍ୟବସାୟୀ ଆର୍‌ଏମ୍‌ସି ପଦକ୍ଷେପକୁ ପ୍ରଶଂସା କରିଛନ୍ତି।

# ସେବାରେ ବ୍ରତୀ ହେବାକୁ ଆହ୍ୱାନ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା/ବେଦବ୍ୟାସ,୨୪।୯
(ବିପ୍ଲବ ରଞ୍ଜନ ଦାଶ/ ଆଲୋକ ସ୍ୱାଇଁ)

ରାଉରକେଲା ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ସଭାଗୃହରେ ରବିବାର ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡା. ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେବା ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ। ନେହେରୁ ଯୁବକେନ୍ଦ୍ରର ନିର୍ଦ୍ଦେଶକ ଅମୂଲ୍ୟ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଜାତୀୟ ସେବା କ୍ଷେତ୍ରରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ସଂସ୍କୃତ ମହାବିଦ୍ୟାଳୟର ପ୍ରଥମ ପୁରାତନ ଛାତ୍ର ମାୟାଧର ଖିଲାଡିଙ୍କୁ ଗୁରୁଗୌରବ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଡାକ୍ତର ପରମେଶ୍ୱର ଶତପଥି ବେଦମନ୍ତ୍ର ପଠନ କରିଥିବା ବେଳେ, ଅଧ୍ୟାପକ ଉଦ୍ଧବ ପ୍ରଧାନ ଶାନ୍ତିପାଠ କରିଥିଲେ। ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ବକ୍ତୃତା, ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ମମତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବସ୍ତିବାସୀଙ୍କ ବ୍ୟବହାର ପାଇଁ ବ୍ୟାସ ଭବନ ଖୋଲାଯାଉ

ଉରକେଲା,୨୪।୯(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ଡିଏଭି ବସ୍ତିରେ ଥିବା ବ୍ୟାସ ଭବନକୁ ସ୍ଥାନୀୟ ବସ୍ତିବାସୀଙ୍କ ବିଭିନ୍ନ ଉତ୍ସବରେ ବ୍ୟବହାର କରିବାକୁ ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ ପାଖରେ ଦାବି ହୋଇଛି। ଏ ନେଇ ଡିଏଭି ବସ୍ତିବାସୀ ଶ୍ରମ ମନ୍ତ୍ରୀ ନାୟକଙ୍କୁ ରବିବାର ଭେଟି ଦାବି କରିଛନ୍ତି। ଆଖଣ୍ଡଳମଣି ବସ୍ତି ନିକଟରେ ବ୍ୟାସଭବନ ଓ ସୁବର୍ଣ୍ଣରେଖା ନାମରେ ଅନୁଷ୍ଠାନ ତିଆରି ହୋଇଛି। ଏହି ଭବନ ବସ୍ତି ଭିତରେ ଥିବାବେଳେ ସେମାନଙ୍କ କୌଣସି କାମରେ ଲାଗୁନାହିଁ। ଫଳରେ ବସ୍ତିବାସୀ କୌଣସି ଉତ୍ସବ କି ବାହାଘର, ଶୁଦ୍ଧିକାମ କରିବାକୁ ହେଲେ ଘରୋଇ ହୋଟେଲ ଓ ପେଣ୍ଡାଲର ସାହାଯ୍ୟ ନେବାକୁ ପଡୁଛି।



ବସ୍ତିବାସୀ ମନ୍ତ୍ରୀ ସାରଦା ନାୟକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବସ୍ତିବାସୀ ଠିକା ଶ୍ରମିକ ହୋଇଥିବାରୁ ଘରୋଇ ହୋଟେଲ ଓ ପେଣ୍ଡାଲ ବାବଦରେ ଅର୍ଥ ଖର୍ଚ୍ଚ କରିବା ସେମାନଙ୍କ ପକ୍ଷେ କଷ୍ଟକର। ତେଣୁ ବସ୍ତି ଭିତରେ ଥିବା ବ୍ୟାସ ଭବନକୁ ବସ୍ତିବାସୀଙ୍କ ବିଭିନ୍ନ କାମରେ ବ୍ୟବହାର ପାଇଁ ଉପଲବ୍ଧ କରାଗଲେ ସେମାନେ ଉପକୃତ ହୁଅନ୍ତେ ବୋଲି କହିଛନ୍ତି। ଏ ନେଇ ସୁବର୍ଣ୍ଣରେଖା

### ଶ୍ରମ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଅନୁଷ୍ଠାନର ସଭାପତି ମନୋରଞ୍ଜନ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ଆମ ବ୍ୟାସ ଭବନକୁ ବସ୍ତିବାସୀଙ୍କୁ ବିଭିନ୍ନ ଉତ୍ସବ ପାଇଁ ପୂର୍ବରୁ ଦେଇଥିଲୁ। କିନ୍ତୁ ଏହା ପରିସରରେ ମଦ୍ୟପାନ ଠାରୁ ଆରମ୍ଭ କରି ବିଭିନ୍ନ ଅନୈତିକ କାର୍ଯ୍ୟ କରାଗଲା। ଫଳରେ ପରବର୍ତ୍ତୀ ସମୟରେ ଏହା ବନ୍ଦ କରାଗଲା ବୋଲି ଦାଶ ସୂଚନା ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଆଖଣ୍ଡଳମଣି ବସ୍ତିର ଶିବୁ ଦୀପ, ରାଜା ନାୟକ, ସୁବାସ ବେହେରା, ଅମିତ ବାରିକ, ବବୁଲ ପୁରୋହିତ, ଏସ.ଏସ ବାରିକ, ଚନ୍ଦନ ବାରା, ସତ୍ୟଜିତ ବେରାଙ୍କ ସମେତ ବହୁ ବସ୍ତିବାସୀ ଉପସ୍ଥିତ ଥିଲେ।

# ସଚେତନତା ବାର୍ତ୍ତା ବାଣ୍ଟିଲେ ମହିଳା




ରବିବାର ଅନ୍ତର୍ଜାତୀୟ ଡଟର୍ସ ଡେ ଅବସରରେ ରାଉରକେଲା ହନୁମାନ ବାଟିକା ରାସ୍ତାରେ ମାରୱାଡି ମହିଳା ମଞ୍ଚ ଓ ମାରୱାଡି ଯୁବା ଜାଗୃତି ମଞ୍ଚ ପକ୍ଷରୁ ଶୋଭାଯାତ୍ରା।

ରାଉରକେଲା,୨୪।୯(ବିପ୍ଲବ ରଞ୍ଜନ ଦାଶ)

ଅନ୍ତର୍ଜାତୀୟ ଡଟର୍ସ ଡେ ଅବସରରେ ରବିବାର ରାଉରକେଲା ମାରୱାଡି ମହିଳା ମଞ୍ଚ ଓ ମାରୱାଡି ଯୁବା ଜାଗୃତି ମଞ୍ଚ ତରଫରୁ ଶିକ୍ଷା ସହିତ ସଂସ୍କାର ଝିଅମାନଙ୍କ ଅଳଙ୍କାର ଶୀର୍ଷକରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାରୱାଡି ମହିଳା ମଞ୍ଚ ସଭାନେତ୍ରୀ ରେଶ୍ମା ହଲବାଇ ଏବଂ ମାରୱାଡି ଯୁବା ମଞ୍ଚ ଜାଗୃତି ସଭାନେତ୍ରୀ ବର୍ଷା ଜୈନା ଏହି ଶୋଭାଯାତ୍ରାର ନେତୃତ୍ୱ

### ରାଉରକେଲାରେ ଅନ୍ତର୍ଜାତୀୟ ଡଟର୍ସ ଡେ

ନେଇଥିଲେ। ଶୋଭାଯାତ୍ରାରେ ୫୦ରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ। ଝିଅ ହେଉଛି ଅମୂଲ୍ୟ ରତ୍ନ। ଏଣୁ ଝିଅମାନଙ୍କୁ ଶିକ୍ଷା ବ୍ୟତୀତ ଉଚ୍ଚ ସଂସ୍କାରି କରିବା ଆବଶ୍ୟକ। ଦିନକୁ ଦିନ ଝିଅମାନେ ଶିକ୍ଷିତ ହେଉଛନ୍ତି। ମାତ୍ର ଉଚିତ ସଂସ୍କାର ଅଭାବରୁ ଅନେକ ଭୁଲ ବାଟକୁ ଅଗ୍ରସର ହେଉଛନ୍ତି। ଏଣୁ ଝିଅମାନେ ସଂସ୍କାରୀ ହୋଇ ନିଜ ଅଭିଭାବକଙ୍କଠାରୁ ଲାଭ କରୁଥିବା ସଂସ୍କାରକୁ ପାଳନ କରି ଭବିଷ୍ୟତ ପଥକୁ ଅଗ୍ରସର ହୁଅନ୍ତୁ ବୋଲି ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ଶୋଭାଯାତ୍ରା ହନୁମାନ ବାଟିକାଠାରୁ ହାଇଟେକ ହସ୍ପିଟାଲ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମହିଳାମାନେ ଏକତ୍ରିତ ହୋଇ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀମାନଙ୍କ ସହ ଅଭିଭାବିକା ଅଭିଭାବକମାନଙ୍କୁ ସଚେତନ କରିଥିଲେ।

# ରାଉରକେଲା ଆସିଲା ବନ୍ଦେ ଭାରତ ଟ୍ରେନ୍

ରାଉରକେଲା,୨୪।୯(ଦିନେଶ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସ ଯୋଗେ ସାରା ଦେଶରେ ୯ଟି ବନ୍ଦେ ଭାରତ ଟ୍ରେନର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି କ୍ରମରେ ରବିବାରଠାରୁ ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳ କରିଛି। ଏ ନେଇ ରାଉରକେଲା ରେଳ ଷ୍ଟେଶନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଓ ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ନିହାର ରାୟ, ଧୀରେନ ସେନାପତିଙ୍କ ସମେତ ବହୁ ବରିଷ୍ଠ ରେଲୱେ ଅଧିକାରୀ ଉପସ୍ଥିତ ଥିଲେ। ବନ୍ଦେ ଭାରତ ଏକ୍ସପ୍ରେସ ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନମ୍ବର-୧ରେ ରାତି ୮ଟାରେ ପହଞ୍ଚିବା ପରେ ତାକୁ ରାଉରକେଲାବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ଟ୍ରେନ ରାଉରକେଲା ରେଳ ଷ୍ଟେଶନରେ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଶ୍ରମ ମନ୍ତ୍ରୀ, ସୁନ୍ଦରଗଡ଼ ଏମ୍‌ପି ଏବଂ ଅନ୍ୟମାନେ।

ପ୍ରାୟ ୪୫ ମିନିଟ ରହିବା ପରେ ପୁଣି ପୁରୀ ଅଭିମୁଖେ ଯାତ୍ରା କରିଥିଲା। ଏହି ଟ୍ରେନରେ ୮ଟି ଲକ୍ସଜୁରୀ ଏସି ବଗି ରହିଥିବାବେଳେ ଗତ ୨୦ ତାରିଖରେ ଏହାର ଟ୍ରାଏଲ ରନ ସଫଳ ଭାବେ ଶେଷ ହୋଇଥିଲା। ଏହି ଟ୍ରେନ ଆସନ୍ତା ୨୭ ତାରିଖରେ ବିଧିବଦ୍ଧ ଭାବେ ପୁରୀରୁ ରାଉରକେଲା ଯାତ୍ରା କରିବ। ଏହି ଟ୍ରେନ ପୁରୀରୁ ସକାଳ ୫ଟାରେ ବାହାରି ରାଉରକେଲା ରେଳ ଷ୍ଟେଶନରେ ୧୨ଟା୪୫ ମିନିଟ୍‌ରେ ପହଞ୍ଚିବ। ରାଉରକେଲା ଷ୍ଟେଶନରୁ ଅପରାହ୍ଣ ୨ଟା ୧୦ ମିନିଟ୍‌ରେ ବାହାରି ୯ଟା ୪୫ ମିନିଟ୍‌ରେ ପୁରୀରେ ପହଞ୍ଚିବ ବୋଲି ସମୟ ନିର୍ଦ୍ଧାରିତ କରାଯାଇଛି। ବନ୍ଦେ ଭାରତ ଟ୍ରେନ ପୁରୀ ଓ ରାଉରକେଲା ମଧ୍ୟରେ ଖୋର୍ଦ୍ଧାରୋଡ, ଭୁବନେଶ୍ୱର, କଟକ, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର ସିଟି, ଝାରସୁଗୁଡା ଆଦି ଷ୍ଟେଶନରେ ରହଣି କରି ଶେଷରେ ରାଉରକେଲାରେ

### ଗୋଟିଏ ମଞ୍ଚରେ ସାରଦା, ଜୁଏଲ

ପହଞ୍ଚିବ। ରାଉରକେଲାରୁ ପୁରୀ ୫୦୫ କିଲୋମିଟର ଦୂରତାକୁ ୭ ଘଣ୍ଟା ୪୫ ମିନିଟରେ ଅତିକ୍ରମ କରିବ। ଏହି ଟ୍ରେନ ଶନିବାର ବ୍ୟତୀତ ସପ୍ତାହର ବାକି ୬ ଦିନ ଯାତ୍ରା କରିବ। ବନ୍ଦେ ଭାରତ ଟ୍ରେନ୍‌ର ଶୁଭ ଉଦ୍‌ଘାଟନୀ ଉତ୍ସବରେ ରେଲୱେ ଷ୍ଟେଶନ ମ୍ୟାନେଜର ପ୍ରଭାସ ରଞ୍ଜନ ଦାସ, ରେଲୱେ ମଣ୍ଡଳ ପରିବହନ ନିରୀକ୍ଷକ (ଡିଟିଆଇ) ପି. କେ. ଜେନା, ଏରିଆ ରେଲୱେ ମ୍ୟାନେଜର (ଏଆରଏମ୍) ଆର. କେ. ମହାନ୍ତି, ରେଲୱେ କମର୍ସିଆଲ ଇନ୍ସପେକ୍ଟର ତପନ କୁମାର ମଣ୍ଡଳଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ଟ୍ରେନ ଗତ ୧୨ ତାରିଖରେ ପୁରୀ-ତାଳଚେର ରୋଡ ମଧ୍ୟରେ ପ୍ରଥମ ଟ୍ରାଏଲ ରନ କରିଥିଲା।

# ଅକ୍ଟୋବର ୩୦ରୁ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

ରାଉରକେଲା,୨୪।୯(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସହର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ପଦ୍ମବର୍ଣ୍ଣା ସାଂସ୍କୃତିକ ସଙ୍ଗଠନ ଆନୁକୂଲ୍ୟରେ ଅକ୍ଟୋବର ୩୦ରୁ ସେକ୍ଟର-୬ ସ୍ଥିତ ଏଚ୍-କ୍ଲବ ଦୁର୍ଗାପୂଜା ପଡିଆରେ ୫ଦିନ ଧରି ମୁକ୍ତମଞ୍ଚ ନାଟ୍ୟ ପ୍ରତିଯୋଗିତା କରାଯିବ। ଏ ନେଇ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଚଳିତ ବର୍ଷ ପାଇଁ ସଙ୍ଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ଡ. ଭାଗରଥି ଯୋଶୀ, ଡ. ଜ୍ଞାନରନ ଗିରି, ବୁଧିଆ ସାହୁ ଏବଂ ସୌମ୍ୟରଞ୍ଜନ ଦାସ ରହିଛନ୍ତି। କମିଟି ଅଧ୍ୟକ୍ଷ ଭାବେ ନାରାୟଣ ପତି, ଉପାଧ୍ୟକ୍ଷ ଚନ୍ଦ୍ରଶେଖର ଶତପଥି, ସଭାପତି ମିହିର ରାୟ, କୋଷାଧ୍ୟକ୍ଷ ବିଘ୍ନେଂଶୁ ସ୍ୱାଇଁ, ଉପସଭାପତି ଭାବେ ହୀରାଲାଲ ମହାପାତ୍ର, ଗଣେଷ ରାୟ, ସତ୍ୟ ନାରାୟଣ ସାହୁ, ଯୁଗ୍ମ ସମ୍ପାଦକ କୈଳାସ, ସୁଦାମ ସାହୁ, ପାଣ୍ଡବ ଲେଙ୍କା, ସଙ୍ଗଠନ ସମ୍ପାଦକ ଭାବେ ରାମମୋହନ ନାୟକ, ଅମର ଖଣ୍ଟୁଆ, ଦିଲ୍ଲୀପ ବୁଦ୍ଧଦେବ ଏବଂ ପରିଚାଳନା କମିଟି ସଦସ୍ୟ ଭାବେ ଅଜୟ ଦାସ, ସୁଜିତ କୁମାର ସ୍ୱାଇଁ, ସିଦ୍ଧାର୍ଥ ଲେଙ୍କା, ଜୟପାଳ, ହିମାଂଶୁ ବେହୁରିଆ, ଅଟଳ ସାମଲ, ପ୍ରଶାନ୍ତ ଆଚାର୍ଯ୍ୟ ଓ ମନୋରଞ୍ଜନ ବାରିକ ଚୟନ ହୋଇଛନ୍ତି। ମୁକ୍ତମଞ୍ଚ ନାଟକର ଅନ୍ତିମ ଦିବସରେ ଶ୍ରେଷ୍ଠ ନାଟକ ଓ ନାଟ୍ୟ କଳାକାରଙ୍କୁ ପୁରସ୍କୃତ କରାଯିବା ପାଇଁ ସ୍ଥିର କରାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ପ୍ରତିଯୋଗିତାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

# ଗୋପବନ୍ଧୁଙ୍କ ଜୟନ୍ତୀ ପାଇଁ ଓଡ଼ିଆ ଭାଷା ପ୍ରତିଯୋଗିତା

ରାଉରକେଲା,୨୪।୯
(ବିପ୍ଲବ ରଞ୍ଜନ ଦାଶ)

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ରବିବାର ସେକ୍ଟର-୫ ସ୍ଥିତ ଭଞ୍ଜଭବନ ସଭାଗୃହରେ ଆଦର୍ଶ ପାଠାଗାର ପକ୍ଷରୁ ଓଡିଆ ଭାଷା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୨ଟି ପର୍ଯ୍ୟାୟରେ ଉକ୍ତ ପ୍ରତିଯୋଗିତାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲାର ବାଜିରାଉତ ଶିକ୍ଷା ନିକେତନ, ଜୀବନ ଜ୍ୟୋତି ଶିକ୍ଷା ମନ୍ଦିର, ମଧୁସୂଦନ ଶିକ୍ଷା ନିବାସ, ସରସ୍ୱତୀ ଶିଶୁ ମନ୍ଦିର, ଚିନ୍ମୟ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ସମେତ ସରକାରୀ ଏବଂ ବେସରକାରୀ ସ୍କୁଲର ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମଲ ହୋଇଥିଲେ। ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଆଦର୍ଶ ପାଠାଗାରର ସାଧାରଣ ସମ୍ପାଦକ ସୁକାନ୍ତ ଖୁଣ୍ଟିଆ, ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅକ୍ଟୋବର ୯ ତାରିଖ ଗୋପବନ୍ଧୁ ଜୟନ୍ତୀରେ ପୁରସ୍କୃତ କରାଯିବ ବୋଲି ଆଦର୍ଶ ପାଠାଗାର ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ସୂଚନା ଦେଇଛନ୍ତି।

# ଫୁଟ୍‌ପାଥରେ ଗର୍ତ୍ତ, ଯାତାୟାତରେ ସମସ୍ୟା

ରାଉରକେଲା,୨୪।୯(ଦିନେଶ ମିଶ୍ର)

ରାଉରକେଲା ସହରରେ ଥିବା କିଛି ଫୁଟ୍‌ପାଥ ଭାଙ୍ଗିଯାଇଥିବା ବେଳେ ଆଉ କିଛି ବ୍ୟବସାୟୀଙ୍କ କବ୍‌ଜାରେ ରହିଛି। ଫଳରେ ଲୋକେ ଯାତାୟାତ କରିବାରେ ସମସ୍ୟା ହେଉଛି। ଏ ନେଇ ସ୍ଥାନୀୟ ପ୍ରଶାସନ ପାଖରେ ଅଭିଯୋଗ କଲେ ମଧ ଏହାର କୌଣସି ସମାଧାନ ହେଉନାହିଁ। ୱାର୍ଡ ନଂ-୨୨ର ଟ୍ରାଫିକ୍ ଗେଟ୍ ସ୍ଥିତ ମଧୁସୂଦନ ମାର୍କେଟ କମ୍ପ୍ଲେକ୍ସରେ ଦେଖିବାକୁ ମିଳିଛି।

ରାଉରକେଲା ସହରରେ ଷ୍ଟେଶନ ରୋଡରୁ ଆରମ୍ଭ କରି ଟ୍ରାଫିଗେଟ ରୋଡ ପର୍ଯ୍ୟନ୍ତ ମଧୁସୂଦନ ମାର୍କେଟ କମ୍ପ୍ଲେକ୍ସରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଦୋକାନ ରହିଛି। ଏହି ମାର୍କେଟ ସହରର ଏକ ପ୍ରମୁଖ ମାର୍କେଟ ହୋଇଥିବାବେଳେ ଏଠାରେ କିଣାବିକା କରିବା ପାଇଁ ବହୁ ଗ୍ରାହକ ଆସିଥାନ୍ତି। ଏହି ମାର୍କେଟ କମ୍ପ୍ଲେକ୍ସରେ ଯାତାୟାତ କରିବା ପାଇଁ ଆର୍‌ଏମ୍‌ସି ପକ୍ଷରୁ ଫୁଟ୍‌ପାଥ ରାସ୍ତା ତିଆରି



ଫୁଟ୍‌ପାଥରେ ଗର୍ତ୍ତ ହୋଇଛି।

କରାଯାଇଛି। କିନ୍ତୁ ଏହି ଫୁଟପାଥ ଗୁଡିକ ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗି ଯାଇଛି। ଫଳରେ ଫୁଟପାଥରେ ବଡ ବଡ ଗର୍ତ୍ତମାନ ସୃଷ୍ଟି ହେଉଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ମାର୍କେଟ କମ୍ପ୍ଲେକ୍ସର ହିରାକୁଦ ହାର୍ଡୱେର ଶପ୍ ନଂ. ୧୭ଠାରୁ ଆରମ୍ଭ କରି ପ୍ରାୟ ୧୦ଟିରୁ ଊର୍ଦ୍ଧ୍ୱ ଦୋକାନ ସମ୍ମୁଖରେ ଫୁଟପାଥରେ ଗର୍ତ୍ତ ସୃଷ୍ଟି ହୋଇଛି। ଏ ନେଇ ମାର୍କେଟ କମ୍ପ୍ଲେକ୍ସର ବ୍ୟବସାୟୀମାନେ ଆର୍‌ଏମ୍‌ସିରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଆଜିଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ସ୍ଥାନୀୟ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ଏଠାକୁ ଆସୁଥିବା ଗ୍ରାହକମାନଙ୍କୁ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଉକ୍ତ ଫୁଟ୍‌ପାଥ ତଳେ ଡ୍ରେନ ଥିବାରୁ ଫୁଟ୍‌ପାଥରେ ଗର୍ତ୍ତ ସୃଷ୍ଟି ଯୋଗୁ ଅପରିଷ୍କାର ପାଣି ମାର୍କେଟ ରାସ୍ତା ଉପରେ ଭାସି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେଣୁ ଆର୍‌ଏମ୍‌ସିର ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆର୍‌ଏମ୍‌ସିର ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ମଧୁସୂଦନ ମାର୍କେଟ କମ୍ପ୍ଲେକ୍ସରେ ଥିବା ଫୁଟ୍‌ପାଥ ରାସ୍ତା ଭାଙ୍ଗିଯାଇଥିବା ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଯଦି ଫୁଟ୍‌ପାଥ ଭାଙ୍ଗିଯାଇଛି ତେବେ ଆମେ ତୁରନ୍ତ ଏହାର ସମାଧାନ କରିବୁ ବୋଲି ଭୋଇ କହିଥିଲେ।

**ପଦ୍ମନାଭ ମିଶ୍ରଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା**

ସୋନପୁର,(ମୃତ୍ୟୁଞ୍ଜୟ ଶତପଥୀ): ମହାନଦୀ ସାହିତ୍ୟ ସଂସଦ ପରିସରରେ ଓଡ଼ିଶାର ବରେଣ୍ୟ ଚିତ୍ରଶିଳ୍ପୀ ତଥା ବରିଷ୍ଠ ଅଭିନେତା ଏବଂ ମହାନଦୀ କଳା ସମ୍ମାନପ୍ରାପ୍ତ ପଦ୍ମନାଭ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ରବିବାର ସନ୍ଧ୍ୟାରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଅନୁଷ୍ଠାନର ସଭାପତି ନାଟ୍ୟକାର ଶ୍ୟାମା ଓଁ ପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏଇ ସଭାରେ କବି ତଥା ନାଟ୍ୟକାର ଡ. ପୁରୁଷୋତ୍ତମ ମିଶ୍ର ,କବି ବେଣୁଧର ପ୍ରଧାନ, ପ୍ରଭୁଦତ୍ତ ରଥ , ଅଭିନେତା ତଥା କଥାକାର କ୍ଷୀରୋଦ ବିଶ୍ୱାଳ, ବିଘ୍ନରାଜ ପଣ୍ଡା ପ୍ରମୁଖ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ଦେବଗଡ଼,୨୪।୯(ଶଶାଙ୍କ ଶେଖର ଝାଙ୍କର)

ବିଷାକ୍ତ ଚିତି ସାପ କାମୁଡାରେ ବାରକୋଟ ଥାନା ଅନ୍ତର୍ଗତ ସଇଡା ପଞ୍ଚାୟତ ସଦର ମହକୁମାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଷମା ଲୁହୁରା(୪୧)। ବାରକୋଟ ଥାନା ପୋଲିସ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସୁଷମା ଶନିବାର ରାତିରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷାକ୍ତ ଚିତିସାପ କାମୁଡି ଦେଇଥିଲା। ପରିବାର ଲୋକ ଜାଣିବା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ଦେବଗଡ଼,୨୪।୯(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ଥାନା ଅନ୍ତର୍ଗତ ବେଗୁନିଆନାଳି ଗ୍ରାମରେ ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ମାଙ୍ଗା ମୁଣ୍ଡା(୩୦)। ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ମାଙ୍ଗା ରବିବାର ସକାଳ ୬ଟା ସମୟରେ ଶୌଚ ହେବା ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଘରକୁ ଫେରିବା ପରେ କୌଣସି କାରଣରୁ ହଠାତ୍ ପଡିଯାଇ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମହାଲକ୍ଷ୍ମୀ ଯୁବକ ସଂଘ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର

ନାକଟିଦେଉଳ, ୨୪।୯(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗୋଧିଡିପ ସ୍ଥିତ ମା' ମହାଲକ୍ଷ୍ମୀ ଯୁବକ ସଂଘ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ଜିଲା ବୀରମହାରାଜପୁର ପଣ୍ଡାପାଲି ସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ଏହି ଚକ୍ଷୁ ଚିକିତ୍ସା ଶିବିରରେ ସମୁଦାୟ ୭୦ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ତେବେ ଏଥିମଧ୍ୟରୁ ୧୧ଜଣଙ୍କର ମୋତିଆବିନ୍ଦୁ ଅପରେସନ ପାଇଁ ମହାନଦୀ ନେତ୍ର ଚିକିତ୍ସାଳୟକୁ ନିଆଯାଇଛି। ସମ୍ପୃକ୍ତ ଚିକିତ୍ସାଳୟର ଡ଼ା. ସରୋଜ କୁମାର ସିଂ, ଚନ୍ଦ୍ର ଶେଖର ନନ୍ଦ ଏବଂ ଅନୀଲ କୁମାର ପ୍ରଧାନ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ। ମହାଲକ୍ଷ୍ମୀ ଯୁବକ ସଂଘର ସଦସ୍ୟ ଅରୁଣ କୁମାର ସାହୁ, ଶ୍ରୀପତି ସାହୁ, ନୀଳାମ୍ବର ସାହୁ, ଅଜିତ ସାହୁ ଏବଂ ତାପସ କୁମାର ବିଶ୍ୱାଳଙ୍କ ସମେତ ଅନ୍ୟ ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ।

# 'ପିଢ଼ି ପିଢ଼ି ଭିତରେ ଭାଗବତ ନନ୍ଦ ଥିଲେ ସେତୁ'

**ଭାଗବତ ନନ୍ଦ ସ୍ମୃତି କମିଟି, ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସ୍ମୃତିସଭା**

**■ସ୍ୱର୍ଗତ ନନ୍ଦଙ୍କ ସ୍ତ୍ରୀ, ପୁତ୍ରଙ୍କୁ ସମ୍ବର୍ଦ୍ଧନା**

ସୋନପୁର,୨୪।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘ ଏବଂ ଭାଗବତ ନନ୍ଦ ସ୍ମୃତି କମିଟି ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ସୋନପୁର ମହାରାଜା ହାଇସ୍କୁଲ ଶତବାର୍ଷିକୀ ସମ୍ମିଳନୀ କକ୍ଷରେ ରବିବାର ବିଶିଷ୍ଟ ସମାଜସେବୀ ତଥା ପ୍ରବୀଣ ସାମ୍ବାଦିକ ସ୍ୱର୍ଗତ ଭାଗବତ ପ୍ରସାଦ ନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ସ୍ୱର୍ଗତ ନନ୍ଦଙ୍କ ଭୂଦାନରୁ ଶରୀରଦାନ ପର୍ଯ୍ୟନ୍ତ କିଭଳି ଏକ ମହାନୀୟ ଏବଂ ଆଦର୍ଶଗତ ଜୀବନ ଥିଲା କହିଥିଲେ। ସକଳ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଉଠି ସେ କିଭଳି ପିଢ଼ି ପିଢ଼ି ଭିତରେ ସେତୁ ଭଳି କାର୍ଯ୍ୟ କରୁଥିଲେ କହିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ, ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ, ପଶ୍ଚିମ ଓଡିଶାର ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ୱୀକୃତି ପ୍ରସଙ୍ଗ ହେଉ କି ରାଜନୈତିକ-ସାମାଜିକ କ୍ଷେତ୍ରକୁ ନେଇ



ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥି ଓ ସ୍ମୃତି କମିଟି କର୍ମକର୍ତ୍ତା।

କୌଣସି ମତଭେଦ ଦେଖାଦେଲେ ସେ କିଭଳି ଏକ ମୁରବୀ ଭଳି କାର୍ଯ୍ୟ କରୁଥିଲେ କହିଥିଲେ। ଜଣେ ସ୍ପଷ୍ଟଭାଷୀ ବ୍ୟକ୍ତି ଭାବେ ପରିଚିତ ଥିଲେ ବି ସେ କିଭଳି ମିଷ୍ଟଭାଷୀ ଥିଲେ ଏବଂ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଥିଲେ ସେ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ ତାଙ୍କ ବକ୍ତବ୍ୟରେ ନବେ ଦଶକରେ ଭାଗବତ ବାବୁ ତାଙ୍କୁ କିଭଳି ନିଜ ମାତୃଭାଷାରେ ଲେଖିବାକୁ ଏବଂ ଏହାର ପ୍ରଚାର ପ୍ରସାର କରିବାକୁ ପ୍ରେରିତ କରିଥିଲେ ତାର ବର୍ଣ୍ଣନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ପରାମର୍ଶଦାତା ନିବେଦିତା ନାୟକ ଭାଗବତ ବାବୁଙ୍କ ସମାଜସେବା ତଥା ସାମ୍ବାଦିକ ଜୀବନ ଉପରେ ଆଲୋକପାତ କରିଥିଲେ। କୋଶଲୀ/ସମ୍ବଲପୁରୀ ଭାଷା ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି କ୍ଷେତ୍ରରେ ଅବଦାନର ସେ ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ତଥା ଭାଗବତ ନନ୍ଦ ସ୍ମୃତି କମିଟି ସଭ୍ୟ ରଘୁନାଥ ମିଶ୍ର ଭାଗବତ ନନ୍ଦଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତୀୟ ଅଭିଭାଷଣରେ ଗୋରେଖନାଥ ସାହୁ କୋଶଳ ଆନ୍ଦୋଳନରେ ଭାଗବତ ବାବୁଙ୍କ ସକ୍ରିୟ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଭାଗବତ ନନ୍ଦ ସ୍ମୃତି କମିଟି ସଂଯୋଜକ ଡ. ଗୌରିଦାସ ପଧାନ ସ୍ମୃତି କମିଟିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାକୁ ସାମ୍ବାଦିକ ବୀରେନ୍ଦ୍ର କୁମାର ଝାଙ୍କର ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ଡା. ରାଜେନ୍ଦ୍ର କୁମାର ମିଶ୍ର, ସୋନପୁର କଲେଜର ପୂର୍ବତନ ଅଧକ୍ଷା ରେଣୁକା ମିଶ୍ର, କବି ଆର୍ତ୍ତତ୍ରାଣ ବାବୁ ସ୍ୱର୍ଗତ ନନ୍ଦଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଆର୍ତ୍ତତ୍ରାଣ ବାବୁଙ୍କ ରଚିତ ଦୁଇଟି ପୁସ୍ତକ ଚାଷ ଦର୍ପନ ଓ ସନ୍ଥ ଭାଗବତକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଏହି ଅବସରରେ ସ୍ୱର୍ଗତ ନନ୍ଦଙ୍କ ସହଧର୍ମିଣୀ ସୌଦାମିନୀ ନନ୍ଦ ଓ ପୁତ୍ର ଶିବ ପ୍ରସାଦ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ସ୍ମୃତି କମିଟିର ଦିବଙ୍ଗତ ସଦସ୍ୟ ପଦ୍ମଶ୍ରୀ ଶାନ୍ତି ଦେବୀ, ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଦେବେନ୍ଦ୍ର କୁମାର ମିଶ୍ର, ଏମ୍‌ପି ସୁବସ ନାଏକ, ଚିତ୍ରଶିଳ୍ପୀ ପଦ୍ମନାଭ ମିଶ୍ର, କବି ହୁସେନ ରବି ଗାନ୍ଧୀଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ସଭ୍ୟା ତଥା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟକର୍ତ୍ତା, ଶ୍ରୀ ଗୋପାଳଜୀ ଯୋଗାଳୟର ସଭ୍ୟ ଓ ବିଭିନ୍ନ ଆଧମ୍ମିକ ଅନୁଷ୍ଠାନର କର୍ମକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ସାମ୍ବାଦିକ ସଂଘ ସମ୍ପାଦକ ବ୍ୟୋମକେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା

ତରଭା,୨୪।୯(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବାଳକ ଉଚ୍ଚବିଦ୍ୟାଳୟ ଦ୍ୱାରା ଆୟୋଜିତ ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା ହାଇସ୍କୁଲ ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତରଭା ବ୍ଲକର ୧୮ଟି ବିଦ୍ୟାଳୟରୁ ୧୮୦ ଜଣ କ୍ରୀଡାବିତ୍ ଖୋ-ଖୋ, କବାଡି ଓ ଫୁଟବଲ ଖେଳରେ ଅଂଶଗ୍ରହଣ କରିଥିଲେ। ୧୪ ଓ ୧୭ ବର୍ଷରୁ କମ ୧୬ ଜଣ ବାଳିକା ବାଳକ ଜିଲାସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଏବିଇଓ ସତ୍ୟନାରାୟଣ ମହାପାତ୍ର ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲା କ୍ରୀଡା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରଜ କୁମାର ସେଠୀ, ଟିଂନି ମେହେର ଓ ବିଜୟ କୁମାର ପଣ୍ଡା ଯୋଗଦେଇ ମତବ୍ୟକ୍ତ କରିଥିଲେ। ବ୍ଲକ କ୍ରୀଡା ସଂପାଦକ ଶ୍ରୀଧର ପୁଟେଲ ସଭା ପରିଚାଳନା କରିଥିଲେ। କଲ୍ୟାଣ ଚନ୍ଦ୍ର ମହାପାତ୍ର, ଅଭିଳାଷ ରଣା, ବ୍ରଜକିଶୋର ମହାକୁର, ମମନ ବେହେରା, ସସ୍ମିତା ବେହେରା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଦିଲୀପ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଟଗାଁରେ ଭାଜପାର କର୍ମୀ ବୈଠକ



ବାଟଗାଁଠାରେ ଭାଜପାର କର୍ମୀ ବୈଠକରେ ଉପସ୍ଥିତ ଦଳୀୟ ନେତା।

ନାକଟିଦେଉଳ,୨୪।୯(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାଟଗାଁଠାରେ ରବିବାର ଭାଜପାର ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପାର ବରିଷ୍ଠ କର୍ମୀ ଦେବାର୍ଚ୍ଚନ ସାହୁ ଏହି ବୈଠକରେ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ବରିଷ୍ଠ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ଏବଂ ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ହରିହର ମହାନନ୍ଦ ପ୍ରମୁଖ ଯୋଗଦେଇ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ମଜଭୂତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କ ବିଭିନ୍ନ ଯୋଜନାର ସଫଳତାର ବାର୍ତ୍ତା ଗାଁଗାଁରେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ସଫଳତାର ବାର୍ତ୍ତା ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ବିଫଳତାର ବାର୍ତ୍ତାକୁ ଲୋକଙ୍କ ପାଖରେ ଉପସ୍ଥାପନ କରି ଆଗାମୀ ସାଧାରଣ ନିର୍ବାଚନ ପାଇଁ ଏବେଠାରୁ ପ୍ରସ୍ତୁତ ରହିବାକୁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଦଳ ପାଇଁ ସମସ୍ତେ ଏକତ୍ରିତ ହୋଇ କାମ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବାଟଗାଁ, ଜାମୁଯୋରୀ, ସାଲେଭଟା, ସାହେବୀ ଏବଂ ନାକଟିଦେଉଳ ଗ୍ରାମପଞ୍ଚାୟତର ଦଳୀୟ କର୍ମୀମାନେ ଯୋଗଦେଇ ମତାମତ ଉପସ୍ଥାପନ କରିଥିଲେ। ବୈଠକରେ ଦିଲ୍ଲୀପ କୁମାର ଅଗ୍ରୱାଲା,ଟୁନା ବିଶ୍ୱାଳ, ଭଜମୋହନ ଦେହୁରୀ, ହରିହର ସାହୁ, ବିନୋଦ ପ୍ରଧାନ, ନୃସିଂହଚରଣ ସାହୁ, ପିନୁ ଶତପଥୀଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

### ୩ଦିନରେ ଗଲାଣି ୩ଜୀବନ

**ରନ୍ଧାମଦ ଯୋଗୁଁ ମୃତ୍ୟୁ ଘଟିଥିବା ନେଇ ଚର୍ଚ୍ଚା**

ଦେଓଗାଁ,୨୪।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଷଣ୍ଡ ଅଞ୍ଚଳରେ ଗତ ୩ଦିନରେ ଯାଇଛି ତିନିଜଣଙ୍କର ଜୀବନ। ଗତ ଶୁକ୍ରବାର ଉକ୍ତ ଗ୍ରାମର ଭଜ ମେହେର ଅସୁସ୍ଥ ହେବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ରବିବାର ମୃତ୍ୟୁ ଘଟିଛି। ଶନିବାର ଉକ୍ତ ଗାଁର ସୁଦାମ ଭୁଏଁଙ୍କ ମୃତ୍ୟୁ ଘଟିଥିଲା। ନିକଟସ୍ଥ ବରଘାଟି ଗାଁରେ ମଧ୍ୟ ଜଣଙ୍କର ଅକାଳରେ ଜୀବନ ଯାଇଛି। ତେବେ ଏହି ମୃତ୍ୟୁ ରନ୍ଧା ଦେଶୀମଦ ଯୋଗୁ ହୋଇଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ସ୍ଥାନୀୟ ବନ୍ଧପଡା ଫାଣ୍ଡିରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂଚନା ଦେଇଛି। ନୂଆଁଖାଇ ପରଦିନ ଅନେକେ ଭୋଜିଭାତରେ ମସଗୁଲ ଥିବା ବେଳେ ମଦବିକ୍ରିର ପ୍ରଭାବ ଯୋରଦାର ହେଉଛି। ଅଞ୍ଚଳର କେତେକ ଅସାଧୁ ବ୍ୟକ୍ତି ବିଭିନ୍ନ ରାସାୟନିକ ଦ୍ରବ୍ୟ ବ୍ୟବହାର କରି ମଦରାନ୍ଧି ବିକ୍ରି କରୁଥିବା ଅଭିଯୋଗ ହେଉଛି। ରନ୍ଧାମଦ ପିଇ ସେମାନଙ୍କର ମୃତ୍ୟୁ ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

# ମହାବିଦ୍ୟାଳୟରେ ଜାତୀୟ ସେବା ଦିବସ




ଦେବଗଡ଼,୨୪।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ସେବା ଯୋଜନାର ୫୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏନ୍‌ଏସଏସର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧକ୍ଷ ବିକ୍ରମ କେଶରୀ ନାଏକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ଶିଶୁ ମଙ୍ଗଳ ସମିତି ସଭ୍ୟ କୁମୁଦଚନ୍ଦ୍ର ଶତପଥୀ ତଥା ସମ୍ମାନିତ ଅତିଥିଭାବେ ଓଡିଆ ବିଭାଗ ମୁଖ୍ୟ ଡ.ସୁରେନ୍ଦ୍ର କୁମାର ଦାସ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ଛାତ୍ରୀ ପ୍ରିୟଦର୍ଶନୀ କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇ ଥିବାବେଳେ କାର୍ଯ୍ୟକ୍ରମ ଅଧିକାରୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଶତପଥୀ ଏନଏସଏସର ମହତ୍ତ୍ୱ ଏବଂ ଲକ୍ଷ୍ୟ ବିଷୟରେ ସ୍ୱେଚ୍ଛାସେବୀଙ୍କୁ ଅବଗତ କରାଇବା ସହିତ ଦଳଗତ ଆଲୋଚନା ମାଧ୍ୟମରେ ଉଦାହରଣ ପ୍ରସ୍ତୁତ କରି ତାଲିମ ପ୍ରଦାନ କରିଥିଲେ। ଏଥିରେ ଗାଁର ବିକାଶରେ ପଞ୍ଚାୟତ ଓ ଆମର ଭୂମିକା, ଜାଣିଲେ ଜିଣିବା ଏବଂ ଏନଏସଏସ କିଭଳି ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶ, ଚାରିତ୍ରିକ ମୂଲ୍ୟବୋଧ ବୃଦ୍ଧି ତଥା ରାଷ୍ଟ୍ରର ସେବା ନିମିତ୍ତ ଚେତନା ସୃଷ୍ଟି କରିଥାଏ ସେ ବିଷୟରେ ଆଲୋକପାତ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପକଗଣ ଯୋଗଦେଇ ଥିଲେ।

# ଏକ ଦିନିଆ ଚିନ୍ତନ ଶିବିର

ଦେବଗଡ଼,୨୪।୯(ଶଶାଙ୍କ ଶେଖର ଝାଙ୍କର)

ସମାଜର ମୁଖ୍ୟ ସମସ୍ୟା କ'ଣ ଓ ତାହାର ଚିରସ୍ଥାୟୀ ସମାଧାନ କ'ଣ ହୋଇପାରେ, ସାମାଜିକ କ୍ଷେତ୍ରରେ ଦୀର୍ଘ ଦିନ ଧରି କାମ କରି ଆସୁଥିବା ସାମାଜିକ କର୍ମୀଙ୍କ ଆଗାମୀ କାର୍ଯ୍ୟପନ୍ଥା କ'ଣ ହେବା ଦରକାର ଓ ଶୋଷଣ ମୁକ୍ତ ସ୍ୱାବଲମ୍ବୀ ଏକ ଅବିଭାଜ୍ୟ ସମାଜ ଗଠନ ଭଳି କିଛି ପ୍ରସଙ୍ଗକୁ ନେଇ ସମାଜପ୍ରତି ସମ୍ବେଦନଶୀଳ ସାଥୀଙ୍କୁ ନେଇ ରବିବାର ଏକ ଦିନିଆ ଚିନ୍ତନ ଶିବିର ଦେବଗଡ ଉଗ୍ରେସନ ଭବନ(ମାରୱାଡି ଧର୍ମଶାଳା)ଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜ ଆନ୍ଦୋଳନ ଓଡିଶା ଭୁବନେଶ୍ୱର କେନ୍ଦ୍ରୀୟ ସଂଗଠନ ତରଫରୁ ସଂଯୋଜକ ସାମାଜିକର୍ମୀ ଭାବେ ପିତାମ୍ବର ଭୁୟାଁ, ଅରୁଣ ସ୍ୱାଇଁ, ସାମାଜିକ କର୍ମୀ ରାଜକିଶୋର ସାହୁ, ହିରାଧର ସାହୁ, ବିଶ୍ୱନାଥ ସ୍ୱାଇଁ, କିଶୋର ପ୍ରଧାନ ଓ ଡୋଳାକର ଭୋଇଙ୍କ ସହ ୬୦ରୁ ଉର୍ଦ୍ଧ୍ୱ ସମାଜକର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିଥିଲେ।



ଶିବିରରେ ଉପସ୍ଥିତ ସାମାଜିକ କର୍ମୀ ଓ ଅନ୍ୟମାନେ।

# ଦେବଗଡ଼କୁ ଶ୍ରେଷ୍ଠ ଜିଲା କରିବାର ସ୍ୱପ୍ନ ରହିଛି

ଦେବଗଡ଼,୨୪।୯(ଶଶାଙ୍କ ଶେଖର ଝାଙ୍କର)

ଦିନ ଥିଲା ଯାହା ଭାରତ ଚିନ୍ତା ବି କରିନଥିଲା ତାହା ଦୂରଦର୍ଶୀ ଦେବଗଡ ବାସୀ ଚିନ୍ତା କରିଥିଲେ। ଏହି ମାଟିର ଶିକ୍ଷା, ସଂସ୍କୃତି ଓ ଐତିହ୍ୟ ଅତୁଳନୀୟ। ତେଣୁ ଏହି ଜିଲାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଜିଲା ଭାବେ ଗଢିବାର ସ୍ୱପ୍ନ ରହିଛି। କେବଳ ମୁଁ ନୁହେଁ, ମୋ ପରିବାର ମଧ୍ୟ ଦେବଗଡ ବାସୀଙ୍କଠାରୁ ଢେର ଆଶୀର୍ବାଦ ପାଇଛି। ସୁଯୋଗ ମିଳିଲେ କଡାଗଣ୍ଡା ସହିତ ଏ ମାଟିର ଋଣ ଶୁଝିବାର ଅଛି ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ ଗଣେଶ ମେଳାର ପ୍ଲାଟିନମ ଜୁବୁଲୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏକଥା କରିବା ସହ ଶିକ୍ଷା ଓ କୃଷି କ୍ଷେତ୍ରରେ ସର୍ବଦା ଅଗ୍ରଣୀ ରହି ଆସିଛି ବୋଲି ପ୍ରକାଶ କରିଛନ୍ତି। ରବିବାର ରାତିରେ ଗୋପବନ୍ଧୁ ଛକ ସ୍ଥିତ ସାଂସ୍କୃତିକ ମଣ୍ଡପରେ ସାର୍ବଜନୀନ ଗଣେଶ ମେଳା କମିଟି ସଭାପତି ସମ୍ଭୁନାଥ ଗୋଏଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥିଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, କୁଚିଣ୍ଡାର ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ରବି ନାୟକ, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ବରିଷ୍ଠ ଭାଜପା ନେତା ଅଗସ୍ତି ବେହେରା, ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କମିଟି ସଭାପତି ଗୋଏଲ ସାର୍ବଜନୀନ ଗଣେଶ ମେଳାର ଇତିହାସ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିବା ବେଳେ ସମ୍ମାନିତ ଅତିଥି ତଥା ବିଧାୟକ ପାଣିଗ୍ରାହୀ ମଧ୍ୟ ନିଜର ବକ୍ତବ୍ୟ ଉପସ୍ଥାପନ କରି ଗଣେଶ ମେଳା କମିଟିର ଭୁୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସାର୍ବଜନୀନ ଗଣେଶ ମେଳା କମିଟିର ପୂର୍ବତନ ସଭାପତିଙ୍କୁ ପୁଷ୍ପଗୁଚ୍ଛ, ସ୍ମାରକୀ ଓ ଉପଢୌକନ ପ୍ରଦାନ ପୂର୍ବକ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜନ୍ମଜୟ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଗଣେଶ ମେଳା କମିଟି ଉପସଭାପତି ଅରୁଣ ଗୋଏଲ, ସୁଶୀଳ କୁମାର ଭୋଇ,ସମ୍ପାଦକ ଶୁକଦେବ ଭଞ୍ଜ, ସହ ସମ୍ପାଦକ ଅନନ୍ତ ଦାଶ, କୋଷାଧକ୍ଷ ଅଜୟ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପୂର୍ବରୁ ମନ୍ତ୍ରୀ ଓ ଅନ୍ୟ ସମ୍ମାନିତ ଅତିଥି ମାନଙ୍କୁ ଗଣେଶ ମେଳା କମିଟିର କର୍ମକର୍ତ୍ତା ସଦସ୍ୟଙ୍କ ସମେତ ବହୁ ଜନ ସାଧାରଣ ବିଭିନ୍ନ ବାଦ୍ୟ ଯନ୍ତ୍ରର ତାଳେ ତାଳେ ପୁରୁଣା ପୋଷ୍ଟ ଅଫିସ ଛକ ସ୍ଥିତ ଗଣେଶ ମେଳାର ମୁଖ୍ୟ ତୋରଣରୁ ପୂଜା ମଣ୍ଡପକୁ ପାଛୋଟି ନେଇଥିଲେ। ମନ୍ତ୍ରୀ ପ୍ରଧାନ ସେଠାରେ ଅନ୍ୟାନ୍ୟ ଅତିଥି ଓ ପୂଜା କମିଟିର କର୍ମକର୍ତ୍ତାଙ୍କ ଅନ୍ନ ଭୋଗ ବିତରଣ କରି ଆୟୋଜିତ ଆନନ୍ଦ ବଜାର(ଅନ୍ନ ପ୍ରସାଦର ବ୍ୟବସ୍ଥା) କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ପ୍ରଧାନ ପୁରୁଣାଗଡ ସ୍ଥିତ ଓଭର ବ୍ରିଜ ନିକଟରେ ପହଞ୍ଚିବା ପରେ ତାଙ୍କୁ ବିଧାୟକ ପାଣିଗ୍ରାହୀ, ଜିଲା ଭାଜପା ସଭାପତି ସାହୁ, ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ଉପ ସଭାପତି ସତ୍ୟ ନାରାୟଣ ପାଣି, ହରମୋହନ ପାଣି, ଭାରତ ଭୁଷଣ ପ୍ରଧାନ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୁତିଆ, ପୌର ପରିଷଦ ଉପ ନଗରପାଳ ପ୍ରଜିତ ଭୋଜ ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ବିଳାସିନୀ ଥାପାଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ବିଭିନ୍ନ ସ୍ଲୋଗାନ ସହ ତାଙ୍କୁ ସର୍କିଟ ହାଉସ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ।



ଦେବଗଡ଼ ଗଣପର୍ବ ଗଣେଶ ପୂଜା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି ।

## ସଂକ୍ଷେପରେ

### ଡାକ୍ତରଖାନାରୁ ମହିଳାଙ୍କ ମୃତଦେହ ଜବତ

ଲୋଇସିଂହା,୨୪।୯(ସୁଶାନ୍ତ ବାରିକ)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଡାକ୍ତରଖାନାରୁ ଲୋଇସିଂହା ଥାନା ଅନ୍ତର୍ଗତ କୁଟାସିଂହା ଗ୍ରାମର ବିବାହିତ ମହିଳା ସୌଦାମିନୀ ମେହେରଙ୍କ ମୃତ୍ଦେହ ପୋଲିସ ଜବତ କରିଥିଲା। ରବିବାର ବିନିକା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ବଗଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ସୌଦାମିନୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକେ ଡୁଙ୍ଗରିପାଲି ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଖାନ କର୍ତ୍ତୃପକ୍ଷଠାରୁ ଖବର ପାଇ ଲୋଇସିଂହା ପୋଲିସ ସୌଦାମିନୀଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବିନିକା ପଠାଇଥିଲା। ହେଲେ ଶନିବାର ଶବ ବ୍ୟବଚ୍ଛେଦ ହୋଇ ପାରି ନ ଥିଲା ବୋଲି ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି। ମହିଳାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(୧୮/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

### ଟିଟିଲାଗଡ଼ରେ ସ୍ୱାସ୍ଥ୍ୟ ସେବା ଶିବିର

ଟିଟିଲାଗଡ଼, ୨୪।୯(ଶରତ ମିଶ୍ର)

ଟିଟିଲାଗଡଠାରେ ରାଜସ୍ଥାନୀ ଫାଉଣ୍ଡେସନ ପକ୍ଷରୁ ସହରାଞ୍ଚଳ ଆରୋଗ୍ୟ କେନ୍ଦ୍ରରେ ବିଭିନ୍ନ ବିଭାଗ ବିଶେଷଜ୍ଞଙ୍କୁ ନେଇ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯାଇଥିଲା। ରାଜସ୍ଥାନୀ ଫାଉଣ୍ଡେସନ ପ୍ରତିଷ୍ଠାତା ଜଗଦୀଶ ପ୍ରସାଦ ଶର୍ମାଙ୍କ ତତ୍ତ୍ୱାବଧାନରେ କୁଆନ ହସ୍ପିଟାଲ ହେଲ୍‌ଥ ବ୍ରିଜ ବିଶାଖାପାଟଣାର ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ରାମନାଥ ମୂର୍ତ୍ତି ରୋଗୀଙ୍କୁ ଚିକିତ୍ସା ପରାମର୍ଶ ଦେଇଥିଲେ। ପରେ ଡାକ୍ତରଖାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଡା. ମୂର୍ତ୍ତି ରୋବୋଟିକ ସର୍ଜରୀ ମାଧ୍ୟମରେ ୨୩ ହଜାର ଅସ୍ଥିଜନିତ ଅସ୍ତ୍ରୋପଚାର କରିଥିବା କହିଥିଲେ। ଆଗାମୀ ଦିନରେ ଏହି ଆରୋଗ୍ୟ କେନ୍ଦ୍ରରେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି ସହ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଦିଆଯିବାକୁ ସ୍ଥିର କରାଯାଇଥିବା ରାଜସ୍ଥାନୀ ଫାଉଣ୍ଡେସନ ପ୍ରତିଷ୍ଠାତା ଶର୍ମା କହିଛନ୍ତି।

### କଣ୍ଟେନର ଧକ୍କାରେ ବାଇକ୍ ଆରୋହୀ ମୃତ

ଭବାନୀପାଟଣା,୨୪।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଅପନା ଢାବା ନିକଟରେ ରବିବାର ସନ୍ଧ୍ୟାରେ ଏକ କଣ୍ଟେନର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ବାଇକ୍ ଆରୋହୀ ହେଲେ ଜୁନାଗଡ ସହର ବାଜିବନ୍ଦପଡାର ପ୍ରଶାନ୍ତ ଦାସ(ବୁଲୁ)। ବୁଲୁ ସ୍ଥାନୀୟ ଏକ କମ୍ପାନୀରେ କାମ କରୁଥିଲେ। ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ତାଙ୍କୁ ଏକ କଣ୍ଟେନର (ନଂ.ଓଡି୧୭-ଏମ୍-୮୫୧୯) ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବୁଲୁଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା କଣ୍ଟେନର ଛାଡି ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡିଛି।

### ବୋଡେନ ଡିଗ୍ରୀ କଲେଜରେ ସେବା ଦିବସ ପାଳିତ

ନୂଆପଡ଼ା,୨୪।୯(ମକାରୁ ବେମାଲ)

ନୂଆପଡା ଜିଲା ବୋଡେନ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟଠାରେ ଜାତୀୟ ସେବା ସଂସ୍ଥା ଦ୍ୱାରା ଜାତୀୟ ସେବା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅବନୀ ଖମାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବୋଡେନ ଥାନାଧିକାରୀ ଗୋବିନ୍ଦ ମାଝି ମୁଖ୍ୟଅତିଥି, ଭୂଗୋଳ ବିଭାଗ ଡେମୋଷ୍ଟ୍ରେଟର ବଳରାମ ଦଣ୍ଡସେନା, ସବ ଇନ୍ସପେକ୍ଟର ଆର୍ତ୍ତତ୍ରାଣ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ସେବା ସଂସ୍ଥାର ଆଭିମୁଖ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲେ। ବିଭିନ୍ନ କୃତୀ ପ୍ରତିଯୋଗୀ ଓ ଚଳିତବର୍ଷର ସ୍ୱେଚ୍ଛାସେବୀମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. କିଶୋର କୁମାର କର୍ଣ୍ଣ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ ତ୍ରିବେଣୀ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବପିଢ଼ି ପାଇଁ ପ୍ରଯୁକ୍ତି ବିଦ୍ୟାର ସହାୟତା ନେବାକୁ ହେବ



ବିଚାର ଆଲୋଚନାଚକ୍ରରେ ଆଇଆଇଏମ୍ ପ୍ରଫେସର ଡ ସୁଜିତ କୁମାର ପୃଷ୍ଟେଠ୍ ବକ୍ତବ୍ୟ ରଖୁଛନ୍ତି।

**ବିଚାର ମାସିକ ଆଲୋଚନାଚକ୍ର**

ବଲାଙ୍ଗୀର,୨୪।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପତିତପାବନ ଏକାଡେମୀ ସମ୍ମିଳନୀ କକ୍ଷରେ ବିଚାର ପକ୍ଷରୁ ଉତ୍ତର ପିଢ଼ି ପ୍ରସଙ୍ଗରେ ସାଂସ୍କୃତିକ ଅନୁଷ୍ଠାନ ସବୁର ଆଭିମୁଖ୍ୟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚକଭାବେ ଯୋଗଦେଇ ସମ୍ବଲପୁର ଆଇଆଇଏମ୍‌ର ପ୍ରଫେସର ଡ. ସୁଜିତ କୁମାର ପୃଷ୍ଟେଠ୍ କହିଥିଲେ ଯେ, ନିଜର ସାଂସ୍କୃତିକ ମୂଲ୍ୟବୋଧ, ସାମାଜିକ ସଙ୍ଗଠନ ଏବଂ ଐତିହାସିକ ଉପଲବ୍ଧିକୁ ଉତ୍ତର ପିଢ଼ି ପାଖକୁ ପହଞ୍ଚାଇବାକୁ ହେଲେ ଆଜି ଆମକୁ ନୂଆ କୌଶଳ ଅବଲମ୍ବନ କରିବାକୁ ପଡିବ। ଯେଉଁ ଭାଷାରେ ଯୁବପିଢ଼ି ଆମର ସାଂସ୍କୃତିକ ମୂଲ୍ୟବୋଧକୁ ବୁଝିପାରିବେ ସେଇ ଭାଷାରେ ତାଙ୍କୁ ବୁଝାଇବାକୁ ପଡିବ। ଆଜିର ଯୁବପିଢ଼ି ଆଧୁନିକ ପ୍ରଯୁକ୍ତି ବିଦ୍ୟା ସହ ଯୋଡି ହୋଇଛନ୍ତି। ସେମାନଙ୍କୁ ବୁଝାଇବାକୁ ହେଲେ ଆମର ସାମାଜିକ, ସାଂସ୍କୃତିକ ଏବଂ ପ୍ରାଚୀନ ବୌଦ୍ଧିକ ମୂଲ୍ୟବୋଧକୁ ପ୍ରଯୁକ୍ତିବିଦ୍ୟା ସହ ଯୋଡି ବୁଝାଇବାକୁ ପଡିବ ବୋଲି କହିଥିଲେ। ବଲାଙ୍ଗୀର ମାଟିରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୀବନୀ ଏବଂ ସାହିତ୍ୟ ଆଲୋଚନା କରିବାକୁ ଗୋଟିଏ ମଞ୍ଚରେ ଏକଦା ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହାତାବ ଯୋଗଦାନ କରିଥିଲେ। ଏହି ମାଟିରୁ ସମଗ୍ର ରାଜ୍ୟକୁ ସାଂସ୍କୃତିକ ମୂଲ୍ୟବୋଧର ନିଆରା ବାର୍ତ୍ତା ବିଚ୍ଛୁରିତ ହେଉଥିଲା। ଆଜିର ଯୁବପିଢ଼ିଙ୍କୁ ସେଭଳି ଉତ୍କର୍ଷତା ଏବଂ ଅନନ୍ୟତା ବିଷୟରେ ଜଣାଇବାକୁ ହେଲେ ତାଙ୍କରି ଭାଷାରେ ଆମକୁ ଏହା ଜଣାଇବାକୁ ପଡିବ ବୋଲି କହିଥିଲେ। ସ୍ତ୍ରୀ ରୋଗ ଓ ପ୍ରସୂତୀ ବିଭାଗ ଡାକ୍ତର ରୁଦ୍ରନାରାୟଣ ପଟେଲ ରାମଲୀଳାରେ ରାବଣ ବାହାରି ଯେଉଁ ସଂସ୍କୃତି ସୁରକ୍ଷାର ବାର୍ତ୍ତା ଦେଲେ ତାହା ଅନ୍ୟମାନଙ୍କୁ ଚକିତ କରିଦେଲା। ଭାରତର ବହୁପ୍ରତୀକ୍ଷିତ ମହାକାଶ ଅଭିଯାନ ଗଗନଯାନରେ ବଲାଙ୍ଗୀରର ଯୁବକ ନିଖିଲ ରଥଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି ବୋଲି କହିଥିଲେ। ସହଆଲୋଚକ ସଂସ୍କୃତି ଗବେଷକ ଡ. ଘାସିରାମ ମିଶ୍ର କହିଥିଲେ ଯେ, ଯେତେଦିନ ପର୍ଯ୍ୟନ୍ତ ଯୁବପିଢ଼ିଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ କରାଯିବନାହିଁ ସଂସ୍କୃତିର ଉତ୍ତରୋତ୍ତର ଉନ୍ନତି ସାଧିତ ହେବନାହିଁ। ଅନ୍ୟତମ ସହଆଲୋଚକ ଭାବେ ସାମାଜିକ ସଙ୍ଗଠକ ମଦନ ମୋହନ ରଥ ସାଂସ୍କୃତିକ ସଙ୍ଗଠନର ଆଭିମୁଖ୍ୟ ଯଦି ଉତ୍ତରପିଢ଼ିଙ୍କ ସହ ଜଡିତ ହେବନାହିଁ ତେବେ ସଂସ୍କୃତି ରକ୍ଷା ହୋଇପାରିବନାହିଁ ବୋଲି କହିଥିଲେ। ଅନ୍ୟତମ ସହଆଲୋଚକ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଛାତ୍ର ରଞ୍ଜନ ପଧାନ ଯୁବପିଢ଼ି ଏବଂ ସାଂସ୍କୃତିକ ଐତିହ୍ୟର ଦୂରତ୍ୱକୁ କମାଇବାକୁ ହେଲେ ସାଂସ୍କୃତିକ ଅନୁଷ୍ଠାନଗୁଡିକ ଆଗେଇ ନ ଆସିଲେ ଦୂରତ୍ୱ ବଢ଼ି ବଢ଼ି ଯିବ ବୋଲି କହିଥିଲେ। ଆଲୋଚନା ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଚାର ଆଲୋଚନାଚକ୍ରକୁ ବରିଷ୍ଠ ସାମ୍ବାଦିକ ଅଖିଳ ଚନ୍ଦ୍ର ହୋତା ସଂଯୋଜନା କରିଥିଲେ। ସଭାରେ ସହରର ବହୁ ବୁଦ୍ଧିଜୀବୀ, ଛାତ୍ର ଏବଂ ସଙ୍ଗଠନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ନୂଆଁଖାଇ ଏକତା, ପାରସ୍ପରିକ ସହଯୋଗ ସୃଷ୍ଟି କରୁ



କୁଲତା ସମାଜ ନୂଆଁଖାଇ ଭେଟ୍‌ଘାରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ବଲାଙ୍ଗୀର କୁଲତା ସମାଜର ନୂଆଁଖାଇ ଭେଟ୍‌ଘାଟ**

ବଲାଙ୍ଗୀର,୨୪।୯(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ପ୍ୟାଲେସଲାଇନ ସ୍ଥିତ ମୀନା ଗେଷ୍ଟ ହାଉସ ପ୍ରାଙ୍ଗଣରେ ବଲାଙ୍ଗୀର କୁଲତା ସମାଜର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ରଣେଶ୍ୱର ରାମଚଣ୍ଡିଙ୍କ ପୂଜାର୍ଚ୍ଚନା ପରେ କୁଲତା ସମାଜ ସଭାପତି ରବୀନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭେଟଘାଟରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଉପଦେଷ୍ଟା ନାରାୟଣ ସାହୁ, ପୁଇଁତଲା ବ୍ଲକ ଅଧ୍ୟକ୍ଷ ସରୋଜ ପ୍ରଧାନ, ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଜିଲା କୁଲତା ସମାଜ ସଭାପତି ବେଲାର ସିଂ ଭୋଇ, ଯୁବ ସଙ୍ଗଠକ ସୁଦର୍ଶନ ସାହୁ, ସମ୍ପାଦକ ବିଦେଶୀ ପ୍ରଧାନ ଯୋଗ ଦେଇଥିଲେ। ଅଜିତ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମକୁ ମଧୁ ସାହୁ ଓ ପ୍ରିୟାଲ ପ୍ରଧାନ ସଂଯୋଜନା କରିଥିଲେ। ଏହି ଅବସରରେ ସମାଜର ପ୍ରଥମ ସଭାପତି ଗୋପବନ୍ଧୁ ବିଶ୍ୱାଳଙ୍କୁ କୁଳ ପ୍ରତିଭା ସମ୍ମାନ, ସୁରଥ ପ୍ରଧାନଙ୍କୁ ପ୍ରେରଣା ସ୍ମୃତି ସମ୍ମାନ, ସଞ୍ଜୀବ ସାମଲଙ୍କୁ ଯୁବ ପ୍ରତିଭା ସମ୍ମାନ, ଏମ୍‌ବିବିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଗାୟତ୍ରୀ ପାତ୍ର, ଉମେଶ ଚନ୍ଦ୍ର ଗଡତ୍ୟା, ଭେଟ୍‌ଘାଟରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଡା. ଆକାଶ ପ୍ରଧାନ, ସୁବାସ ବିଶ୍ୱାଳ ଓ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାଟ୍ରିକ ଓ ଯୁକ୍ତ ୨ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ରାହସ ବିହାରୀ ମାଝି ଓ ବୁଦ୍ଧୁ ପ୍ରଧାନ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରିଥିଲେ। ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅବନୀ ପ୍ରଧାନ ଓ ସରୋଜ ଭୋଇ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ କୁଲୁତା ସମାଜର ସୂର୍ଯ୍ୟ ଭୋଇ, ଶିରୋମଣି ସାହୁ, ରିଙ୍କୁ ଭୋଇ, ସତ୍ୟ ଗଡତ୍ୟା, ଲକ୍ଷ୍ମଣ ବିଶ୍ୱାଳ, ମନୋଜ ବିଶ୍ୱାଳ, ସୁନିଲ ମାଝି, ଜିତୁଲାଲ ସାହୁ, ରୋହିମ ରଞ୍ଜନ ସାହୁ, ଶାନ୍ତନୁ ଭୋଇ, ନେତ୍ରାନନ୍ଦ ପ୍ରଧାନ, ଆକାଶ ପ୍ରଧାନ, ଲଳିତ ପ୍ରଧାନ, ରୂପଧର ପ୍ରଧାନ, ରବିନ୍ଦ୍ର ପ୍ରଧାନ, ଗୋବର୍ଦ୍ଧନ ସାହୁ, ଜ୍ୟୋସ୍ନାରାଣୀ ପ୍ରଧାନ, କୁନ୍ତଳା ଗଡତ୍ୟା, ଶାନ୍ତନୁ ପାତ୍ର ସହଯୋଗ କରିଥିଲେ। ନୂଆଁଖାଇ ନୂଆ ଉତ୍ସାହ ନେଇ ସମସ୍ତଙ୍କ ଭିତରେ ଏକତା ଏବଂ ପାରସ୍ପରିକ ସହଯୋଗ ସୃଷ୍ଟି କରୁ ବୋଲି ଅତିଥିମାନେ କହିଥିଲେ। ଶେଷରେ ଶାନ୍ତନୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଆର୍‌ଏସ୍, ଜିଓଟେକ ଗିରଫ




ପୋଲିସ ଗିରଫ କରିଥିବା ଜିଆର୍‌ଏସ ଓ ଜିଓଟେକ।

ଖପ୍ରାଖୋଲ, ୨୪।୯(ଅଭୟ ତ୍ରିପାଠୀ)

- **ତେଲେନପାଲି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ ଅନିୟମିତତା**
- **ପୂର୍ବରୁ ଗିରଫ ହୋଇଥିଲେ ପିଇଓ, ୨ନକଲି ହିତାଧିକାରୀ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ପ୍ରଦାନରେ ଅନିୟମିତତା ହୋଇଥିଲା। ଏହିଘଟଣାରେ ବିଡ଼ିଓଙ୍କ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଏହି ଅନିୟମିତତାରେ ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଲଳିତ ମେହେର, ତତ୍କାଳୀନ ଜିଆର୍‌ଏସ ବିପିନ ବେହେରା, ଜିଓଟେକ ଗୋଲାପ ପୋଡ୍‌ଙ୍କ ବିରୋଧରେ ଏତଲା ଦେବା ପରେ ଗତ ସେପ୍ଟେମ୍ବର ୮ତାରିଖରେ ଏକ ମାମଲା(୧୫୯/୨୩) ରୁଜୁ ହୋଇଥିଲା। କିଛିଦିନ ତଳେ ତତ୍କାଳୀନ ପିଇଓ ମେହେର ଏବଂ ଦୁଇ ନକଲି ହିତାଧିକାରୀ ଟିକେଚନ ବାଗ ଓ ରୂପା ଧରୁଆଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏତଲାରେ ଦର୍ଶାଯାଇଥିବା ତତ୍କାଳୀନ ଜିଆର୍‌ଏସ ବେହେରା ଓ ଜିଓଟେକର ପୋଡ୍‌ଙ୍କୁ ଶନିବାର ରାତିରେ ଗିରଫ କରିଥିଲା। ଉଭୟଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାଞ୍ଜୁର ହେବାରୁ ସେମାନଙ୍କୁ ଜଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁସାରେ ତେଲେନପାଲି ପଞ୍ଚାୟତ କର୍ଲାମାଲ ଗାଁରେ ୨୦୧୯-୨୦ ଆର୍ଥିକ ବର୍ଷରେ କୌଶଲ୍ୟା ଚିରାଗୁନଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ମଞ୍ଜୁର ହୋଇଥିଲା। ହେଲେ ତାଙ୍କ କୋଡ ବ୍ୟବହାର କରି ଗାଁର ଟିକେଚନ ବାଗଙ୍କୁ ଚଞ୍ଚଳତା କରି ଘର ଦିଆଯାଇଥିଲା। ଏନେଇ କୌଶଲ୍ୟା ଅଭିଯୋଗ କରିଥିଲେ। ସେହିପରି ଯୁନାନିବାହାଲ ଗାଁର ଭଏ ମୁଣ୍ଡାଙ୍କ ନାମରେ କେହି ନ ଥିବା ବେଳେ ତାଙ୍କ ନାମରେ ଅନଲାଇନରେ ଘର ପ୍ରଦାନ କରାଯାଇଥିବା ସୂଚିତ କରୁଛି। ହେଲେ ସେହି କୋଡର ଘର ରୂପା ଧରୁଆଙ୍କୁ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ଅନିୟମିତତାରେ ତତ୍କାଳୀନ ପିଇଓ ମେହେର, ତତ୍କାଳୀନ ଜିଆର୍‌ଏସ ବେହେରା, ଜିଓଟେକ ପୋଡ୍‌ଙ୍କ ହାତ ରହିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ମୋଟ ୫ଜଣଙ୍କୁ ଗିରଫ କରାଯାଇଥିବା ଖପ୍ରାଖୋଲ ଥାନା ଏସଆଇ ଗୋପୀନାଥ ମହାକୁଡ କହିଛନ୍ତି।

### ଗାଁରେ ସଭାବେଳେ ଗଣ୍ଡଗୋଳ, ୩ ଆହତ

ଲୋଇସିଂହା,୨୪।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ ବିରକେଲ ଗ୍ରାମରେ ରବିବାର ଏକ ବିବାଦର ସମାଧାନ ପାଇଁ ଡକାଯାଇଥିବା ସଭା ଚାଲିଥିବାବେଳେ ଗଣ୍ଡଗୋଳ ଘଟିଛି। ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଭୁବନେଶ୍ୱର ପଟେଲ, ଉମାକାନ୍ତ ପଟେଲ ଓ ବୃନ୍ଦାବନ ପଟେଲ। ଏହି ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି। ସୂଚନା ଅନୁଯାୟୀ, ଗତ ଜୁନ ମାସରୁ ଗ୍ରାମର ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ଗ୍ରାମର ନେହେରୁ ପଟେଲଙ୍କ ଆଟ ଜମିରେ ଡାଲି ଜାତୀୟ ଫସଲ ରାହାଡି ଚାଷ କରିଛନ୍ତି। ହେଲେ ଗ୍ରାମର ଜଣେ ବ୍ୟକ୍ତି ସେହି ଚାଷକୁ ଗୋରୁ ଚରାଇ ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ଚାଷକ୍ଷତିକୁ ନେଇ ରବିବାର ସନ୍ଧ୍ୟାରେ ଗ୍ରାମର ଗଉନ୍ତିଆଙ୍କ ଘର ଆଗରେ ସଭାର ଆୟୋଜନ ହୋଇଥିଲା। ସଭାକୁ ଗୋରୁ ଚରାଇ ଚାଷ କ୍ଷତି କରାଇଥିବା ପ୍ରତିପକ୍ଷଙ୍କୁ ଡକାଯାଇଥିଲା। ବୈଠକରେ ସ୍ଥାନୀୟ ୱାର୍ଡସଭ୍ୟ ଅଧ୍ୟକ୍ଷତା କରିଥିଲେ। ପ୍ରତିପକ୍ଷ ସଭାକୁ ସହଯୋଗ କରି ନ ଥିଲେ। ଏହାକୁ ନେଇ ବୈଠକରେ ପାଟିତୁଣ୍ଡ ହୋଇଥିଲା। ପ୍ରତିପକ୍ଷର ୮ରୁ ୧୦ଜଣ ବ୍ୟକ୍ତି ଉତ୍ତେଜିତ ହୋଇ ସଭାରେ ପ୍ରତିପକ୍ଷଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

# ୧୦୯ଚାଷୀଙ୍କୁ ଗୁହାଳ କାର୍ଯ୍ୟାଦେଶ



ବିଧାୟକ ସରୋଜ ମେହେର ଜଣେ ହିତାଧିକାରୀଙ୍କୁ ଗାଈଗୁହାଳ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

ଖପ୍ରାଖୋଲ,୨୪।୯(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ରବିବାର ଗାଈ ଗୁହାଳ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିଜୟ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଯୋଗଦେଇ ୧୦୯ଗୋଚାଷୀଙ୍କୁ ଗୁହାଳ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୁପମା ପଟେଲ, ଜିଲା ପରିଷଦ ସଭ୍ୟା ପ୍ରମିଳା ପାଥର ଉପସ୍ଥିତ ଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଓମଫେଡକୁ ଦୁଗ୍ଧ ଦେଉଥିବା ଗୋଚାଷୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୁହାଳ ନିର୍ମାଣ ପାଇଁ ସହାୟତା ଦିଆଯାଉଛି। କାର୍ଯ୍ୟାଦେଶ ପାଇଥିବା ଚାଷୀମାନେ ଖପ୍ରାଖୋଲ, ଧଣ୍ଡାମୁଣ୍ଡା, ଦମେଇପାଲି, ବାଘମୁଣ୍ଡ, ଓଡ଼ିଆପାଲି, ଲୁହାସିଂହା, ପଡ଼ିଆବାହାଲ ପଞ୍ଚାୟତର। କାର୍ଯ୍ୟକ୍ରମକୁ ଏପିଓ ପ୍ରଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ। ଆଗାମୀ ଦିନରେ ଅନ୍ୟ ପଞ୍ଚାୟତର ଚାଷୀଙ୍କୁ ଗାଈଗୁହାଳ କାର୍ଯ୍ୟାଦେଶ ବଣ୍ଟନ କରାଯିବ ବୋଲି ଜଣାପଡିଛି।

# ଟିକ୍ରାପଡ଼ା ଗାନ୍ଧୀ ପାଠାଗାରରେ ଦୁର୍ଗାପୂଜା ପ୍ରସ୍ତୁତି

ବଲାଙ୍ଗୀର,୨୪।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରର ଅନ୍ୟତମ ପୁରାତନ ଅନୁଷ୍ଠାନ ଟିକ୍ରାପଡା ଗାନ୍ଧୀ ପାଠାଗାର ପୂଜାମଣ୍ଡପରେ ସାର୍ବଜନୀନ ଦୁର୍ଗାପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପାଠାଗାର ସଭାପତି ପ୍ରକାଶ ନେପାକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ପୂଜା ଆୟୋଜନ ନିମନ୍ତେ ସଭାପତି ନେପାକ, ସମ୍ପାଦକ ପ୍ରଦୀପ ସାହୁ, ଉପସଭାପତି ସନ୍ତକ ବହିଦାରଙ୍କ ସମେତ କାର୍ଯ୍ୟକାରୀ କମିଟି ସଭ୍ୟଭାବେ ଜିତେନ୍ଦ୍ର ନାଗ, ରିୟାଜ ଖାନ, ରାଜେଶ ହୋତା, ହୃଦୟାନନ୍ଦ ସାହୁ, ମହମ୍ମଦ ଅକବର, ବାଦଲ ସାହୁ, ରାଜେନ୍ଦ୍ର ପାଣି ସମସ୍ତ ଦାୟିତ୍ୱ ବହନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମା' ଦୁର୍ଗାଙ୍କ ପୂଜା କାର୍ଯ୍ୟ ପାଇଁ ବରିଷ୍ଠ ସଭ୍ୟ ମହେନ୍ଦ୍ର ସାହୁ ଓ ବିଜୟ ରଥଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉପସଭାପତି ବହିଦାର ପୂଜାକୁ ଆକର୍ଷଣୀୟ କରିବାକୁ ପ୍ରସ୍ତାବମାନ ଦେଇଥିଲେ। ଭଗବାନ ବଗର୍ତ୍ତି, ଚିତ୍ତ ରଞ୍ଜନ ସାହୁ, ରାଜେନ୍ଦ୍ର ମିଶ୍ର, ସଂଗ୍ରାମ ବହିଦାର, ଧର୍ମବ୍ରତ ରଥ, ପ୍ରମୋଦ ପ୍ରଧାନ, ପ୍ରମୋଦ ସାହୁ, ଅଜିତ ପଣ୍ଡା, ଦିଲୀପ ସାହୁ, ବିଶ୍ୱଜିତ ସାହୁ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଟିକ୍ରାପଡା ଗାନ୍ଧୀ ପାଠାଗାର ଦୁର୍ଗାପୂଜା କମିଟି ସଦସ୍ୟ।

# ସାଇଟ୍, ଖପ୍ରାଖୋଲର ବୃହତ୍ ବିଜୟ

ବଲାଙ୍ଗୀର,୨୪।୯(ବୀରେନ୍ଦ୍ର କୁମାର ଝାଙ୍କର)




ବଲାଙ୍ଗୀର ଜିଲା ସିନିୟର ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଜିଲାର ୫ଟି ଖେଳ ପଡିଆରେ ଜିଲା ସିନୟର ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ସଦାଇପାଲି ପଲ୍ଲିଶ୍ରୀ ଷ୍ଟାଡିୟମଠାରେ ଆୟୋଜିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ସାଇଟ୍ ଦଳ ୭-୦ ଗୋଲରେ ପରଧିଆପାଲିକୁ ହରାଇ ବିଜୟୀ ହୋଇଥିଲା। କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସଂସଦ ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତ୍ରୁଘ୍ନ ସିଂ, ବରିଷ୍ଠ ସଭ୍ୟ ରମାକାନ୍ତ ସେଠ, କାର୍ଯ୍ୟକାରୀ କମିଟି ସଭ୍ୟ ଜୟରାମ ମିଶ୍ର, ଆଥଲେଟିକ୍ ସମ୍ପାଦକ ବିଭୂତି ଭୂଷଣ ପଣ୍ଡା, ରାମଜୀ ଯୁବ ସଂଘ ସଭାପତି ଡ. ପ୍ରମୋଦ କୁମାର ମିଶ୍ର ଯୋଗ ଦେଇଥିଲେ। ଚୁଡାପାଲି ଖେଳପଡିଆରେ ଢୁଲୁସର ଦଳ ୨-୧ ଗୋଲରେ ଡଙ୍ଗାଘାଟକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ କ୍ରୀଡା ସଂସଦର ବରିଷ୍ଠ ସଦସ୍ୟ ଶରତ କୁମାର ନନ୍ଦ, ପୂର୍ବତନ ଖେଳାଳି ଲୋକନାଥ କୁମୁରା ଓ ଲମ୍ବୋଦର ପଟେଲ ଯୋଗ ଦେଇଥିଲେ। ଖପ୍ରାଖୋଲ ଖେଳପଡିଆରେ ଖପ୍ରାଖୋଲ ଦଳ ୭-୦ ଗୋଲରେ କୁହାବାଉଁଶ ଦଳକୁ ହରାଇ ବିଜୟୀ ହୋଇଥିଲେ। ଖପ୍ରାଖୋଲ ସରପଞ୍ଚ ସତ୍ୟା ସେଦ୍ରିଆ ଅତିଥି ଭାବେ ଯୋଗ ଦେଇଥିଲେ। କଣ୍ଟାବାଞ୍ଜି ରେଲୱେ ପଡିଆରେ ଅନୁଷ୍ଠିତ ଖେଳରେ ବିଚ୍ଛୁବାହାଲି ବନାମ ଚଟୁଆନକା ୧-୧ ଗୋଲରେ ଡ୍ର ରହିଥିଲା। ଟାଇବ୍ରେକର ୪-୩ ଗୋଲରେ ବିଚ୍ଛୁବାହାଲି ବିଜୟ ହୋଇଥିଲା। ଅତିଥି ଭାବେ ପୂର୍ବତନ ଖେଳାଳି ରବୀନ୍ଦ୍ର ସେନାପତି ଓ ରାକେଶ କାମଲେ ଯୋଗ ଦେଇଥିଲେ। ଜରାସିଂହା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଖେଳରେ ବିଏନ୍‌ଏଏ ଜରାସିଂହା ଦଳ ୩-୦ ଗୋଲରେ ବଡଗୋମୁଣ୍ଡା ଦଳକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ ପୂର୍ବତନ ଖେଳାଳି ସଚ୍ଚିଦାନନ୍ଦ ପାଢୀ, ଭାଗ୍ୟବନ୍ତ ମେହେର, ରାଜକିଶୋର ସେଠ ଓ ଅଂଶୁମାନ କର୍ତ୍ତି ଯୋଗ ଦେଇଥିଲେ। ସୋମବାର ସୁଜିଆ, ଲୋଇସିଂହା ମିନି ଷ୍ଟାଡିୟମ, ଖୁଜେନପାଲି, ଟିଟିଲାଗଡ ସିଟି ସ୍କୁଲ ପଡିଆ, ପାଟଣାଗଡ, ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମ, କଣ୍ଟାବାଞ୍ଜି ରେଲୱେ ପଡିଆ, ଜରାସିଂହା ମିନି ଷ୍ଟାଡିୟମ, ଖପ୍ରାଖୋଲ ଓ ଚୁଡାପାଲି ଖେଳପଡିଆଠାରେ ଖେଳ ହେବ ବୋଲି କ୍ରୀଡା ସଂସଦ ଫୁଟବଲ ସମ୍ପାଦକ ହେମନ୍ତ କୁମାର ବେହେରା ଜଣାଇଛନ୍ତି।

## ପଦ୍ମନାଭ ମିଶ୍ରଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

ସୋନପୁର,(ମୃତ୍ୟୁଞ୍ଜୟ ଶତପଥୀ): ମହାନଦୀ ସାହିତ୍ୟ ସଂସଦ ପରିସରରେ ଓଡ଼ିଶାର ବରେଣ୍ୟ ଚିତ୍ରଶିଳ୍ପୀ ତଥା ବରିଷ୍ଠ ଅଭିନେତା ଏବଂ ମହାନଦୀ କଳା ସମ୍ମାନପ୍ରାପ୍ତ ପଦ୍ମନାଭ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ରବିବାର ସନ୍ଧ୍ୟାରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଅନୁଷ୍ଠାନର ସଭାପତି ନାଟ୍ୟକାର ଶ୍ୟାମା ଓଁ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଇ ସଭାରେ କବି ତଥା ନାଟ୍ୟକାର ଡ. ପୁରୁଷୋତ୍ତମ ମିଶ୍ର ,କବି ବେଣୁଧର ପ୍ରଧାନ, ପ୍ରଭୁଦତ୍ତ ରଥ , ଅଭିନେତା ତଥା କଥାକାର କ୍ଷୀରୋଦ ବିଶ୍ୱାଳ, ବିଘ୍ନରାଜ ପଣ୍ଡା ପ୍ରମୁଖ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ‘ପିଢ଼ି ପିଢ଼ି ଭିତରେ ଭାଗବତ ନନ୍ଦ ଥିଲେ ସେତୁ’

### ଭାଗବତ ନନ୍ଦ ସ୍ମୃତି କମିଟି, ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସ୍ମୃତିସଭା

**■ସ୍ୱର୍ଗତ ନନ୍ଦଙ୍କ ସ୍ତ୍ରୀ, ପୁତ୍ରଙ୍କୁ ସମ୍ବର୍ଦ୍ଧନା**

ସୋନପୁର,୨୪।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘ ଏବଂ ଭାଗବତ ନନ୍ଦ ସ୍ମୃତି କମିଟି ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ସୋନପୁର ମହାରାଜା ହାଇସ୍କୁଲ ଶତବାର୍ଷିକୀ ସମ୍ମିଳନୀ କକ୍ଷରେ ରବିବାର ବିଶିଷ୍ଟ ସମାଜସେବୀ ତଥା ପ୍ରବୀଣ ସାମ୍ବାଦିକ ସ୍ୱର୍ଗତ ଭାଗବତ ପ୍ରସାଦ ନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ସ୍ୱର୍ଗତ ନନ୍ଦଙ୍କ ଭୂଦାନରୁ ଶରୀରଦାନ ପର୍ଯ୍ୟନ୍ତ କିଭଳି ଏକ ମହାନୀୟ ଏବଂ ଆଦର୍ଶଗତ ଜୀବନ ଥିଲା କହିଥିଲେ। ସକଳ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଉଠି ସେ କିଭଳି ପିଢ଼ି ପିଢ଼ି ଭିତରେ ସେତୁ ଭଳି କାର୍ଯ୍ୟ କରୁଥିଲେ କହିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ, ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ, ପଶ୍ଚିମ ଓଡିଶାର ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ୱୀକୃତି ପ୍ରସଙ୍ଗ ହେଉ କି ରାଜନୈତିକ-ସାମାଜିକ କ୍ଷେତ୍ରକୁ ନେଇ କୌଣସି ମତଭେଦ ଦେଖାଦେଲେ ସେ କିଭଳି ଏକ ମୁରବୀ ଭଳି କାର୍ଯ୍ୟ କରୁଥିଲେ କହିଥିଲେ। ଜଣେ ସ୍ପଷ୍ଟଭାଷୀ ବ୍ୟକ୍ତି ଭାବେ ପରିଚିତ ଥିଲେ ବି ସେ କିଭଳି ମିଷ୍ଟଭାଷୀ ଥିଲେ ଏବଂ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଥିଲେ ସେ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ ତାଙ୍କ ବକ୍ତବ୍ୟରେ ନବେ ଦଶକରେ ଭାଗବତ ବାବୁ ତାଙ୍କୁ କିଭଳି ନିଜ ମାତୃଭାଷାରେ ଲେଖିବାକୁ ଏବଂ ଏହାର ପ୍ରଚାର ପ୍ରସାର କରିବାକୁ ପ୍ରେରିତ କରିଥିଲେ ତାର ବର୍ଣ୍ଣନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ପରାମର୍ଶଦାତା ନିବେଦିତା ନାୟକ ଭାଗବତ ବାବୁଙ୍କ ସମାଜସେବା ତଥା ସାମ୍ବାଦିକ ଜୀବନ ଉପରେ ଆଲୋକପାତ କରିଥିଲେ। କୋଶଲୀ/ସମ୍ବଲପୁରୀ ଭାଷା ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି କ୍ଷେତ୍ରରେ ଅବଦାନର ସେ ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ତଥା ଭାଗବତ ନନ୍ଦ ସ୍ମୃତି କମିଟି ସଭ୍ୟ ରଘୁନାଥ ମିଶ୍ର ଭାଗବତ ନନ୍ଦଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତୀୟ ଅଭିଭାଷଣରେ ଗୋରେଖନାଥ ସାହୁ କୋଶଳ ଆନ୍ଦୋଳନରେ ଭାଗବତ ବାବୁଙ୍କ ସକ୍ରିୟ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଭାଗବତ ନନ୍ଦ ସ୍ମୃତି କମିଟି ସଂଯୋଜକ ଡ. ଗୌରିଦାସ ପଧାନ ସ୍ମୃତି କମିଟିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାକୁ ସାମ୍ବାଦିକ ବୀରେନ୍ଦ୍ର କୁମାର ଝାଙ୍କର ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ଡା. ରାଜେନ୍ଦ୍ର କୁମାର ମିଶ୍ର, ସୋନପୁର କଲେଜର ପୂର୍ବତନ ଅଧ୍ୟକ୍ଷା ରେଣୁକା ମିଶ୍ର, କବି ଆର୍ତ୍ତତ୍ରାଣ ବାବୁ ସ୍ୱର୍ଗତ ନନ୍ଦଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଆର୍ତ୍ତତ୍ରାଣ ବାବୁଙ୍କ ରଚିତ ଦୁଇଟି ପୁସ୍ତକ ଚାଷ ଦର୍ପନ ଓ ସନ୍ଥ ଭାଗବତକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଏହି ଅବସରରେ ସ୍ୱର୍ଗତ ନନ୍ଦଙ୍କ ସହଧର୍ମିଣୀ ସୌଦାମିନୀ ନନ୍ଦ ଓ ପୁତ୍ର ଶିବ ପ୍ରସାଦ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ସ୍ମୃତି କମିଟିର ଦିବଙ୍ଗତ ସଦସ୍ୟ ପଦ୍ମଶ୍ରୀ ଶାନ୍ତି ଦେବୀ, ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଦେବେନ୍ଦ୍ର କୁମାର ମିଶ୍ର, ଏମ୍‌ପି ସୁବସ ନାଏକ, ଚିତ୍ରଶିଳ୍ପୀ ପଦ୍ମନାଭ ମିଶ୍ର, କବି ହୁସେନ ରବି ଗାନ୍ଧୀଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ସଭ୍ୟା ତଥା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟକର୍ତ୍ତା, ଶ୍ରୀ ଗୋପାଳଜୀ ଯୋଗାଳୟର ସଭ୍ୟ ଓ ବିଭିନ୍ନ ଆଧ୍ୟାତ୍ମିକ ଅନୁଷ୍ଠାନର କର୍ମକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ସାମ୍ବାଦିକ ସଂଘ ସମ୍ପାଦକ ବ୍ୟୋମକେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥି ଓ ସ୍ମୃତି କମିଟି କର୍ମକର୍ତ୍ତା।

## ସଂକ୍ଷେପରେ

### ବିନିକାରେ ଆଦିବାସୀ ସମ୍ମିଳନୀ



ବିନିକା,୨୪।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବାତ୍ୟା ଆଶ୍ରୟସ୍ଥଳୀରେ ବିନିକା ଆଦିବାସୀ କଲ୍ୟାଣ ସଂଘ ତରଫରୁ ବ୍ଲକ ସଭାପତି ବିରଞ୍ଚି କୁଅଁରଙ୍କ ସଭାପତିତ୍ୱରେ ଆଦିବାସୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ସଭାପତି ଯୋଗେନ୍ଦ୍ର ଭୋଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉଲୁଣ୍ଡା ବ୍ଲକ ସଭାପତିନନ୍ଦନ ବାରିକ, ବୀରମହାରାଜପୁର ବ୍ଲକ ସହ ସମ୍ପାଦକ ପ୍ରମୋଦ ଭୋଇ, ତରଭା ବ୍ଲକ ଉପ ସଭାପତି ରାଜେନ୍ଦ୍ର ଝଙ୍କାର, ବିନିକା ନଗରପାଳ ସୁବାଷ ଚନ୍ଦ୍ର ଭୋଇ ଯୋଗଦେଇ ଆଦିବାସୀଙ୍କ କଲ୍ୟାଣ ପାଇଁ ମତ ପ୍ରକାଶ କରିଥିଲେ। ଜିଲା କମିଟିରେ ପ୍ରତି ବ୍ଲକରୁ ୨ ଜଣ ଲେଖାଏ ସଦସ୍ୟ ମନୋନୀତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପରେ ବ୍ଲକସ୍ତରୀୟ ନୂତନ କମିଟି ଗଠନ କରାଯଇଥିଲା। ସଭାପତି ଭାବେ ବିରଞ୍ଚି କୁଅଁର, ଉପ ସଭାପତି ପାଣ୍ଡ ଭୋଇ, ସମ୍ପାଦକ ପ୍ରସନ୍ନ କୁଅଁର, ସହ ସମ୍ପାଦକ ଅନିରୁଦ୍ଧ ଡାଙ୍ଗ, କୋଷାଧ୍ୟକ୍ଷ ସୁବାଷ ଭୋଇ,ସଂଗଠକ ଭାବେ ଭାଗରଥୀ ମାରପାଟଙ୍କୁ ମନୋନୀତ କରାଯାଇଥିଲା। ଦୈତାରୀ ବୋଇ ମଞ୍ଚ ପରିଚାଳନା କରିଥିଲେ। ଶେଷରେ କରଞ୍ଜିତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା

ତରଭା,୨୪।୯(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବାଳକ ଉଚ୍ଚବିଦ୍ୟାଳୟ ଦ୍ୱାରା ଆୟୋଜିତ ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା ହାଇସ୍କୁଲ ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତରଭା ବ୍ଲକର ୧୮ଟି ବିଦ୍ୟାଳୟରୁ ୧୮୦ ଜଣ କ୍ରୀଡାବିତ୍ ଖୋ-ଖୋ, କବାଡି ଓ ଫୁଟବଲ ଖେଳରେ ଅଂଶଗ୍ରହଣ କରିଥିଲେ। ୧୪ ଓ ୧୭ ବର୍ଷରୁ କମ ୯୬ ଜଣ ବାଳିକା ବାଳକ ଜିଲାସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଏବିଇଓ ସତ୍ୟନାରାୟଣ ମହାପାତ୍ର ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲା କ୍ରୀଡା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରଜ କୁମାର ସେଠୀ, ଟିନି ମେହେର ଓ ବିଜୟ କୁମାର ପଣ୍ଡା ଯୋଗଦେଇ ମତବ୍ୟକ୍ତ କରିଥିଲେ। ବ୍ଲକ କ୍ରୀଡା ସଂପାଦକ ଶ୍ରୀଧର ପୁଟେଲ ସଭା ପରିଚାଳନା କରିଥିଲେ। କଲ୍ୟାଣ ଚନ୍ଦ୍ର ମହାପାତ୍ର, ଅଭିଳାଷ ରଣା, ବ୍ରଜକିଶୋର ମହାକୁର, ମମନ ବେହେରା, ସସ୍ମିତା ବେହେରା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଦିଲୀପ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସା ନୀତି ଉପରେ ଗୁରୁତ୍ୱ



ସଭାରେ ଯୋଗ ଦେଇଥିବା ଅତିଥି।

ବାଉଁଶୁଣୀ,୨୪।୯(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ମା’ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରୋଗ୍ରାମ ଅଫିସର ଡ. ଉମାକାନ୍ତ ବିଶାଳ ସଭା ସଞ୍ଚାଳନ କରିଥିଲେ। ଜାତୀୟ ସେବା ଯୋଜନାର ଶହେରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ବୌଦ୍ଧ ଜିଲା ଶିଶୁ ମଙ୍ଗଳ ସମିତିର ଚେୟାରମ୍ୟାନ ତଥା ସୁରଭିର ସମ୍ପାଦକ ଦାମୋଦର ସାହୁ ମୁଖ୍ୟଅତିଥି ଓ ସୁରଭିର ସଭାପତି ଚେତାରାମ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ନିଜ ବକ୍ତବ୍ୟରେ ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସା ନୀତିର ତାତ୍ପର୍ଯ୍ୟ ବିଷୟରେ କହିଥିଲେ। ବିଦ୍ୟାଳୟର ବରିଷ୍ଠ ଓଡ଼ିଆ ଅଧ୍ୟାପକ ଦେବାର୍ଚ୍ଚନ ବେହେରା, ତର୍କଶାସ୍ତ୍ର ଅଧ୍ୟାପକ ମକର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ସ୍ୱେଚ୍ଛାସେବୀ ସୀମା ରାଣୀ ବାରିକ ଧନ୍ୟବାଦ ଦେଇଥିଲେ।

## ସୁବର୍ଣ୍ଣପୁର ଜିଲା ଓବିସି ମଞ୍ଚର ଜନ ଜାଗରଣ ବୈଠକ

ସୋନପୁର,୨୪।୯(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ଓବିସି ମଞ୍ଚର ସୁବର୍ଣ୍ଣପୁର ଜିଲା ଶାଖା ଆବାହକ ପ୍ରିୟବ୍ରତ ସାହୁଙ୍କ ସଭାପତିତ୍ୱରେ ଜନଜାଗରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସନ୍ତା ଅକ୍ଟୋବରରୁ ଓବିସି ବର୍ଗର ସମସ୍ତଙ୍କୁ ଏକଜୁଟ କରିବା ଲକ୍ଷ୍ୟରେ ଜନଜାଗରଣ ରଥଯାତ୍ରାକୁ କିଭଳି ଭାବରେ ଜିଲାର ପ୍ରତି ବ୍ଲକ ପରିକ୍ରମା କରିବ ସେନେଇ ଆଲୋଚନା କରାଯାଇଥିଲା। ଏଥିସହ ଏକ ଜିଲାସ୍ତରୀୟ ସମନ୍ୱୟ କମିଟି ଗଠନ କରାଯାଇଥିଲା। ଏଥିରେ ଜିଲା ସଂଯୋଜକ ଭାବେ ଶିବରାମ ସାହୁ, ସଭାପତି ଦେବାର୍ଚ୍ଚନ ଚାଉଳିଆ, କାର୍ଯ୍ୟକାରୀ ସଭାପତି ପ୍ରିୟବ୍ରତ ସାହୁ, ଉପସଭାପତି ଗୋବିନ୍ଦ ବାରିକ, ସୁରେଶ ମହଲା, କୋଷାଧ୍ୟକ୍ଷ ଦିଲ୍ଲୀପ ପାତ୍ର, ପରାମର୍ଶଦାତା ଭାବରେ ରଥ ସାହୁ, ନବକୃଷ୍ଣ ଦନ୍ତା ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା।

## ଶିବାନନ୍ଦ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ



ଗଣେଶ ପୂଜା କମିଟି ତରଫରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଡୁଙ୍ଗୁରିପାଲି,୨୪।୯(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଶିବାନନ୍ଦ କ୍ଲବ ପକ୍ଷରୁ ୫ ଦିନ ବ୍ୟାପି ଚାଲିଥିବା ଗଣେଶ ପୂଜା ଭସାଣି ଉତ୍ସବ ଶନିବାର ଧୂମଧାମ୍‌ରେ ହୋଇଯାଇଛି। ଗଣେଶଙ୍କୁ ଏକ ଶୋଭାଯାତ୍ରାରେ ନିଆଯାଇ ଡୁଙ୍ଗୁରିପାଲି ସହର ପରିକ୍ରମା କରାଯିବା ପରେ ବିସର୍ଜନ କରାଯାଇଥିଲା। ଚଳିତବର୍ଷ ପୂଜାରେ କର୍ତ୍ତା ଭାବେ ମୃତ୍ୟୁଞ୍ଜୟ ମିଶ୍ର ସପତ୍ନିକ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଶୁକ୍ରବାର ରାତିରେ ଆରଏମସି ପରିସରରେ ମାନସରଞ୍ଜନ ସାହୁଙ୍କ ଜେଡି ସମ୍ବଲପୁରୀ ଅର୍କେଷ୍ଟ୍ରା ପରିବେଷଣ ହୋଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିବା ବ୍ଲକ ସାମ୍ବାଦିକ ସଂଘ ସଭାପତି କିଶନ କୁମାର ଅଗ୍ରୱାଲ, ସଂଘର ବରିଷ୍ଠ ପରାମର୍ଶଦାତା ପବିତ୍ର ମୋହନ ପାଣ୍ଡିଆ, ଉପସଭାପତି ଦୀନବନ୍ଧୁ ସୁନା, ବନମାଳୀ ପୋଢ଼ଙ୍କୁ ମଞ୍ଚ ଉପରେ ପୂଜା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂଜା କମିଟିର ବରିଷ୍ଠ କର୍ମକର୍ତ୍ତା ମୃତ୍ୟୁଞ୍ଜୟ ମିଶ୍ର, ସମ୍ପାଦକ ଲବ ପଧାନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଞ୍ଚ କଳାକାର ଭକ୍ତ ପଧାନ ପରିଚାଳନା କରିଥିଲେ। ପୂଜା କମିଟିର ସଭାପତି ଜ୍ୟୋତି ମିଶ୍ର, ସମ୍ପାଦକ ପଧାନ, କୁଶ ପଧାନ, ଜୀବର୍ଦ୍ଧନ ମହାଲିଙ୍ଗ, ଇନ୍ଦ୍ର ମେହେର,ବିରେନ ଭୋଇ, ଉମେଶ ଗଡତିଆ, ସୁବୋଧ ମହାଲିଙ୍ଗ ପ୍ରମୁଖ ସହଯୋଗ କରିଥିଲେ।

## ଘର ଘର କଂଗ୍ରେସ କାର୍ଯ୍ୟକ୍ରମ ପ୍ରଚାର ପାଇଁ ପ୍ରସ୍ତୁତି ବୈଠକ

ଘଣ୍ଟାପଡ଼ା,୨୪।୯(ପ୍ରଭାତ କୁମାର ସାହୁ)

କଣ୍ଟାମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ ମଲିକଙ୍କ ସଭାପତିତ୍ୱରେ କଣ୍ଟାମାଳ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଘର ଘର କଂଗ୍ରେସ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର ସାହୁ, ଜିଲା ଉପସଭାପତି ଅଭିମନ୍ୟୁ ପ୍ରଧାନ, କେଶବ କ୍ଷେତି, ବରିଷ୍ଠ ନେତା ଉଚ୍ଛେଇ ବାରିକ, ବ୍ଲକ ଉପସଭାପତି ଗୋପ ରଣା, ନିତ୍ୟାନନ୍ଦ କର୍ମୀ, ଉଗ୍ରସେନ ପଟ୍ଟନାୟକ, ମଦନ ହରିପାଲ, ବିଶାମିତ୍ର ପାଢ଼ୀ, ଅନନ୍ତ କର୍ଣ୍ଣ, ଛାତ୍ର ସଭାପତି ହିତେଶ୍ୱର ଷାଣ୍ଢଙ୍କ ସମେତ କଂଗ୍ରେସ କର୍ମୀ ଯୋଗଦେଇ ଆଗାମୀ ଦିନରେ ଘର ଘର କଂଗ୍ରେସ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମତ ଦେଇଥିଲେ। କଂଗ୍ରେସର ବାର୍ତ୍ତା କଣ୍ଟାମାଳ ବ୍ଲକର ପ୍ରତ୍ୟେକ ପଞ୍ଚାୟତର ସମସ୍ତ ଭୋଟରଙ୍କ ପାଖରେ ଯେପରି ପହଞ୍ଚି ପାରିବ ଓ ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ବରିଷ୍ଠ କଂଗ୍ରେସ ସଦସ୍ୟ ଗରିବ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ନିଖିଳ ଓଡିଶା ଭୁଲିଆ ସମାଜର ପ୍ରସ୍ତୁତି ବୈଠକ

ଡୁଙ୍ଗୁରିପାଲି,୨୪।୯(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ହାଇସ୍କୁଲ ଛକ ନିକଟ ରୟାଲ ପ୍ଲେସଠାରେ ରବିବାର ନିଖିଳ ଓଡିଶା ଭୁଲିଆ ସମାଜର ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡୁଙ୍ଗୁରିପାଲି ଭୁଲିଆ ସମାଜର ବ୍ଲକ ସଭାପତି ରାଧେଶ୍ୟାମ ମେହେର ସଭାପତିତ୍ୱ କରିଥିଲେ। ଡୁଙ୍ଗୁରିପାଲି ଗ୍ରାମ୍ୟ ଭୁଲିଆ ସମାଜ କମିଟି ସମ୍ପାଦକ ବନମାଳୀ ମେହେର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ଆଗାମୀ ୨୦୨୪ ବର୍ଷରେ ବରପାଲିଠାରେ ଅନୁଷ୍ଠିତ ହେବାକୁ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଓ ଭୁଲିଆ ମହାସଭାର ୧୦୦ ବର୍ଷ ପୂର୍ତ୍ତି ଉତ୍ସବ ଉପରେ ଆଲୋଚନା କରାଯାଇଥିଲା । ଏହାଛଡା ଗ୍ରାମ୍ୟ କମିଟି ଗଠନ ଓ ବ୍ଲକ କମିଟି ପୁନଗଠନ ଉପରେ ଗୁରୁତ୍ୱ ଦିଆଯିବା ସହ ଭୁଲିଆ ସମାଜର ବିଭିନ୍ନ ସମସ୍ୟା ଓ ସଂଗଠନ ମଜଭୁତ କରିବା ନେଇ ବିଶେଷ ଆଲୋଚନା କରାଯାଇଥିଲା । ବ୍ଲକସ୍ତରୀୟ ଭୁଲିଆ ସମାଜ ସମ୍ପାଦକ ଘନଶ୍ୟାମ ମେହେର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଡୁଙ୍ଗୁରିପାଲି, ସହଲା, ହରିହରନଗର, ଦିଗଶିରା, ଶୁଖା, ସର୍ଗୁଲ ସମେତ ବିଭିନ୍ନ ଗାଁ ର ଭୁଲିଆ ସମାଜର ଲୋକ ଯୋଗ ଦେଇଥିଲେ। ଶେଷରେ ଡ. ସିଦ୍ଧେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଯୋଗ ଦେଇଥିବା ଭୁଲିଆ ସମାଜର କର୍ମକର୍ତ୍ତାବୃନ୍ଦ।

## ପର୍ଯ୍ୟଟନସ୍ଥଳୀର ବିବରଣିକା ଉନ୍ମୋଚନ

ବୌଦ୍ଧ,୨୪।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ପର୍ଯ୍ୟଟନସ୍ଥଳୀର ବିବରଣିକା ରବିବାର ଦିନ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ମାଉସୀ ମା’ ମନ୍ଦିର ପରିସରରେ ବିଶେଶ୍ୱର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୈରବୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଲଳିତ କୁମାର ମେହେରେ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ଡ. ଅମରେଶ ସାହୁ ଯୋଗ ଦେଇଥିଲେ। ଦିବ୍ୟଶଙ୍କର ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ କହିଥିଲେ, ବୌଦ୍ଧ ଜିଲା ଓଡିଶା ମଧ୍ୟ ଭାଗରେ ଅବସ୍ଥିତ। ଏହି ଜିଲାରେ ପର୍ଯ୍ୟଟନର ଅନେକ ସମ୍ଭାବନା ରହିଛି। ଭଗବାନ ବୁଦ୍ଧଙ୍କ ନାମରେ ନାମିତ ବୌଦ୍ଧ ଜିଲାରେ ଅନେକ ବୌଦ୍ଧ ପୀଠ ରହିଛି। କିନ୍ତୁ ସରକାରଙ୍କ ପକ୍ଷରୁ ପ୍ରଚାର ପ୍ରସାର ଅଭାବରୁ ବୌଦ୍ଧରେ ପର୍ଯ୍ୟଟନର ବିକାଶ ହୋଇପାରୁନାହିଁ। ବୌଦ୍ଧର ଇତିହାସ ଏବେ ବି ଲୁଚି ରହିଛି, ଏହା ଉପରେ ଅଧିକ ଗବେଷଣା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାରେ ସହରର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## କୋଶଳେଶ୍ୱର ମାଳି ସମାଜ ନୂଆଁଖାଇ ଭେଟଘାଟ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଅମରପାଲି,୨୪।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପାତାଳୀ କ୍ଷେତ୍ର କୋଟସମଲାଇଠାରେ ରବିବାର ନୃସିଂହନାଥ ରାଜ୍ୟ କୋଶଳେଶ୍ୱର ମାଳି ସମାଜ ବିକାଶ ପରିଷଦର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂଜାର୍ଚ୍ଚନା, ଅତିଥି ସମ୍ବର୍ଦ୍ଧନା, ନୂଆଁଖାଇ ପାଳନ, ବନ୍ଧୁ ମିଳନ, ଆଲୋଚନା,ଗୀତ, ନୃତ୍ୟ ଭଳି ସାଂସ୍କୃତିକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗ ଦେଇଥିଲେ। ସମାଜର ମହିଳା ରାଜ୍ୟ ସଭାପତି ଭାବେ ବବିତା ପଟେଲ ଓ ମହିଳା ରାଜ୍ୟ ସମ୍ପାଦକ ଭାବେ ଚୁମକୀ ପଟେଲଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। କୋଶଲିଆ ମାଳି ସମାଜ ର ଭବନ ନିର୍ମାଣ ପାଇଁ ସମସ୍ତଙ୍କ ଉପସ୍ଥିତିରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ରାଜ୍ୟ ସଭାପତି ସୁବଳ ପଟେଲଙ୍କ ସଭାପତିତ୍ୱରେ ରାଜ୍ୟ ସମ୍ପାଦକ ଟେକରାଜ ପଟେଲ, ବରଗଡ ଜିଲା ସଭାପତି ଭୀଷ୍ମଦେବ ପଟେଲ,ସୁବର୍ଣ୍ଣପୁର ଜିଲା ସଭାପତି ତ୍ରିପୁରାରୀ ସମର୍ଥ, ଜିଲା ସମ୍ପାଦକ ରାମଚନ୍ଦ୍ର ପଟେଲ, ବରପାଲି ଅଞ୍ଚଳ ସଭାପତି ଉପେନ୍ଦ୍ର ବାଘ, କୋଟସମଲାଇ ଅଞ୍ଚଳ ସଭାପତି ଜଗନ୍ନାଥ ଉଡାନ, ସମ୍ପାଦକ ନରେନ୍ଦ୍ର ବାଘ, ଡୁଙ୍ଗୁରିପାଲି ଅଞ୍ଚଳ ସଭାପତି ତ୍ରିଲୋଚନ ପଟେଲ, ସୁବର୍ଣ୍ଣପୁର ଜିଲା ଉପସଭାପତି ମୁନୁ ଗୁଦୁରିଆ, ବାଞ୍ଜିପାଲି ଅଞ୍ଚଳ ସଭାପତି ଶୁକଦେବ ପଟେଲ, କଣ୍ଟାବାଞ୍ଜି ସଭାପତି ଶେଷଦେବ ପଟେଲ, ଧର୍ମଗଡ କେନ୍ଦ୍ରାଞ୍ଚଳ ସମ୍ପାଦକ ଲବଜୀ ପଟେଲ ଯୋଗଦେଇ ମତବ୍ୟକ୍ତ ପ୍ରଦାନ କରିଥିଲେ । ରାଜ୍ୟ ସହ ସମ୍ପାଦକ ସୂର୍ଯ୍ୟଚନ୍ଦ୍ର ପଟେଲ ସଭା ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର, ସମ୍ବଲପୁର,ବରଗଡ, କଳାହାଣ୍ଡି,ନୂଆପଡା, ବଲାଙ୍ଗୀର, ରାୟଗଡ଼ା ଜିଲାରୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଆଗାମୀ ଦିନରେ କିଭଳି ଭାବରେ କୋଟସମଲାଇରେ କୋଶଳିଆ ମାଳି ସମାଜ ଭବନ ନିର୍ମାଣ କରାଯିବ ସେ ଉପରେ ଆଲୋଚନା କରାଯାଇଥିଲା।

## ମଧ୍ୟାହ୍ନ ଭୋଜନ ପାଚିକାଙ୍କ ଜିଲାସ୍ତରୀୟ ସମ୍ମିଳନୀ



ସମ୍ମିଳନୀରେ ମଞ୍ଚାସୀନ ନେତୃବୃନ୍ଦ।

ସୋନପୁର,୨୪।୯(ମୃତ୍ୟୁଞ୍ଜୟ ଶତପଥୀ)

ବିଜୁ ଶ୍ରମିକ ସାମୁଖ୍ୟ ସହବନ୍ଧିତ ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘର ସୁବର୍ଣ୍ଣପୁର ଜିଲାସ୍ତରୀୟ ସମ୍ମିଳନୀ ସାହା ଅତିଥି ଭବନ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପାଚିକା ସଂଘ ସୁବର୍ଣ୍ଣପୁର ଜିଲା ସଭାନେତ୍ରୀ ଝରଣା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ଶାଖା ସଭାପତି ଯୋଗେନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶାର ସରକାରୀ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନଭୋଜନ ରୋଷେଇ କରୁଥିବା ପାଚିକାମାନଙ୍କର ୧୦ଦଫା ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସଂଘ ଉପଦେଷ୍ଟା ତଥା ମୁଖ୍ୟ ସଂଯୋଜକ ନିରଞ୍ଜନ ପାତ୍ର ଯୋଗଦେଇ ବିଜୁ ଶ୍ରମିକ ସାମୁଖ୍ୟ ସହଯୋଗରେ ସମସ୍ତ ଦାବି ପୂରଣ ପାଇଁ ଏକତ୍ରିତ ହେବାକୁ ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ କୋଷାଧ୍ୟକ୍ଷା ସନ୍ଧ୍ୟାରାଣୀ ସ୍ୱାଇଁ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ଶାଖା ସମ୍ପାଦକ କାର୍ତ୍ତିକ ସା ସଂଯୋଜନା କରିଥିଲେ । ସଂଘ ତରଫରୁ ନୂତନ କରି ସୋନପୁର ଜିଲା କମିଟି ପୁର୍ନଗଠନ କରାଯାଇ ୧୫ଜଣିଆ କମିଟିଙ୍କ ନାମ ଘୋଷଣା କରାଯାଇଛି।

## ସଂକ୍ଷେପରେ

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

କୁଚିଣ୍ଡା,୨୪।୯(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବକ୍ସମା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପ୍ରତିଷ୍ଠାତା ସଭ୍ୟ ପ୍ରଦୀପ ପୁରୋହିତଙ୍କ ରବିବାର ସକାଳେ କୁଚିଣ୍ଡା ଡାକ୍ତରଖାନାରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୬୧ ବର୍ଷ ହୋଇଥିଲା। ସେ ଗତ ମାର୍ଚ୍ଚ ୩୧ରେ ବକ୍ସମା ହାଇସ୍କୁଲର ପ୍ରଧାନ ଶିକ୍ଷକରୁ ଅବସର ଗ୍ରହଣ କରିଥିଲେ। ସେ କେବଳ ପ୍ରଧାନ ଶିକ୍ଷକ ବା



ପ୍ରତିଷ୍ଠାତା ସଭ୍ୟ ନ ଥିଲେ, ଏହି ସ୍କୁଲ ନିର୍ମାଣ ପାଇଁ ୧୦ ଡିସିମିଲ ଜମି ମଧ୍ୟ ପ୍ରଦାନ କରିଥିଲେ। ଅଞ୍ଚଳବାସୀଙ୍କ ପ୍ରଚେଷ୍ଟାରେ ବକ୍ସମା ହାଇସ୍କୁଲ ୧୯୮୯ ଜୁଲାଇ ୧୯ରେ ପ୍ରତିଷ୍ଠା ହୋଇଥିଲା ଏବଂ ସେହି ଦିନଠାରୁ ହିଁ ସେ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଗତ କିଛି ମାସ ହେବ ସେ ବିଭିନ୍ନ ରୋଗରେ ପୀଡିତ ଥିଲେ। ବକ୍ସମା ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା।ପୁଅ ପ୍ରତୀକ ପୁରୋହିତ ମୁଖାଗ୍ନି ଦେଇଥିଲେ।

# ଯୁବପିଢ଼ିଙ୍କୁ ବାନ୍ଧି ରଖିଛି କଳମ ପରିବାର



ସମ୍ବଲପୁର କଳମ ପରିବାର ପକ୍ଷରୁ ବିନୋଦ ପଶାୟତଙ୍କୁ ସମ୍ମାନିତ କରାଯାଉଛି ।

■ ଗୀତିକାର ବିନୋଦ ପଶାୟତଙ୍କୁ କଳମ ସାରଥୀ ସମ୍ମାନ

■ ଲୋକାର୍ପିତ କଳମ ସାହିତ୍ୟ ୱେବସାଇଟ୍

ସମ୍ବଲପୁର,୨୪।୯(ଶୁଭାଶିଷ ପାଢ଼ୀ)

ଆମ କଳା ଓ ସଂସ୍କୃତି ବିଶ୍ୱ ପ୍ରସିଦ୍ଧ। ଏହା ଯେଭଳି ପରବର୍ତ୍ତି ପୀଢ଼ିଙ୍କୁ ଉଚିତ ମାର୍ଗ ପ୍ରଦର୍ଶନ କରିବ ସେନେଇ କଳମ ପରିବାର କାମ କରୁଛି। ନିରନ୍ତର ଭାବେ ବିଭିନ୍ନ କାର୍ଯ୍ୟକ୍ରମ କରୁଛି। କବିମାନଙ୍କୁ ନେଇ କବିତା ଆସର, ଲେଖକମାନଙ୍କୁ ନେଇ ଆଲୋଚନାଚକ୍ର, ଗିତିକାର, ବିଭିନ୍ନ କଳାକାରମାନଙ୍କୁ ପ୍ରୋତ୍ସାହନ ଦେବା, ଆଗେଇ ନେବା ଭଳି କାର୍ଯ୍ୟ କରୁଛି। ଯୁବ ପିଢିଙ୍କୁ ବାନ୍ଧି ରଖିଛି କଳମ ପରିବାର। ଆଜି ଭଳି କାର୍ଯ୍ୟକ୍ରମ ଆୟୋଜନ କରିବାର ଅନେକ ଗୁରୁତ୍ୱ ରହିଛି ବୋଲି ବର୍ଷିଆନ କବି, ଲେଖକ, ନାଟ୍ୟକାର ତଥା ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ବିନୋଦ କୁମାର ପଶାୟତ କଳମ ପରିବାର ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ କାର୍ଯ୍ୟକ୍ରମରେ କଳମ ସାରଥୀ ସମ୍ମାନରେ ସମ୍ମାନିତ ହେବା ପରେ କହିଥିଲେ। କଳମ ଅନୁଷ୍ଠାନ ସଭାପତି ଜୟକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ କଳମ ପରିବାର ଓ ସମ୍ବଲପୁର ଜିଲା ସାମ୍ବାଦିକ ସଂଘର ମିଳିତ ଆନୁକୂଲ୍ୟରେ ସାମ୍ବାଦିକ ଭବନରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଶାୟତ ଯୋଗ ଦେଇଥିଲେ। ଅତିଥି ଭାବେ ବିଶିଷ୍ଟ ଲେଖକ ମୁକ୍ତକଣ୍ଠ ପ୍ରଧାନ, ଜିଏମୟୁ ଭୀମଭୋଇ ଚେୟାର୍ ଅଧ୍ୟକ୍ଷ ତଥା କଳମ ପରିବାର ପରାମର୍ଶଦାତା ପ୍ରଦୀପ କୁମାର ପଣ୍ଡା, ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ସଭାପତି ସୁବାସ ପାଣିଗ୍ରାହୀ ଯୋଗଦେଇ ନୂଆଁଖାଇର ମହତ୍ୱ ଓ ପରମ୍ପରା ଉପରେ ମତବ୍ୟକ୍ତ କରିଥିଲେ। କଳମ ପରିବାର ସଂଯୋଜକ କ୍ଷେତ୍ରମଣି ବିଭାର ଅତିଥିଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ସହିତ ସଭାକୁ ସଂଯୋଜନା କରିଥିଲେ। ସମ୍ପାଦକ କମଲ ଲୋଚନ ପଣ୍ଡା ପ୍ରାରମ୍ଭରେ ମନ୍ତ୍ର ଓ ମାନପତ୍ର ପାଠ କରିଥିଲେ। ଆବାହକ ତଫିଜୁଲ ହୁସେନ କଳମ ସାରଥି ସମ୍ମାନ ବାବଦରେ ସୂଚନା ଦେବା ସହ ପ୍ରତିବର୍ଷ ଅନୁଷ୍ଠାନ ପକ୍ଷରୁ ଏହି ସମ୍ମାନ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କଳମ ସାହିତ୍ୟ ୱେବସାଇଟ୍ ଲୋକାର୍ପିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କବିତା ଓ ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଲଳିତ ମୋହନ ବେବର୍ତ୍ତା ସଂଯୋଜନା କରିଥିବାବେଳେ ଗୁଣରଞ୍ଜନ ସାଲିମା, ସ୍ୱୟଂ ପ୍ରକାଶ ପଣ୍ଡା, ଗୋବିନ୍ଦ ମହାରଣା, ଶଙ୍କର ବେହେରା, ଶାନ୍ତନୁ ପାଢ଼ୀ, ନିତାଇ ଚରଣ ସରାଫ, ପ୍ରଦୀପ କୁମାର ଯୋଶୀ, ପ୍ରଦୀପ କୁମାର ମହାରଣା, କାହ୍ନୁକେଶବ ବହିଦାର, ସନତ କୁମାର ସାହୁ, ଲକ୍ଷ୍ମୀ ନାରାୟଣ ପଣ୍ଡା, ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, ପ୍ରଣତି ମହାପାତ୍ର, ସୁବାସ ଚନ୍ଦ୍ର ଦାଶ, ମମତା ନାଥ, ତପସ୍ୱିନୀ ନେପାକ, ବିଚିତ୍ରା ବାଗଙ୍କ ସହ ବହୁ କବି, କବୟିତ୍ରୀ ଉପସ୍ଥିତ ରହି କବିତା ପାଠ ଓ ଗୀତ ପରିବେଷଣ କରିଥିଲେ । ଶେଷରେ ସମ୍ପାଦକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ସାନଜଟିଆପାଲିରେ ନୂଆଁଖାଇ ଭେଟଘାଟ୍



ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କୁଚିଣ୍ଡା/ଜମନକିରା, ୨୪।୯ (ବିରଞ୍ଚି ଦର୍ଶୀ/ ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତର ସାନଜଟିଆପାଲି ଗ୍ରାମରେ ଷ୍ଟେପ୍ସ ଅଫ କ୍ଲବ ପକ୍ଷରୁ ଶନିବାର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଦିପା ମନୋହରୀଙ୍କ ସଭାପତିତ୍ୱରେ ହୋଇଥିବା ନୂଆଁଖାଇ ଭେଟଘାଟ୍‌ରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର ମୁଖ୍ୟବକ୍ତା,ସମିତିସଭ୍ୟ ଧ୍ରୁବଚରଣ ବେହେରା, ସରୋଜ କୁମାର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ସଂସ୍କୃତି ଓ ପ୍ରକୃତି ପୂଜା ପଶ୍ଚିମ ଓଡ଼ିଶାର ସଂହତି ପାଇଁ ଏକ ପରମ୍ପରା ବୋଲି ଆଲୋଚନା କରିଥିଲେ। ଅମୃତ ବାଦି ସଭା ସଞ୍ଚାଳନ କରିଥିବା ବେଳେ ସମ୍ପାଦକ ଲକ୍ଷ୍ମୀ ବାଦି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଚିତ୍ରାପୋଷି କେଶବ ଠାକୁର ମଣ୍ଡପ ଭୂମିପୂଜନ



କେଶବ ଠାକୁର ମଣ୍ଡପର ପୁନରୁଦ୍ଧାର ପାଇଁ ଭୂମିପୂଜନ।

କୁଚିଣ୍ଡା,୨୪।୯(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁସୁମୀ ପଞ୍ଚାୟତର ଚିତ୍ରପୋଷି କେଶବ ଠାକୁର ମଣ୍ଡପର ପୁନରୁଦ୍ଧାର ପାଇଁ ରବିବାର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୂମିପୂଜା କରିଥିଲେ। କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶର କିଷାନ, ସମିତିସଭ୍ୟ ଧ୍ରୁବଚରଣ କିଷାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାକୁ ଏମବିକେ ଯଜ୍ଞସିନୀ ପାତ୍ର, କେଶବ ଠାକୁର ଶାଖା ପରିଚାଳକ ଅମୃତ ନାଏକ,ସହପରିଚାଳକ କରୁଣାକର ପାତ୍ର, କେନ୍ଦ୍ର ସଙ୍ଗଠକ ପ୍ରଶନ୍ନ କୁମାର ପାତ୍ର, ମାତୃ ସଙ୍ଗଠିକା ମଞ୍ଜରୀ ସୁନାନୀ, ପୂଜକ ଚିତ୍ତରଞ୍ଜନ ସିଂ, ସହପୂଜକ ବାଲଗ୍ରାମ ପାତ୍ର, ଶ୍ରୀଧର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏଠାରେ ସପ୍ତାହ ବ୍ୟାପି ଭାଗବତ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ପ୍ରତ୍ୟହ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଓ ଭକ୍ତ ସାମିଲ ହେଉଛନ୍ତି।

## ବନ୍ଦେ ଭାରତକୁ ସମ୍ବଲପୁରରେ ସ୍ୱାଗତ



ସମ୍ବଲପୁର,୨୪।୯( ଶୁଭାଶିଷ ପାଢ଼ୀ)

ବନ୍ଦେ ଭାରତ ଟ୍ରେନକୁ ସମ୍ବଲପୁର ସିଟି ଷ୍ଟେସନରେ ସ୍ୱାଗତ କରାଯାଇଥିଲା। ପ୍ରାୟ ୧୫ ମିନିଟ ଧରି ଟ୍ରେନ ଅଟକି ରହିଥିଲା । ଯାତ୍ରୀମାନଙ୍କୁ ଫୁଲ ଦେଇ ସ୍ୱାଗତ କରାଯାଉଥିଲା। ଏହି ଅବସରରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଡିଆରଏମ ବିନିତ ସିଂ, ଏଡିଆରଏମ ଆନନ୍ଦ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ । କିଛି ସମୟ ରହିବା ପରେ ଅତିଥିମାନେ ସବୁଜ ପତାକା ଦେଖାଇବା ପରେ ପୁଣି ରାଉରକେଲା ଅଭିମୁଖେ ଟ୍ରେନ ବାହାରିଥିଲା। ଷ୍ଟେସନରେ ବହୁତ ଲୋକଙ୍କ ଭିଡ ରହିଥିଲ।

## ଏମ୍‌ସିଏଲ୍ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ସିଲେଇ ମେଶିନ ପ୍ରଦାନ

ସମ୍ବଲପୁର,୨୪।୯(ବି.ଶଙ୍କର)

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ରବିବାର ସମ୍ବଲପୁର ଜିଲାର ଅଭାବୀ ମହିଳାମାନଙ୍କୁ ସିଲେଇ ମେଶିନ ପ୍ରଦାନ କରାଯାଇଛି। ଜାଗୃତି ମହିଳା ମଣ୍ଡଳ ସଭାନେତ୍ରୀ ପଦ୍ମଜା ସିଂ ତିନୋଟି ସିଲେଇ ମେଶିନ ଦେଇଥିଲେ। ଉପାଧ୍ୟକ୍ଷା ସରିତା ପଟେଲ, ରଶ୍ମୀ ବେହୁରା ଏବଂ ଅଞ୍ଜଳି ବାପଟଙ୍କ ଉପସ୍ଥିତ ଥିଲେ । ମଣ୍ଡଳର ସଭାନେତ୍ରୀ ପଦ୍ମଜା କହିଛନ୍ତି ଯେ, ଆତ୍ମ ନିର୍ଭରଶୀଳତାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସିଲେଇ ମେଶିନ ଯୋଗାଇ ଦିଆଯାଇଛି। ଆମର ପ୍ରୟାସ ହେଉଛି ଅଭାବୀ ମହିଳାମାନେ କିପରି ଟେଲରିଂ ଏବଂ ବୁଣାକାର ତାଲିମ ଦେଇ ଆତ୍ମନିର୍ଭରଶୀଳ କରିବା ମୂଳ ଲକ୍ଷ୍ୟ।




ଏମସିଏଲ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ସଲେଇ ମେଶିନ ପ୍ରଦାନ କରାଯାଉଛି।

## ଏସ୍‌ବିଆଇ ପକ୍ଷରୁ ବାଇକ୍ ଶୋଭାଯାତ୍ରା



ସମ୍ବଲପୁରରେ ଏସବିଆଇ ପକ୍ଷରୁ ଆୟୋଜିତ ବାଇକ ଶୋଭାଯାତ୍ରା।

ସମ୍ବଲପୁର, ୨୪।୯(ବି.ଶଙ୍କର)

ସମ୍ବଲପୁର ଜିଲା ଏସ୍‌ବିଆଇ ପକ୍ଷରୁ ବାଇକ୍ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଏସ୍‌ବିଆଇ ମୁଖ୍ୟାଳୟଠାରୁ ଅଇଁଠାପାଲି ପିଏଚଡି ପଡିଆ ପର୍ଯ୍ୟନ୍ତ ବାଇକ୍ ଶୋଭାଯାତ୍ରା ହୋଇଥିଲା। ଏସ୍‌ବିଆଇର ଡିଜିଏମ୍ ମନମୋହନ ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସବୁଜ ପତାକା ଦେଖାଇ ବାଇକ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏସ୍‌ବିଆଇ ପକ୍ଷରୁ ଆସନ୍ତା ଅକ୍ଟୋବର ୧ତାରିଖରେ ଅଇଁଠାପାଲି ପିଏଚଡି ପଡିଆଠାରେ ଏସବିଆଇ କ୍ରେଡିଟ ଆଉଟଷ୍ଟ୍ରିଚ କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଛି । ଏଥିରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସିତାରମଣ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ଏହି ବାଇକ୍ ଶୋଭାଯାତ୍ରା ଏସ୍‌ବିଆଇ ମୁଖ୍ୟାଳୟଠାରୁ ବାହାରି ସହର ପରିକ୍ରମା କରି ଜନଜାଗରଣ ସୃଷ୍ଟି କରିଥିଲା ।

## ଅନ୍ତଃରାଷ୍ଟ୍ରୀୟ ବେଟି ଦିବସରେ ସଚେତନତା ଶୋଭାଯାତ୍ରା




ସମ୍ବଲପୁର,୨୪।୯(ବି.ଶଙ୍କର)

ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବାମଞ୍ଚ ଆହ୍ୱାନରେ ଅନ୍ତଃରାଷ୍ଟ୍ରୀୟ ବେଟିଦିବସରେ ସଚେତନତା ଶୋଭାଯାତ୍ରା ରବିବାର ସମ୍ବଲପୁରରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଗଙ୍ଗାଧର ମେହେର କଲେଜ ଛକଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ସମ୍ବଲପୁରଠାରେ ମାରୱାଡ଼ି ଯୁବାମଞ୍ଚ, କ୍ଷେତରାଜପୁର ନବଚେତନା ଓ ଉଦୟ ଷ୍ଟାର ଶାଖାର ମିଳିତ ଆୟୋଜନରେ ଏହି ଜନଜାଗରଣ ଶୋଭାଯାତ୍ରା ହୋଇଥିଲା। ବୈଦ୍ୟନାଥ ଛକଠାରେ ଶୋଭାଯାତ୍ରା ସମାପନ ହୋଇଥିଲା। ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ରାଜ୍ୟର ପୂର୍ବତନ ସଭାପତି ଅଶୋକ ଅଗ୍ରୱାଲ, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ସମ୍ବଲପୁର ଜିଲାର ପର୍ବତନ ସଭାପତି ଚନ୍ଦ୍ର କୁମାର ସରାଫ, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ସମ୍ବଲପୁରର ଜିଲା ସଭାପତି ସନ୍ତୋଷ ଅଗ୍ରୱାଲ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ ।

## କାହ୍ନା ପକ୍ଷରୁ ନୂଆଁଖାଇ ଭେଟଘାଟ୍

ସମ୍ବଲପୁର,୨୪।୯(ବି.ଶଙ୍କର)

ସମ୍ବଲପୁର କଲ୍ୟାଣ ନଗର ହାଉସ ହୋଲ୍ଡ ଆସୋସିଏସନ(କାହ୍ନା) ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ତ୍ରିଲୋଚନ ରାୟ ସଭାପତିତ୍ୱ କରିଥିଲେ। ସର୍ବ ପ୍ରଥମେ ମା' ସମଲେଶ୍ୱରୀଙ୍କ ପୂଜା ଅର୍ଚ୍ଚନା କରାଯାଇଥିଲା। ପୂଜକ ପଣ୍ଡିତ ରଣଛୋର ଶର୍ମା ସ୍ୱତନ୍ତ୍ର ପୂଜା କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବିଗତ ଦିନରେ କଲ୍ୟାଣ ନଗରର ପରଲୋକ ହୋଇଥିବା ଦିବଙ୍ଗତ ଆତ୍ମାଙ୍କ ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଭେଟଘାଟରେ ଶତାଧିକ ପରିବାର ଅଂଶଗ୍ରହଣ କରିଥିଲେ। ଅଶ୍ୱିନୀ କର, କଳ୍ପନା ସାହୁ, ଦୀନବନ୍ଧୁ ପଣ୍ଡା, ବିଭୂତି ଦାଶ ଓ ରଞ୍ଜନା ତ୍ରିପାଠୀ ଭଜନ ପରିବେଷଣ କରିଥିଲେ। ବିନାଖଣ୍ଡି ସଂକୀର୍ତ୍ତନ ମଣ୍ଡଳୀ କୀର୍ତ୍ତନ କରିଥିଲେ। ଏହି ଭେଟଘାଟରେ ବିଶେଷ ଭାବରେ ସୁଶିଲ ମିଶ୍ର, ରଞ୍ଜିତ ସାହୁ, ଡ଼ୋଲାମଣୀ ମେହେର, ଗଙ୍ଗା ଚଇନି, ସ୍ୱରୂପ ବାବୁ, ଅଜିତ ବହିଦାର, ଶିବ ଷଡଙ୍ଗୀ ସହଯୋଗ କରିଥିଲେ ।

## ୨୭ରେ ନାକ୍ ଟିମ୍‌ର ଗସ୍ତ,ଏସୟୁ ପ୍ରସ୍ତୁତି ଶେଷ

ସମ୍ବଲପୁର,୨୪।୯( ଶୁଭାଶିଷ ପାଢୀ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗସ୍ତରେ ଆସିବେ ନାକ ଟିମ୍‌ର ୬ଜଣ ସଦସ୍ୟ। ସେପ୍ଟମ୍ବର ୨୭ରୁ ୨୯ ପର୍ଯ୍ୟନ୍ତ ୩ ଦିନ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରସ୍ତୁତି ଶେଷ କରିଥିବା ଜଣାପଡିଛି। କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର କହିଛନ୍ତି ଯେ, ନାକ ଟିମ୍ ଗସ୍ତକୁ ନେଇ ଆବଶ୍ୟକ ପ୍ରସ୍ତୁତି କରାଯାଇଛି। ହଷ୍ଟେଲ, କ୍ଲାସରୁମ୍, ଖେଳପଡିଆ, ଫେକଲଟି, ଲାଇବ୍ରେରୀ, କର୍ମଚାରୀ ସହିତ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ। ଅନ୍ୟପଟେ ଗତ ନାକଟିମ ଗସ୍ତରେ ଏସୟୁକୁ ଗ୍ରେଡ ଏ ବିଶ୍ୱବିଦ୍ୟାଳୟ ମିଳିଥିଲା। ଏବେ ଅଧିକ ଗ୍ରେଡ ମିଳିପାରେ ବୋଲି ଆମେ ଆଶା ରଖିଛୁ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ୨୭ ତାରିଖି ଗସ୍ତ କରିବେ । ପ୍ରଥମେ ଡିନ, କୁଳପତି, ଅଧ୍ୟାପକମାନଙ୍କ ସହ ଆଲୋଚନା ରହିଛି । ପରେ କ୍ୟାମ୍ପସ, କ୍ଲାସରୁମ୍,ଖେଳପଡିଆ ପ୍ରଭୃତିପରିଦର୍ଶନ କରିବେ। ଏକ ସେମିନାର କାର୍ଯ୍ୟକ୍ରମ ରହିଛି। ଶେଷ ଦିନରେ ରିପୋର୍ଟ ପ୍ରସ୍ତୁତ କରିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଏସୟୁ ଉପଲବ୍ଧି, ପିଲାଙ୍କ ପାସ ହାର,ଭିତ୍ତିଭୂମିକୁ ନେଇ ସ୍ୱତନ୍ତ୍ର ରିପୋର୍ଟ ନାକ ପାଖରେ ଦାଖଲ କରାଯାଇଛି। ନାକ୍ ଟିମ୍ ପୂର୍ବରୁ ଦିଆଯାଇଥିବା ସୂଚନା ଉପରେ ମଧ୍ୟ ଯାଞ୍ଚ କରିବେ।

# ପଶ୍ଚିମ ଓଡ଼ିଶାସ୍ତରୀୟ କ୍ୟାରମ ପ୍ରତିଯୋଗିତା

### ଶିବୁ ଓ ନିଜାମ ଯୋଡ଼ି ଚାମ୍ପିୟନ

ସମ୍ବଲପୁର,୨୪।୯(ବି.ଶଙ୍କର)

ପଶ୍ଚିମ ଓଡ଼ିଶାସ୍ତରୀୟ କ୍ୟାରମ ପ୍ରତିଯୋଗିତା-୨୦୨୩ ରବିବାର ସମ୍ବଲପୁର କୁମ୍ଭାରପଡାସ୍ଥିତ ଲାୟନ୍ସ କ୍ଲବ ପରିସରରେ ଉଦ୍‌ଯାପିତ ହୋଇଯାଇଛି । ଦ୍ୱିତୀୟ ସ୍ୱର୍ଗତ ସୁମିତ୍ରା ମେମୋରିଆଲ ପ୍ରତିଯୋଗିତାକୁ ଦଲେଇପଡା କାଳିବାଡିର କରମାପୁଜା କମିଟି ଓ ଗାନ୍ଧୀ ମନ୍ଦିର ଯୁବକ ସଂଘ ପକ୍ଷରୁ ମିଳିତ ଭାବରେ ଆୟୋଜନ କରାଯାଇ ଥିଲା। ଏହି ପ୍ରତିଯୋଗିତାରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ଦେବଗଡ, ସୁନ୍ଦରଗଡ଼, ନୂଆପଡା, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ ଜିଲାରୁ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ତେବେ ଏହି ପ୍ରତିଯୋଗିତାରେ ସମ୍ବଲପୁର ଜିଲାର ଶିବୁ ବନଛୋର ଓ ନିଜାମ ଖାନଙ୍କ ଯୋଡି ଚାମ୍ପିୟନ ହୋଇଥିଲେ। ସେହିପରି ପ୍ରଥମ ରନସ ଭାବରେ ଝାରସୁଗୁଡ଼ା ଜିଲା ଦଳ ଯୋଗ୍ୟ ବିବେଚିତ ହୋଇଥିଲା। ଏହି ଦୁଇଦିନିଆ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ କାଳିବାଡି ଦଲେଇପଡା ସଭାପତି ମିଳନ ବନଛୋର ସଭ୍ୟ ରସିକ କଲେତ, ଜଗନ୍ନାଥ ଜାଲ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିଲେ।




କ୍ୟାରମ ପ୍ରତିଯୋଗିତାର ବିଜେତାଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

## ଫୁଟବଲ ଟୁର୍ନାମେଣ୍ଟ: ଗୁଡ୍ରାପଡ଼ା ଚାମ୍ପିୟନ

କୁଚିଣ୍ଡା,୨୪।୯(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଟାଇଁସର ପଞ୍ଚାୟତ ଠିଆନାଲରେ ସପ୍ତମ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଠିଆନାଲରେ ବନ ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଯୁଟୁବ କ୍ଲବ ଗୁଡ୍ରାପଡା ଓ ଶ୍ରଦ୍ଧାପାଲି ଟାଇଁସର ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିବାବେଳେ ପେନାଲ୍ଟି ସୁଟାଉଟରେ ଗୁଡ୍ରାପଡା ଚାମ୍ପିୟନ ହୋଇଥିଲା। ଖେଳକୁ ଡିଲେଶ୍ୱର କିଷାନ, ଭକ୍ତି ମୁଣ୍ଡା ଓ ପ୍ରଦୀପ କିଷାନ ରେଫରୀ ଭାବେ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ସମିତିସଭ୍ୟ ଖଗେଶ୍ୱର କିଷାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଯୁଟୁବ କ୍ଲବ ଗୁଡ୍ରାପଡ଼ାକୁ ଟ୍ରଫି ସହ ନଗଦ ୧୫ହଜାର ଟଙ୍କା ଓ ରନର୍ସଅପ୍ ଶ୍ରଦ୍ଧାପାଲି ଟାଇଁସରକୁ ଟ୍ରଫି ସହ ୧୦ହଜାର ଟଙ୍କାର ଅର୍ଥରାଶି ପୁରସ୍କୃତ କରିଥିଲେ। ଏଥିରେ ଠିଆନାଲ ବନସୁରକ୍ଷା ସମିତି ସଭାପତି ପ୍ରମୋଦ କିଷାନ, ସମ୍ପାଦକ ପିଣ୍ଟୁ କିଷାନଙ୍କ ସମେତ ସମିତିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

# ସୁବିଧା କମ୍, ଅସୁବିଧା ବେଶି

**କୁତ୍ରା,୨୪।୯(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅବହେଳିତ ଅବସ୍ଥାରେ ପଡି ରହିଛି। ବର୍ଷା ହେଲେ ଛାତ ଓ କାନ୍ଥରୁ ପାଣି ଝରୁଛି। ଅଫିସ ଚାରିପାଖରେ ଅଳିଆ ଆବର୍ଜନା ପଡ଼ି ରହିଛି। ବର୍ଷେ ଦୁଇ ବର୍ଷରେ ଥରେ ମଧ୍ୟ ଏହା ରଙ୍ଗ କରାଯାଉ ନାହିଁ। ଶୌଚାଳୟର ଅବସ୍ଥା କହିଲେ ନ ସରେ। ଫଳରେ କର୍ମଚାରୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ମହିଳା କର୍ମଚାରୀ ଓ ବିଭିନ୍ନ କାର୍ଯ୍ୟ ନେଇ ଅଫିସକୁ ଆସୁଥିବା ଶିକ୍ଷୟିତ୍ରୀ ନାନା ପ୍ରକାରର ଅସୁବିଧା ଭୋଗୁଛନ୍ତି। ସରକାର ବିଦ୍ୟାଳୟ ଗୁଡିକୁ ୫-ଟି ଅଧୀନରେ ଅନ୍ତର୍ଭୁକ୍ତ କରି ରୂପାନ୍ତରଣ କାର୍ଯ୍ୟ ମାଧ୍ୟମରେ କୋଟିକୋଟି ଟଙ୍କା ଖର୍ଚ୍ଚ କରି ଚକାଚକ କରୁଛନ୍ତି। ହେଲେ ଏହି ବିଦ୍ୟାଳୟ ଗୁଡିକୁ ତଦାରଖ କରୁଥିବା, ତାଙ୍କ ସୁବିଧା ଅସୁବିଧା ବୁଝୁଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅବହେଳିତ ହୋଇ ପଡିଛି। ଦୀର୍ଘ ବର୍ଷରୁ ନିର୍ମାଣ ହୋଇଥିବା ଏହି କୋଠା ଗୁଡିକ ଦୁର୍ବଳ ହୋଇ ପଡ଼ିଲାଣି। ଏହାର ମରାମତି ମଧ୍ୟ ହୋଇ ପାରୁନାହିଁ। କୌଣସି ସମୟରେ ଅଘଟଣ ଘଟିବ



ବିଇଓଙ୍କ କାର୍ଯ୍ୟାଳୟ।

**କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ**

ତାହା କହି ହେବ ନାହିଁ। ଏହାକୁ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତିଙ୍କୁ ପଚାରିବାରୁ, ଏହାର ମରାମତି କିମ୍ବା ନୂତନ କୋଠା ନିର୍ମାଣ କରିବା ପାଇଁ କୌଣସି ପ୍ରକାର ଫଣ୍ଡ ଆସୁ ନ ଥିବା କହିଛନ୍ତି। ତେଣୁ ଏଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ପ୍ରଶାସନ ଦୃଷ୍ଟି ଦେଇ ଏହାର ମରାମତି କରିବା ଦିଗରେ ଧ୍ୟାନ ଦେବା ପାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତଥା ଗ୍ରାମର ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ଦିଅର ପ୍ରେମରେ ଭାଉଜ ସାଜିଲା ସ୍ୱାମୀହନ୍ତା

**୨ ଅଭିଯୁକ୍ତ କୋର୍ଟ ଚାଲାଣ**

**ବଣାଇଁ, ୨୪।୯(ପ୍ରଦୀପ ତ୍ରିପାଠୀ )**

ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅନ୍ତର୍ଗତ ଗୋଗୁଆ ଗ୍ରାମରେ ଗତ ୧୮ରାତିରେ ହୋଇଥିବା ସ୍ୱାମୀ ସୁଜିତ ସାହୁଙ୍କ ମୃତ୍ୟୁକୁ ଏକ ଦୁର୍ଘଟଣାର ରୂପ ଦେଇ ବର୍ତ୍ତିବାକୁ ଚାହୁଁଥିବା ସ୍ତ୍ରୀ ସୁନିତା ଶେଷରେ ପୋଲିସ ହାତରେ ଧରାପଡିଛି। ଦିଅର ସହ ପ୍ରେମ ପାଇଁ ସ୍ୱାମୀଙ୍କୁ ରାସ୍ତାରୁ ହଟାଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ଉକ୍ତ ଗ୍ରାମର ସୁଜିତ ଗତ ୪ବର୍ଷ ତଳେ ନରେନ୍ଦ୍ର ଗ୍ରାମର ସୁନିତାଙ୍କୁ ବିବାହ କରିଥିଲେ। ଦୁହେଁ ବିବାହ ପରେ ପରିବାରଠାରୁ ଅନ୍ୟତ୍ର ହୋଇ ଭାଗଁଡ଼ିହି ଗ୍ରାମରେ ରହୁଥିଲେ। ସୁଜିତ ଡ୍ରାଇଭର କାମ କରୁଥିଲେ। ସ୍ୱାମୀଙ୍କ ଅନୁପସ୍ଥିତିରେ ସୁନିତାଙ୍କ ସମ୍ପର୍କ ଧିରେ ଧିରେ ଦିଅର ସୁରେଶଙ୍କ ସହ ନିବିଡ ହେବା ପରେ ଦୁହେଁ ଏକତ୍ର ରହିବାର ସ୍ୱପ୍ନ ଦେଖୁଥିଲେ। ଘଟଣା କ୍ରମେ ଗତ ୧୮ ରାତିରେ ସ୍ୱାମୀ ସୁଜିତ ପ୍ରଚୁର ମଦ୍ୟପାନ କରି ଆସି ଘରେ ପଡିଯିବା କାରଣରୁ ପ୍ରବଳ ରକ୍ତସ୍ରାବ ହେବା ଦର୍ଶାଇ ଗ୍ରାମବାସୀଙ୍କ ସହଯୋଗରେ ସ୍ୱାମୀ ସୁଜିତଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୧୯ ତାରିଖରେ ସୁନିତା ସ୍ୱାମୀଙ୍କ ମୃତ୍ୟୁ ସମ୍ପର୍କରେ ବଣାଇଁ ଥାନାରେ ଏତଲା ଦେଇଥିଲେ। ମୃତ ସୁଜିତଙ୍କ କକା ପୁଅ ଭାଇ ବଳରାମ ସାହୁ ଏହା ଏକ ହତ୍ୟାକାଣ୍ଡ ବୋଲି ବଣାଇଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ତଦନ୍ତ କରୁଥିଲା। ଥାନାର ଭାରପ୍ରାପ୍ତ ଅଧିକାରୀ ଜ୍ଞାନ ରଞ୍ଜନ ପ୍ରଧାନ ତଦନ୍ତ କ୍ରମେ ଏହା ହତ୍ୟାକାଣ୍ଡ ବୋଲି ଜାଣିପାରି ଥାନାରେ ଏକ ହତ୍ୟା ମାମଲା ୧୫୬।୨୩ ରୁଜୁ କରି ଶନିବାର ୨ ଅଭିଯୁକ୍ତ ସୁନିତା ଓ ସୁରେଶଙ୍କୁ ବଣାଇଁ କୋର୍ଟ ଚାଲାଣ କରିଥିବା ଏକ ପ୍ରେସ୍ ବିବୃତିରେ କହିଛନ୍ତି। ନିଶାସକ୍ତ ସ୍ୱାମୀଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିବା ସହ ରକ୍ତ ଦାଗ ଓ ଅନ୍ୟାନ୍ୟ ପ୍ରମାଣ ନଷ୍ଟ କରାଯାଇଥିଲା। ଗିରଫ ଭାଉଜ ଦିଅରଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ଗଣେଶ ଭସାଣିରେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସର ଫ୍ଲାଗ୍ ମାର୍ଚ୍ଚ


ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଉଛି।

**କୁଆଁରମୁଣ୍ଡା,୨୪।୯(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ବୀରମିତ୍ରପୁର ଥାନା ଅନ୍ତର୍ଗତ ବୀରମିତ୍ରପୁର ପୌରାଞ୍ଚଳରେ ଗଣେଶ ପୂଜା ଭସାଣୀ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ରବିବାର ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏସ୍‌ଡିପିଓ ସୁଶାନ୍ତ ଦାସ ଓ ନୂତନଭାବେ ଯୋଗ ଦେଇଥିବା ଆଇଆଇସି ଆଶିଷ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ପ୍ଲାଟୁନ ପୋଲିସ ଫୋର୍ସ ସହରର ଚାଇନା ଟାଉନ, ଗୋଲବଜାର, ଗାନ୍ଧୀ ରୋଡ, ରବିବାର ବଜାର ଇତ୍ୟାଦି ଅଞ୍ଚଳ ପରିକ୍ରମା କରିଥିଲା। ସୂଚନାଥାଉକି, ଶୁକ୍ରବାର ବୀରମିତ୍ରପୁର ସହରରେ ଏକ ଗଣେଶ ପୂଜା ଭସାଣୀ ଶୋଭାଯାତ୍ରା ସମୟରେ ଡିଜେ ଗୀତକୁ ନେଇ ୨ ଭିନ୍ନ ଗୋଷ୍ଠୀ ମଧ୍ୟରେ ପଥର ମାଡ଼ ହୋଇଥିଲା। ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହେବାରୁ ପୋଲିସ ଉଭୟ ଗୋଷ୍ଠୀର ପ୍ରାୟ ୬ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ଏ ନେଇ ଶନିବାର ସୁନ୍ଦରଗଡ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଓ ଏସ୍‌ଡିପିଓ ସୁଶାନ୍ତ ଦାସ ବୀରମିତ୍ରପୁର ଥାନା ପରିସରରେ ଏକ ଶାନ୍ତି କମିଟି ଡକାଇଥିଲେ। ଏଥିରେ ସବୁ ସମ୍ପ୍ରଦାୟର ମାନ୍ୟଗଣ୍ୟ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ। ତଥାପି ଭସାଣୀ ବେଳେ ଯଦି ପୁଣି ଗଣ୍ଡଗୋଳ ଘଟିବ ଏହି ଆଶଙ୍କାରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏ ନେଇ ନୂତନ ଆଇଆଇସି ଆଶିଷ ଜେନାଙ୍କୁ ପଚାରିବାରୁ, ଆସନ୍ତା ୪ ଦିନ ମଧ୍ୟରେ ସହରର ସମସ୍ତ ଗଣେଶ ଭସାଣୀ କାର୍ଯ୍ୟ ଶେଷ ହେବ। ତେଣୁ ଭସାଣୀ ସମୟରେ ପୂର୍ଣ୍ଣ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ଆଇଆଇସି ଜେନା ସୂଚନା ଦେଇଛନ୍ତି।

# ୨୮ରୁ ବଜରଙ୍ଗ ଦଳର ଶୌର୍ଯ୍ୟ ଜାଗରଣ ଯାତ୍ରା

**ସୁନ୍ଦରଗଡ଼,୨୪।୯ (ଜୟ ନାରାୟଣ ମେଣ୍ଡୁଲି )**

ସୁନ୍ଦରଗଡ ଜିଲାରେ ଶୌର୍ଯ୍ୟ ଜାଗରଣ ଯାତ୍ରା ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ବଜରଙ୍ଗ ଦଳର ରାଜ୍ୟ ଗୋରକ୍ଷା ପ୍ରମୁଖ ଅଶୋକ ବାରିକ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଅଶୋକ କହିଛନ୍ତି ଯେ,ସ୍ୱାଧୀନତା ସଂଗ୍ରାମୀ ମାଦ୍ରୀ କାଲୋଙ୍କ ନାମରେ ଏକ ରଥ ନିର୍ମାଣ କରାଯାଇଥିବା ବେଳେ ସେପ୍ଟେମ୍ବର ୨୮ ଅପରାହ୍ନରେ କୋଇଡାରେ ଏହାର ଉଦ୍‌ଘାଟନୀ ଉତ୍ସବ ଧୁମଧାମରେ ଅନୁଷ୍ଠିତ ହେବ। ୨୯ରେ ଟେନ୍‌ସା, ବରସୁଆଁ ଦେଇ ଅତିକ୍ରମ କଲାପରେ ମଧ୍ୟାହ୍ନରେ ବିମଲାଗଡ଼ରେ ସାଧାରଣ ସଭା ଅନୁଷ୍ଠିତ ହେବ। ଅପରାହ୍ନରେ ଶଙ୍ଖପୋଷ, କରିଆଡ଼ିହି, ଶରଧାପୁର, ରାଜାମୁଣ୍ଡା ଅତିକ୍ରମ କଲାପରେ ସନ୍ଧ୍ୟାରେ ଲହୁଣୀପଡାରେ ସାଧାରଣ ସଭା ଅନୁଷ୍ଠିତ ହେବା ସହିତ ରାତ୍ରିଯାପନ ହେବ। ୩୦ରେ କେନ୍ଦୁଡ଼ିହି, ଲଲେଇ, ବଣାଇଗଡ଼ ଅତିକ୍ରମ କଲାପରେ ମଧ୍ୟାହ୍ନରେ ବିଜାକୁଲିରେ ସାଧାରଣ ସଭା ଅନୁଷ୍ଠିତ ହେବ। ଅପରାହ୍ନରେ ଗୁରୁଣ୍ଡିଆ, କଂସର, ଧରଣୀଧରପୁର ଅତିକ୍ରମ କଲାପରେ ସନ୍ଧ୍ୟାରେ ଜାମୁଦରହରେ ସାଧାରଣ ସଭା ଅନୁଷ୍ଠିତ ହେବ। ଅକ୍ଟୋବର ୧ରେ ଜଡ଼ାଲାଇ, ତାମଡା, ଲାଠିକଟା, ଫର୍ଟିଲାଇଜର, ଦେଓଗାଁ ଅତିକ୍ରମ କଲାପରେ ମଧ୍ୟାହ୍ନରେ ବାସନ୍ତୀ କଲୋନୀରେ ସାଧାରଣ ସଭା ଅନୁଷ୍ଠିତ ହେବ। ଅପରାହ୍ନରେ ଉଦିତନଗର ଛକ, ବିଶ୍ରା ଛକ ଦେଇ ଅତିକ୍ରମ କଲାପରେ ସନ୍ଧ୍ୟାରେ ସେକ୍ଟର - ୩ ବିଏମଏସ କାର୍ଯ୍ୟାଳୟରେ ସାଧାରଣ ସଭା ଅନୁଷ୍ଠିତ ହେବା ସହିତ ରାତ୍ରିଯାପନ ହେବ। ୨ରେ ବନ୍ଧମୁଣ୍ଡା, ପିଲକାନଗର, ବିଶ୍ରା ଅତିକ୍ରମ କଲାପରେ ମଧ୍ୟାହ୍ନରେ ନୂଆଗାଁରେ ସାଧାରଣ ସଭା ହେବ। ଅପରାହ୍ନରେ ହାତିବାରୀ, କୋକେରାମ ଅତିକ୍ରମ କଲାପରେ ସନ୍ଧ୍ୟାରେ ବୀରମିତ୍ରପୁରରେ ସାଧାରଣ ସଭା ଅନୁଷ୍ଠିତ ହେବ ଏବଂ ବେଦବ୍ୟାସରେ ରାତ୍ରୀଯାପନ ହେବ। ୩ରେ ଲାଇଙ୍ଗ ଅତିକ୍ରମ କଲାପରେ ମଧ୍ୟାହ୍ନରେ ରାଜଗାଙ୍ଗପୁରରେ ସାଧାରଣ ସଭା ଅନୁଷ୍ଠିତ ହେବ। ଅପରାହ୍ନରେ କୁତ୍ରା, ପଞ୍ଚରା, ସାହାଜବାହାଲ, ବଡ଼ଗାଁ, ଇତମା ଅତିକ୍ରମ କଲାପରେ ସନ୍ଧ୍ୟାରେ ବିରବିରାରେ ସାଧାରଣ ସଭା ଅନୁଷ୍ଠିତ ହେବା ସହିତ ରାତ୍ରିଯାପନ ହେବ। ୪ରେ ସାଲେଇପାଲି, ଗଡିଆଜୋର ଅତିକ୍ରମ କଲାପରେ ମଧ୍ୟାହ୍ନରେ କିର୍ଜମାରେ ସାଧାରଣ ସଭା ଅନୁଷ୍ଠିତ ହେବ। ଅପରାହ୍ନରେ ଦିଉଳି, କୁଣ୍ଡୁକେଲା, ଭେଡାବାହାଲ, କନ୍ଧାବାହାଲ କିରେଇ ଅତିକ୍ରମ କଲାପରେ ସୁନ୍ଦରଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିରରେ ସନ୍ଧ୍ୟାରେ ସାଧାରଣ ସଭା ଅନୁଷ୍ଠିତ ହେବ। ୫ ତାରିଖ ଦିନ ଟାଙ୍ଗରପାଲି, ଉଜ୍ଜଳପୁର, ସୁରଗୁଡା, ଲେଫ୍ରିପଡା ଅତିକ୍ରମ କଲାପରେ ମଧ୍ୟାହ୍ନରେ ତେଲେନଡ଼ିହିରେ ସାଧାରଣ ସଭା ଅନୁଷ୍ଠିତ ହେବ। ଅପରାହ୍ନରେ ବାଲିଚୁଆ, ଡୁଡୁକା, ଗୋପାଳପୁର, ବିଲେଇମୁଣ୍ଡା ଛକ, କଅଁରକେଲା, ହେମଗିର, କଲାମେଘା, କନକଡୁରା, କନିକା ଅତିକ୍ରମ କଲାପରେ ସନ୍ଧ୍ୟାରେ ଲିପସପାଲିରେ ସାଧାରଣ ସଭା ଅନୁଷ୍ଠିତ ହେବ। ଏହି ଯାତ୍ରାରେ ପ୍ରଭୁ ବଜରଙ୍ଗବଳିଙ୍କର ଦେବ ବିଗ୍ରହ, ସାଧୁସନ୍ଥ, ବକ୍ତା, ପ୍ରବଚକ ଏବଂ ସ୍ଥାନୀୟ ମହାପୁରୁଷ ତଥା ସ୍ୱାଧୀନତା ସଂଗ୍ରାମୀଙ୍କ ଫୋଟୋ, ସଂକୀର୍ତ୍ତନ୍ୟ ମଣ୍ଡଳୀ ଓ ବୀରବାଦ୍ୟ ଆଦି ସାମିଲ ହେବ ବୋଲି ବଜରଙ୍ଗ ଦଳ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ଯାତ୍ରାକୁ ସଫଳ କରିବା ପାଇଁ ସମସ୍ତେ ସହଭାଗୀ ହେବାକୁ ନିବେଦନ କରାଯାଇଛି।

# ଖେଳ, ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ



**ସବ୍‌ଡେଗା, ୨୪।୯ (ଅନନ୍ତ ପଟେଲ)**

ସୁନ୍ଦରଗଡ ଜିଲା ସବ୍‌ଡେଗାରେ ବ୍ଲକ ସ୍ତରୀୟ ଖେଳ ଓ ଦୌଡକୁଦ ପ୍ରତିଯୋଗିତା ସ୍ଥାନୀୟ ଉପେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଏବିଇଓ ବେଦବ୍ୟାସ ପଟେଲ, ପ୍ରଧାନ ଶିକ୍ଷକ ବ୍ରିଧି ଚନ୍ଦ୍ର ବିଲୁଙ୍ଗ, ସବିତା ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡାର ମହତ୍ତ୍ୱ ବିଷୟରେ ଆଲୋକପାତ କରିବା ସହ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ୧୦ଟି କ୍ଲଷ୍ଟରରୁ ପ୍ରାୟ ୩୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନରେ ୧୪ ବର୍ଷରୁ କମ ଓ ୧୭ ବର୍ଷରୁ କମ ଉଭୟ ବାଳିକା ଓ ବାଳକ ମାନଙ୍କ ଖୋଖୋ, କବାଡି, ଫୁଟ୍‌ବଲ ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ସୋମବାର ଦୌଡ଼କୁଦ ପ୍ରତିଯୋଗିତାମାନ ଗାଇବିରା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଅନୁଷ୍ଠିତ ହେବ। ଖେଳ ଶିକ୍ଷକ ମମତା ପଟେଲ, ସୁରେଶ ଖର୍ଡିଆ, ମିଟୁ ସାହୁ, ଅଶ୍ୱିନୀ ପ୍ରଧାନ, ମୋନାଲିସା ପଟେଲ, ସୁଚିତା ଏକ୍କା, ମାନସ ରଞ୍ଜନ ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ସିଆର୍‌ସିମାନେ ପରିଚାଳନାରେ ସହଯୋଗ କରିଥିଲେ। କାମିନୀ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ପବିତ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଟେନ୍‌ସା,୨୪।୯(ସମୀର କୁମାର ପାଢୀ)**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଅଧିନ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ୨ ଦିବସୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିବସରେ ଫୁଟ୍‌ବଲ ପ୍ରତିଯୋଗିତାକୁ କୋଇଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ରହ୍ମ ନନ୍ଦ ମହାନ୍ତ, ପ୍ରଶାନ୍ତ କୁମାର ପରିଡା, ସରୋଜ କୁମାର ନାଥ, ଭରତ ରଞ୍ଜନ ମହାନ୍ତି, ଇଲିୟାସ ସଏ, ବୁଦ୍ଧଦେବ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବାଳକ ବର୍ଗରେ ମୋଟ ୮ ଟି ଦଳକୁ ନେଇ ଫୁଟ୍‌ବଲ ଖେଳ ଅନୁଷ୍ଠିତ ହୋଇଥିଲା। ବାଳକ ବର୍ଗର ଫାଇନାଲ ଫଟ୍‌ବଲ ମ୍ୟାଚ ଗୋପନା ସେବାଶ୍ରମ ଓ ଡେଙ୍ଗୁଳା ସରକାରୀ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ଗୋପନା ସେବାଶ୍ରମ ଚାମ୍ପିୟନ ହୋଇଥିଲା। ୨ୟ ଦିବସରେ ଅନୁଷ୍ଠିତ ଖୋଖୋ ଖେଳର ଫାଇନାଲ ମ୍ୟାଚ ଜାମୁଡ଼ିହି ବାଳିକା ଉଚ୍ଚ ବିଦ୍ୟାଳୟ ଓ କୋଇଡା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳିକା ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ ହୋଇଥିଲା। ବାଳକ ବର୍ଗ କବାଡି ଖେଳରେ ଫାଇନାଲ ମ୍ୟାଚ ବିମଳାଗଡ଼ ହାଇସ୍କୁଲ ଓ ଗୋପନା ସେବଶ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ବିମଳାଗଡ ହାଇସ୍କୁଲ ଚାମ୍ପିୟନ ହୋଇଥିଲା। ଜୁନିୟର କବାଡି ବାଳିକା ବର୍ଗରେ ଭଞ୍ଜପାଲି ନୋଡାଲ ସ୍କୁଲ ଓ ଗୋପନା ୟୁପି ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଞ୍ଜପାଲି ନୋଡାଲ ସ୍କୁଲ ଚାମ୍ପିୟନ ହୋଇଥିଲା । ବିଜୟୀ ଦଳକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ବେହେରା ଟ୍ରଫି ପ୍ରଦାନ କରିଥିଲେ । ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରହ୍ମନନ୍ଦ ମହାନ୍ତ, ସିଆର୍‌ସିସି ପ୍ରଶାନ୍ତ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତା ଦ୍ୱାରା ଅନେକ ପ୍ରତିଭାବାନ ଖେଳାଳୀଙ୍କ ଲୁକାୟିତ ପ୍ରତିଭା ଲୋକ ଲୋଚନକୁ ଆସିପାରିଲା ଓ ଭବିଷ୍ୟତରେ ଏହି ଖେଳାଳୀମାନେ ରାଜ୍ୟ ସ୍ତରରେରେ କୋଇଡା ବ୍ଲକ ପାଇଁ ସୁନାମ ଆଣିପାରିବେ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ମତବ୍ୟକ୍ତ କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି ଓ ଅନ୍ୟମାନେ।

# ସୁନାରୀପଡ଼ା ଗଣେଶ ପୂଜା କମିଟିର ରୌପ୍ୟ ଜୟନ୍ତୀ






**ବାଉଁଶ ଶିଳ୍ପ କାରିଗରିର କାରୁକାର୍ଯ୍ୟ, ତୋରଣ ମୁଖ୍ୟ ଆକର୍ଷଣ**

**ସୁନ୍ଦରଗଡ,୨୪।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସହରର ସୁନାରୀପଡା ଗଣେଶ ପୂଜା କମିଟିର ଗଣେଶ ପୂଜା ଚଳିତ ବର୍ଷ ୨୫ବର୍ଷରେ ପଦାର୍ପଣ କରିଛି। ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଗଣେଶ ଉତ୍ସବ ଆୟୋଜିତ ହୋଇଛି। ୨୦୦୫ରୁ ପ୍ରତ୍ୟେକ ବର୍ଷ ବିଭିନ୍ନ ଥିମ୍‌କୁ ନେଇ ମୂର୍ତ୍ତି ନିର୍ମାଣ କରି ଏହି ପୂଜା କମିଟିର ଗଣେଶ ପୂଜା ଏକ ସ୍ୱତନ୍ତ୍ରତା ସୃଷ୍ଟି କରି ଆସିଛି। ଏହି କ୍ରମରେ ଏଥର ଗଣେଶ ପୂଜା ସେପ୍ଟେମ୍ବର୧୯ରୁ ଆରମ୍ଭ ହୋଇ ୨୯ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ୩ଦିନ ବର୍ଷା ଯୋଗୁଁ ଶ୍ରଦ୍ଧାଳୁଙ୍କ ଦର୍ଶନରେ ସାମାନ୍ୟ ବାଧାସୃଷ୍ଟି ହୋଇଥିଲା। ରବିବାର ପାଗ ଅନୁକୂଳ ଥିବାରୁ ବହୁତ ଭିଡ ହୋଇଥିଲା। ମୁଖ୍ୟ ମଣ୍ଡପର ମୂର୍ତ୍ତି ସମେତ ମୋଟ ୩୧ ଟି ଗଣେଶଙ୍କ ପ୍ରତିମା ଏହି ଉତ୍ସବରେ ସ୍ଥାନ ପାଇଛି। ଏଥିମଧ୍ୟରେ ୨୦୦୫ରୁ ଚାଉଳରେ ହୋଇଥିବା ମୂର୍ତ୍ତିରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀରେ ନିର୍ମିତ ୨୫ଟି ମୂର୍ତ୍ତି ସ୍ଥାନ ପାଇଛି। ଏଥିସହ ଏହାସାଙ୍ଗକୁ ଆକର୍ଷଣୀୟ ପୂଜା ମଣ୍ଡପ ଓ ବାଉଁଶ କାରିଗରୀର କାରୁକାର୍ଯ୍ୟରେ ନିର୍ମିତ ତୋରଣ ମୁଖ୍ୟ ଆକର୍ଷଣ ପାଲଟିଛି। ପ୍ରସାଦ ବଣ୍ଟନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିସହ ମୀନାବଜାର, ଖାଦ୍ୟ ମେଳା ଅନ୍ୟତମ ଆକର୍ଷଣ ପାଲଟିଛି। ଚଳିତ ବର୍ଷ ବ୍ୟୟ ଅଟକଳ ୮୦ଲକ୍ଷ ଟଙ୍କା ରହିଥିବା କମିଟି ପକ୍ଷରୁ କୁହାଯାଇଛି। ସେହିପରି ଏହି ପୂଜା କମିଟିର କର୍ମକର୍ତ୍ତା ଭାବେ ଉଭୟ ହିନ୍ଦୁ ମୁସଲମାନ ଏକାଠି ହୋଇ ବିଭିନ୍ନ କାର୍ଯ୍ୟ କରି ଭାଇଚାରାର ଅପୂର୍ବ ନିଦର୍ଶନ ଦେଖାଇଛନ୍ତି।

# ଭେଷଜ ପଟେଲ କଲେଜରେ ଏନ୍‌ଏସ୍‌ଏସ୍ ଦିବସ

**ସୁନ୍ଦରଗଡ,୨୪।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ଡୁଡୁକା ସ୍ଥିତ ଭେଷଜ ପଟେଲ କଲେଜରେ ଜାତୀୟ ସେବା ସଂସ୍ଥା (ଏନ୍ ଏସ ଏସ) ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ.ଅଶୋକ କୁମାର ନାଏକ ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ଜାତୀୟ ସେବା ସଂସ୍ଥାର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଭାରେ ଜାତୀୟ ସେବା ସଂସ୍ଥାର ଜିଲା ସଂଯୋଜକ ତଥା ପ୍ରଧାପକ ସୁଶାନ୍ତ କୁମାର ପଟେଲ ଛାତ୍ରୀଛାତ୍ର ଏନଏସଏସ ମାଧ୍ୟମରେ କିପରି ଅଗ୍ରସର ହୋଇପାରିବେ ଦିଗ୍ ଦର୍ଶନ ଦେଇଥିଲେ। ପ୍ରଧାପକ ବିଭୂତି ଭୂଷଣ ମିଶ୍ର, ପ୍ରମୋଦ କୁମାର ପଣ୍ଡା, ଅଧ୍ୟାପକ ସରୋଜ ଡୁଙ୍ଗଡୁଙ୍ଗ, ରାଜେନ୍ଦ୍ର କେର୍କେଟା ଉପସ୍ଥିତ ରହି ଏହି ଦିବସର ମହନୀୟତା ସମ୍ବନ୍ଧରେରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରୋଗ୍ରାମ ଅଫିସର ପ୍ରିୟଙ୍କା ପ୍ରିୟ ଦର୍ଶନୀ ପୁଷେଠ୍ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ୮ ବର୍ଷ ହେଲା ନିର୍ମାଣ ହୋଇପାରୁନି କଂକ୍ରିଟ ରାସ୍ତା

**ବଡ଼ଗାଁ ୨୪।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ମହକୁମାଠାରେ ସମସ୍ତ ବ୍ଲକର ସରପଞ୍ଚ ସଂଘ ପକ୍ଷରୁ ବିଭିନ୍ନ ଦାବିକୁ ନେଇ ଆନ୍ଦୋଳନ କରାଯାଇଥିଲା। ରାଜ୍ୟ ସରକାର ଗ୍ରାମସଭାକୁ ମାନ୍ୟତା ଦେଉନଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଥିଲା। ସରପଞ୍ଚ ଯେଉଁ ଅଭିଯୋଗ କରିଥିଲେ ତାହା ଗ୍ରାମବାସୀମାନେ ମଧ୍ୟ ଦୋହରାଇଛନ୍ତି। ହେଲେ କୌଣସି ସୁଫଳ ମିଳୁନାହିଁ। ବଡ଼ଗାଁ ବ୍ଲକ ଫୁଲବାରି ପଞ୍ଚାୟତ ବିର୍ଶୁ ଗ୍ରାମ ବସ୍ତି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହା ମାଟି ରାସ୍ତା ହୋଇଥିବାରୁ ବର୍ଷାଦିନେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। କାଦୁଅ ପଚପଚ ରାସ୍ତାରେ ଲୋକେ ଯା' ଆସ କରୁନ୍ତି। ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଅନେକ ଲୋକ ଯାତାୟତ କରିଥାନ୍ତି। ସ୍କୁଲ, କଲେଜ ଛାତ୍ରୀଛାତ୍ରମାନେ କାଦୁଅ ରାସ୍ତାରେ ଯା' ଆସ କରୁଛନ୍ତି।


ମୁଖ୍ୟ ରାସ୍ତା କାଦୁଅ ପଚପଚ ହୋଇଛି।

- **ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ**
- **ଗ୍ରାମସଭା ମୂଲ୍ୟହୀନ**

ଗ୍ରାମବାସୀ ପଲ୍ଲୀସଭା ଓ ଗ୍ରାମସଭାରେ ରାସ୍ତାକୁ କଂକ୍ରିଟ କରିବାକୁ ୮ ବର୍ଷ ହେଲା ପ୍ରସ୍ତାବ ଗୃହୀତ କରି ଆସୁଥିଲେ ମଧ୍ୟ ତାହା କାର୍ଯ୍ୟକାରୀ କରାଯାଉନାହିଁ। ଏନେଇ ଗାଁର ୱାର୍ଡ ମେମ୍ବର ପଣ୍ଡୁ କିଷାନଙ୍କ ସହିତ କେତେକ ଗ୍ରାମବାସୀ କହିଛନ୍ତି, ଦୀର୍ଘ ବର୍ଷରୁ ରାସ୍ତା ସମସ୍ୟାକୁ ନେଇ ଗ୍ରାମସଭାରେ ପ୍ରସ୍ତାବ ଗୃହୀତ କରିଆସୁଛୁ। ହେଲେ କେହି ଶୁଣୁ ନ ଥିବାରୁ ଗ୍ରାମସଭା ମୂଲ୍ୟହୀନ ହୋଇଛି। ଦାବି ପୂରଣ ହେଉ ନ ଥିବାରୁ ସମସ୍ତ ଗ୍ରାମବାସୀ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ ସମ୍ବନ୍ଧୀୟ ଆଲୋଚନା କରି ନିଷ୍ପତ୍ତି ନେବାକୁ ମନସ୍ଥ କରିଛୁ ବୋଲି କହିଛନ୍ତି।



ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନଠାରେ କଲ୍ୟାଣ ଜୁଏଲର୍ସର ନୂତନ ଏକ୍ସକ୍ଲୁସିଭ ଆଉଟଲେଟ ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କଲ୍ୟାଣ ଜୁଏଲର୍ସର ସିଇଓ ସଞ୍ଜୟ ରଘୁରମଣ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଜିଓର ସ୍ୱତନ୍ତ୍ର ଅଫର

ଭୁବନେଶ୍ୱର,୨୪।୯

ରିଲାଏନ୍ସ ଜିଓ ପକ୍ଷରୁ ଏକ ସ୍ୱତନ୍ତ୍ର ଅଫରର ଶୁଭାରମ୍ଭ କରାଯାଇଛି। ବିଶେଷକରି ଭାରତରେ ନିର୍ମିତ ଆଇଫୋନ୧୫କୁ ରିଲାଏନ୍ସ ଡିଜିଟାଲ, ଜିଓ ମାର୍ଟ କିମ୍ବା ରିଲାଏନ୍ସ ରିଟେଲ ଷ୍ଟୋରରୁ କିଣୁଥିବା ଗ୍ରାହକମାନେ ଏହି ଆକର୍ଷଣୀୟ ଅଫରର ଲାଭ ନେଇପାରିବେ। ଏପରିକି ରିଲାଏନ୍ସ ରିଟେଲ କିମ୍ବା ଅନ୍‌ଲାଇନ ଷ୍ଟୋରରୁ ଆଇଫୋନ ୧୫ କିଣିବା ସହିତ ଗ୍ରାହକମାନେ ବିନା ମୂଲ୍ୟରେ ୬ମାସ ପାଇଁ ଜିଓର ମାସିକ ୩୯୯ ଟଙ୍କିଆ ପ୍ଲାନ୍‌ର ଲାଭ ନେଇପାରିବେ। ଏଥିରେ ଦୈନିକ ୩ ଜିବି ହାଇସ୍ପିଡ୍ ଡାଟା, ଅସୀମିତ ଭଏସ୍ କଲ୍ ଓ ଦୈନିକ ୧୦୦ଏସ୍‌ଏମ୍‌ଏସ୍ ସମେତ ଆହୁରି ଅନେକ ସୁବିଧା ସାମିଲ ରହିଛି। ମୋଟ ଉପରେ ୨୩୯୪ ଟଙ୍କାର ଲାଭ ବିନା ମୂଲ୍ୟରେ ଗ୍ରାହକମାନଙ୍କୁ ଉପରୋକ୍ତ ଅଫର ଜରିଆରେ ମିଳୁଛି।

# ମେଗା ଏସ୍‌ଏଚ୍‌ଜି ଇଣ୍ଟେନସିଭ କ୍ୟାମ୍ପେନିଙ୍ଗ




ଭୁବନେଶ୍ୱର,୨୪।୯

ଇଣ୍ଡିଆନ ବ୍ୟାଙ୍କ ପକ୍ଷରୁ ରବିବାର ଏକ 'ମେଗା ଏସ୍‌ଏଚ୍‌ଜି ଇଣ୍ଟେନସିଭ କ୍ୟାମ୍ପେନିଙ୍ଗ' ଭୁବନେଶ୍ୱରର କିଟ୍ ଅଡିଟୋରିୟମଠାରେ ଅନୁଷ୍ଠିତ ହେଇଯାଇଛି। ରାଜ୍ୟର ୧୬୧୬ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ଇଣ୍ଡିଆନ ବ୍ୟାଙ୍କ ପକ୍ଷରୁ ପ୍ରାୟ ୧୦୦.୮୫ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା। ଏ ସମ୍ପର୍କରେ ଇଣ୍ଡିଆନ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇମ୍ରାନ୍ ଅମିନ୍ ସିଦ୍ଦିକ୍ କହିଥିଲେ ବ୍ୟାଙ୍କ ସର୍ବଦା ଗ୍ରାହକଙ୍କ ବିଶ୍ୱାସଭାଜନ ସହ ସେବାରେ ଆସିଥାଏ। ଏପରିକି ବ୍ୟାଙ୍କର କାର୍ଯ୍ୟକଳାପ ଓ ଏସ୍‌ଏଚ୍‌ଜିକୁ ଋଣ ପ୍ରଦାନ କ୍ଷେତ୍ରରେ ବ୍ୟାଙ୍କ କ୍ରମାଗତ ଭାବେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅପରପକ୍ଷରେ ଓଡ଼ିଶା ସରକାରଙ୍କ ଇନ୍‌ଷ୍ଟିଚ୍ୟୁଶନାଲ୍ ଫାଇନାନ୍ସ ବିଭାଗର ନିର୍ଦ୍ଦେଶିକା ପ୍ରଜ୍ଞାସ୍ମିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅନ୍ୟ ବରିଷ୍ଠ ଅଧିକାରୀମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆନ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ପ୍ରଦୀପ୍ତ ରଥ, ବ୍ରହ୍ମପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ୟୁ ସି ପାତ୍ର, କଟକ ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ପରିକ୍ଷିତ ଦାସ ମହାପାତ୍ର, ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ସମ୍ବିତ୍ କୁମାର ଏବଂ ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ଶଙ୍କର ରାଜୁ ଭି ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ବିଓବିର ପାର୍ବଣ ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୨୪।୯

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ବହୁ ପ୍ରତୀକ୍ଷିତ ପାର୍ବଣ ସ୍ୱତନ୍ତ୍ର ଅଭିଯାନ 'ବବ୍‌କେ ସଙ୍ଗ ତ୍ୟୋହାର କା ଉମଙ୍ଗ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଭିଯାନ ୨୦୨୩ ଡିସେମ୍ବର ୩୧ ପର୍ଯ୍ୟନ୍ତ ଜାରି ରହିବ। ବିଶେଷ କରି ବିଓବିର ୪ଟି ନୂତନ ସେଭିଂ ଆକାଉଣ୍ଟ ସହିତ ଅନେକ ସୁବିଧା ଓ ରିହାତି ସହିତ ହୋମ୍, କାର, ପର୍ସନାଲ୍ ଓ ଶିକ୍ଷା ଲୋନ୍ ଆଦି ଅନ୍ତର୍ଭୁକ୍ତ ରହିଛି। ଏପରିକି ଆକର୍ଷଣୀୟ ସୁଧ ହାର ସହ ବ୍ୟାଙ୍କ ମଧ୍ୟ ବିଭିନ୍ନ ଟପ୍ ବ୍ରାଣ୍ଡ୍ ସହିତ ସହଭାଗିତା (ଟାଏ ଅପ୍) ସ୍ଥାପନ କରିଛି, ଯେଉଁଥିରେ ଇଲେକ୍‌ଟ୍ରୋନିକ୍ସ, ଟ୍ରାଭେଲ୍ ଓ ଫୁଡ୍ ଆଦି ସାମିଲ ରହିଛି। ଯେଉଁମାନେ ବିଓବିର ଡେବିଟ୍ ଓ କ୍ରେଡିଟ୍ କାର୍ଡ଼ ବ୍ୟବହାର କରୁଛନ୍ତି, ସେମାନଙ୍କୁ ଫେଷ୍ଟିଭ୍ ଅଫର ଓ ଡିସ୍‌କାଉଣ୍ଟ ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ବିଓବିର ଏମ୍‌ଡି ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି, ଖୁବ୍‌ଶୀଘ୍ର ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଛି ଓ ଆମେ ଚାହିଦାର ବୃଦ୍ଧି ହେଉଥିବା ଦେଖିବାକୁ ପାଉଛୁ। ବିଶେଷ କରି କାର୍ ବିକ୍ରି ଓ କ୍ରେଡିଟ୍ କାର୍ଡ଼ ଖର୍ଚ୍ଚ ରେକର୍ଡ଼ସ୍ତରରେ ପହଞ୍ଚିଛି। ବିଓବିର ଫେଷ୍ଟିଭ୍ କ୍ୟାମ୍ପେନ୍ 'ବବ୍ କେ ସଙ୍ଗ ତ୍ୟୋହାର କା ଉମଙ୍ଗ' ଜରିଆରେ ଗ୍ରାହକଙ୍କୁ ଅନେକ ଆକର୍ଷଣୀୟ ଅଫର ସହିତ ବିଓବିର ସେଭିଙ୍ଗ୍‌ସ ଆକାଉଣ୍ଟ, ଲୋନ୍ ଓ କ୍ରେଡିଟ୍ ତଥା ଡେବିଟ୍ କାର୍ଡ଼ରେ ଯୋଗାଇ ଦେଉଛି। ଏହି ଆକର୍ଷଣୀୟ ଫେଷ୍ଟିଭ୍ ଅଫର ସହିତ ଡିଜିଟାଲ୍ ପ୍ଲାଟଫର୍ମର ସୁବିଧା ମଧ୍ୟ ରହିଛି, ଯାହାକି ପାର୍ବଣ ଋତୁକୁ ଆହୁରି ରିୱାର୍ଡିଂ କରିବା ସହିତ ଲୋକଙ୍କ ପାଇଁ ଆନନ୍ଦଦାୟକ କରିପାରିଛି, ଯାହା ଫଳରେ ଚାହିଦାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଯାଇଛି। ବ୍ୟାଙ୍କ ଅଫ୍ ବରୋଦା ମଧ୍ୟ ଆକର୍ଷଣୀୟ ଏକ୍ସକ୍ଲୁସିଭ୍ ଅଫର ଓ ଡିସ୍‌କାଉଣ୍ଟ ସୁବିଧାକୁ ବିଓବି ଡେବିଟ୍ ଓ କ୍ରେଡିଟ୍ କାର୍ଡ ଏବଂ ଇଏମ୍‌ଆଇ ଅଫରକୁ ଚଳିତ ପାର୍ବଣ ଋତୁରେ ପ୍ରଦାନ କରୁଛି। ଏଥିରେ ଉଭୟ ପୁରୁଣା ଓ ନୂଆ ଗ୍ରାହକମାନେ ବବ୍ ୱାର୍ଲଡ୍ ମୋବାଇଲ୍ ବ୍ୟାଙ୍କିଙ୍ଗ ଆପ୍, ନେଟ୍ ବ୍ୟାଙ୍କିଙ୍ଗ ବା ବ୍ୟାଙ୍କ ଅଫ୍ ବରୋଦା ୱେବସାଇଟ୍ ମାଧ୍ୟମରେ ସହଜରେ ଆବେଦନ କରିପାରିବେ।

# ଗୁଣାତ୍ମକ ରୋଗୀ ସେବାକୁ ଗୁରୁତ୍ୱ

ଭୁବନେଶ୍ୱର,୨୪।୯ (ଅଭୟ ଦାଶ)

ବାଲ୍‌କୋ ମେଡିକାଲ ସେଣ୍ଟର (ବିଏମ୍‌ସି) ରାୟପୁର ଛତିଶଗଡ ପକ୍ଷରୁ ବିଶ୍ୱ ଗୋଲାପ ଦିବସ (ୱାର୍ଲଡ ରୋଜ୍ ଡେ) ପାଳିତ ହୋଇଯାଇଛି। ବିଶେଷ କରି କ୍ୟାନସର ରୋଗୀଙ୍କ ମନରେ ଉତ୍ସାହ ଭରିଦେବା ଲାଗି ଏହି ଦିବସ ପାଳନ କରାଯାଇଥାଏ। ଏପରିକି ଏହି ଅବସରରେ ବିଏମସି ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଓ କ୍ୟାନସର ସଚେତନତା ସୃଷ୍ଟି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଥାଏ। ଏହାଦ୍ୱାରା କ୍ୟାନସର ବିରୋଧରେ ସଂଗ୍ରାମ କରୁଥିବା ଲୋକଙ୍କ ମନରେ ଆତ୍ମବିଶ୍ୱାସ ଜାଗ୍ରତ ହୋଇଥିଲା। ସେହିଭଳି ବିଶ୍ୱ ଗୋଲାପ ଦିବସ ଅନ୍ତର୍ଜାତୀୟସ୍ତରରେ ପାଳନ କରାଯାଇଥାଏ, ଯାହା ଆଜି ରୋଗୀମାନଙ୍କ ଭିତରେ ଅନ୍ୟତମ ଉତ୍ସାହ ବୋଲି କୁହାଯାଉଛି। କ୍ୟାନସର ରୋଗକୁ ରୋକିବା ଓ ସଫଳତାର ସହ ହ୍ରାସ କରିବା ଲାଗି ଗୁଣାତ୍ମକ ଓ ଉଚ୍ଚମାନର ଚିକିତ୍ସା ଦ୍ୱାରା ଏହା ସମ୍ଭବ ହୋଇପାରେ।



ଏ ସମ୍ପର୍କରେ ବିଏମ୍‌ସିର ଅଧକ୍ଷା ଜ୍ୟୋତି ଅଗ୍ରୱାଲ କହିଛନ୍ତି, ଆମେ ସମାଜରେ ଏକ ପରିବର୍ତ୍ତନ ଆଣିବା ପାଇଁ କାର୍ଯ୍ୟ କରୁଛୁ। ଏପରିକି ଆମେ ଏହା ବିଶ୍ୱାସ କରୁ ସୁସ୍ଥ ସମାଜ ଓ ରାଷ୍ଟ୍ର ବିକାଶ ସହଯୋଗର ଅଂଶୀଦାର। କ୍ୟାନସର ରୋଗ ପାଇଁ ଗୁଣାତ୍ମକ ସେବା ଯୋଗାଇବା ଓ ସମାଜକୁ ସୁସ୍ଥ ରଖିବାରେ ଏକ ସକ୍ରିୟ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବା ଆମର ମୂଳ ଉଦ୍ଦେଶ୍ୟ। ସେହିଭଳି ବିଏମସି ମେଡିକାଲ ଡାଇରେକ୍ଟର ଡା. ଭାବନା ଶିରୋହୀ କହିଛନ୍ତି, ବିଶ୍ୱରେ କ୍ୟାନସର ରୋଗୀଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରୋଜ ଡେ ପାଳନ କରାଯାଇଥାଏ। ବାଲ୍‌କୋ ମେଡିକାଲ ସେଣ୍ଟରରେ ବିଶେଷଜ୍ଞ ଓ ଡାକ୍ତର ତଥା କର୍ମଚାରୀଙ୍କ ଉଦ୍ୟମ ଓ ପ୍ରଚେଷ୍ଟା ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟରେ ପରିଚାଳିତ ହୋଇଥାଏ। ଏଠାରେ ବିଶ୍ୱଶ୍ରେଣୀୟ ଚିକିତ୍ସା ସେବା ଓ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ହେବ।

# ପିଏନ୍‌ବି ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୪।୯

ସର୍ବଭାରତୀୟ ପିଏନ୍‌ବି (ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ) ଅବସରପ୍ରାପ୍ତ କର୍ମଚାରୀ ସଂଘ ଭୁବନେଶ୍ୱର ମଣ୍ଡଳର ପ୍ରଥମ ବାର୍ଷିକ ଉତ୍ସବ (ସମ୍ମିଳନୀ) ରବିବାର ଭୁବନେଶ୍ୱରର ଶିରିପୁରସ୍ଥିତ ଇମେଜ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପିଏନ୍‌ବିର ଆଞ୍ଚଳିକ ମୁଖ୍ୟ ଏ. ଉଦୟ ଭାସ୍କର ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ସେହିଭଳି ସଂଘର ସର୍ବଭାରତୀୟ ଅଧ୍ୟକ୍ଷ ସୁପ୍ରୀତ ସରକାର ଅବସରପ୍ରାପ୍ତ କର୍ମଚାରୀଙ୍କର ପେନ୍‌ସନ୍ ଉନ୍ନତୀକରଣ, ସ୍ୱାସ୍ଥ୍ୟ ବୀମା ନୀତିର ସଂଶୋଧନ ଏବଂ ଅନ୍ୟାନ୍ୟ ଦାବି ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିପରି ସଂଘର ସାଧାରଣ ସମ୍ପାଦକ ଅଶୋକ ଦେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଏକଜୁଟ୍ ହୋଇ ସେମାନଙ୍କର ସମସ୍ୟା ସମାଧାନ ନିମନ୍ତେ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ। ଅପରପକ୍ଷରେ ସଂଘର ଭୁବନେଶ୍ୱର ମଣ୍ଡଳ ସମ୍ପାଦକ ସଞ୍ଜୟ ଶୁକ୍ଳା ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। ଉଲ୍ଲେଖଯୋଗ୍ୟ, ପିଏନ୍‌ବିର ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ବ୍ୟାଙ୍କର ବ୍ୟବସାୟ ବୃଦ୍ଧି ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲାବେଳେ ପିଏନ୍‌ବି କର୍ମଚାରୀ ସଂଘର ଭୁବନେଶ୍ୱର ମଣ୍ଡଳ ସମ୍ପାଦକ ବୈଲୋଚନ ସାହୁ ବ୍ୟାଙ୍କର ବର୍ତ୍ତମାନ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀ ମଧ୍ୟରେ ସମନ୍ୱୟ ରଖିବା ପାଇଁ ଗୁରୁତ୍ୱ ଆରୋପ କରିଥିଲେ। ଏପରିକି ଓଡ଼ିଶା ମହାସଂଘର ସମ୍ପାଦକ ନିରଞ୍ଜନ ଯୋଗାଣିଆ ବ୍ୟାଙ୍କର ବ୍ୟବସାୟ ବୃଦ୍ଧି ନିମନ୍ତେ ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ଆବଶ୍ୟକ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଫୁର୍ସତ୍

# ବ୍ରିଟେନ୍‌ରେ 'ଜାହାଜ ସମାଧି'

ଲଣ୍ଡନ



ଜନ୍ମ ପରେ ଏକମାତ୍ର ସତ୍ୟ ହେଉଛି ମୃତ୍ୟୁ। ଯିଏ ଜନ୍ମ ହୋଇଛି ତା'ର ମୃତ୍ୟୁ ସୁନିଶ୍ଚିତ। ମଣିଷ, ଜୀବଜନ୍ତୁ ଓ ଉଦ୍ଭିଦର ଦିନେ ମୃତ୍ୟୁ ହୋଇଥାଏ। କେବେ ନିର୍ଜୀବ ବସ୍ତୁର ମୃତ୍ୟୁ କଥା ଶୁଣିଛନ୍ତି କି। ମଣିଷର ମୃତ୍ୟୁ ପରେ ପରିବାର ସ୍ୱଜନ ତାଙ୍କୁ ଶ୍ମଶାନରେ ପୋଡିଥା'ନ୍ତି କିମ୍ବା କବରରେ ପୋତି ଦେଇଥା'ନ୍ତି। ଜାଣି ଆଶ୍ଚର୍ଯ୍ୟ ହେବେ ଆମେ ଆପଣଙ୍କୁ ଏପରି ଏକ ନିର୍ଜୀବ ବସ୍ତୁ ବିଷୟରେ କହିବୁ ଯାହାର ମୃତ୍ୟୁ ପରେ କବର ଦିଆଯାଏ। ଇଂଲଣ୍ଡରେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ଜାହାଜଗୁଡ଼ିକର ମୃତ୍ୟୁ ପରେ କବର ଦିଆଯାଏ। ଏହି କାରଣରୁ ଏହି ସ୍ଥାନକୁ 'ଜାହାଜର କବରସ୍ଥାନ' ମଧ୍ୟ କୁହାଯାଏ। ଇଂଲଣ୍ଡର ଗ୍ଲୁକେଷ୍ଟେରେଶେରର ସର୍ବର୍ନ ନଦୀ ନିକଟରେ ପର୍ଟନ ହଲ୍କସ ଅଛି। ଏହି ସ୍ଥାନଟି ଜାହାଜର କବରସ୍ଥାନ ଭାବରେ ପରିଚିତ। ପ୍ରାୟ ଡଜନେ ଜାହାଜ ମୃତ ପ୍ରାୟ ଭାବେ ଏଠାରେ ପଡି ରହିଛି। ଏହି ସ୍ଥାନରେ ଏତେ ସଂଖ୍ୟକ ଜାହାଜ ଅଛି ଯେ ଏହା ଏକ ଶବଗୃହ ଭାବରେ ଦେଖାଯିବ। କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହି ସ୍ଥାନରେ ଥିବା ସମସ୍ତ ଜାହାଜ ଏବେ ପଥରରେ ପରିଣତ ହୋଇଯାଇଛି। ପ୍ରାୟ ୨୦୦ ବର୍ଷ ତଳେ, ସର୍ବର୍ନ ନଦୀର ଏକ ବିପଦପୂର୍ଣ୍ଣ ଭାଗକୁ ପାର କରିବା ପାଇଁ ଗ୍ଲୁକେଷ୍ଟେରେଶେର ଓ ଶାର୍ପନିସ ନାମକ ଦୁଇଟି ଅଞ୍ଚଳ ମଧ୍ୟରେ ଏକ କେନାଲ ଖୋଲା ଯାଇଥିଲା। ୧୮୨୭ରେ ଖୋଲା ହୋଇଥିବା ଏହି କେନାଲର ପ୍ରସ୍ଥ ପ୍ରାୟ ୨୬ ମିଟର ଓ ଗଭୀରତା ୫.୫ ମିଟର। ଏଥିରେ ୬୦୦ ଟନ୍ ଓଜନର ଜାହାଜ ଯାଆଆସ କରିପାରୁଥିଲା। ଆମ୍ୟୁଜିଂ ପ୍ଲାନେଟ୍ ୱେବ୍‌ସାଇଟ ରିପୋର୍ଟ ଅନୁଯାୟୀ ୧୯୦୯ରେ ନଦୀର ସେହି କୂଳ ସମ୍ପୂର୍ଣ୍ଣ ଧୋଇ ହୋଇଗଲା। ଏହି ସମସ୍ୟାର ସମାଧାନ ପାଇଁ କେନାଲ ନିର୍ମାଣକାରୀ କମ୍ପାନୀର ମୁଖ୍ୟ ଇଞ୍ଜିନିୟର ଏଜେ କୁଲିସ ଏକ ଯୋଜନା ପ୍ରସ୍ତୁତ କରିଥିଲେ। ପୁରୁଣା ଜଳ ଜାହାଜଗୁଡ଼ିକୁ ନଦୀକୂଳରେ ରଖିବା ପାଇଁ ସେ ପରାମର୍ଶ ଦେଇଥିଲେ। ଯାହା ଦ୍ୱାରା କେନାଲ ଏବଂ ନଦୀ ମଧ୍ୟରେ ଥିବା ଛୋଟ ଜମିକୁ ବନ୍ୟାରୁ ରକ୍ଷା କରାଯାଇପାରିବ। ଜାହାଜକୁ ରଖିବା ଦ୍ୱାରା ବନ୍ୟାଜଳ ସ୍ଥଳଭାଗକୁ ଆସିବ ନାହିଁ ଏବଂ ଜମି ସୁରକ୍ଷିତ ରହିବ। ପରେ ସାର୍ପନେସ ଡକ୍‌ରୁ ଡଜନେ ପୁରୁଣା ଜାହାଜକୁ ଅଣାଗଲା। ସେମାନଙ୍କୁ ନଦୀକୂଳରେ ଏପରି ରଖାଯାଇଥିଲା ଯେପରି ସ୍ଥଳଭାଗକୁ ପାଣି ଆସିପାରିବ ନାହିଁ। ଜାହାଜଗୁଡିକରେ ଛିଦ୍ର ତିଆରି କରାଯାଇଥିଲା ଯାହା ଦ୍ୱାରା ବନ୍ୟା ଜଳରେ ଆସୁଥିବା ମାଟି ଜାହାଜରେ ଜମା ହେବା ସହ ବନ୍ୟାଜଳକୁ ରୋକାଯାଇଥିଲା। ସେହି ଜାହାଜଗୁଡ଼ିକ ଦୀର୍ଘ ବର୍ଷ ଧରି ସେହି ସ୍ଥାନରେ ଠିଆ ହୋଇଛନ୍ତି। ମାଟି ଜମି ସେଗୁଡ଼ିକ ଏପରି ହୋଇଯାଇଛି ଯେ ପାହାଡ କିମ୍ବା କଠିନ ଚଟାଣ ଭଳି ଦୃଶ୍ୟମାନ ହେଉଛି। ସର୍ବର୍ନ ନଦୀକୂଳରେ ବର୍ତ୍ତମାନ ପ୍ରାୟ ୮୦ଟି ଜାହାଜ ମୃତପ୍ରାୟ ଅବସ୍ଥାରେ ରହିଛି। ଯେଉଁଥିପାଇଁ ସେହି ସ୍ଥାନକୁ ଜାହାଜର କବର ସ୍ଥାନ ବୋଲି କୁହାଯାଉଛି।

# ୨୭ରେ 'ଗଣପତ' ଟିଜର

ମୁମ୍ବାଇ



ଟାଇଗର ଶ୍ରଫ୍

ଟାଇଗର ଶ୍ରଫ୍ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଗଣପତ: ଏ ହିରୋ ଇଜ ବର୍ନ' ନିମନ୍ତେ କିଛି ଦିନ ହେଲା ହେଡ୍‌ଲାଇନରେ ରହିଆସିଛନ୍ତି। ଏହି ଚଳଚ୍ଚିତ୍ରରେ ନିଜର ପାୱାର୍ ପ୍ୟାକ୍ ଅବତାର ସହିତ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିବାକୁ ଅଭିନେତା ପ୍ରସ୍ତୁତ ଅଛନ୍ତି। କ୍ରିତି ସାନନ ଏବଂ ଅମିତାଭ ବଚ୍ଚନଙ୍କ ଅଭିନୀତ ଏହି ଚଳଚ୍ଚିତ୍ରଟି ଡିଷ୍ଟୋପିଆନ ଦୁନିଆରେ ଆଧାରିତ ଏକ ଆକ୍ସନ ଥ୍ରୀଲର। ରବିବାର ମୁଖ୍ୟ ଅଭିନେତା ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ ସ୍ୱତନ୍ତ୍ର ଘୋଷଣା କ୍ଲିପ୍‌ରେ ଏହି ଡିଷ୍ଟୋପିଆନ ଜଗତର ଝଲକ ଶେୟାର କରିଛନ୍ତି, ଯାହା ପ୍ରଶଂସକଙ୍କୁ ବେଶ୍ ଉତ୍ସାହିତ କରିଛି। ସୋସିଆଲ୍ ମିଡିଆ ଏକ୍ସରେ ଟାଇଗର ଶ୍ରଫ୍ କ୍ୟାପଶନରେ ଲେଖିଛନ୍ତି, 'ଜଗତକୁ ବଦଳାଇବାକୁ ହେଲେ ପରିବର୍ତ୍ତନ ଆଣିବାକୁ ପଡିବ। ଏହା ମୋର ପ୍ରଶଂସକମାନଙ୍କ ପାଇଁ । ଭିଡିଓରେ ବିଲ୍ଡିଂଗୁଡିକ ଡିଷ୍ଟୋପିଆନ ସେଟିଂ ପୃଷ୍ଠଭୂମିରେ ରହିଥିବା ଦେଖାଯାଇଛି। ସେହି ସମୟରେ ଏକ କୋଠା ଉପରେ ଠିଆ ହୋଇଥିବା ଟାଇଗର ଶ୍ରଫ୍ ହଠାତ୍ ତଳକୁ ଡେଇଁ ପଡୁଛନ୍ତି। ଏହା ସହିତ ଅଭିନେତା ଫିଲ୍ମର ଟିଜର ରିଲିଜ ତାରିଖ ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି। ଟାଇଗର ଶ୍ରଫ୍ କ୍ୟାପଶନରେ କହିଛନ୍ତି, ଏହାର ଟିଜର ସେପ୍ଟେମ୍ବର ୨୭ରେ ମୁକ୍ତିଲାଭ କରିବ। ବାସୁ ଭଗନାନି, ଜ୍ୟାକି ଭଗନାନି, ଦୀପଶିଖା ଦେଶମୁଖ ଏବଂ ବିକାଶ ବହଲଙ୍କ ଦ୍ୱାରା ନିର୍ମିତ ଏବଂ ବିକାଶ ବାହଲଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ୨୦ ଅକ୍ଟୋବରରେ ହିନ୍ଦୀ, ତାମିଲ, ତେଲୁଗୁ, ମାଲାୟାଲମ ଏବଂ କନ୍ନଡ ଭାଷାରେ ମୁକ୍ତିଲାଭ କରିବାକୁ ଯାଉଛି। ଟାଇଗର ଶ୍ରଫ୍‌ଙ୍କ ଫିଲ୍ମ ଗଣପତକୁ ବକ୍ସ ଅଫିସରେ ଟ୍ରିପଲ୍ ସଂଘର୍ଷର ସମ୍ମୁଖୀନ ହେବାକୁ ପଡିବ। ବାସ୍ତବରେ ମେଜାନ ଜାଫ୍ରେ, ଦିବ୍ୟା ଖୋସଲା କୁମାର, ମୋତି ଭି ପୁରୀ, ୟଶ ଦାସଗୁପ୍ତା ଏବଂ କଙ୍ଗନା ରାନାୱତଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ତେଜସ ଭଳି ଅଭିନେତା ୟାରିୟାନ ମଧ୍ୟ ସେହି ଦିନ ପ୍ରେକ୍ଷାଳୟରେ ମୁକ୍ତି ଲାଭ କରିବ। କେବଳ ଏତିକି ନୁହେଁ ତାମିଲ ଏବଂ ତେଲୁଗୁ ଚଳଚ୍ଚିତ୍ରର ଦଳପଥୀ ବିଜୟଙ୍କ 'ଲିଓ' ଏବଂ ନନ୍ଦାମୁରୀ ବାଲକୃଷ୍ଣଙ୍କ 'ଭଗବନ୍ତ କେଶରୀ' ମଧ୍ୟ ସେହି ସପ୍ତାହରେ ମୁକ୍ତିଲାଭ କରୁଛି।

# ସ୍ତ୍ରୀଙ୍କୁ ପ୍ରେମିକ ସହ ବିବାହ କରାଇଲେ ସ୍ୱାମୀ

ଦେଓରିଆ

୧୯୯୯ରେ ବ୍ଲକ୍‌ବଷ୍ଟର ବଲିଉଡ୍ ଚଳଚ୍ଚିତ୍ର 'ହମ୍ ଦିଲ୍ ଦେ ଚୁକେ ସନମ୍' ବାସ୍ତବ ଜୀବନରେ ଦେଖିବାକୁ ମିଳିଛି। ଉତ୍ତରପ୍ରଦେଶ ଦେଓରିଆ ଜିଲାର ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ତାଙ୍କ ପ୍ରେମିକ ସହିତ ଏକାଠି କରାଇବା ସହ ସେମାନଙ୍କୁ ବିବାହ କରାଇଛନ୍ତି। ମହିଳା ଜଣକ ପ୍ରେମିକ ସହ ରହିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଦେଓରିଆର ଏହି ଦମ୍ପତି ବର୍ଷେ ପୂର୍ବରୁ ବିବାହ କରିଥିଲେ। ତେବେ ମହିଳାଙ୍କର ବିହାରର ଗୋପାଳଗଞ୍ଜରେ ଥିବା ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ରହିଥିବା କଥା ସ୍ୱାମୀ ଜାଣି ନ ଥିଲେ। ଗତ ଶୁକ୍ରବାର ରାତିରେ ପ୍ରେମିକ ଆକାଶ ଶାହା ମହିଳାଙ୍କୁ ଭେଟିବା ଲାଗି ତାଙ୍କ ଶାଶୁଘରେ ପହଞ୍ଚିବା ପରେ ସେମାନଙ୍କ ମଧ୍ୟରେ ଥିବା ପ୍ରେମ ସମ୍ପର୍କ ପଦାକୁ ଆସିଥିଲା। ସ୍ଥାନୀୟ ଲୋକେ ଏହା ଜାଣିବା ପରେ ଆକାଶଙ୍କୁ ଧରି ମାଡ଼ ମାରିଥିଲେ। ମହିଳା ଏବଂ ଆକାଶ ଦୁଇବର୍ଷ ରିଲେଶନଶିପ୍‌ରେ ଥିଲେ। ଏପରିକି ସେ ଅନ୍ୟ ଜଣଙ୍କୁ ବିବାହ କରିବା ପରେ ମଧ୍ୟ ଆକାଶ ତାଙ୍କୁ ଭୁଲିପାରୁ ନ ଥିଲେ। ସେଥିପାଇଁ ସେ ମହିଳାଙ୍କୁ ଭେଟିବା ଲାଗି ତାଙ୍କ ଶାଶୁଘରେ ପହଞ୍ଚିଥିବା କହିଥିଲେ। ପ୍ରେମିକ ସହ ତାଙ୍କୁ ଛାଡ଼ିଦେବା ଲାଗି ମହିଳା ଜଣକ ନିଜ ସ୍ୱାମୀଙ୍କୁ ନିବେଦନ କରିଥିଲେ। ସ୍ୱାମୀ ଏଥିରେ ରାଜି ହୋଇ ଉଭୟଙ୍କୁ ବିବାହ କରାଇଥିବା ପୋଲିସ କହିଛି।





ଚାଇନାର ଗୁଆଙ୍ଗଝୋଠାରେ ଚାଲିଥିବା ଏସିଆନ ଗେମ୍ସ ରୋଇଂର ପୁରୁଷ କକ୍ସଡ୍ ଏଇଟ୍ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ।

## ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୨୦ | ୭ | ୩ | ୩୦ |
| ଦ.କୋରିଆ | ୫ | ୪ | ୫ | ୧୪ |
| ଜାପାନ | ୨ | ୭ | ୫ | ୧୪ |
| ହଂକଂ | ୨ | ୦ | ୫ | ୭ |
| ଉଜ୍‌ବେକିସ୍ତାନ | ୧ | ୩ | ୩ | ୭ |
| ଚାଇନିଜ ତାଇପେ | ୧ | ୧ | ୨ | ୪ |
| ଭାରତ | ୦ | ୩ | ୨ | ୫ |
| ଇଣ୍ଡୋନେସିଆ | ୦ | ୧ | ୩ | ୪ |
| ମଙ୍ଗୋଲିଆ | ୦ | ୧ | ୨ | ୩ |
| ଇରାନ | ୦ | ୧ | ୧ | ୨ |
| କାଜାଖସ୍ତାନ | ୦ | ୧ | ୧ | ୨ |
| ୟୁଏଇ | ୦ | ୧ | ୧ | ୨ |
| ବ୍ରୁନେଇ | ୦ | ୧ | ୦ | ୧ |
| ଭିଏତନାମ | ୦ | ୦ | ୨ | ୨ |
| ମକାଓ | ୦ | ୦ | ୧ | ୧ |
| ଫିଲିପାଇନ୍ସ | ୦ | ୦ | ୧ | ୧ |

# ବିଜୟରୁ ନିଖତଙ୍କ ଅଭିଯାନ, କ୍ୱାର୍ଟରରେ ପ୍ରୀତି

**ହାଙ୍ଗଝୋ,୨୪।୯(ପି.ଟି.)**

ଏସିଆନ୍ ଗେମ୍ସ ୨୦୨୩ରେ ଭାରତୀୟ ବକ୍ସରଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଦୁଇ ଦୁଇ ଥର ବିଶ୍ୱ ଚାମ୍ପିୟନ ନିଖତ ଜରିନ୍ ଦମଦାର ବିଜୟ ସହିତ ଅଭିଯାନ ଆରମ୍ଭ କରିଥିବା ବେଳେ ପ୍ରୀତି ପଓ୍ୱାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇ ଥରର ଏସିଆନ୍ ଚାମ୍ପିୟନ ଭିଏତ୍‌ନାମର ଥି ଟାମ ଏନ୍‌ଗୁଏନଙ୍କୁ ୫–୦ରେ ପରାସ୍ତ କରିଛନ୍ତି। ଏହି ବିଜୟ ସହିତ ନିଖତ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୫୦ କିଗ୍ରା ଓଜନ ବର୍ଗରେ ଅନ୍ୟ ୪ ବକ୍ସରଙ୍କୁ ପ୍ରଥମ ରାଉଣ୍ଡ ବାଇ ମିଳିଥିବା ବେଳେ କେବଳ ନିଖତଙ୍କୁ ଖେଳିବାକୁ ପଡିଥିଲା। ତେବେ ଥି ଟାମ ଏନ୍‌ଗୁଏନଙ୍କୁ ଏକ ପାଖିଆ ଭାବରେ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଏକତରଫା ହେବା ନେଇ ଆଶା ରଖି ନ ଥିଲି। ତେବେ ପ୍ରଥମ ଦୁଇ ରାଉଣ୍ଡରେ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ଉପରେ ଫୋକସ୍ କରିଥିଲି। ନିଖତଙ୍କ ପ୍ରଦର୍ଶନ ଏତେ ପ୍ରଭାବୀ ରହିଥିଲା କି ଏନ୍‌ଗୁଏନଙ୍କୁ ରେଫରି ଦୁଇ ଥର ୮ ପର୍ଯ୍ୟନ୍ତ ଗଣିବାକୁ ବାଧ କରିଥିଲେ। ଏନ୍‌ଗୁଏନ ଦ୍ୱିତୀୟ ରାଉଣ୍ଡରେ ଆକ୍ରମଣାତ୍ମକ ପ୍ରଦର୍ଶନ କରିବାକୁ ପ୍ରୟାସ କରିଥିଲେ, ତେବେ ଚମତ୍କାର କାଉଣ୍ଟର ଆଟାକ୍ ଜରିଆରେ ତାକୁ ପ୍ରତିହତ କରିଥିଲେ। ଏସିଆନ ଗେମ୍ସ ଟାଇଟଲ ଜିତିବା ସହିତ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ନିଖତ୍। ସେ ପରବର୍ତ୍ତୀ ରାଉଣ୍ଡରେ ଦକ୍ଷିଣ କୋରିଆର ଚୋରୋଙ୍ଗ ବାକ୍‌ଙ୍କୁ ଭେଟିବେ।

ଅନ୍ୟତମ ଭାରତୀୟ ତଥା ୫୪ କିଗ୍ରା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରୀତି ପଓ୍ୱାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



ପୁରୁଷ ଲାଇଟଓ୍ୱେଟ ଡବଲ୍ସ ସ୍କଲ୍ସ ପଦକ ସହ ଅର୍ଜୁନ ଲାଲ ଜାଟ୍ ଓ ଅରବିନ୍ଦ ସିଂ।

୧୯ ବର୍ଷୀୟା ପ୍ରୀତି ଚମତ୍କାର ପ୍ରଦର୍ଶନ କରିବା ସହିତ ଜୋର୍ଡାନ୍‌ର ସିଲିନା ଆହ୍ଲାସନଟଙ୍କୁ ପରାସ୍ତ କରିଛନ୍ତି। ପ୍ରୀତି ଏହି ମ୍ୟାଚ୍‌କୁ ଆର୍‌ଏସ୍‌ସି(ରେଫରି ଷ୍ଟପ୍‌ସ କଣ୍ଟେଷ୍ଟ)ରେ ଜିତି ଥିଲେ। କ୍ୱାର୍ଟରରେ ବିଜୟୀ ହେଲେ ପ୍ରୀତି ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବେ। ବିଶ୍ୱ ଚାମ୍ପିୟନଶିପ୍‌ରେ ୩ ଥର ପଦକ ବିଜୟିନୀ କାଜାଖସ୍ତାନର ଝାନିଆ ଶେକେରବେକୋଭାଙ୍କୁ ପ୍ରୀତି କ୍ୱାର୍ଟରରେ ଭେଟିବେ।

**ଫୁଟବଲ:** ଥାଇଲାଣ୍ଡ ନିକଟରୁ ପରାଜିତ ହେବା ସହିତ ଏସିଆନ୍ ଗେମ୍ସ ୨୦୨୩ରୁ ବିଦା ହୋଇଛି ଭାରତୀୟ ମହିଳା ଫୁଟବଲ ଦଳ। ଚାଇନିଜ୍ ତାଇପେ ନିକଟରୁ ଭାରତ ପ୍ରଥମ ମ୍ୟାଚରେ ହାରିଥିବା ବେଳେ ନକ୍‌ଆଉଟରୁ ବାଦ୍ ପଡ଼ିଛି। ମ୍ୟାଚ୍‌ର ୫୨ତମ ମିନିଟରେ ଥାଇଲାଣ୍ଡ ପକ୍ଷରୁ ଥଙ୍ଗରଙ୍ଗ ପରିଚାଟ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ୫ ଗ୍ରୁପ୍‌ର ୫ ଶ୍ରେଷ୍ଠ ଦଳ ନକ୍‌ଆଉଟକୁ ଉନ୍ନୀତ ହୋଇଥିବା ବେଳେ ଭାରତ ବିଦା ହୋଇଛି। ଅନ୍ୟ ପକ୍ଷରେ ଥାଇଲାଣ୍ଡ ମଧ୍ୟ ନକ୍‌ଆଉଟକୁ ଯୋଗ୍ୟତା ହାସଲରେ ବିଫଳ ହୋଇଛି।

**ରଗ୍‌ବୀ ୭ ଏସ୍:** ସେଭେନ୍ ଏ ସାଇଡ୍ ରଗ୍‌ବୀରେ ଭାରତୀୟ ମହିଳା ଦଳ ଦୁଇଟି ପରାଜୟ ବରଣ କରି ବିଦାୟ ନେଇଛି। ରବିବାର ହଂକଂ ନିକଟରୁ ଭାରତୀୟ ମହିଳା ୩୮–୦ରେ ପରାଜିତ ହୋଇଥିବା ବେଳେ ଅନ୍ୟ ଏକ ମ୍ୟାଚ୍‌ରେ ଜାପାନ ୪୫–୦ରେ ଭାରତକୁ ହରାଇଥିଲା। ଭାରତ ନିଜର ଅନ୍ତିମ ଗ୍ରୁପ୍ ମ୍ୟାଚରେ ସିଙ୍ଗାପୁରକୁ ଭେଟିବ।

**ଭଲିବଲ୍:** ଭାରତୀୟ ପୁରୁଷ ଭଲିବଲ୍ ଦଳ ଜାପାନ ନିକଟରୁ ପରାଜିତ ହୋଇ ପଦକ ଦୌଡରୁ ବାଦ ପଡିଛି। ରବିବାର ଜାପାନ ୩–୦ରେ ଭାରତକୁ ପରାସ୍ତ କରିଥିଲା। କେଇହାନ୍ ଟାକାହାସି ୨୧ ପଏଣ୍ଟ ଅର୍ଜନ କରିଥିବା ବେଳେ ୨୫–୧୬, ୨୫–୧୮, ୨୫–୧୭ ସେଟ୍‌ରେ ଜାପାନ ବିଜୟୀ ହୋଇଥିଲା। ଭାରତ ପାଇଁ ଏରିନ୍ ଭର୍ଗିସ୍ ସର୍ବାଧିକ ୮ ପଏଣ୍ଟ ସ୍କୋର କରିଥିଲେ। ଭାରତ ବର୍ତ୍ତମାନ ପଞ୍ଚମ ଷଷ୍ଠ ସ୍ଥାନ ପାଇଁ କାତାର ଓ ପାକିସ୍ତାନ ମଧ୍ୟରୁ ଗୋଟିଏ ଦଳକୁ ଭେଟିବ।

**ଫେନ୍‌ସିଂ:** ଅଶୀ ଚାଳନା(ଫେନ୍‌ସିଂ)ର ଇପି ବର୍ଗରେ ଅଳ୍ପକେ ପଦକରୁ ବଞ୍ଚିତ ହୋଇଛନ୍ତି ତନିଷ୍କା ଖତ୍ରି। ବିଶ୍ୱ ମାନ୍ୟତାର ଦୁଇ ନମ୍ବର ସ୍ଥାନରେ ଥିବା ହଂକଂର ମାନ୍ ଓ୍ୱାଇ ଭିଭିଆନଙ୍କ ନିକଟରୁ୭–୧୫ରେ ପରାଜିତ ହୋଇଥିଲେ। ୩ ପୁଲ୍ ମ୍ୟାଚ୍ ବିଜୟୀ ହୋଇ ଖତ୍ରି ନକ୍‌ଆଉଟରେ ପ୍ରବେଶ କରିଥିଲେ। ଏପରିକି କ୍ୱାର୍ଟରରେ ୭ ଟଚ୍ ପଏଣ୍ଟ ହାସଲ କରିଥିଲେ ମଧ୍ୟ ବିଜୟୀ ହୋଇ ପାରି ନ ଥିଲେ। ଭାରତର ଶ୍ରେଷ୍ଠ ପଦକ ଆଶା ତଥା ଦୁଇ ଥର ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ବିଜୟିନୀ ଭବାନୀ ଦେବୀ ମଙ୍ଗଳବାର ପ୍ରତିଦ୍ୱନ୍ଦ୍ୱିତା କରିବେ।

**ଟେବୁଲ ଟେନିସ୍:** କ୍ୱାର୍ଟର ଫାଇନାଲରେ ପରାଜିତ ହେଇଛନ୍ତି ଭାରତୀୟ ପୁରୁଷ ଟେବୁଲ ଟେନିସ୍ ଦଳ। ରବିବାର ଦକ୍ଷିଣ କୋରିଆ ୩–୦ରେ ଭାରତକୁ ପରାସ୍ତ କରିଥିଲା। ହରମିତ୍ ଦେଶାଇ ଓ ଜି ସାଥିୟାଁ ପ୍ରଥମ ଦୁଇ ମ୍ୟାଚରେ ପରାଜିତ ହୋଇଥିବା ବେଳେ ତୃତୀୟ ମ୍ୟାଚରେ ଭେଟେରାନ ଅଚନ୍ତା ଶରଥ କମଲ ପରାଜିତ ହେବା ସହିତ ଭାରତର ସମ୍ଭାବନା ଶେଷ ହୋଇ ଯାଇଥିଲା।

**ଚେସ୍ :** ଭାରତୀୟ ମହିଳା ଦଳର ଡି. ହାରିକା ଓ କୋନେରୁ ହମ୍ପି ପ୍ରଥମ ଦୁଇ ରାଉଣ୍ଡରେ ୨ ପଏଣ୍ଟ ଲେଖାଏ ଅର୍ଜନ କରିଥିବା ବେଳେ ପୁରୁଷ ଦଳର ଭିଦିଥ ସନ୍ତୋଷ ଗୁଜରାଠୀ ପରାଜିତ ହୋଇଛନ୍ତି। ଭିଦିଥ୍ କାଜାଖସ୍ତାନର ଆଇଏମ୍ କାଜିବେକ୍ ନୋଗେର୍ବେକ୍‌ଙ୍କ ନିକଟରୁ ପରାଜିତ ହୋଇଥିଲେ। ପ୍ରଥମ ରାଉଣ୍ଡରେ ବାଂଲାଦେଶର ମହମ୍ମଦ ଫହାଦ ରେହମାନଙ୍କୁ ସେ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ଅର୍ଜୁନ ଇରିଗାସୀ ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହିତ ୧.୫ ପଏଣ୍ଟ ଅର୍ଜନ କରିଛନ୍ତି। ମହିଳା ବର୍ଗରେ ଡି. ହାରିକା ୟୁଏଇର ଅଲାଲି ରୌଡା ଓ ସିଙ୍ଗାପୁରର କ୍ୱିଆନମ୍ ଗଙ୍ଗଙ୍କୁ ପରାସ୍ତ କରିଛନ୍ତି। ହମ୍ପି ଯଥାକ୍ରମେ ଭିଏତ୍‌ନାମର ଫାମ୍ ଲେ ଥାଓ ଓ ଇରାନର ଅଲିନାସାବାଲାମାଦ୍ରି ମୋବିନାଙ୍କୁ ହରାଇଥିଲେ।



ଦୁଇ ଥର ଏସିଆନ୍ ଚାମ୍ପିୟନ ଭିଏତ୍‌ନାମର ଥି ଟାମ ଏନ୍‌ଗୁଏନଙ୍କୁ ପଞ୍ଚ୍ ମାରିବା ଅବସରରେ ଭାରତର ନିଖତ ଜରିନ୍ (ବାମ)।

## ୩ ଉଷୁ ପ୍ରତିଯୋଗୀଙ୍କ ସମ୍ଭାବନା ଶେଷ

**ହାଙ୍ଗଝୋ,୨୪।୯(ପି.ଟି.):** ଏସିଆନ୍ ଗେମ୍ସ ୨୦୨୩ରେ ଭାରତର ୩ ଉଷୁ ପ୍ରତିଯୋଗୀଙ୍କ ଅଂଶଗ୍ରହଣ ସମ୍ଭାବନା ଶେଷ ହୋଇଛି। ଅରୁଣାଚଳ ପ୍ରଦେଶର ୩ ଉଷୁ ଖେଳାଳିଙ୍କୁ ଭିଜା ନ ମିଳିବାରୁ ସେମାନେ ଚାଇନା ଯାଇ ପାରି ନ ଥିଲେ। ନ୍ୟେମାନ ଓ୍ୱାଙ୍ଗସୁ, ଓନିଲୁ ଟେଗା ଓ ମେପୁଙ୍ଗ ଲାମ୍‌ଗୁଙ୍କୁ ଭିଜା ନ ମିଳିବାରୁ ଭାରତୀୟ କ୍ରୀଡା ଓ ଯୁବ ବ୍ୟାପାରମନ୍ତ୍ରୀ ଅନୁରାଗ ଠାକୁର ଓ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ୍ ମୁଖ୍ୟ ପି.ଟି. ଉଷା ଏହି କାର୍ଯ୍ୟକ୍ରମକୁ ବୟକଟ୍ କରିଥିଲେ। ତେବେ ରବିବାର ଉଷୁର ବିଭିନ୍ନ ଇଭେଣ୍ଟ ଆରମ୍ଭ ହେବା ସହିତ ଏହି ଖେଳାଳି ମାନଙ୍କ ଅଂଶଗ୍ରହଣ ସମ୍ଭାବନା ଶେଷ ହୋଇଛି। ମହିଳା ଚାଙ୍ଗକୁଆନ୍ ଇଭେଣ୍ଟରେ ମେପୁଙ୍ଗ ଲାମ୍‌ଗୁଙ୍କ ନାମ ପୂର୍ବରୁ ଡିଡ୍ ନଟ୍ ଷ୍ଟାର୍ଟ ଲେଖା ଯାଇଥିଲା।

# ମହିଳା କ୍ରିକେଟ ଫାଇନାଲରେ ଭାରତ, ଶ୍ରୀଲଙ୍କା

**ହାଙ୍ଗଝୋ,୨୪।୯(ପି.ଟି.)**

ପୂଜା ବସ୍ତ୍ରକାରଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ବଳରେ ଏସିଆନ୍ ଗେମ୍ସ ମହିଳା ଟି୨୦ କ୍ରିକେଟ ଫାଇନାଲରେ ପ୍ରବେଶ କରିଛି ଭାରତ। ରବିବାର ଅନୁଷ୍ଠିତ ସେମି ଫାଇନାଲରେ ଭାରତ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ବାଂଲାଦେଶ ମାତ୍ର ୫୧ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଭାରତ ୮.୨ ଓଭରରେ ୨ ଉଇକେଟ ହରାଇ ବିଜୟୀ ହୋଇଥିଲା। ଅନ୍ୟ ଏକ ସେମି ଫାଇନାଲରେ ପାକିସ୍ତାନକୁ ୬ ଉଇକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି ଶ୍ରୀଲଙ୍କା।

ପ୍ରଥମ ସେମି ଫାଇନାଲରେ ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିଲା। ଭାରତୀୟ ଦଳର ପେସରମାନେ ଘାତକ ବୋଲିଂ କରିବାରୁ ବାଂଲାଦେଶ ୧୭.୫ ଓଭରରେ ୫୧ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ପୂଜା ୧୭ ରନ୍ ଦେଇ ୪ ଉଇକେଟ ନେଇଥିବା ବେଳେ ତିତାସ୍ ସାଧୁ,ଅମନଜୋତ କୌର, ରାଜେଶ୍ୱରୀ ଗାଏକ୍ୱାଡ ଓ ଦେବିକା ବୈଦ୍ୟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବାଂଲାଦେଶର ୫ ଜଣ ଖେଳାଳି ଖାତା ଖୋଲି ପାରି ନ ଥିବା ବେଳେ ଏକମାତ୍ର ଖେଳାଳି ଭାବରେ ଅଧିନାୟିକା ନିଗାର ସୁଲତାନା ଜ୍ୟୋତି ସର୍ବାଧିକ ୧୨ ରନ୍ କରିଥିଲେ। ଭାରତ ବ୍ୟାଟିଂ ଆରମ୍ଭ କରି ଅଧିନାୟିକା ସ୍ମୃତି ମନ୍ଧାନା(୭) ଓ ଶେଫାଳି ବର୍ମା(୧୭)ଙ୍କ ଉଇକେଟ ହରାଇଥିଲେ ମଧ୍ୟ ୮.୨ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଜେମିମା ରୋଡ୍ରିଗୁଏଜ ୨୦ ରନ୍‌ରେ ଅପରାଜିତ ରହିଥିଲେ। ବାଂଲାଦେଶ ପକ୍ଷରୁ ମାରୁଫା ଅଖତର ଓ ଫାହିମା ଖାତୁନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏହି ବିଜୟ ସହିତ ଭାରତ ଏସିଆନ୍ ଗେମ୍ସରେ ଏକ ପଦକ ପକ୍କା କରିଛି।

ଦ୍ୱିତୀୟ ସେମିରେ ଡିଫେଣ୍ଡିଂ ଚାମ୍ପିୟନ ପାକିସ୍ତାନକୁ୬ ଉଇକେଟରେ ପରାସ୍ତ କରିଛି ଶ୍ରୀଲଙ୍କା। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୨୦ ଓଭରରେ ୯ ଉଇକେଟ ହରାଇ ୭୫ ରନ୍ କରିଥିଲା। ଶଓ୍ୱାଲ ଜୁଲଫିକର ସର୍ବାଧିକ ୧୬ ରନ୍ କରିଥିଲେ। ଜବାବରେ ହର୍ଷିତା ସମରବିକ୍ରମାଙ୍କ ୨୩ ଓ ନିକାଶି ଡି ସିଲ୍‌ଭାଙ୍କ ୧୮ ରନ୍ ବଳରେ ୧୬.୩ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ଶ୍ରୀଲଙ୍କା। ଉଭୟ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ସୋମବାର ଖେଳାଯିବ।

# ଜାପାନିଜ୍ ଗ୍ରାଁ ପ୍ରି ଜିତିଲେ ଭର୍ଷ୍ଟାପେନ୍



ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ୍।

**ସୁଜୁକା,୨୪।୯(ପି.ଟି.)**

ରବିବାର ଜାପାନିଜ୍ ଗ୍ରାଁ ପ୍ରି ଟାଇଟଲ ବିଜୟୀ ହୋଇଛନ୍ତି ମାକ୍ସ ଭର୍ଷ୍ଟାପେନ୍। ସେ ନିଜର ଚମତ୍କାର ଫର୍ମ ଜାରି ରଖିବା ସହ କ୍ରମାଗତ ତୃତୀୟ ଡ୍ରାଇଭର୍ସ ଚାମ୍ପିୟନଶିପ୍ ବିଜୟୀ ହେବାକୁ ଯାଉଛନ୍ତି। ଏକ ସପ୍ତାହ ତଳେ ସିଙ୍ଗାପୁରରେ ପୋଡିୟମ ଫିନିଶରୁ ବଞ୍ଚିତ ହୋଇଥିବା ଭର୍ଷ୍ଟାପେନ୍ ପୁନର୍ବାର ବିଜୟଧାରାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମ୍ୟାକ୍‌ଲରେନ୍‌ର ଲାଣ୍ଡୋ ନୋରିସ୍ ଭର୍ଷ୍ଟାପେନଙ୍କଠାରୁ ୧୯.୪ ସେକେଣ୍ଡ ପଛରେ ରହି ଦ୍ୱିତୀୟ ସ୍ଥାନରେ ରେସ୍ ଶେଷ କରିଥିଲେ। ମ୍ୟାକ୍‌ଲରେନର ଓସ୍କାର ପିଆଷ୍ଟ୍ରି ତୃତୀୟ ସ୍ଥାନରେ ରହିଥିଲେ। ଚଳିତ ସିଜନରେ ଏହା ଭର୍ଷ୍ଟାପେନଙ୍କ ୧୩ ତମ ବିଜୟ। ଏହି ବିଜୟ ସହିତ ରେଡ୍‌ବୁଲ ଚଳିତ ବର୍ଷର କନଷ୍ଟ୍ରକ୍ଟର ଟାଇଟଲ୍ ହାସଲ କରିଛି। ଏହା ଦଳର କ୍ରମାଗତ ତଥା ଓଭର ଅଲ ଷଷ୍ଠ ଟାଇଟଲ୍।

# ୨୦୧୫: ଅଷ୍ଟ୍ରେଲିଆକୁ ପଞ୍ଚମ ଟାଇଟଲ

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ଏକାଦଶ ସଂସ୍କରଣ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଖେଳାଯାଇଥିଲା। ଦ୍ୱିତୀୟ ଆୟୋଜକ ଦେଶ ଭାବରେ ଅଷ୍ଟ୍ରେଲିଆ ଚାମ୍ପିୟନ ଆଖ୍ୟା ଅର୍ଜନ କରିବା ସହ ନିଜର ପଞ୍ଚମ ଟାଇଟଲ ହାସଲ କରିଥିଲା। ଉଭୟ ଆୟୋଜକ ଦେଶ ଫାଇନାଲରେ ପହଞ୍ଚି ଥିବା ବେଳେ ନ୍ୟୁଜିଲାଣ୍ଡକୁ ୭ ଉଇକେଟରେ ପରାସ୍ତ କରିଥିଲା ମାଇକେଲ୍ କ୍ଲାର୍କଙ୍କ ଦଳ। ୧୪ ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ବେଳେ ୭ଟି ଲେଖାଏ ଦଳକୁ ଦୁଇଟି ପୁଲ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୪ ଦଳ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଗ୍ରୁପ୍ ଏ'ରୁ ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଓ ବାଂଲାଦେଶ ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଭାରତ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଓ ଓ୍ୱେଷ୍ଟଇଣ୍ଡିଜ୍ ଗ୍ରୁପ୍ ବି'ରୁ ଯୋଗ୍ୟତା ହାସଲ କରିଥିଲେ।

କ୍ୱାର୍ଟର ଫାଇନାଲରେ ପାକିସ୍ତାନକୁ ଅଷ୍ଟ୍ରେଲିଆ ପରାସ୍ତ କରି ଆଗକୁ ବଢ଼ିଥିଲା। ସେମି ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଭାରତକୁ ପରାସ୍ତ କରିଥିଲା ଅଷ୍ଟ୍ରେଲିଆ। ଷ୍ଟିଭ୍ ସ୍ମିଥ୍‌ଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ୭ ଉଇକେଟରେ ୩୨୮ ରନ୍ କରିଥିଲା। ଜବାବରେ ଭାରତ ମାତ୍ର ୨୩୩ ରନ୍‌ରେ ଅଲଆଉଟ ହୋଇଥିଲା। ସମାନ ଢଙ୍ଗରେ ନ୍ୟୁଜିଲାଣ୍ଡ କ୍ୱାର୍ଟରରେ ଓ୍ୱେଷ୍ଟଇଣ୍ଡିଜ୍ ଓ ସେମିରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ସେମିରେ ପ୍ରବେଶ କରିଥିବା ଦକ୍ଷିଣ ଆଫ୍ରିକା ବର୍ଷା କାରଣରୁ ଡର୍କଓ୍ୱର୍ଥ ଲୁଇସ୍ ମେଥଡ୍‌ରେ ପରାଜିତ ହୋଇଥିଲା। ଫାଇନାଲରେ ନ୍ୟୁଜିଲାଣ୍ଡ ମାତ୍ର ୧୮୩ ରନ୍‌ରେ ଅଲଆଉଟ ହୋଇଥିଲା। ଗ୍ରାଣ୍ଟ ଏଲିଅଟ୍ ସର୍ବାଧିକ ୮୩ ରନ୍ ସ୍କୋର କରିଥିବା ବେଳେ ଅଷ୍ଟ୍ରେଲିଆ ପକ୍ଷରୁ ଜେମ୍ସ ଫକନର ଓ ମିଚେଲ ଜନ୍‌ସନ୍ ୩ଟି ଲେଖାଏ ଉଇକେଟ ନେଇଥିଲେ। ମାଇକେଲ୍ କ୍ଲାର୍କ ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ୩ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା।



ମାଇକେଲ କ୍ଲାର୍କଙ୍କ ହାତରେ ବିଶ୍ୱକପ ଟ୍ରଫି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୧୦ ଦିନ**

ନ୍ୟୁଜିଲାଣ୍ଡର ମାର୍ଟିନ୍ ଗୁପ୍ଟିଲ ପ୍ରଥମ ଖେଳାଳି ଭାବେ ବିଶ୍ୱକପ୍‌ରେ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷରେ ଦ୍ୱିଶତକ ଅର୍ଜନ କରିଥିଲେ। ସେ ୯ ଇନିଂସରୁ ୫୪୭ ରନ୍ କରି ବିଶ୍ୱକପ୍‌ର ସର୍ବାଧିକ ସ୍କୋରର ମଧ୍ୟ ରହିଥିଲେ। ଅଷ୍ଟ୍ରେଲିଆର ମିଚେଲ୍ ଷ୍ଟାର୍କ ଓ ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ୨୨ ଲେଖାଏ ଉଇକେଟ ନେଇଥିଲେ।

# ଜଗତ ଜ୍ୟୋତି ଚାମ୍ପିୟନ

**ଭୁବନେଶ୍ୱର, ୨୪।୯**

**(ତପନ ସ୍ୱାଇଁ)**

ଖୋର୍ଦ୍ଧାର ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ସର୍ବଭାରତୀୟ ୧୪ ବର୍ଷରୁ କମ୍ ଟ୍ୟାଲେଣ୍ଟ ସିରିଜ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଜଗତ ଜ୍ୟୋତି ପତି ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ଜଗତ ଜ୍ୟୋତି ନିଜ ରାଜ୍ୟର ସୁତଭ୍ୟା କର୍ମକାରଙ୍କୁ ୪–୬, ୬–୨, ୬–୨ ସେଟ୍‌ରେ ପରାସ୍ତ କରିଛନ୍ତି। ଏଆଇଟିଏ ଇଭେଣ୍ଟରେ ଜଗତ ଜ୍ୟୋତିଙ୍କର ଏହା ଦ୍ୱିତୀୟ ସିଙ୍ଗଲ୍ସ ଟାଇଟଲ।



ପୁରସ୍କାର ସହ ଜଗତ ଜ୍ୟୋତି ପତି।

# ସନ୍ତୋଷ ଟ୍ରଫି: କଷ୍ଟସାଧ୍ୟ ଗ୍ରୁପ୍‌ରେ ଓଡ଼ିଶା

**ନୂଆଦିଲ୍ଲୀ,୨୪।୯(ପି.ଟି.)**

ରବିବାର ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ପ୍ରକାଶ ପାଇଛି ସନ୍ତୋଷ ଟ୍ରଫି ଫୁଟବଲର ଗ୍ରୁପିଂ। ଅରୁଣାଚଳ ପ୍ରଦେଶରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ପାଇଁ ୬ ଗ୍ରୁପ୍‌ରେ ୩୦ ଦଳ ସ୍ଥାନ ପାଇଛନ୍ତି। ଗ୍ରୁପ୍ ବି'ରେ ସ୍ଥାନ ପାଇଥିବା ଓଡ଼ିଶା ଏକ କଷ୍ଟସାଧ୍ୟ ଗ୍ରୁପରେ ରହିଛି। ବେଙ୍ଗଲ, ପଞ୍ଜାବ, ଲଦାଖ, ହରିୟାଣା ଓ ଦିଲ୍ଲୀ ସହିତ ଦଳ ଗ୍ରୁପ୍ ବି'ରେ ସ୍ଥାନ ପାଇଛି।

**ଗ୍ରୁପ୍ ଏ:** ଜମ୍ମୁ କଶ୍ମୀର, ଗୁଜରାଟ, ଛତିଶଗଡ, ଗୋଆ ଓ କେରଳ।

**ଗ୍ରୁପ୍ ବି:** ଓଡ଼ିଶା, ବେଙ୍ଗଲ, ପଞ୍ଜାବ, ଲଦାଖ, ହରିୟାଣା ଓ ଦିଲ୍ଲୀ।

**ଗ୍ରୁପ୍ ସି:** ତାମିଲନାଡୁ, ମଣିପୁର, ନାଗାଲାଣ୍ଡ, ମଧ୍ୟ ପ୍ରଦେଶ ଓ ଉତ୍ତର ପ୍ରଦେଶ।

**ଗ୍ରୁପ୍ ଡି:** ଚଣ୍ଡୀଗଡ, ରେଲଓ୍ୱେଜ୍, ରାଜସ୍ଥାନ, ହିମାଚଳ ପ୍ରଦେଶ ଓ ବିହାର।

**ଗ୍ରୁପ୍ ଇ:** ମିଜୋରାମ, ସର୍ଭିସେସ୍, ପଣ୍ଡିଚେରୀ, ଦାଦ୍ରା ନଗର ହାବେଳୀ ଓ ଡାମନ ଡିଉ, ଉତ୍ତରାଖଣ୍ଡ ଓ ସିକ୍କିମ୍।

**ଗ୍ରୁପ୍ ଏଫ୍:** ଆଣ୍ଡାମାନ୍ ଓ ନିକୋବର, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ତ୍ରିପୁରା, ତେଲଙ୍ଗାନା ଓ ଲାକ୍ଷାଦ୍ୱୀପ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗାଙ୍ଗୁଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏମ୍‌ପି, ଛତିଶଗଡ଼ରେ ବିଜୟ ନିଶ୍ଚିତ: ରାହୁଲ

**ନୂଆଦିଲ୍ଲୀ,୨୩।୯ :** କଂଗ୍ରେସ ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ନିଶ୍ଚିତ ଭାବେ ବିଜୟୀ ହେବ। ରାଜସ୍ଥାନରେ କଡ଼ା ମୁକାବିଲା ହେଲେ ମଧ୍ୟ ବିଜୟ ଆଡ଼କୁ ଅଗ୍ରସର ହେବ। ତେଲଙ୍ଗାନାରେ ମଧ୍ୟ ଦଳ ଜିତିବା ସମ୍ଭାବନା ରହିଛି ବୋଲି ରବିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଏସ୍‌ପି ଏମ୍‌ପି ଦାନିସ୍ ଅଲୀଙ୍କୁ ଭାଜପା ନେତା ରମେଶ ବିଧୁରୀ 'ମୁସଲମାନ ଆତଙ୍କବାଦୀ' କହିବା ଜାତିଗତ ଜନଗଣନାରୁ ଧ୍ୟାନ ହଟାଇବା ପାଇଁ ଶାସକ ଦଳର ଏକ କୌଶଳ ବୋଲି ରାହୁଲ କହିଛନ୍ତି।


ନୂଆଦିଲ୍ଲୀରେ ରବିବାର ଦି କନ୍‌କ୍ଲେଭ୍ ୨୦୨୩ ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଆସାମର ପାରମ୍ପରିକ 'ସୋରାଇ' ପ୍ରଦାନ କରାଯାଉଛି।

# ମନ୍ କୀ ବାତ୍ ଶୁଣିଲେ ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୨୪।୯(ସୁନିତ୍ ମିଶ୍ର)**

### କାର୍ଯ୍ୟକ୍ରମରୁ ସବୁବେଳେ ନୂଆ ଶିଖିବାକୁ ମିଳିଥାଏ: ଧର୍ମେନ୍ଦ୍ର



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଭୁବନେଶ୍ୱର ରେଳ ଷ୍ଟେଶନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନେକ ନେତୃବୃନ୍ଦଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କୀ ବାତର ୧୦୫ତମ ଅଧ୍ୟାୟକୁ ଶୁଣିଛନ୍ତି। ଏନେଇ ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି ଯେ, ମନ୍ କୀ ବାତ୍ କାର୍ଯ୍ୟକ୍ରମରୁ ସବୁବେଳେ ନୂଆ ଶିଖିବାକୁ ମିଳିଥାଏ। ଆଜି ମଧ୍ୟ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମାଜରେ ପରିବର୍ତ୍ତନ ଆଣିବା ପାଇଁ ଇଚ୍ଛାଶକ୍ତି ବଢ଼ାଇବା ଓ ପ୍ରେରଣା ଦେବା ଭଳି ବିଷୟର କଥା କହିଛନ୍ତି। ହାଇଦ୍ରାବାଦର ସପ୍ତମ ଶ୍ରେଣୀରେ ପଢୁଥିବା ୧୧ ବର୍ଷୀୟ ଆକର୍ଷଣା ସତୀଶ ୭ଟି ଲାଇବ୍ରେରି ଚଳାଉଛନ୍ତି। କମ୍ ବୟସରେ ଗରିବ ପିଲାଙ୍କ ଭବିଷ୍ୟତ ଗଢ଼ିବା ଭଳି ମହାନ କାର୍ଯ୍ୟ କରୁଥିବା ଆକର୍ଷଣ ସମାଜ ପାଇଁ ଏକ ଆଦର୍ଶ। ସେହିପରି ଉତ୍ତରାଖଣ୍ଡର ନୈନିତାଲ ଜିଲାରେ ଯୁବ ବନ୍ଧୁମାନଙ୍କ ଦ୍ୱାରା ଅଭିନବ ଘୋଡ଼ା ଲାଇବ୍ରେରି ଉପରେ ପ୍ରଧାନମନ୍ତ୍ରୀଙ୍କ ଚର୍ଚ୍ଚା ସମସ୍ତଙ୍କୁ ବିଶେଷ ଭାବେ ଯୁବଶକ୍ତିଙ୍କୁ କିଛି ନୂଆ କରିବା ପାଇଁ ପ୍ରେରଣା ଦେଇଛି। ଏହି ଡିଜିଟାଲ ଯୁଗରେ ବହିର ଭୂମିକା ବିଷୟରେ ମଧ୍ୟ ପ୍ରଧାନମନ୍ତ୍ରୀ ଚର୍ଚ୍ଚା କରିଛନ୍ତି। ଏହି ପୁସ୍ତକ ଆମ ଜୀବନରେ ଜଣେ ଭଲ ବନ୍ଧୁର ଭୂମିକା ନିର୍ବାହ କରେ। ମୋଦିଙ୍କ ଆହ୍ୱାନକୁ ଆଗକୁ ବଢ଼ାଇବା ନେଇ ପିଲାମାନଙ୍କୁ ବହି ପଢ଼ିବା ପାଇଁ ପ୍ରେରିତ କରନ୍ତୁ। ଭାରତର ଜି-୨୦ ଅଧ୍ୟକ୍ଷତାରେ ଆମର ବିଶ୍ୱବିଦ୍ୟାଳୟ ଏବଂ ଯୁବକଙ୍କ ଜନ ଭାଗୀଦାରି ଉପରେ ପ୍ରଧାନମନ୍ତ୍ରୀ ଚର୍ଚ୍ଚା କରିଛନ୍ତି। ଦେଶର ସବୁ ବର୍ଗ ଜି-୨୦ କାର୍ଯ୍ୟକ୍ରମରେ ଯୋଡ଼ିହୋଇ ଜନତାଙ୍କ ପ୍ରେସିଡେନ୍ସି ରୂପରେ ସ୍ଥାପିତ କରିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱବିଦ୍ୟାଳୟରେ ପଢୁଥିବା ଦେଶର ଲକ୍ଷ ଲକ୍ଷ ଯୁବକ ପରସ୍ପର ସହ ଯୋଡ଼ିହୋଇ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ସେ ଉଲ୍ଲେଖ କରିଛନ୍ତି।


# ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**୰ରବିନ୍ଦ୍ର ପ୍ରଧାନ**
ବଡ଼ବାଣପୁର, ଖଣ୍ଡପଡ଼ା, ନୟାଗଡ଼
ଆବିର୍ଭାବ: ୦୫।୦୩।୧୯୬୨
ତିରୋଧାନ: ୨୫।୦୯।୨୦୧୯
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସାନଭାଇ: ବିଷ୍ଣି ପ୍ରଧାନ, ପୁଅ- ଚନ୍ଦନ, ଲାଲୁ, ଅନିରୁଦ୍ଧ, ପରିବାରବର୍ଗ ଓ ବନ୍ଧୁ ପରିଜନ।
ଧ-୧୩୯୧

**ତୃତୀୟ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**



**୰ଶଙ୍ଖଲାଭ ନାୟକ**
ଗ୍ରାମ- ଅଲଣ୍ଡା, ପୋ- କୁମାରପଡ଼ା, ନିମାପଡ଼ା, ଜିଲ୍ଲା-ପୁରୀ
ଆବିର୍ଭାବ: ୪।୧୦।୧୯୭୨
ତିରୋଧାନ: ୨୮।୮।୨୦୨୦
ଆପଣଙ୍କ ତିରୋଧାନରେ ଆମେ ସମସ୍ତେ ମର୍ମାହତ । ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ କାର୍ଯ୍ୟଦକ୍ଷତା ଆମମାନଙ୍କର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜଣାଉଛୁ।
ଶୋକସନ୍ତପ୍ତ : ତୁମର ହତଭାଗିନୀ ପତ୍ନୀ ଅନୁସୟା, ପୁତ୍ର- ସୁଧାଂଶୁ ନାୟକ, ମିତ୍ରାଂଶୁ ନାୟକ, ହିମାଂଶୁ ନାୟକ, ଜିଜ୍ଞାସୁ ନାୟକ।

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଦୁର୍ଗାମଣୀ ହୋତା**
ସତ୍ୟସାଇ ଆପାର୍ଟମେଣ୍ଟ, ଲୁଇସ୍ ରୋଡ଼, ଭୁବନେଶ୍ୱର
ତିରୋଧାନ: ୧୫.୦୯.୨୦୨୩
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ :
ପୁତ୍ର ଓ ପୁତ୍ରବଧୂ, କନ୍ୟା ଓ ଜାମାତା, ନାତି ଓ ନାତୁଣୀ
ଧ-୧୩।୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ ଇଂ. ପ୍ରମୋଦ କୁମାର ଷଡ଼ଙ୍ଗୀ**
ଜନ୍ମ: ୨୭।୦୨।୧୯୪୬
ତିରୋଧାନ: ୦୬।୦୯।୨୦୨୨
ବର୍ଷେ ବିତିଗଲା ଲାଗୁଛି ଯେପରି ତୁମେ ପାଖରେ ଅଛ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କୃପାରୁ ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଆମକୁ ଶୁଭ ଦୃଷ୍ଟିରେ ସେମିତି ଚାହିଁଥାନ୍ତୁ।
ଶ୍ରଦ୍ଧାଞ୍ଜଳି: ସୌମିକ, ସୁମନ, ସୋନାଲି, ଶର୍ମିଳି, ରୂପକ, ଜ୍ୟୋତିରଞ୍ଜନ, ଆକାଂକ୍ଷା, ସ୍ୱସ୍ତିକା, ଶ୍ରବ୍ୟା ଓ ଷଡ଼ଙ୍ଗୀ ପରିବାର
ଧ-୧୩।୮

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଉର୍ମିଳା ମହାପାତ୍ର**
ଗ୍ରାମ: ପଞ୍ଚୁରିଡ଼ା ମାନପୁର, ଶରଣକୁଳ ଓଡ଼ଗାଁ ବ୍ଲକ୍, ଜିଲ୍ଲା: ନୟାଗଡ଼
ଆବିର୍ଭାବ: ୨୨ ଜୁଲାଇ ୧୯୩୨
ତିରୋଧାନ: ୧୬ ସେପ୍ଟେମ୍ବର ୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନବୃନ୍ଦ
ଧ-୧୩୭୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ବ୍ରଜବିହାରି ଦାଶ**
ଜୟବଢ଼, ଜଗତ୍‌ସିଂହପୁର
ଆବିର୍ଭାବ: ୦୭।୦୮।୧୯୫୧
ତିରୋଧାନ: ୦୬।୦୯।୨୨
ଚାହୁଁ ଚାହୁଁ ବର୍ଷେ ବିତିଗଲା ତୁମେ ସିନା ଆମକୁ ଛାଡ଼ି ଚାଲିଗଲ, ହେଲେ ତୁମର ଉପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିପାରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ତଥା ଆମ ପାଇଁ ତ୍ୟାଗ ଆମର ଚିର ସ୍ମରଣୀୟ ହୋଇ ରହିଥିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ତୁମର ଅବର୍ତ୍ତମାନରେ ଶୋକାଭିଭୂତ: ଗୀତା, ଡୋନା, ପାପୁ, ଲୋରୀ, ପିଙ୍କୁଲି ଏବଂ ପରିବାରବର୍ଗ।
ଧ-୧୩।୯୦


# ୭.୫ ଲକ୍ଷ କୋଟିର ଦୁର୍ନୀତି: ମୋଦି ନୀରବ କାହିଁକି

### ଷ୍ଟାଲିନ୍‌ଙ୍କ ଟାର୍ଗେଟ

**ଚେନ୍ନାଇ,୨୩।୯:** ସିଏଜି ଧରିଥିବା ୭.୫ ଲକ୍ଷ କୋଟି ଟଙ୍କାର ଦୁର୍ନୀତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ କ୍ୟାବିନେଟ ସହଯୋଗୀମାନେ କାହିଁକି ଚୁପ୍ ବସିଛନ୍ତି ବୋଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଟାର୍ଗେଟ କରିଛନ୍ତି। ଡିଏମ୍‌କେ ଅଧ୍ୟକ୍ଷ ଷ୍ଟାଲିନ୍ 'ସ୍ପିକିଙ୍ଗ୍ ଫର୍ ଇଣ୍ଡିଆ' ପୋଡ୍‌କାଷ୍ଟର ଦ୍ୱିତୀୟ ଏପିସୋଡ୍‌ରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଆପଣ ସିଏଜି ରିପୋର୍ଟ ପଢ଼ିଛନ୍ତି କି? ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନରେ ଏହା ଉପରେ ଉତ୍ତର ଦେବା ତ ଦୂରର କଥା ଆଲୋଚନା ବି କଲେନାହିଁ। କାରଣ ମୋଦି ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ଭିନ୍ନ ଧରଣର ରାଜନୀତି କରୁଛନ୍ତି। ପ୍ରଧାନମନ୍ତ୍ରୀ ଗରିବ, ପଛୁଆ ବର୍ଗ, ଏସ୍‌ସି, ଏସ୍‌ଟିଙ୍କ ବିରୋଧରେ କାର୍ଯ୍ୟ କରୁଛନ୍ତି ବୋଲି ଦେଶବାସୀ ଜାଣିଲେଣି। ନିକଟରେ ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ନିର୍ବାଚନରେ ଭାଜପାର ପରାଜୟରୁ ଏହା ପ୍ରମାଣିତ ହୋଇସାରିଥିବା ଷ୍ଟାଲିନ୍ ସମାଲୋଚନା କରିଛନ୍ତି।

# ସୁପ୍ତ ଅବସ୍ଥାରେ ୩ ଦଳର ଯୁବ ସଙ୍ଗଠନ

**ଭୁବନେଶ୍ୱର, ୨୪।୯ (ସୁନିତ୍ ମିଶ୍ର)**

- ବିଧିବଦ୍ଧ ଭାବେ ଘୋଷଣା ହେଉନି ଯୁବ କଂଗ୍ରେସ ଭୋଟ୍ ଫଳାଫଳ
- ଯୁବମୋର୍ଚ୍ଚା ସଭାପତି କରିଦେଲେ, କମିଟି ହୋଇପାରୁନି

ଆସନ୍ତା ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ରାଜ୍ୟରେ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସର ଯୁବ ସଙ୍ଗଠନ ଏକପ୍ରକାର ନିଷ୍କ୍ରିୟ ହୋଇ ରହିଛନ୍ତି, ଯଦ୍ଵାରା ଯୁବ ନେତୃତ୍ୱକୁ ଆଗକୁ ଯିବା ଲାଗି ସେତେଟା ସୁଯୋଗ ମିଳୁ ନ ଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। କଂଗ୍ରେସର ଯୁବ ସଭାପତି ପଦ ଲାଗି ନିର୍ବାଚନ ସରିଥିଲେ ବି ବିଧିବଦ୍ଧ ଭାବେ ତାହା ଘୋଷଣା କରାଯାଉ ନାହିଁ। ଭାଜପା ଯୁବମୋର୍ଚ୍ଚାରେ ଯୁବ ସଭାପତି ପଦ ଲାଗି ନେତା ବଛା ସରିଥିଲେ ମଧ୍ୟ ତାଙ୍କ ନେତୃତ୍ୱରେ ଗଠନ ହେବାକୁ ଥିବା କମିଟି ଏ ପର୍ଯ୍ୟନ୍ତ ହୋଇପାରୁ ନାହିଁ। ସେହିପରି ଶାସକ ଦଳର ଯୁବ ଟିମ୍ କେବେଠାରୁ ଗଠନ ହୋଇସାରିଛି। ହେଲେ ଶାସକ ଦଳ ଯୁବ ସଙ୍ଗଠନର କୌଣସି ସେପରି ଆଖିଦୃଶିଆ କାର୍ଯ୍ୟକ୍ରମ ଦୀର୍ଘଦିନ ହେଲା ଦେଖିବାକୁ ମିଳୁନାହିଁ। ଫଳରେ ଯେଉଁ ପରିମାଣରେ ଯୁବଗୋଷ୍ଠୀ ରାଜନୀତିରେ ସାମିଲ ହେବାକୁ ଆଗେଇ ଆସିବା କଥା ସେହି ସଂଖ୍ୟା କମୁଥିବା କୁହାଯାଉଛି।

ବିଗତ ଦିନରେ ରାଜ୍ୟରେ ଯୁବ କଂଗ୍ରେସର ସଙ୍ଗଠନ ଅନ୍ୟ ରାଜନୈତିକ ଦଳ ତୁଳନାରେ ସୁଦୃଢ଼ ଥିଲା। ଯୁବ କଂଗ୍ରେସରେ ଯୋଗଦେବା ଲାଗି ଗୋଟେ ସମୟରେ ବହୁ ଯୁବତୀ, ଯୁବକ ଆଗ୍ରହ ପ୍ରକାଶ କରି ଆଗେଇ ଆସୁଥିଲେ। କହିବାକୁ ଗଲେ କଂଗ୍ରେସର ଯୁବ ସଙ୍ଗଠନ ଯୋଗୁ ଦଳ ରାଜ୍ୟରେ ଏକପ୍ରକାର ପ୍ରଭାବ ବିସ୍ତାର କରିବାରେ ସଫଳ ହେଉଥିଲା। ହେଲେ ଏବେ ଆଉ ସେ ସମୟ ନାହିଁ। ଯୁବ କଂଗ୍ରେସ ଏକପ୍ରକାର ଦୁର୍ବଳ ହୋଇପଡ଼ିଛି। ରାଜ୍ୟରେ କିଛି ମାସ ପୂର୍ବରୁ ଯୁବ କଂଗ୍ରେସ ସଭାପତି ପଦ ଲାଗି ଭୋଟ୍ ହୋଇଥିଲା। ଏଥିରେ ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ସଭାପତି ଥିବା ରଞ୍ଜିତ ପାତ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସାଗର ଦାସଙ୍କଠାରୁ ବିଜୟୀ ହୋଇଛନ୍ତି। ସାଗର ଦାସ ହେଉଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଦାସଙ୍କ ପୁଅ। ଗତ ଜୁଲାଇ ୨୫ରୁ ଯୁବ କଂଗ୍ରେସର ୱେବସାଇଟ୍‌ରେ ଫଳାଫଳ ପ୍ରକାଶ ପାଇଥିଲା। ହେଲେ ଏ ପର୍ଯ୍ୟନ୍ତ ରଞ୍ଜିତ ସଭାପତି ହେବା ନେଇ ଇଣ୍ଡିଆନ ଯୁଥ୍ କଂଗ୍ରେସ(ଆଇୱାଇସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଫଳରେ ଯୁବ କଂଗ୍ରେସର କୌଣସି କାର୍ଯ୍ୟକ୍ରମ ମଧ୍ୟ ଏ ପର୍ଯ୍ୟନ୍ତ ହୋଇପାରୁ ନାହିଁ। ଏନେଇ ରଞ୍ଜିତଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆସନ୍ତା ଗୋଟେ ସପ୍ତାହ ଭିତରେ ଘୋଷଣା ହୋଇଯିବ। ଯୁବ କଂଗ୍ରେସ ଇନ୍‌ଚାର୍ଜ ଯିଏ ଅଛନ୍ତି ତାଙ୍କ ମା'ଙ୍କ ଦେହ ଅସୁସ୍ଥ ଥିବାରୁ ଏଥିରେ ବିଳମ୍ବ ହେଉଛି। ତେବେ ନିର୍ବାଚନକୁ କମ୍ ଦିନ ଥିଲେ ମଧ୍ୟ ସଭାପତି ପଦ ଘୋଷଣା ହେବା ପରେ ସେ ରାଜ୍ୟବ୍ୟାପୀ କାମ କରିବାକୁ ସମୟ ପାଇବେ ବୋଲି କହିଛନ୍ତି।

ସେହିପରି ଭାଜପାର ଏସ୍‌ସି, ଏସ୍‌ଟି, ଓବିସି, କୃଷକ ଏବଂ ମହିଳା ମୋର୍ଚ୍ଚା ନିଜ ନିଜର କମିଟି ଘୋଷଣା କରିସାରିଲେଣି। ଯୁବମୋର୍ଚ୍ଚା ସଭାପତି ଭାବେ ଗତ ଅଗଷ୍ଟ ୪ରେ ଅଭିଳାଷ ପଣ୍ଡାଙ୍କୁ ଦାୟିତ୍ୱ ମିଳିଛି। ହେଲେ ଯୁବମୋର୍ଚ୍ଚାର ଯେଉଁ ରାଜ୍ୟ କମିଟି ଗଠନ ହେବା କଥା ତାହା ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ରାଜ୍ୟ କମିଟି ଲାଗି ତାଲିକା ମଧ୍ୟ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇପାରିନି। ଯେଉଁଥିଲାଗି ଯୁବମୋର୍ଚ୍ଚା ତା'ର କାର୍ଯ୍ୟକ୍ରମ କରିବାରେ ଏକପ୍ରକାର ବିଫଳ ହେଉଛି। ଦଳର ଏକାଧିକ ଶୀର୍ଷ ନେତାଙ୍କ ମାତ୍ରାଧିକ ହସ୍ତକ୍ଷେପ ଏବଂ ମତଭେଦ ଯୋଗୁ କମିଟି ଗଠନ ସମ୍ଭବ ହୋଇପାରୁ ନ ଥିବା ଚର୍ଚ୍ଚା ହେଉଛି। ମନମୋହନ ସାମଲ ଭାଜପା ରାଜ୍ୟ ସଭାପତି ଭାବେ ଦାୟିତ୍ୱ ନେବା ପରେ ମଧ୍ୟ କମିଟି ଗଠନ କରିବାରେ ବିଳମ୍ବ ହୋଇଥିଲା। ସେ ଦୁଇ ଥର କମିଟି ତାଲିକା ପ୍ରସ୍ତୁତ କରି ଦିଲ୍ଲୀ ଯିବା ସତ୍ତ୍ୱେ ତାହା ଗ୍ରହଣ ହୋଇପାରୁ ନ ଥିଲା। ଏହା ପଛରେ ମଧ୍ୟ ସେମାନଙ୍କ ଦଳର ଶୀର୍ଷ ନେତାମାନଙ୍କ ଭିତରେ ଚାଲିଥିବା ମତଭେଦ ମୁଖ୍ୟ କାରଣ ବୋଲି ଚର୍ଚ୍ଚା ହୋଇଥିଲା। ତେବେ ଏନେଇ ଅଭିଳାଷଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, କମିଟି ଏକ ଦଳୀୟ ପଦ୍ଧତିରେ ଗଠନ ହୋଇଥାଏ। କମିଟି ଗଠନରେ ବିଳମ୍ବ ହେଉଛି, ହେଲେ ମିଳିତ ନିଷ୍ପତ୍ତିରେ ଖୁବଶୀଘ୍ର ଏହା ଶେଷ ହୋଇଯିବ ବୋଲି ସେ କହିଛନ୍ତି।

ଶାସକ ବିଜେଡି ୨୦୧୯ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ବିଜୁ ଯୁବ ଜନତା ଦଳର କର୍ମୀଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରୁଥିଲା। କେନ୍ଦ୍ର ବିରୋଧରେ ଏକାଧିକବାର ଗ୍ୟାସ୍, ପେଟ୍ରୋଲ, ଡିଜେଲଠାରୁ ଆରମ୍ଭକରି ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ପ୍ରସଙ୍ଗରେ ବିଜୁ ଯୁବ ଜନତା ଦଳ ରାସ୍ତାକୁ ଓହ୍ଲାଇବା ସହ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ କରୁଥିଲା। ପରବର୍ତ୍ତୀ ସମୟରେ ଯୁବକମାନଙ୍କୁ ଦଳର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସାମିଲ କରାଯାଉଥିବା ଲକ୍ଷ୍ୟ କରାଯାଉଥିଲା। ହେଲେ ଦଳର ସେହି ଧାରାରେ ଏକପ୍ରକାର ବ୍ରେକ୍ ଲାଗିଛି ବୋଲି ଶାସକ ଦଳର ବହୁ ଯୁବଗୋଷ୍ଠୀ ଏବେ କହିବା ଆରମ୍ଭ କରିଛନ୍ତି। ଦଳର ଯୁବ କମିଟି ଗଠନ ହୋଇସାରିଥିଲେ ସୁଦ୍ଧା ସେମାନଙ୍କର ସେପରି କିଛି ଆଖିଦୃଶିଆ କାର୍ଯ୍ୟକ୍ରମ ଦେଖିବାକୁ ମିଳୁନାହିଁ। ଏନେଇ ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ କହିଛନ୍ତି, ପୂର୍ବରୁ ଯେଉଁ କାର୍ଯ୍ୟକ୍ରମ ହେଉଥିଲା ସେଥିରେ ଜିଲାକୁ ଗୌଣ କରାଯାଉଥିଲା। ପ୍ରଥମ ଥର ଦଳ ୱାର୍ଡଠାରୁ ଆରମ୍ଭକରି ପଞ୍ଚାୟତ ପର୍ଯ୍ୟନ୍ତ ବିଜୁ ଯୁବ ଜନତା ଦଳକୁ ସୁଦୃଢ଼ କରିଛି। ଜିଲାରେ ନେତୃତ୍ୱ ସମାବେଶ ସଫଳ ହୋଇଥିଲା। ପୂର୍ବରୁ ଏତେ ତଳସ୍ତରରୁ କେହି ସଙ୍ଗଠନକୁ ସଜାଡ଼ି ନ ଥିଲେ। ରାଜ୍ୟସ୍ତରରେ ବଡ଼ କାର୍ଯ୍ୟକ୍ରମ କରିଦେଇ ରହିଯାଉଥିଲେ। ଦଳର ଆଭିମୁଖ୍ୟକୁ ଦେଖି କାର୍ଯ୍ୟକ୍ରମ ଚାଲିଛି। ମୁଖ୍ୟମନ୍ତ୍ରୀ ବଡ଼ କାର୍ଯ୍ୟକ୍ରମ ନ କରି ତଳସ୍ତରରେ ଛୋଟ ଛୋଟ କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଧାନସଭା ସରିଲେ ପଞ୍ଚାୟତସ୍ତରର ସଭାପତିମାନଙ୍କୁ ନେଇ ଜିଲା ସଦର ମହକୁମାରେ ବିଭିନ୍ନ କାର୍ଯ୍ୟକ୍ରମ ହେବ ବୋଲି ସେ କହିଛନ୍ତି।


# Classified Everyday 0674-2580101, 2549949


REAL ESTATE
**SALE**

ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍‌ପମ୍ପ ନିକଟରେ sqft.-899/-, Adyanta College ପାଖରେ 750/- boundary, road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। 9861319999, 9658891108. D-75220

ଭୁବନେଶ୍ୱର ତମାଣ୍ଡୋ ବଜାର ନିକଟରେ 30' road, boundary, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ କିଣନ୍ତୁ। 7894216209. D-75215

ଝିଅ ବିଭାଘର ପାଇଁ ପୁରୀ-ପିପିଲି-ଜଟଣୀ ରୋଡ୍‌ରେ ୩୦ ଫୁଟ ରୋଡ୍‌ଥାଇ ୫ ଗୁଣ୍ଠ ଜମିକୁ 32,00,000/- ବିକ୍ରି କରିବି - 9853150290. D-75217

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

ପୁରୀ ସାକ୍ଷୀଗୋପାଳରେ 34000 ବର୍ଗଫୁଟ ଫାର୍ମହାଉସ୍ 40ଟି ନଡ଼ିଆ ଗଛ, ମାଛ ପୋଖରୀ ଥାଇ ବିକିବାକୁ ଚାହୁଁଛି। 7008833643. D-75221

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Newly open SPA positively health benefits with expert therapist. 9938843929.** D-75150

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75042

**Relax, Refresh your body, Mind at Saikrupa Spa with best therapies. 8984068077.** D-1358

Spa Kerala body Massage only best Therapist @699/- Bhubaneswar. 9337672475. D-1364

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**୩ୟ ଜନ୍ମଦିନ ଶୁଭେଚ୍ଛା**



**ଶୁଭଜିତ୍ (ଗାଙ୍ଗୁଲି)**
ଆଜି ତୋର ତୃତୀୟ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ- ତୋର ଭାଇ, ଭଉଣୀ (ମାସୁନ୍) ଓ ସମସ୍ତ ପରିବାରବର୍ଗ।
ଧ-୭୪୫।୫

**CLASSIFIED DISPLAY**
**MORE SPACE ' SAME PRICE**
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%
Mob:7656825212
7656825011


# ଆଜିଠୁ ପଞ୍ଚାୟତରେ ପଦଯାତ୍ରା କରି ପ୍ରଚାରପତ୍ର ବାଣ୍ଟିବ କଂଗ୍ରେସ


ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ରବିବାର ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରଚାର ପତ୍ରକୁ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୨୪।୯(ସୁନିତ୍ ମିଶ୍ର)**

ଓଡ଼ିଶାର ପ୍ରତି ପଞ୍ଚାୟତରେ କଂଗ୍ରେସ ପଦଯାତ୍ରା କରିବ। ପ୍ରତ୍ୟେକ ଘରକୁ ଯାଇ ରାଜ୍ୟରେ ୨୪ ବର୍ଷ ହେଲା କ୍ଷମତାରେ ଥିବା ବିଜେଡି ସରକାର ଏବଂ କେନ୍ଦ୍ରରେ ୯ ବର୍ଷରୁ ଅଧିକ ସମୟ ଧରି ଶାସନ କରୁଥିବା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଜନସାଧାରଣଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି ବୋଲି କହିବ। ଏଥିଲାଗି ଦଳ ପକ୍ଷରୁ ପ୍ରଚାରପତ୍ର ପ୍ରସ୍ତୁତ କରାଯାଇଛି। ଏହି ପ୍ରଚାର ପତ୍ରକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ରବିବାର ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଚାଲିବ ବୋଲି ଶରତ କହିଛନ୍ତି।

କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି ଯେ, ୨ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଶାରେ ବିଜେଡି ସରକାର ଶାସନରେ ରହିଛି। ତଥାପି ମଧ୍ୟ ରାଜ୍ୟର ସାମଗ୍ରିକ ସ୍ଥିତି ଅତ୍ୟନ୍ତ ଖରାପ ପରିସ୍ଥିତି ଦେଇ ଗତି କରୁଛି। ରାଜ୍ୟବାସୀଙ୍କୁ ବିଜେଡି ସରକାର ଦେଇ ଆସୁଥିବା ଅନେକ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି। ସେହିପରି ୨୦୧୪ ପରଠାରୁ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଚାଲିଛି। ହେଲେ ୨୦୧୪ ପୂର୍ବରୁ ଏବଂ ଏହାପରେ ସେ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ତାହା ଗୋଟିଏ ହେଲେ ପାଳନ କରିନାହାନ୍ତି। ଓଲଟି ବିଭିନ୍ନ ଜିନିଷର ଦରଦାମ୍ ବହୁ ଗୁଣାରେ ବଢ଼ିଯାଇଛି। ଦେଶବ୍ୟାପୀ କ୍ଷୁଦ୍ର, ମଧ୍ୟମ ଶିଳ୍ପ ସଂସ୍ଥାଗୁଡ଼ିକରେ ତାଲା ପଡ଼ିଗଲାଣି। ଏହିଭଳି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା କଥା ରାଜ୍ୟବାସୀଙ୍କ ନିକଟରେ ପହଞ୍ଚାଇବୁ । ଯଦି ସେହି ତଥ୍ୟ ଭୁଲ୍ ଥିବ ତାହାଲେ ଉଭୟ ସରକାର ଏହାକୁ ଖଣ୍ଡନ କରିବାର ସତ୍‌ସାହସ ଦେଖାନ୍ତୁ ବୋଲି ଶରତ କହିଛନ୍ତି।

# ବ୍ୟଥାଜନିତ ସମସ୍ୟାର ନିରାକରଣ

**ସେପ୍ଟେମ୍ବରକୁ 'ବିଶ୍ୱ ଯନ୍ତ୍ରଣା ସଚେତନତା ମାସ' ଭାବରେ ପାଳନ କରାଯାଇଥାଏ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**



ଡା. ରାଜେନ୍ଦ୍ର ସାହୁ

''ମଧୁମେହ ବା ଡାଇବେଟିସ୍ ପରବର୍ତ୍ତୀ ସମୟରେ ନ୍ୟୁରୋପ୍ୟାଥିକ୍ ପେନ୍ ବା ସ୍ନାୟୁଜନିତ ଯନ୍ତ୍ରଣାର ମୁଖ୍ୟ କାରଣ ବନିଯାଏ। ରୋଗୀମାନେ ପାଦରେ ଜଳାପୋଡ଼ା ହେବା, ଝିମ୍ ଝିମ୍ ଲାଗିବା, ଛୁଞ୍ଚି ଫୋଡିଲା ପରି ଅନୁଭବ ହେବା, ହାତରେ ସ୍ନାୟୁ ଦବିଯାଇ ଝିମ୍‌ଝିମ୍ ହେବା ଇତ୍ୟାଦି। ନ୍ୟୁରୋପ୍ୟାଥିକ୍ ପେନ୍ ହିଁ ମଧୁମେହ ରୋଗୀଙ୍କଠାରେ ବେଶି ଦେଖାଯାଏ। ସେହିପରି ୭୦-୮୦ ପ୍ରତିଶତ ବ୍ୟକ୍ତି କ୍ୟାନ୍‌ସରରେ ଆକ୍ରାନ୍ତ ହୋଇ ବ୍ୟଥାଜନିତ ସମସ୍ୟାରେ ଜୀବନର ଶେଷ ମୁହୂର୍ତ୍ତ ବିତାଇଥାଆନ୍ତି।''



ବର୍ତ୍ତମାନ ଆମେ ଯଦି ପରସ୍ପରକୁ ପଚାରିବା-କ'ଣ ହେଉଛି ମୁଖ୍ୟ ସ୍ୱାସ୍ଥ୍ୟ ସମସ୍ୟା ? କିଛି କହିବେ-ମଧୁମେହ ବା ଡାଇବେଟିସ୍, ହୃଦ୍‌ରୋଗ, କ୍ୟାନ୍‌ସର ଇତ୍ୟାଦି। କିନ୍ତୁ ସମସ୍ତେ ଅଳ୍ପବହୁତେ ନିଶ୍ଚିତ ରୂପେ ଅନୁଭବ କରିଥିବେ କିମ୍ବା ନିଜ ଘର, ପରିବାର ଏବଂ ସମ୍ପର୍କୀୟଙ୍କଠାରେ ପରିଲକ୍ଷିତ କରିଥିବେ ଯେ ବର୍ତ୍ତମାନ ଉପରୋକ୍ତ ରୋଗଠାରୁ 'ବ୍ୟଥାଜନିତ ରୋଗ (cronic pain) ହିଁ ଏକ ମୁଖ୍ୟ ସମସ୍ୟା ଭାବରେ ଉଭା ହୋଇଛି। ବିଭିନ୍ନ ଗବେଷଣା ଓ ପରିସଂଖ୍ୟାନ ମଧ୍ୟ ଏହାକୁ ମଧ୍ୟ ପ୍ରମାଣିତ କରୁଛି।

ସାଧାରଣ ଲୋକ ହିସାବରେ ମନରେ ପ୍ରଶ୍ନ ଉଠେ ଯେ ଏହି ବ୍ୟଥାଜନିତ ରୋଗ କ'ଣ ? ଏହାର ଅର୍ଥ ହେଉଛି ଯେ, ଯେଉଁ ବ୍ୟଥା ତିନି ମାସରୁ ଅଧିକ ସମୟ ଧରି ଆମ ଶରୀରରେ ଅଛି ଏବଂ ତାହାଦ୍ୱାରା ଆମର ଜୀବନଶୈଳୀ ପ୍ରଭାବିତ ହେଉଛି। ଏଥର ଯେମିତି ଆମ ପରିବାର ଆଡେ ନଜର ପକାଇବା, ତେବେ ଆମେ ଜାଣିପାରିବା ଯେ ଆମର ବାପା, ମା', ଜେଜେବାପା, ଜେଜେ ମା' କିମ୍ବା ଅଜା ଆଇ ଆଣ୍ଠୁବ୍ୟଥା, ସିଆଟିକା, ମାଇଗ୍ରେନ୍, ସ୍ନାୟୁଜନିତ ବ୍ୟଥା (neuropathic pain), ର୍‌ୟୁମାଟଏଡ୍ ଆର୍ଥ୍ରାଇଟିସ୍, ବେକ ବ୍ୟଥା, କ୍ୟାନ୍‌ସରଜନିତ ବ୍ୟଥା, ପାଦ ବ୍ୟଥା ଇତ୍ୟାଦି ଦୀର୍ଘକାଳୀନ ବ୍ୟଥାରେ ମାସ କିମ୍ବା ବର୍ଷ ବର୍ଷ ଧରି ପୀଡ଼ିତ ଥିବେ। କାହାକୁ ସକାଳେ ଉଠିଲେ ତଳି ପାଦ ବ୍ୟଥା ଯୋଗୁ ଛୋଟେଇ ଛୋଟେଇ ଚାଲୁଛନ୍ତି ତ କିଏ ଅଷ୍ଟିଓଆର୍ଥ୍ରାଇଟିସ୍‌ଜନିତ ଆଣ୍ଠୁବ୍ୟଥା ଦୈନନ୍ଦିନ କାର୍ଯ୍ୟକୁ ପ୍ରଭାବିତ କରୁଛି। ପୁଣି ଘରର କେହି ଜଣେ ସଦସ୍ୟ ହାତ ଆଙ୍ଗୁଠି ଝିମ୍‌ଝିମ୍ ବ୍ୟଥା, କାଲୁଆ ଯୋଗୁ ରାତିରେ ବାରମ୍ବାର ଉଠି ପଡୁଛନ୍ତି ତ କିଏ ସକାଳୁ ଉଠିଲେ ହାତ ମୁଠା କରିପାରୁନାହାନ୍ତି ସାଂଘାତିକ ବ୍ୟଥା ପାଇଁ। ଏହା ହେଉଛି ପ୍ରାୟ ଅନେକଙ୍କ ଘର ଘରର କାହାଣୀ। ଏପରି କି କିଛି ଲୋକ ଏଇ ବ୍ୟଥା ଥଣ୍ଡା ପାଇଁ କିମ୍ବା ପାଗ ପରିବର୍ତ୍ତନ ଯୋଗୁ ହେଉଛି କହି ମାସ ମାସ ଧରି ଅଣଦେଖା କରନ୍ତି। ଆଉ ଗୋଟେ କଥା ଏଠାରେ ସୂଚାଇ ଦେବା ଠିକ୍ ହେବ ଯେ ମଧୁମେହ ବା ଡାଇବେଟିସ୍ ପରବର୍ତ୍ତୀ ସମୟରେ ନ୍ୟୁରୋପ୍ୟାଥିକ୍ ପେନ୍ ବା ସ୍ନାୟୁଜନିତ ଯନ୍ତ୍ରଣାର ମୁଖ୍ୟ କାରଣ ବନିଯାଏ। ରୋଗୀମାନେ ପାଦରେ ଜଳାପୋଡା ହେବା, ଝିମ୍ ଝିମ୍ ଲାଗିବା, ଛୁଞ୍ଚି ଫୋଡିଲା ପରି ଅନୁଭବ ହେବା, ହାତରେ ସ୍ନାୟୁ ଦବିଯାଇ ଝିମ୍‌ଝିମ୍ ହେବା ଇତ୍ୟାଦି। ନ୍ୟୁରୋପ୍ୟାଥିକ୍ ପେନ୍ ହିଁ ମଧୁମେହ ରୋଗୀଙ୍କଠାରେ ବେଶି ଦେଖାଯାଏ। ସେହିପରି ୭୦-୮୦ ପ୍ରତିଶତ ବ୍ୟକ୍ତି କ୍ୟାନ୍‌ସରରେ ଆକ୍ରାନ୍ତ ହୋଇ ବ୍ୟଥାଜନିତ ସମସ୍ୟାରେ ଜୀବନର ଶେଷ ମୁହୂର୍ତ୍ତ ବିତାଇଥାଆନ୍ତି।



ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ, ସାରା ପୃଥିବୀରେ ୨୫-୩୦ ପ୍ରତିଶତ ଲୋକ ଦୀର୍ଘକାଳୀନ ବ୍ୟଥାରେ ଆକ୍ରାନ୍ତ। ବ୍ୟଥା ସାଧାରଣତଃ ବିଭିନ୍ନ ରୋଗର ଲକ୍ଷଣ ଭାବରେ ଗଣାଯାଏ। କିନ୍ତୁ ଦୀର୍ଘକାଳୀନ ବ୍ୟଥା ହିଁ ଏକ ରୋଗ ରୂପେ ପରିଗଣିତ କରାଯାଏ।

ତେବେ ପ୍ରଶ୍ନ ଉଠେ-କାହିଁକି ଏତେ ମାତ୍ରାରେ ଦୀର୍ଘକାଳୀନ ବ୍ୟଥା ସମସ୍ୟା ବଢ଼ିଯାଇଛି ? ପ୍ରଥମତଃ ଆମର ଜୀବନଶୈଳୀରେ ଖାଦ୍ୟପେୟର ପରିବର୍ତ୍ତନ ଏବଂ ମେଦବହୁଳତା ଇତ୍ୟାଦି ମୁଖ୍ୟ କାରଣ। ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କଲେ ଆମେ ନିଜକୁ କେତେକ ରୋଗଠାରୁ କେତେକାଂଶରେ ଦୂରେଇ ରଖିପାଇବା। ନିୟମିତ ବ୍ୟାୟାମ ନ କଲେ, ସୁଷମ ଖାଦ୍ୟ ନ ଖାଇଲେ, ଏକ ନିୟନ୍ତ୍ରିତ ଜୀବନଶୈଳୀ ଅନୁସରଣ ନ କଲେ ଏଭଳି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି।

ଆଜିକାଲି ରୋଗ ନିରୂପଣ ପାଇଁ ଏମଆରଆଇ, ସିଟି ସ୍କାନ୍, ଅଲଟ୍ରାସାଉଣ୍ଡ ଆଦି ବିଭିନ୍ନ ପ୍ରକାର ପ୍ରଣାଳୀରେ ରୋଗଗୁଡିକୁ ସହଜରେ ନିରୂପଣ କରାଯାଇପାରୁଛି।

ତେବେ ଦୀର୍ଘକାଳୀନ ବ୍ୟଥାର କିପରି ଚିକିତ୍ସା ଏବଂ ନିରାକରଣ କରାଯାଇପାରିବ ? ଏବେ ପେନ୍ ମ୍ୟାନେଜମେଣ୍ଟ/ପେନ୍ ମେଡିସିନ୍ ଗୋଟିଏ ସୁପରସ୍ପେଶାଲିଟି ସବଜେକ୍ଟ ଭାବେ ଆଗଧାଡିରେ ପହଞ୍ଚିଛି। ପେନ୍ ମ୍ୟାନେଜମେଣ୍ଟ ଡାକ୍ତରମାନେ ସାଧାରଣତଃ ଏମ.ଡି./ପି.ଜି. ପରେ ପୁଣି କ୍ରୋନିକ୍ ପେନ୍ ମ୍ୟାନେଜମେଣ୍ଟ କୋର୍ସରେ ୨-୩ ବର୍ଷ ପ୍ରଶିକ୍ଷଣ ନେଇଥାଆନ୍ତି। ଏଇ ବିଭାଗରେ ପ୍ରଶିକ୍ଷିତ ଡାକ୍ତରମାନେ ସବୁପ୍ରକାର ଦୀର୍ଘକାଳୀନ ବ୍ୟଥା ଯେମିତିକି-ଆଣ୍ଠୁଗଣ୍ଠିଜନିତ ବ୍ୟଥା, ଅଣ୍ଟା, ବେକ ବ୍ୟଥା (spinal pain), ସିଆଟିକା, ମୁଣ୍ଡବ୍ୟଥା, ପାଦ ବ୍ୟଥା, ସ୍ନାୟୁଜନିତ ବ୍ୟଥା, ମୁହଁଜନିତ ବ୍ୟଥା (facial pain) ଏବଂ କ୍ୟାନ୍‌ସରଜନିତ ବ୍ୟଥାର ଠିକ୍ କାରଣ ଓ ଚିକିତ୍ସା ବିଷୟରେ ବିଶେଷ ଧ୍ୟାନ ଦିଅନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ପେନ୍ ମ୍ୟାନେଜମେଣ୍ଟ ସ୍ପେଶାଲିଷ୍ଟ ଡାକ୍ତରମାନେ ବିନା ଅପରେଶନ ଚିକିତ୍ସା ଉପରେ ଗୁରୁତ୍ୱ ଦେଇଥାଆନ୍ତି।

ଦୀର୍ଘକାଳୀନ ବ୍ୟଥା ମଧ୍ୟରେ ଅନ୍ୟତମ ହେଉଛି ଅଣ୍ଟା ବ୍ୟଥା। ଅଣ୍ଟା ବ୍ୟଥାର ବହୁତ କାରଣ ଅଛି। ବେଳେବେଳେ ଅଣ୍ଟାରୁ ଆରମ୍ଭ ହୋଇ ଗୋଡ ଯାଏ ବ୍ୟଥା ହୁଏ। ଏସବୁକୁ ଏପରି କି ସ୍ପାଇନ୍ ମସଲସ କିମ୍ବା ସ୍ନାୟୁରୁ ମଧ୍ୟ ବ୍ୟଥା ଆସିପାରେ। ଠିକ୍ ପରୀକ୍ଷା ନିରୀକ୍ଷା କରି ପ୍ରକୃତ କାରଣ ଖୋଜିବା ହିଁ ଜଟିଳ ପଦ୍ଧତି। କିନ୍ତୁ ଠିକ୍ ଔଷଧ, ଫିଜିଓଥେରାପି ଏବଂ ନିୟମିତ ବ୍ୟାୟାମ ଦ୍ୱାରା ଏହି ରୋଗ ଠିକ୍ ହୋଇପାରିବେ। ଏ ବିଷୟରେ ଅଭିଜ୍ଞ ପେନ୍ ମ୍ୟାନେଜମେଣ୍ଟ ସ୍ପେଶାଲିଷ୍ଟ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ସେହିପରି ଆଣ୍ଠୁ ବ୍ୟଥାର ଚାରୋଟି ଷ୍ଟେଜ୍ ଅଛି। ମୁଖ୍ୟତଃ ଅନ୍ତିମ ଷ୍ଟେଜ୍‌ରେ ଆଣ୍ଠୁ ପ୍ରତିରୋପଣ (knee replacement) ଅପରେଶନ ଦରକାର ହୁଏ। ନ ହେଲେ ଅବଶିଷ୍ଟ ତିନୋଟି ଷ୍ଟେଜ୍‌ରେ ଡାକ୍ତର କେତେଗୁଡିଏ ଚିକିତ୍ସା ପ୍ରଣାଳୀ ଅନୁସରଣ କରି ଏହାର ଚିକିତ୍ସା କରିଥାଆନ୍ତି।

ଏଇ ପେନ୍ କ୍ଲିନିକ ଏବଂ ପେନ୍ ମ୍ୟାନେଜମେଣ୍ଟ ବିଦେଶରେ ସବୁ ଡାକ୍ତରଖାନାରେ ଉପଲବ୍ଧ। ତେଣୁ ଆମ ରାଜ୍ୟରେ ଏହି ସୁବିଧା କେବଳ କଟକ କିମ୍ବା ଭୁବନେଶ୍ୱରରେ ସୀମିତ ନ ରହି ଯଦି ରାଜ୍ୟର ସବୁ ଜିଲାରେ ଉପଲବ୍ଧ ହୋଇପାରନ୍ତା ତେବେ ସମସ୍ତେ ଏହାର ସୁଫଳ ପାଇପାରନ୍ତେ।

-ସିନିୟର ପେନ୍ ମ୍ୟାନେଜମେଣ୍ଟ ସ୍ପେଶାଲିଷ୍ଟ
କିମ୍‌ସ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ, ଭୁବନେଶ୍ୱର
ମୋ: ୮୫୯୭୩୮୪୨୮୬

## ଏକୁଟିଆପଣ ଦୂର କରିବ ରୋବୋ



**ଆ**ଜିକାଲି ବିଭିନ୍ନ କ୍ଷେତ୍ରରେ ରୋବୋକୁ ବ୍ୟବହାର କରାଯାଉଛି। ନିକଟରେ ଜାପାନର ବୈଜ୍ଞାନିକମାନେ ଏଭଳି ଏକ ରୋବୋ ପ୍ରସ୍ତୁତ କରିଛନ୍ତି ଯାହା ମାନବ ସମାଜ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ। ଏହି ନୂତନ ହାଇଟେକ୍ ରୋବୋ ଅବସାଦ ଦୂର କରିବାରେ ଅନେକାଂଶରେ ସହାୟକ ହେବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତା'ପରେ ଜଣେ ଅବସାଦଗ୍ରସ୍ତ ବ୍ୟକ୍ତି କିପରି ଅବସାଦଠାରୁ ନିଜକୁ ଦୂରେଇ ରଖିବେ ସେ ନେଇ ଟିପ୍ସ ଦେବ। କେବଳ ସେତିକି ନୁହେଁ, ଭାରାକ୍ରାନ୍ତ ମନକୁ ହାଲୁକା କରିବା ପାଇଁ ଜଣେ ବ୍ୟକ୍ତି ଏହା ସହ ଖେଳିପାରିବ ଏବଂ ମନ ପସନ୍ଦର ଗୀତ ମଧ୍ୟ ଶୁଣିପାରିବ।

## ବାୟୁ ପ୍ରଦୂଷଣ ଓ କିଡ୍‌ନୀ ସମସ୍ୟା



**ଆ**ମେ ସମ୍ମୁଖୀନ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ମଧ୍ୟରୁ ଅନ୍ୟତମ ପ୍ରମୁଖ ବିଷୟଟି ହେଉଛି କିଡ୍‌ନୀ ସମସ୍ୟା। ଏହାର ଅନେକ କାରଣ ରହିଛି। ତେବେ ଏହି ତାଲିକାରେ ନିକଟରେ ଆଉ ଏକ କଥା ଯୋଡ଼ାଯାଇଛି। ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ସର୍ଭେ କରି ଜାଣିପାରିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ପ୍ରଦୂଷିତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସନ୍ତି ତେବେ ତାଙ୍କଠାରେ କିଡ୍‌ନୀଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ପ୍ରଦୂଷିତ ବାୟୁମଣ୍ଡଳରେ ଅଧିକ ସମୟ ରହୁଥିବା କିଛି ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୩୫ ପ୍ରତିଶତ ବ୍ୟକ୍ତିଙ୍କଠାରେ କିଡ୍‌ନୀ ସମସ୍ୟା ଦେଖିବାକୁ ମିଳିଥିଲା ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି। ଏପରି କି ସଂପୃକ୍ତ ବ୍ୟକ୍ତି କିଡ୍‌ନୀ ଫେଲ୍ୟୁରର ସାମ୍ନା କରିବା ଅସମ୍ଭବ ନୁହେଁ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।

## ଉପକାରୀ ଧନିଆ



**ବି**ଶେଷଭାବରେ ଖାଦ୍ୟ ପ୍ରସ୍ତୁତିରେ ଧନିଆ ବ୍ୟବହାର କରାଯାଇଥାଏ। ତା'ସହ ଧନିଆପତ୍ର ଚଟଣିର ସ୍ୱାଦ ନିଆରା। ତେବେ ଧନିଆରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହା ହେଉଛି ଭିଟାମିନ୍ 'ଏ'ର ଅନ୍ୟତମ ଉତ୍ସ। ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟିଶକ୍ତିକୁ ଆହୁରି ତୀକ୍ଷ୍ଣ କରିଥାଏ। ଏହାର ସବୁଠାରୁ ଭଲ ଗୁଣ ହେଉଛି ଧନିଆ ଖାଇଲେ ତାହା ଅଜୀର୍ଣ୍ଣ ସମସ୍ୟାକୁ ଦୂର କରେ। ରକ୍ତଚାପ ରୋଗୀଙ୍କ ପାଇଁ ଧନିଆ ବେଶ୍ ଉପକାରୀ। ଏଥିରେ କ୍ୟାଲସିୟମ ଭରି ରହିଛି। ତେଣୁ ଏହାକୁ ଖାଇବା ଦ୍ୱାରା ଅସ୍ଥି ମଜଭୁତ ହୋଇଥାଏ। ଆମ ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିବା ନିହାତି ଦରକାର। ନ ହେଲେ ତାହା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ତେଣୁ କୋଲେଷ୍ଟରଲକୁ ସନ୍ତୁଳିତ ରଖିବାରେ କେତେକାଂଶରେ ସହାୟକ ହୋଇଥାଏ ଧନିଆ। ଏଥିରେ ଥିବା ଆଇରନ୍ ତତ୍ତ୍ୱ ରକ୍ତହୀନତା ସମସ୍ୟାକୁ ଦୂର କରେ।

## ଦୃଷ୍ଟିଶକ୍ତିକୁ ଦୃଢ଼ କରେ ଲେମ୍ବୁପାଣି



**ଲେ**ମ୍ବୁପାଣିରେ ଅନେକ ପ୍ରକାର ଉପକାରୀ ଗୁଣ ରହିଛି। ସବୁଠାରୁ ଖାସ୍ କଥା ହେଲା ଦୃଷ୍ଟିଶକ୍ତିକୁ ଦୃଢ଼ କରିବାରେ ଏହି ପାଣି ଅନେକାଂଶରେ ସାହାଯ୍ୟ କରିଥାଏ। ଏଭଳି ସମସ୍ୟା ସହ ଜଡିତ କିଛି ବ୍ୟକ୍ତିଙ୍କୁ ନିୟମିତ ଲେମ୍ବୁପାଣି ପିଇବାକୁ ୟୁନିଭର୍ସିଟିର ଅଫର ଲଣ୍ଡନର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ କିଛି ସପ୍ତାହ ଅନ୍ତରାଳରେ ସେମାନଙ୍କର ଚକ୍ଷୁ ପରୀକ୍ଷା କରାଯିବାରୁ ଏମାନଙ୍କ ମଧ୍ୟରୁ ଅନେକ ଲୋକଙ୍କର ଦୃଷ୍ଟି ଶକ୍ତି ପୂର୍ବାପେକ୍ଷା ଦୃଢ଼ ହେଉଥିବାର ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଦେଖିବାକୁ ପାଇଥିଲେ। କେବଳ ସେତିକି ନୁହେଁ, ଏହି ପାଣିରେ ମଧ୍ୟ କ୍ୟାନସର ନିରୋଧୀ ଗୁଣ ରହିଛି ବୋଲି ସେମାନେ ସୂଚନା ପାଇଛନ୍ତି। ବିଶେଷଭାବରେ ଲେମ୍ବୁ ପାଣି ଆମ ଶରୀର ପାଇଁ ଫ୍ଲୁଇଡ୍ ଆକାରରେ କାମ କରିଥାଏ। ଏହାକୁ ପିଇବା ଦ୍ୱାରା ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିଥାଏ। ଅନ୍ୟପକ୍ଷରେ ଏହି ପାଣି ପିଇବା ଦ୍ୱାରା ଶରୀରରେ ଅମ୍ଳଜାନର ଅଭାବ ପୂରଣ ହୁଏ।

## ବ୍ଲଡ ଗ୍ରୁପ୍‌ରୁ ହୋଇପାରେ ହାର୍ଟ ଆଟାକ୍

**ହା**ର୍ଟ ଆଟାକ୍ ବା ହୃଦ୍‌ଘାତର ବିଭିନ୍ନ କାରଣ ରହିଛି। ବିଶେଷଭାବରେ ହୃତ୍‌ପିଣ୍ଡକୁ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି ହେଲେ ତାହାର ପ୍ରଭାବ ହୃତ୍‌ପିଣ୍ଡ ଉପରେ ପଡ଼ିଥାଏ ଏବଂ ଏଥିଯୋଗୁ ମୁଖ୍ୟତଃ ହାର୍ଟ ଆଟାକ ହୋଇଥାଏ। ତେବେ ଏହାପଛରେ ବ୍ଲଡଗ୍ରୁପ୍‌ର ସମ୍ପର୍କ ରହିଛି ବୋଲି ପୂର୍ବାନୁମାନ କରିଛନ୍ତି ୟୁନିଭର୍ସିଟି ଅଫ ଲଣ୍ଡନର ହୃଦ୍‌ଶଲ୍ୟ ବିଶେଷଜ୍ଞମାନେ। ଏକ ମଧ୍ୟବର୍ତ୍ତିକାଳୀନ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, 'ଓ' ବ୍ଲଡ ଗ୍ରୁପ୍ ଥିବା ବ୍ୟକ୍ତିମାନଙ୍କଠାରେ ଏଭଳି ଆଶଙ୍କା କମ୍ ରହିଛି। ତେବେ 'ଏ' ଏବଂ 'ବି' ଗ୍ରୁପ୍ ବିଶିଷ୍ଟ ରକ୍ତଧାରଣ କରିଥିବା ଲୋକମାନେ ହାର୍ଟ ଆଟାକର ସମ୍ମୁଖୀନ ହେବାର ଆଶଙ୍କା ଅଧିକ। ତେବେ ଏ ନେଇ ସେମାନେ କେବଳ ପୂର୍ବାନୁମାନ କରିଛନ୍ତି।



## ସ୍ୱାସ୍ଥ୍ୟ ସୂଚନା

➢ଘରେ ଯଦି କିଛି ମେଡିସିନ୍ ରଖୁଛନ୍ତି ତେବେ ସେଗୁଡିକର ଏକ୍ସପାଏରି ତାରିଖ ଡାଏରୀରେ ଟିପି ରଖନ୍ତୁ।

➢ଔଷଧ ବିଷୟରେ ସବିଶେଷ ଜ୍ଞାନ ନ ଥିବା ଲୋକଙ୍କର ପରାମର୍ଶ ନିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଆପଣଙ୍କର ସ୍ୱାସ୍ଥ୍ୟ ସମସ୍ୟା ଆହୁରି ବିଗିଡି ଯିବ।

➢ଅନ୍ତତଃ ସପ୍ତାହକୁ ଥରେ ନିଜର ବ୍ଲଡପ୍ରେସର ଏବଂ ମାସକୁ ଥରେ ରକ୍ତରେ ସୁଗାର ପରିମାଣ ମାପି ନିଅନ୍ତୁ।

➢ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ଆପଣଙ୍କର ଯଦି ଅନ୍ୟ କିଛି ସ୍ୱାସ୍ଥ୍ୟଗତ ସମସ୍ୟା ରହିଛି ସେ ବିଷୟରେ ଜଣାଇ ଦିଅନ୍ତୁ। ଏହାଦ୍ୱାରା ସେ ଠିକ୍ ଭାବରେ ଆପଣଙ୍କର ଚିକିତ୍ସା କରିପାରିବେ।

➢ସକାଳୁ ବିଛଣାରୁ ଉଠିବା ସମୟରେ କିଛି ସମୟ ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କରନ୍ତୁ।

➢ଯଦି ଆପଣଙ୍କର ଡାଇବେଟିସ୍



ସମସ୍ୟା ରହିଛି, ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଦୃଷ୍ଟି ଶକ୍ତି, ହାର୍ଟ, କିଡ୍‌ନୀ ଏବଂ ଲିଭରର ପରୀକ୍ଷା କରାଇ ନିଅନ୍ତୁ। କାରଣ ଯଦି ରକ୍ତରେ ସବୁବେଳେ ସୁଗାର ପରିମାଣ ଅସନ୍ତୁଳିତ ରହିଲା ତେବେ ଏଗୁଡିକ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି।

➢ଚାପଗ୍ରସ୍ତ ହୋଇ କୌଣସି କାମ କରନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କର ମାନସିକତା ନକାରାତ୍ମକ ପରିବେଶରେ ରହିବ। ତେଣୁ ସବୁବେଳେ ହାଲୁକା ମନରେ ଏବଂ ନିଜକୁ ଟେନସନ ଫ୍ରି ରଖି କାମ କରନ୍ତୁ।

# କ୍ଲୋନିଂର ଜନକ ଆୟାନ ଉଇଲମଟ୍



ଇଂ ମାୟାଧର ସ୍ୱାଇଁ

**ଗୋ**ଟିଏ ସ୍ତନ୍ୟପାୟୀ ପ୍ରାଣୀର କ୍ଲୋନିଂ କରି ଇତିହାସ ରଚନା କରିଥିବା ଇଂଲଣ୍ଡର ଜୀବ ବିଜ୍ଞାନୀ ଆୟାନ ଉଇଲମଟ୍ ୭୯ ବର୍ଷ ବୟସରେ ଏହି ବର୍ଷ ସେପ୍ଟେମ୍ବର ୧୦ ତାରିଖରେ ଇହଲୀଳା ସମ୍ବରଣ କରିଛନ୍ତି। ସେ ଓ ତାଙ୍କର ସହକର୍ମୀମାନେ କ୍ଲୋନିଂ ଉପାୟରେ ଡଲି ନାମକ ଏକ ମେଣ୍ଢା ଛୁଆକୁ ୧୯୯୬ ମସିହା ଜୁଲାଇ ମାସରେ ଜନ୍ମ କରାଇଥିଲେ। ସେ ଏହି ଖବରକୁ ୧୯୯୭ ମସିହା ଫେବୃୟାରୀରେ ଘୋଷଣା କରିବା ପରେ ପୃଥିବୀରେ ଏହା ଚାଞ୍ଚଲ୍ୟ ଖେଳିଯାଇଥିଲା। ଅନେକ ବ୍ୟକ୍ତି ବିଜ୍ଞାନର ଏହି ଚମତ୍କାରିତାକୁ ସ୍ୱାଗତ କରିଥିବା ବେଳେ ଅନ୍ୟ କେତେକ ଏହାର ତୀବ୍ର ସମାଲୋଚନା କରିଥିଲେ। କାରଣ ଏହି ଉପାୟରେ ମନୁଷ୍ୟର କ୍ଲୋନିଂ ହେବାର ସମ୍ଭାବନା ଦେଖାଦେଇଥିଲା ଏବଂ ନୈତିକତା ବିରୋଧୀ ମନେ କରାଯାଉଥିଲା।

ଡଲି ଜନ୍ମ ହେବା ପୂର୍ବରୁ କ୍ଲୋନିଂ ପଦ୍ଧତିରେ ଯାହା କରାଯାଉଥିଲା, ତାହା ଭ୍ରୂଣ କୋଷକୁ ନେଇ ହୋଇଥିଲା। ମାତ୍ର ଉଇଲମଟ୍ ଗୋଟିଏ ପରିପକ୍ୱ ଜୀବକୋଷ ଭିତରେ ଥିବା ସୁପ୍ତ ଆନୁବଂଶିକ ଜିନ୍‌କୁ ସକ୍ରିୟ କରାଇ ସେ ଏଥିରେ ସଫଳ ହୋଇଥିଲେ। ଏହି ପଦ୍ଧତି ଆରମ୍ଭ କରିବା ପୂର୍ବରୁ ସେ ଜୀବକୋଷ ବିଭାଜନ ପ୍ରକ୍ରିୟାକୁ ନିଷ୍କ୍ରିୟ କରିବାର କୌଶଳ ବାହାର କରିଥିଲେ।

ଉଇଲମଟ୍ ଗୋଟିଏ ଛଅ ବର୍ଷର ମାଈ ଗର୍ଭବତୀ ମେଣ୍ଢାର ପହ୍ନାରୁ ଜୀବକୋଷ ସଂଗ୍ରହ କଲେ ଏବଂ ଏହାର ବିଭାଜନକୁ ବନ୍ଦ କରିବା ପାଇଁ ଏହାକୁ ନିଷ୍କ୍ରିୟ କଲେ। ସେ ଅନ୍ୟ ଏକ ମାଈ ମେଣ୍ଢାର ଡିମ୍ବାଶୟରୁ ଗର୍ଭଧାନ ହୋଇ ନ ଥିବା ଗୋଟିଏ ଡିମ୍ବାଣୁ ସଂଗ୍ରହ କଲେ ଏବଂ ଏହାର କୋଷ ଭିତରକୁ ନାଭିକକୁ ବାହାର କରିଦେଲେ। ଫଳରେ ନାଭିକ ସହ ଏହା ଭିତରେ ଥିବା ବଂଶାନୁକ୍ରମ ଲକ୍ଷଣଧାରୀ ଗୁଣସୂତ୍ରଗୁଡିଏ ମଧ୍ୟ ବାହାରିଲା। ଡିମ୍ବାଣୁ କୋଷ ଭିତରେ କେବଳ କୋଷରସ (ସାଇଟୋପ୍ଲାଜମ୍) ଏବଂ ବିଭିନ୍ନ କୋଷୀୟ କଣିକା ରହିଲା। ସେ ଏହାପରେ ସୁସୁପ୍ତି ଅବସ୍ଥାରେ ଥିବା ପହ୍ନାକୋଷ ଓ ନାଭିବିହୀନ ଡିମ୍ବାଣୁ କୋଷକୁ ଏକତ୍ର ରଖି ମୃଦୁ ବିଦ୍ୟୁତ ଆଘାତ କରିବାରୁ ଭ୍ରୂଣ କୋଷ ସୃଷ୍ଟି ହେଲା। ଏକ ସପ୍ତାହ ପରେ ସେ ଏହାକୁ ଅନ୍ୟ ଏକ ମାଈ ମେଣ୍ଢାର ଗର୍ଭାଶୟରେ ସ୍ଥାପନ କଲେ। ଏହିପରି ଭାବେ ତିନୋଟି ମାଈ ମେଣ୍ଢା ସାହାଯ୍ୟରେ ଡଲି ଜନ୍ମ ନେଲା। ଏହି କାର୍ଯ୍ୟ ସହଜ ନ ଥିଲା। ତିନି ଶହ ଥର ଚେଷ୍ଟା ପରେ ସେ ଏଥିରେ ସଫଳ ହୋଇଥିଲେ।





ଡଲି ମେଣ୍ଢା ଭଳି ବଞ୍ଚିଥିଲା ଏବଂ ଅନେକ ଛୁଆ ଜନ୍ମ କରିଥିଲା। ଶେଷରେ ୨୦୦୩ ଫେବୃୟାରୀ ୧୪ ତାରିଖରେ ଫୁସଫୁସ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲା। କ୍ଲୋନିଂ ସହିତ ଏହି ରୋଗର କୌଣସି ସମ୍ପର୍କ ନ ଥିଲା। ବିବିସି ନ୍ୟୁଜ ଏବଂ ସାଇଣ୍ଟିଫିକ୍ ଆମେରିକାନ୍ ଏହାକୁ ପୃଥିବୀ ସବୁଠାରୁ ବିଖ୍ୟାତ ମେଣ୍ଢା ଭାବେ ଅଭିହିତ କରିଥିଲେ। ଏହାର ମୃତ ଶରୀରକୁ ସ୍କଟଲାଣ୍ଡର ଜାତୀୟ ସଂଗ୍ରହାଳୟରେ ରଖାଯାଇଛି। ତା' ମୃତ୍ୟୁ ପରେ ଉଇଲମଟ୍ କହିଥିଲେ, 'ଡଲି ଅତି ଗୁରୁତ୍ୱପୂର୍ଣ୍ଣ ପ୍ରାଣୀ ଥିଲା, ଯିଏ ଗୋଟିଏ ବଡ଼ ବିଜ୍ଞାନ ଆବିଷ୍କାରର ଅଂଶ ଥିଲା।'

ଆୟାନ୍ ଉଇଲମଟ୍ ୧୯୪୪ ମସିହା ଜୁଲାଇ ୭ ତାରିଖରେ ଇଂଲଣ୍ଡର ହାମ୍ପଟନ୍ ଲୁସି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ପିତା ଲିନୋର୍ଡ ଉଇଲମଟ୍ ଏବଂ ମାତା ଏଇଲିନ୍ ଉଇଲମଟ୍ ଉଭୟେ ଥିଲେ ଶିକ୍ଷକ। ସେ ନଟିଙ୍ଗହାମ୍ ବିଶ୍ୱବିଦ୍ୟାଳୟରୁ ୧୯୬୭ ମସିହାରେ ପ୍ରାଣୀ ବିଜ୍ଞାନରେ ସ୍ନାତକ ଡିଗ୍ରୀ ଲାଭ କରି କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କଲେ। ସେଠାରୁ ସେ ୧୯୭୧ରେ ଭ୍ରୂଣ ବିଜ୍ଞାନରେ ଡକ୍ଟରେଟ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଏଡିନବର୍ଗଠାରେ ଥିବା 'ପ୍ରାଣୀ ପ୍ରଜନନ ଗବେଷଣା କେନ୍ଦ୍ର'ରେ ଯୋଗ ଦେଇ ଭ୍ରୂଣ ବିଜ୍ଞାନରେ ଅଧିକ ଗବେଷଣା କଲେ। ପରବର୍ତ୍ତୀ ସମୟରେ ୧୯୯୩ରେ ଏହି କେନ୍ଦ୍ର 'ରୋଜଲିନ୍ ଇନଷ୍ଟିଚ୍ୟୁଟ୍' ନାମରେ ନାମିତ ହେଲା। ଉଇଲମଟ୍ ଓ ତାଙ୍କର ସାଥୀମାନେ ୧୯୭୩ରେ ଗୋଟିଏ ଘନୀଭୂତ ଭ୍ରୂଣରୁ ଗୋଟିଏ ବାଛୁରି ଜନ୍ମ କରାଇ ପଶୁ ସମ୍ପଦ ବିଭାଗରେ ବିପ୍ଳବ ଆଣିଥିଲେ।

ଉଇଲମଟ୍ ୧୯୮୦ ଦଶକ ବେଳକୁ ତାଙ୍କର କାର୍ଯ୍ୟକୁ ବ୍ୟବସାୟିକ ଦିଗରେ ନ କରି ସ୍ୱାସ୍ଥ୍ୟ ବିଜ୍ଞାନ ପ୍ରତି ଆଗ୍ରହୀ ହେଲେ। ସେ ଏବଂ ତାଙ୍କର ସହଯୋଗୀ କ୍ୟାମ୍ପବେଲ୍ କ୍ଲୋନିଂ ଗବେଷଣା ପାଇଁ ମେଣ୍ଢାକୁ ବାଛିଲେ କାରଣ, ସ୍କଟ୍‌ଲାଣ୍ଡରେ ଏହି ପ୍ରାଣୀ ଅଧିକ ଅଛନ୍ତି ଏବଂ ଏହାର ଦାମ୍ ମଧ୍ୟ କମ୍। ପ୍ରୋଟିନଯୁକ୍ତ ଦୁଗ୍ଧ ଉତ୍ପାଦନ କରି ମନୁଷ୍ୟର ରୋଗ ଉପଶମ କରିବା ଏବଂ ଷ୍ଟେମ୍ କୋଷ ତିଆରି କରି ପୁନଃଜନନ ଔଷଧରେ ବ୍ୟବହାର କରିବା ସେମାନଙ୍କର ମୂଳ ଲକ୍ଷ୍ୟ ଥିଲା। ୨୦୦୫ରେ ସେ ମନୁଷ୍ୟ ଭ୍ରୂଣ କ୍ଲୋନ୍ କରିବା ପାଇଁ ବ୍ରିଟିଶ ସରକାରଙ୍କଠାରୁ ଲାଇସେନ୍ସ ପାଇଲେ। କିନ୍ତୁ ଜାପାନର କେତେ ଜଣ ଗବେଷକ ଭ୍ରୂଣ ବ୍ୟବହାର ନ କରି ଷ୍ଟେମ୍ କୋଷର ବିକାଶ ଉପାୟ ବାହାର କରିବା ପରେ ଉଇଲମଟ୍ ମନୁଷ୍ୟ ଭ୍ରୂଣ ଗବେଷଣା ବନ୍ଦ କରିଦେଲେ। ସେ ୨୦୦୫ରେ ଏଡିନବର୍ଗ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇ ସେଠାରୁ ୨୦୧୨ରେ ଅବସର ଗ୍ରହଣ କରିଥିଲେ। ୧୯୬୭ରେ ତାଙ୍କର ଭିଭିଏନ୍ କ୍ରେଭନ୍‌ଙ୍କ ସହ ବିବାହ ହୋଇଥିଲା। କିନ୍ତୁ ୨୦୧୫ରେ ତାଙ୍କର ମୃତ୍ୟୁ ହେବାରୁ ସେ ସାରାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର ପୁତ୍ର ଡିନ୍, ଦୁଇ କନ୍ୟା ନାଓମି ଓ ହେଲେନ ଏବଂ ପାଞ୍ଚ ଜଣ ନାତି ନାତୁଣୀ ଅଛନ୍ତି।

ଉଇଲମଟ୍ ୨୦୦୨ରେ ରୟାଲ ସୋସାଇଟିର ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କୁ ବ୍ରିଟିଶ ସରକାର ୨୦୦୮ରେ 'ନାଇଟ୍' ଉପାଧି ପ୍ରଦାନ କରିଥିଲେ।

-୭୦, ଲକ୍ଷ୍ମୀ ବିହାର,
ଫେଜ୍-୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୫/୨୦୨୩ Bhubaneswar, Monday, September 25/ 2023

# ଗିଲ୍, ଆୟରଙ୍କ ଶତକ: ଭାରତ ସିରିଜ ବିଜୟୀ



ଶତକ ହାସଲ ପରେ ଶୁବମନ ଗିଲ୍।

**ଇନ୍ଦୋର, ୨୪।୯**

ଶୁବମନ ଗିଲ୍ ଓ ଶ୍ରେୟସ ଆୟରଙ୍କ ଶତକ ଏବଂ ଦ୍ୱିତୀୟ ଉଇକେଟରେ ଦ୍ୱିଶତକୀୟ ଭାଗୀଦାରି ବଳରେ ଭାରତ ସ୍ଥାନୀୟ ହୋଲକାର ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୯୯ ରନରେ ପରାସ୍ତ କରିଛି। ଏଥିସହ ୨-୦ରେ ଅଗ୍ରଣୀ ହୋଇ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେଇଛି। ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୯୯ ରନ କରିଥିଲା। ବର୍ଷା ଯୋଗୁ ମ୍ୟାଚକୁ ୩୩ ଓଭରକୁ ହ୍ରାସ କରାଯାଇଥିଲା ଏବଂ ବିଜୟ ଲକ୍ଷ୍ୟ ୩୧୭ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଅଷ୍ଟ୍ରେଲିଆ ୨୮.୨ ଓଭରରେ ୨୧୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ସନ ଆବୋଟ (୫୪) ଓ ଡେଭିଡ ୱାର୍ନର (୫୩)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଅଷ୍ଟ୍ରେଲିଆ ବ୍ୟାଟର ଭାରତୀୟ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ସର୍ବାଧିକ ୩ଟି ଲେଖାଏ ଉଇକେଟ ନେଇଥିଲେ।

ଅଷ୍ଟ୍ରେଲିଆ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଭାରତ ଯଦିଓ ମାତ୍ର ୧୬ ରନରେ ଋତୁରାଜ ଗାଏକ୍ୱାଡ୍‌ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ତେବେ ଶୁବମନ ଗିଲ୍ ଓ ଶ୍ରେୟସ ଆୟର ଶତକ ହାସଲ କରିବା ସହ ଦ୍ୱିତୀୟ ଉଇକେଟରେ ଦ୍ୱିଶତକୀୟ ଭାଗୀଦାରି ଗଢ଼ିଥିଲେ। ଏମାନଙ୍କ ଆଗରେ ଅଷ୍ଟ୍ରେଲିଆ ବୋଲିଂ ଆକ୍ରମଣ ମାମୁଲି ସାବ୍ୟସ୍ତ ହୋଇଥିଲା। ଦୁହେଁ ଶତକ ହାସଲ କରିବା ସହ ଦ୍ୱିତୀୟ ଉଇକେଟରେ ୧୬୪ ବଲ୍‌ରୁ ୨୦୦ ରନ ସଂଗ୍ରହ କରିଥିଲେ। ଗିଲ୍ ୯୭ ବଲ୍‌ରୁ ୧୦୪ (୬ ଚୌକା, ୪ ଛକା) ଓ ଆୟର ୯୦ ବଲ୍‌ରୁ ୧୦୫ (୧୧ ଚୌକା, ୩ ଛକା) ରନ ସଂଗ୍ରହ କରିଥିଲେ। ଏହି ଅବସରରେ ଗିଲ୍ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ଦିନିକିଆରେ ଦ୍ରୁତ ୬ଷ୍ଠ ଶତକ ହାସଲର ରେକର୍ଡ କରିଥିଲେ। ସେ ୩୫ଟି ଇନିଂସରୁ ଏହି ମାଇଲଖୁଣ୍ଟ ସ୍ପର୍ଶ କରି ପୂର୍ବରୁ ଶିଖର ଧାୱନ(୪୬ ଇନିଂସରୁ ୬ ଶତକ)ଙ୍କ ନାମରେ ଥିବା ରେକର୍ଡକୁ ଭାଙ୍ଗିଥିଲେ। ଇନ୍ଦୋରର ହୋଲକାର ଷ୍ଟାଡିୟମରେ ୨୪ ବର୍ଷୀୟ ଗିଲ୍‌ଙ୍କର ଏହାଥିଲା କ୍ରମାଗତ ଦ୍ୱିତୀୟ ଶତକ। ପୂର୍ବରୁ ଚଳିତବର୍ଷ ପ୍ରାରମ୍ଭରେ ସେ ଏହି ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୭୮ ବଲ୍‌ରୁ ୧୧୨ ରନ ସ୍କୋର କରିଥିଲେ। ସେ ମ୍ୟାଚରେ ଭାରତ ୩୯୫ ରନ ସ୍କୋର କରିଥିଲା।



ବହୁ ପ୍ରତୀକ୍ଷିତ ଶତକ ହାସଲ କରିବା ପରେ ଶ୍ରେୟସ ଆୟରଙ୍କ ପ୍ରତିକ୍ରିୟା।

ଗିଲ୍ ଓ ଆୟରଙ୍କ ପରେ ସୂର୍ଯ୍ୟକୁମାର ଯାଦବ ଓ ଲୋକେଶ ରାହୁଲ ଅର୍ଦ୍ଧଶତକୀୟ ଇନିଂସ ଖେଳି ଭାରତକୁ ୪୦୦ ସ୍କୋରର ନିକଟତର କରିଥିଲେ। ରାହୁଲ ୩୮ ବଲ୍‌ରୁ ୫୨ (୩ ଚୌକା, ୩ ଛକା) ରନ୍‌କରି ଆଉଟ ହୋଇଥିବାବେଳେ ସୂର୍ଯ୍ୟ ୩୭ ବଲ୍‌ରୁ ୭୨ (୬ ଚୌକା, ୬ ଛକା) ରନ୍‌ରେ ଅପରାଜିତ ରହିଥିଲେ। ଅର୍ଦ୍ଧଶତକ ହାସଲ ଅବସରରେ ସୂର୍ଯ୍ୟକୁମାର ଗୋଟିଏ ଓଭରରେ କାମେରନ ଗ୍ରୀନ୍‌ଙ୍କୁ ୪ଟି ଛକା ମାରିଥିଲେ। ତୃତୀୟ ଭାରତୀୟ ଭାବେ ସେ ଏହି ସଫଳତା ପାଇଥିଲେ। ପୂର୍ବରୁ ୨୦୦୦ରେ ଜିମ୍ବାୱେର ହେନରି ଓଲଙ୍ଗାଙ୍କୁ ଜାହିର ଖାଁ ଏବଂ ୨୦୧୭ରେ ଶ୍ରୀଲଙ୍କାର ସୁରଙ୍ଗା ଲକମଲଙ୍କ ଓଭରରେ ରୋହିତ ଶର୍ମା ୪ ଛକା ମାରିଥିଲେ। ଇଶାନ କିଶନ ୧୮ ବଲ୍‌ରୁ ୩୧ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଶେଷ ୧୦ ଓଭରରେ ଭାରତ ୧୦୩ ରନ ଯୋଗ କରିଥିଲା। ଫଳରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଦିନିକିଆରେ ସର୍ବାଧିକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ପୂର୍ବରୁ ଏହି ଦଳ ବିପକ୍ଷରେ ସର୍ବାଧିକ ସ୍କୋର ଥିଲା ୩୮୩ ରନ। ୨୦୧୩ରେ ବେଙ୍ଗାଲୁରୁରେ ଭାରତ ୬ ଉଇକେଟ ହରାଇ ଏହା କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଗ୍ରୀନ୍ ୧୦ ଓଭରରେ ୧୦୩ ରନ ବ୍ୟୟ କରି ୨ ଉଇକେଟ ପାଇଥିଲେ। ସିଅନ ଆବୋଟ ମଧ୍ୟ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ସେ ୯୧ ରନରେ ଗୋଟିଏ ଉଇକେଟ ନେଇଥିଲେ। ଅନ୍ୟ ୨ଟି ଉଇକେଟ ପାଇଥିଲେ ଜୋଶ୍ ହାଜେଲଉଡ୍ ଓ ଆଡାମ ଜାମ୍ପା।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୯୯/୫ (ଶ୍ରେୟସ ଆୟର-୧୦୫, ଶୁବମନ ଗିଲ୍-୧୦୪, ସୂର୍ଯ୍ୟକୁମାର ଯାଦବ-୭୨*, ଲୋକେଶ ରାହୁଲ-୫୨, କାମେରନ ଗ୍ରୀନ୍-୨/୧୦୩, ଜୋଶ୍ ହାଜେଲଉଡ୍-୧/୬୨, ଆଡାମ ଜାମ୍ପା-୧/୬୭, ସିଅନ ଆବୋଟ-୧/୯୧)। ବର୍ଷାଯୋଗୁ ୩୩ ଓଭରରେ ୩୧୭ ଟାର୍ଗେଟ। ଅଷ୍ଟ୍ରେଲିଆ ୨୮.୨ ଓଭରରେ ୨୧୭/ଅଲ୍‌ଆଉଟ (ସନ ଆବୋଟ-୫୪, ଡେଭିଡ ୱାର୍ନର-୫୩, ରବିଚନ୍ଦ୍ରନ ଅଶ୍ୱିନ-୩/୪୧, ରବୀନ୍ଦ୍ର ଜାଡେଜା-୩/୪୨, ପ୍ରସିଦ୍ଧ କ୍ରିଷ୍ଣା-୨/୫୬, ମହମ୍ମଦ ଶାମି-୧/୩୯)।

## ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ସର୍ବାଧିକ ସ୍କୋର

### ଦ୍ରୁତତମ ୬ଷ୍ଠ ଶତକ

(ଭାରତୀୟ ବ୍ୟାଟର/ଇନିଂସ)

୩୫: ଶୁବମନ ଗିଲ
୪୬: ଶିଖର ଧାୱନ
୫୩: ଲୋକେଶ ରାହୁଲ
୬୧: ବିରାଟ କୋହଲି
୬୮: ଗୌତମ ଗମ୍ଭୀର

### ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବାଧିକ ପାର୍ଟନରଶିପ୍

(ଦିନିକିଆରେ ଯେ କୌଣସି ଉଇକେଟ ପାଇଁ)

୨୧୩: ଭିଭିଏସ୍ ଲକ୍ଷ୍ମଣ ଓ ଯୁବରାଜ ସିଂ, ସିଡ୍‌ନୀ, ୨୦୦୪
୨୧୨: ବିରାଟ କୋହଲି ଓ ଶିଖର ଧାୱନ, କାନବେରା, ୨୦୧୬
୨୦୭: ବିରାଟ କୋହଲି ଓ ରୋହିତ ଶର୍ମା, ପର୍ଥ, ୨୦୧୬
୨୦୦: ଶୁବମନ ଗିଲ୍ ଓ ଶ୍ରେୟସ ଆୟର, ଇନ୍ଦୋର, ୨୦୨୩

### ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୫ କିମ୍ବା ତଦୂର୍ଦ୍ଧ୍ୱ ଶତକ

(ଭାରତୀୟ ବ୍ୟାଟର)

ବିରାଟ କୋହଲି: ୨୦୧୨, ୨୦୧୭, ୨୦୧୮, ୨୦୧୯
ରୋହିତ ଶର୍ମା: ୨୦୧୭, ୨୦୧୮, ୨୦୧୯
ସଚିନ ତେନ୍ଦୁଲକର: ୧୯୯୬, ୧୯୯୮
ରାହୁଲ ଦ୍ରାବିଡ: ୧୯୯୯
ସୌରଭ ଗାଙ୍ଗୁଲି: ୨୦୦୦
ଶିଖର ଧାୱନ: ୨୦୧୩
ଶୁବମନ ଗିଲ୍: ୨୦୨୩

# ଚୟନକର୍ତ୍ତାଙ୍କ ସମସ୍ୟା ବଢ଼ିଲା

**ଇନ୍ଦୋର,୨୪।୯(ପି.ଟି.):** ଦିନିକିଆ କ୍ରିକେଟ ବିଶ୍ୱକପ ପୂର୍ବରୁ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍‌କୁ ନେଇ ଦ୍ୱନ୍ଦ୍ୱରେ ଭାରତୀୟ ଚୟନକର୍ତ୍ତା। ଦ୍ୱିତୀୟ ଦିନିକିଆରେ ଶ୍ରେୟସ୍ ଆୟର ଚମତ୍କାର ବ୍ୟାଟିଂ କରି ଶତକ ହାସଲ କରିଛନ୍ତି। ଆହତ ସମସ୍ୟାରୁ ଫେରିଥିବା ଆୟର ବ୍ୟାକସ୍ପାଜମ କାରଣରୁ ଏସିଆ କପରେ ଖେଳିପାରି ନ ଥିଲେ। ଅନ୍ୟ ପକ୍ଷରେ ସୀମିତ ସୁଯୋଗର ଫାଇଦା ଉଠାଇଥିଲେ ଇଶାନ୍ କିଶନ୍। ତେବେ ଚଳିତ ସିରିଜ୍‌ରେ ଶ୍ରେୟସ୍ ଆୟର ଶତକ ସହ ଫର୍ମକୁ ଫେରିଥିବା ବେଳେ କ୍ରମାଗତ ଦୁଇ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି ସୂର୍ଯ୍ୟକୁମାର ଯାଦବ। ସ୍ପିନ୍ ବିପକ୍ଷରେ କଳାତ୍ମକ ବ୍ୟାଟିଂ ପାଇଁ ପ୍ରସିଦ୍ଧ ଆୟର ଇନ୍ଦୋରରେ ପେସ୍ ବୋଲରଙ୍କ ବିପକ୍ଷରେ ମଧ୍ୟ ଦ୍ରୁତ ରନ୍ ସଂଗ୍ରହରେ ସମର୍ଥ ହୋଇଥିଲେ। ସେହିପରି ଶର୍ଟ ବୋଲିଂ ବିପକ୍ଷରେ ମଧ୍ୟ ସେ ସହଜ ମନେ ହେଉଥିଲେ। ଏହି ଇନିଂସରେ ୩୯ଟି ସିଙ୍ଗଲ ମଧ୍ୟ ସାମିଲ ଥିଲା। ଆୟର ଫର୍ମକୁ ଫେରିବା ପରେ ଭାରତୀୟ ମଧ୍ୟକ୍ରମରେ କାହାକୁ ସାମିଲ କରାଯିବ ତାକୁ ନେଇ ଚୟନକର୍ତ୍ତା ଓ ମ୍ୟାନେଜମେଣ୍ଟ ଦ୍ୱନ୍ଦ୍ୱରେ ପଡିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ